
ଶ୍ରୀ ନନ୍ଦ କିଶୋର ମିଶ୍ର

# ବନ୍ଦୀ ଓ ବୋଝ



# ବହ୍ନି ଓ ବୋଉ

( କ୍ଷୁଦ୍ର ଗଳ୍ପ )

ଲେଖକ :
ଶ୍ରୀ ନନ୍ଦକଶୋର ମିଶ୍ର

ପ୍ରକାଶକ :
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର

# ବହ୍ନି ଓ ବୋଉ

ପ୍ରକାଶିକା :
**ଶ୍ରୀମତୀ ଅନ୍ନପୂର୍ଣ୍ଣା ମିଶ୍ର**
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ-୭୫୩୦୦୨

ପ୍ରକାଶନ ଉପଦେଷ୍ଟା :
**ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର**

ପ୍ରଥମ ସଂସ୍କରଣ : ୧୯୯୦

ମୁଦ୍ରଣ :
**ମନୋରଞ୍ଜନ ପ୍ରେସ**
କଟକ-୯

ମୂଲ୍ୟ :
ସାଦା — ଟ୨୦-୦୦
ବନ୍ଧେଇ—ଟ୨୪-୦୦

**Nanda Kishore Mishra**

## BANHI O BOU

Publisher :
**Srimati Annapurna Mishra**
Cuttack Students' Store
Balubazar, Cuttack-2

Publication Adviser
**Dr. K. P. Mishra**

First Edition—1990

Price :
Popular—Rs. 20/-
Deluxe—Rs. 24/-

ମୋର ପୂଜ୍ୟା ବୋଉ

**ଶ୍ରୀମତୀ ପଦ୍ମାବତୀ ଦେବୀ**

ଓ

ପତ୍ନୀ

**ଶ୍ରୀମତୀ ରାଜଲକ୍ଷ୍ମୀ ଦେବୀ-**

ଯେଉଁମାନଙ୍କର ପ୍ରେରଣା

ମୋର ଲେଖନୀକୁ ସୁଦୃଢ଼ କରିଚି

ସେଇମାନଙ୍କ ହାତରେ ସମର୍ପଣ କରୁଛି ।

**-ଲେଖକ**

ଓଁ

ମିନି

ତୋର ଗପ ଶୁଣିବା ପାଇଁ ।

ଭଲ ଲାଗିଲା । ମୋ ବାବାର କଥା-

[illegible] । [illegible]

[illegible]

[illegible] । [illegible]

[illegible]

[illegible]

[illegible] ।

[illegible]

# କଥାର ଆରମ୍ଭ

ମୋ ସ୍ତ୍ରୀ ଅନେକ ସମୟରେ କହନ୍ତି ଯେ, ଭଲ ହୋଇ ଲାଭ କ'ଣ ? ନିଜେ କଷ୍ଟ ଭୋଗିବ । ପିଲାମାନଙ୍କୁ କଷ୍ଟ ଦେବ । ଗୋଟିଏ ମାତ୍ର ଉଦାହରଣ ଦେଲ, ଭଲଲୋକ ହୋଇ କାହାର ଭଲ ହୋଇଛି ? ସେ ପୁଣି କହନ୍ତି, ଖରାପ ଲୋକ ହୋଇ ଖରାପ କାମ ପ୍ରଚୁର କରି ମଧ୍ୟ ନିଜର ଉନ୍ନତି କରିଥିବା ଏକ ହଜାର ଏକ ଉଦାହରଣ ମୁଁ ଦେବି । ବେନଜିରଙ୍କର ଭାରତ ସହିତ ଏକ ହଜାର ବର୍ଷ ଯୁଦ୍ଧରୁ ଗୋଟିଏ ଅଧିକ ।

ମୁଁ ମନେ ମନେ ମୋ ସ୍ତ୍ରୀଙ୍କ ସହିତ ଏକମତ ହୋଇଥିଲି । ଆଜିର ଏ ସମାଜରେ ଈର୍ଷା, ଦ୍ୱେଷ, ପ୍ରତାରଣା, ଦୁର୍ନୀତି ଭରପୂର ରହିଛି । ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ସେମାନଙ୍କର ଯଥେଷ୍ଟ ଉନ୍ନତି ହୋଇଥିବାର ଦେଖାଯାଉଛି । ରାଜନୈତିକ ନେତା— ସରକାରୀ କର୍ମକର୍ତ୍ତା— ବ୍ୟବସାୟୀର ଭୟାବହ ବୃତ୍ତ ଏ ଦେଶ ଓ ସମାଜକୁ ଲୁଟି କରିଚାଲିଛି । ତା'ର ଶୀକାର ହେଉଛନ୍ତି ଜନସାଧାରଣ । ବିଶେଷ କରି ସମାଜର ନିମ୍ନସ୍ତରର ବ୍ୟକ୍ତିମାନେ ।

ବିନାପ୍ରତାରଣାରେ ରାଜନୀତି ଅସମ୍ଭବ । ବିଶେଷକରି ଗଣତନ୍ତ୍ରର ଏହା ଏକ ଅପରିହାର୍ଯ୍ୟ ଅଂଶ । ଯେନତେନ ପ୍ରକାରେଣ ଭୋଟ ସଂଗ୍ରହ କରିବାକୁ ହେବ । ସେତେବେଳେ ଭୋଟର ହେଲେ ଭଗବାନ । ତା'ପରେ ସେମାନେ ଶୋଷଣର ଶୀକାର ।

ରାଜନୀତି ହେଉ କି ସାହିତ୍ୟ, କଳା ହେଉ, ପ୍ରତ୍ୟେକ କ୍ଷେତ୍ରରେ ଦଳେ ଦଲାଲ ଅଛନ୍ତି । ସେମାନଙ୍କୁ ହାତ କରି ଅନେକ ନିଜର ସ୍ୱାର୍ଥସିଦ୍ଧି କରିଥାନ୍ତି । ଆଉ ଏହି ପ୍ରଣାଳୀରେ ଅନେକ ନିଜ ନିଜର ନ୍ୟାଯ୍ୟ ପ୍ରାପ୍ୟରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି ।

ଏଇ ସବୁ ଘୋଡ଼ା ବେପାର, ଦନ୍ଦଗଞ୍ଜ ବାହାରେ ମଧ୍ୟ ଆଉଗୋଟିଏ ଦୁନିଆଁ ଅଛି । ସେଥିରେ ଅଛି ମଣିଷର ଆଶା, ଆକାଙ୍‌କ୍ଷା, ସ୍ୱପ୍ନ, ସ୍ନେହ, ପ୍ରେମ, ଶ୍ରଦ୍ଧା । ଏଇ ଦୁନିଆଁ ଭିତରେ ମଣିଷ ମଣିଷ ଭଲ ରହି ପାରିଚି ।

ସମାଜର ବର୍ଦ୍ଧିଷ୍ଣୁ ଦୁର୍ଗନ୍ଧରର ମୁକାବିଲା ପାଇଁ ଯେପରି ବିପ୍ଳବର ବହ୍ନି ଜଳି ଉଠୁଚି, ସେଇଭଳି ବୋଉର ପଣତ କାନିରେ ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଲହଡ଼ି ଭାଙ୍ଗୁଚି । ଏ ସବୁ ଭିତରୁ ଭଲ ମଣିଷଗୁଡ଼ିକୁ ମଧ୍ୟ ଖୋଜି ବାହାର କରିବାକୁ ହେବ । କାରଣ ସେଇମାନେ ହିଁ ପ୍ରକୃତିର ଭାରସାମ୍ୟ ରକ୍ଷା କରୁଛନ୍ତି ।

ଅମିତାଭ ମନରେ ମଧ୍ୟ ଦିନେ ଦ୍ୱନ୍ଦ୍ୱ ଉଠିଥିଲା । ସେଇ ଗୋଟିଏ ଲୋକ ସାଧୁ, ସଚ୍ଚୋଟ ହେଲେ କ'ଣ ହେବ ? ଏହି ମହାନ୍ ଦେଶର ମୁଖ୍ୟ ସ୍ରୋତ ଯେତେବେଳେ ଅସାଧୁତାର ଜାହ୍ନବୀ ଦେଇ ମାଡ଼ି ଚାଲିଚି, ତା'ର କ୍ଷୀଣ ପ୍ରତିରୋଧ ସେଥିରେ କୁଆଡ଼େ ଲୀନ ହୋଇଯିବ; କିନ୍ତୁ ପରକ୍ଷଣରେ ତା' ମନ ଭିତରର ସେଇ ଦ୍ୱନ୍ଦ୍ୱ ଅପସରି ଯାଇଥିଲା । ବିନ୍ଦୁଏ ବିନ୍ଦୁଏ ଜଳରୁ ହିଁ ମହାସିନ୍ଧୁ ହୁଏ । ପିଲାଦିନେ ପଢ଼ିଥିବା ଏଇ କେତୋଟି ଶବ୍ଦ ତାକୁ ପ୍ରେରଣା ଦେଇଥିଲା । ସେ ସଂକଳ୍ପ କରିଥିଲା, ବିନ୍ଦୁକୁ ସିନ୍ଧୁରେ ସେ ପରିଣତ କରିବ ।

ମୋ' ସ୍ତ୍ରୀ ନିଜେ ହିଁ ତାଙ୍କ ପ୍ରଶ୍ନର ଉତ୍ତର । ଏଇ ପ୍ରଶ୍ନ ପଚାରିବାର ମାତ୍ର କେତେ ମିନିଟ୍ ପରେ । କିଛିକ୍ଷଣ ପୂର୍ବରୁ କର୍ତ୍ତବ୍ୟ ହେଳା ପାଇଁ ଯେଉଁ ମାଳୀକୁ ସେ ଗାଳି ଦେଉଥିଲେ, ତା'ପାଇଁ ଚା', ଜଳଖିଆ ବାଢ଼ି ଦେଇ ଆସିଲେ । ବିଚରା ସକାଳୁ ନ ଖାଇ ନ ପିଇ କାମ କରୁଚି । ସେ ମତେ ଏକ ହଜାର ଏକ ଉଦାହରଣ ଦେବାର ଆବଶ୍ୟକତା ଉପଲବ୍‌ଧି କରି ନଥିଲେ ।

କଥାର ଆରମ୍ଭ ହେଲା ଏଇଠୁ.........

କାଂସବାହାଲ
ତା ୧୪ । ୫ । ୧୯୯୦

**ନନ୍ଦକିଶୋର ମିଶ୍ର**

★

# ସୂଚୀ


| କଥାକ୍ରମ | ପୃଷ୍ଠା |
|---|---|
| ବହ୍ନି | ୧ |
| ବନ୍ଧୁ ଓ ସିନ୍ଧୁ | ୩ |
| ଓଭରବ୍ରିଜ୍ | ୭ |
| ପ୍ଲାଟ୍‌ଫର୍ମ | ୯ |
| ପାଗଳହାତୀର ମୃତ୍ୟୁ | ୧୧ |
| ମାହାଙ୍ଗା | ୧୫ |
| କାନ୍ଦୁଖା ଫେର ଆସିଲା | ୨୦ |
| ଗୋପାଳିଆ | ୨୬ |
| ଫାଡ଼ା ଗୋବର | ୩୦ |
| ଅବଧାନେ ଓ ଅଧ୍ୟାପକ | ୩୪ |
| ନୀରବ ସଙ୍ଗୀତ | ୩୯ |
| ରହ୍ନାମାଝିର ସ୍ୱପ୍ନ | ୪୫ |
| ସାତତାଳ ପାଣି ତଳେ | ୫୦ |
| ମଣିମାଳାର ନିର୍ବାଚନ ଲଢ଼େଇ | ୫୫ |
| ତପ୍ତ ବୈତରଣୀର ତୀରେ | ୫୯ |
| କାଳି ଗାଈ | ୬୪ |
| ଲଟେରୀ | ୭୦ |

## କଥାକ୍ରମ


| କଥାକ୍ରମ | ପୃଷ୍ଠା |
| --- | --- |
| ଅନ୍ଧର ଭୋଟଦାନ | ୭୩ |
| ରାଜଧାନୀ ରଙ୍ଗଶାଳା | ୭୫ |
| ଅଳନ୍ଧୁ | ୭୮ |
| ଦେଶର ଡାକ | ୮୧ |
| କଳାବାପାର ମୃତ୍ୟୁ | ୮୭ |
| ରାଜସାକ୍ଷୀ | ୯୧ |
| ଦୁଇ ନା ତିନ୍ | ୯୫ |
| ବନ୍ଧାଘର | ୯୯ |
| ଶରବ୍ୟ | ୧୦୩ |
| ଫୋନିକ୍ସ | ୧୦୬ |
| ତିନ ସଙ୍ଗାତ କଥା | ୧୦୯ |
| ବାଣୀ ବଜାରର ବଡ଼ ଘଣ୍ଟେ | ୧୧୪ |
| କୁହେଳର ଏପାଖ | ୧୧୮ |
| ବୋଉ | ୧୨୩ |

# ବହ୍ନି

ସମ୍ମୁଖରେ ମହାମାୟା ଦୁର୍ଗାଙ୍କର ପ୍ରଶାନ୍ତ ମୂର୍ତ୍ତି । ପଦତଳେ ତାଙ୍କର ବଦଳିତ ମହିଷାସୁର । ଆଲୋକ ସଜ୍ଜିତ ମଣ୍ଡପରେ ଧୂପ, ଧୂପର ଗନ୍ଧ ପରିବେଶକୁ କରିପକାଇଛି ଆହୁରି ଭାବଗମ୍ଭୀର । ଅଳ୍ପକ୍ଷଣ ମଧ୍ୟରେ ଆରମ୍ଭ ହେବ ଆରତି ।

ବାଦ୍ୟ ବାଜି ଉଠିଲାଣି । ତା' ସାଙ୍ଗକୁ ଘଣ୍ଟ, ମାଦଳ, ମଧ । ଧୂପଦାନୀ ଧରି ପ୍ରସ୍ତୁତ ହୋଇଗଲେଣି ଭକ୍ତଗଣ ଆରତି ପାଇଁ । ତାଙ୍କର ମଧ୍ୟରୁ ଜଣେ ବିପ୍ଳବ ।

ଘଣ୍ଟ, ମାଦଳ ବାଦ୍ୟର ଧ୍ୱନି କ୍ରମେ ପ୍ରଖର ହୋଇ ଆସିଲାଣି । ଅନ୍ୟମାନଙ୍କ ସଙ୍ଗେ ବିପ୍ଳବ ମଧ ଧୂପଦାନୀ ଧରି ଓହ୍ଲାଇ ଆସିଲା ମଣ୍ଡପ ସମ୍ମୁଖକୁ । ପ୍ରଥମେ କେତେ ମୁହୂର୍ତ୍ତ ଦେଖି ଦୁର୍ଗାଙ୍କ ପ୍ରତି ନତମସ୍ତକ ହୋଇ ପ୍ରଣତି ଜଣାଇବା ପରେ ଧୀରେ ଧୀରେ ଆରମ୍ଭ କଲା ସେ ଅଙ୍ଗ ଚାଳନା ଏକ ବିଶେଷ ଭଙ୍ଗିମାରେ ।

ବାଦ୍ୟର ଧ୍ୱନି ଆହୁରି ପ୍ରଖର ହୋଇ ଉଠୁଛି । ଭକ୍ତଗଣଙ୍କର ଅଙ୍ଗ ଚାଳନା ମଧ ସେଥି ସଙ୍ଗେ ତାଳ ଦେଇ ପ୍ରଖରରୁ ପ୍ରଖରତର ହୋଇ ଉଠୁଛି । କ୍ରମେ ଯେପରି ସେମାନଙ୍କର କାୟାରେ ପ୍ରବେଶ କରୁଛନ୍ତି ଦୁର୍ଗତି ନାଶିନୀ ଦୁର୍ଗା । ସଂହାର କରିବ କୁ ପ୍ରବଳ ପ୍ରତାପୀ, ଅତ୍ୟାଚାରୀ ମହିଷାସୁରକୁ ।

ବାଦ୍ୟର ଧ୍ୱନି ଆହୁରି ତୀବ୍ର । ହୁଏତ ସୃଷ୍ଟି ହୋଇଛି ଏକ ଭୂକମ୍ପ । ଆରତିରତ ଭକ୍ତମାନଙ୍କ ମଧ୍ୟରୁ କେତେଜଣ ଓହରି ଆସିଲେଣି । ଆଉ ପାରୁନାହାନ୍ତି । ଜଣେ ପଡ଼ିଯାଇଛି ମୁମୂର୍ଷୁ ଅବସ୍ଥାରେ । ଅଉ ଯେଉଁମାନେ

ଆରମ୍ଭ କରି ଗୁଲିଚନ୍ତି, ସେମାନେ ହୃଏତ ହୋଇ ଉଠିଛନ୍ତି ପାଗଳ । ସମବେତ ଜନତା ମନ୍ତ୍ରମୁଗ୍ଧ ।

ବାଦ୍ୟର ଧ୍ୱନି ତୀବ୍ର । ପ୍ରଳୟର ପ୍ରତିଧ୍ୱନି । ଦୁର୍ଗତିନାଶିନୀ ଦୁର୍ଗାଙ୍କର ଚକ୍ଷୁରେ ଅଗ୍ନିର ସ୍ଫୁଲିଙ୍ଗ । ସମବେତ ଜନତାର ହୃଦୟ ଏକ ଅଜଣା ଆଶଙ୍କାରେ ପ୍ରକମ୍ପିତ ।

ବିପ୍ଳବ ନୃତ୍ୟରତ । ହାତରେ ତା'ର ଧୂପଦାନୀ । ସେ ପାଗଳ । ତା' ନୃତ୍ୟରେ ଯେପରି ନାହିଁ ଆଦି କି ନାହିଁ ଅନ୍ତ । ସେ ନୃତ୍ୟରେ ଯେପରି ପ୍ରଳୟର । ସେ ନୃତ୍ୟ, ତାଣ୍ଡବର ନୃତ୍ୟ । ସେ ନୃତ୍ୟ ଧ୍ୱଂସର ନୃତ୍ୟ । ଅଉ ସେଥି ନୃତ୍ୟର ତାଳେ ତାଳେ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କର ମୁଖମଣ୍ଡଳରେ ଫୁଟି ଉଠିଛି ଧ୍ୱଂସର ତାଣ୍ଡବ ।

ବିପ୍ଳବ ହୋଇଉଠିଛି ପାଗଳ । ବିପ୍ଳବ ହୋଇ ଉଠିଛି ହିଂସ୍ର । ଚକ୍ଷୁରୁ ତା'ର ଝରି ଆସୁଛି ପ୍ରଚଣ୍ଡ ଅଗ୍ନିର ବହ୍ନି । ସେ ନୃତ୍ୟ କରି ଗୁଲିଛି ପାଗଳ ଭଳି । ତାଣ୍ଡବ ନୃତ୍ୟ ।

ହଠାତ୍ ବିପ୍ଳବର ମନେ ହୋଇଛି, ଯେପରି ମହିଷା ହୋଇଉଠିଛି ମହାଶକ୍ତିମାନ । ପ୍ରବଳ ପରାକ୍ରମୀ ଦୁର୍ଗାଙ୍କର ପଦତଳକୁ ଲମ୍ଫ ପ୍ରଦାନ କରୁଛି ସେ ତାଙ୍କର ବକ୍ଷ ଉପରକୁ । ମହିଷାମର୍ଦ୍ଦିନୀ ଦୁର୍ଗା ଭୂଲୁଣ୍ଠିତା । ବକ୍ଷ ଦେଶରେ ତାଙ୍କର ମହିଷାର ପଦ ।

ବିପ୍ଳବ ଚିତ୍କାର କରି ଉଠିଛି ! ମୁହୂର୍ତ୍ତକ ମଧ୍ୟରେ ସେ ଲମ୍ଫ ମରିଛି ଦୁର୍ଗା ମୂର୍ତ୍ତି ଉପରକୁ । ଏକ ଅଦ୍ଭୁତ ଶକ୍ତିରେ ବଳୀୟାନ ହୋଇ ସେ ଦୁର୍ଗା ମୂର୍ତ୍ତିକୁ ଭାଙ୍ଗି ଖଣ୍ଡ ଖଣ୍ଡ କରି ପକାଇଛି । ଆଉ ଗୋଟିଏ ପାଦ ମହିଷା ଉପରେ ରଖି ଚିତ୍କାର କରି ଉଠିଛି—ମୂର୍ଖ ଜନତା । ତୁମ ମହିଷାମର୍ଦ୍ଦିନୀ ଦୁର୍ଗର ସେ ଶକ୍ତି ଆଉ ନାହିଁ । ମହିଷା ହିଁ ଆଜି ହୋଇ ଉଠିଛି ସର୍ବଶକ୍ତିମାନ୍ । ଏ ପ୍ରତିଷ୍ଠିତ ତାକୁ ଧ୍ୱଂସ କରିବାକୁ ଲୋଡ଼ା ଆଜି ଅନ୍ୟ ଏକ ଶକ୍ତିର । ଦୁର୍ଗାର ନୁହେଁ । ଏ ଦୁର୍ଗାକୁ ଭାଙ୍ଗି ଚୂରି ତା'ର ଧ୍ୱଂସ ସ୍ତୂପ ମଧ୍ୟରୁ ସୃଷ୍ଟି କରିବାକୁ ହେବ ଏକ ନୂତନ ଶକ୍ତିର, ଯେ କି ଧ୍ୱଂସ କରିପାରିବ ଆଜିର ଏ ମହିଷାକୁ ।

ସମଗ୍ର ପୂଜା ମଣ୍ଡପରେ ସ୍ତବ୍ଧତାର ତାଣ୍ଡବ ନୃତ୍ୟ । ଜନତା ସ୍ଥାଣୁ । ଦୁର୍ଗାର ଭଗ୍ନ ସ୍ତୂପ ମଧ୍ୟରୁ ଧକ୍ ଧକ୍ ହୋଇ ଜଳି ଉଠୁଛି ବହ୍ନି ବିପ୍ଳବର । କାହାର ସେ ଆଡ଼କୁ ଚାହିଁବାର ଶକ୍ତି ନାହିଁ । ଯେ ଚାହିଁବ ସେ ବି ସେପରି ମୁହୂର୍ତ୍ତକ ମଧ୍ୟରେ ଜଳି, ପୋଡ଼ି ପାଉଁଶରେ ପରିଣତ ହୋଇଯିବ ।

ବିପ୍ଳବ ବାହାରି ଆସୁଛି ଧୀରେ ଧୀରେ । ଦୁର୍ଗାର ସେ ଧ୍ୱଂସ ସ୍ତୂପ ମଧ୍ୟରୁ । ମୂଢ଼ ଜନତାର ମଧ୍ୟ ଦେଇ ଆଗେଇ ଯାଉଛି ସେ ଅନ୍ଧକାରର ବକ୍ଷ ଚିରି ।

—※—

# ବିନ୍ଦୁ ଓ ସିନ୍ଧୁ

ଅନ୍ୟମନସ୍କ ଭାବରେ ଖବରକାଗଜ ଉପରେ ପୁଣି ଥରେ ଆଖି ବୁଲାଇ ନେଇ ନେଇ ଅମିତାଭ ନିଜ ଶରୀରକୁ ଆହୁରି ଏକ ଇଞ୍ଚ ଆଗକୁ ନେଇଗଲା । ଯଦିଓ ସେ ଏ ଭିତରେ ଦୁଇଫୁଟ ପଛକୁ ଚାଲି ଆସିଥିଲା, ତଥାପି ସେଥିପ୍ରତି ସେ ଜାଣି ଶୁଣି ଭ୍ରୂକ୍ଷେପ ନ କରି ମନେ ମନେ ଏକ ଇଞ୍ଚ ଅଗ୍ରସରର ସ୍ୱାଦୁ ଉପଭୋଗ କରିଥିଲା । ମନରେ ତା'ର ଆଶାର ସଞ୍ଚାର ହେଉଥିଲା । ଯାହା ହେଉ, ସେ କାଉଣ୍ଟରର ପାଖକୁ ଆଗେଇ ଆସିଲାଣି । ରିଜର୍ଭେସନ୍ ତାକୁ ନିଶ୍ଚୟ ମିଳିଯିବ ।

ଅମିତାଭ ରେଳବାଇ ରିଜରଭେସନ୍ କାଉଣ୍ଟର ନିକଟରେ ଧାଡ଼ିରେ ଛିଡ଼ା ହୋଇଛି । ତା'ର ଆଗରେ ଅଳ୍ପ ଲୋକ, ପଛରେ ବହୁତ ଲୋକ । ଅର୍ଥାତ୍ ତା'ର ଅବସ୍ଥିତି ଅନୁକୂଳଜନକ, ମାତ୍ର ଚାରି ପାଞ୍ଚଟା ଲୋକଙ୍କ ପରେ ତା'ର ପାଳି । ତେଣୁ ନିଶ୍ଚିତଭାବରେ ଖୁବ୍ ଶୀଘ୍ର ସେ ରିଜରଭେସନ୍ ପାଇଯାଉଛି ।

ଯଦିଓ କାଉଣ୍ଟର ଭିତରୁ ଟିକେଟ ପଞ୍ଚିଙ୍ଗ୍‌ର ଧଡ଼ାକ୍ ଧଡ଼ାକ୍ ଶବ୍ଦ ତା'ର ଶ୍ରୁତିନ୍ଦ୍ରିୟକୁ ଆହୁରି ଉତ୍ତ୍ୟକ୍ତ କରିପକାଉଥିଲା, ତଥାପି ମନରେ ତା'ର ଆଶା ସେତିକି ଦୃଢ଼ୀଭୂତ ହେଉଥିଲା ।

ଅମିତାଭ ମନକୁ ହାଲୁକା କରିବାର ଅଭିନୟ କଲା । ତା'ର ଗୁଣୁ-ଗୁଣୁ ହୋଇ ଗୋଟାଏ ଗୀତ ବୋଲିବାର ଖୁବ୍ ଇଚ୍ଛା ହେଲା । ମାତ୍ର ଶାଳୀନତା ଦୃଷ୍ଟିରୁ ଅଗତ୍ୟା ତା'କୁ ନିଜ ପ୍ରବୃତ୍ତିକୁ ଚାପି ରଖିବାକୁ ହେଲା । କିନ୍ତୁ ସେ ନିଜ ମନକୁ ହାଲୁକା କରିବାର ଅଭିନୟ ପାଇଁ ଦୃଢ଼ ପରିକର । ତେଣୁ ମନକୁ ଉଡ଼ାଇ ନେଲା ସେ ସେଠାକାର ପରିବେଶର ବାହାରକୁ ।

ଦୀର୍ଘ ଦୁଇବର୍ଷ ପରେ ଅମିତାଭ ଘରକୁ ଫେରୁଛି; ପୂଜା ଛୁଟିରେ । ଦେଖାହେବ ତା'ର ବାପା, ମା', ଭାଇ, ଭଉଣୀଙ୍କ ସହିତ । ପୁଣି କେତୋଟି ଦିନ ସେ କଟାଇଦେବ ତା'ର ବନ୍ଧୁମାନଙ୍କ ଗହଣରେ; ମାତ୍ର ସବୁଠାରୁ ବଳି ଆକର୍ଷଣ ହେଉଛି ତା'ର ବିବାହ ପକ୍କା ହେବ—ସେ ଆସି କନ୍ୟାକୁ ଦେଖି ରାଜି ହୋଇଗଲା । କନ୍ୟାଘର ମଧ୍ୟ ବାହାରେ ରହନ୍ତି । ସେମାନେ ମଧ୍ୟ କେତୋଟି ଦିନ ପାଇଁ ଆସୁଛନ୍ତି । କେବଳ ଏଇ ବିବାହଟି ପକ୍କା କରିବାକୁ ।

ଅମିତାଭ ତା'ର ଭାବିପତ୍ନୀର କଳ୍ପନା କରିବାର ପ୍ରଲୋଭନକୁ ଏଡ଼ାଇଦେଇ ପାରିଲାନି । ଅଭିନୟ କରୁଅଛି, ନିଜ ଲକ୍ଷ୍ୟରେ ହିଁ କ୍ରମେ ଅମିତାଭର ମନ ହାଲୁକା ହୋଇ ଏକ ସ୍ୱପ୍ନ ରାଜ୍ୟରେ ବିଚରଣ କରିଥିଲା ।

"ରିଜର୍ଭେସନ୍ ଦରକାର..." କାହାକୁ ନୁହେଁ, ଅଥଚ ସମସ୍ତଙ୍କୁ—ଏହି ଭଳି ଭାବରେ ଜଣେ ଲୋକ ସେ ଧାଡ଼ିପାଖରେ ଗୁଣୁ ଗୁଣୁ ହୋଇ ଚାଲିଗଲା । ଅମିତାଭର ସ୍ୱପ୍ନ ହଠାତ୍ ଭାଙ୍ଗିଗଲା । ମୁଣ୍ଡକୁ ତା'ର ରକ୍ତ ଚଢ଼ିଗଲା । ବଦ୍‌ମାସ, କଳା ବଜାରି । ସ୍ୱାଧୀନତା ପରେ ଦୀର୍ଘ ସତେଇଶି ବର୍ଷକାଳ ଶୋଷଣ କରି କଣ ଏମାନେ ଆହୁରି ତୃପ୍ତ ହୋଇନାହାନ୍ତି ? ଏମାନେ କ'ଣ ଏମରଜେନ୍‌ସି କଥା ଭୁଲିଗଲେଣି । ସାମନାରେ ଇନ୍ଦିରାଗାନ୍ଧୀଙ୍କର ଫଟୋ ସମେତ କୋଡ଼ିଏ ଦଫା କାର୍ଯ୍ୟକ୍ରମର ବିରାଟ ପ୍ରାଚୀରପତ୍ରଟି ଉପରେ ଥରେ ଆଖି ବୁଲାଇ ଆଣି ଅମିତାଭ ଚାହିଁଲେ ସେ ଲୋକଟି ଉପରେ, ଆଖିରୁ ତା'ର ଝରିପଡ଼ୁଛି ଯେପରି ଅଗ୍ନି ଓ ଘୃଣା । ମନ ହେଉଥିଲା ଯଦି ଲୋକଟାର ଶାର୍ଟକୁ ଧରି ଦୁଇ ଥାପଡ଼ ଦିଅନ୍ତା, ଆଉ ଟାଣି ଟାଣି ନେଇ ପୋଲିସ୍ ହାତକୁ ଫିଙ୍ଗି ଦିଅନ୍ତା, ତେବେ ଯାଇ ମଜାଟା ପାଇଯା'ନ୍ତା ।

ନା, ସମସ୍ତ ନାହିଁ । ଗୋଟିଏ ଲୋକର ପଛରେ ହିଁ, ସେ ଆଗ ଲୋକଟି କାଉଣ୍ଟର ଭିତରକୁ ହାତ ଗଳାଇଛି । ସେ ବାହାର ଆସିଲେ ତା'ର ପାଳି । ଧାଡ଼ରୁ ଗଲେ ହୁଏତ ରିଜର୍ଭେସନ୍ ମିଳିବା ମୁସ୍କିଲ ହୋଇଯିବ । ତା'ର କନ୍ୟା ଦେଖା ବି ହୁଏତ ହୋଇପାରିବନି ।

ଲୋକଟାର ଭାଗ୍ୟ ଭଲ । ରକ୍ଷା ପାଇଗଲା ।

ଆଗ ଲୋକଟି ଟିକେଟ୍ ନେଇ ବାହାରିଗଲା । ଅମିତାଭ ଟଙ୍କା ସହିତେ କାଉଣ୍ଟରକୁ ହାତ ବଢ଼ାଇ ଦେଲା—ଅମୁକ ଦିନ ପାଇଁ ଗୋଟାଏ ବର୍ଥ..."

କାଉଣ୍ଟର୍‌ରେ ବସିଥିବା ଲୋକଟି ମୁହଁ ବୁଲାଇଦେଇ ସହକର୍ମୀ ସଙ୍ଗରେ ଗୋଟାଏ କିଛି ଗପରେ ମଜ୍ଜି ରହିଛି । ଅମିତାଭର କଥା ପ୍ରତି ତା'ର ଭ୍ରୁକ୍ଷେପ ନାହିଁ; କିନ୍ତୁ ଅମିତାଭର ମନ ଚଞ୍ଚଳ । ସେ ପୁଣି ଥରେ କହିଲା—

ଏଥର ରିଜର୍ଭେସନ ବାବୁ ଟିକିଏ ବିରକ୍ତ ହୋଇଗଲେ ବୋଧହୁଏ । ସେ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ଦେଇ, ତିନଟା ଖାତାର ପୃଷ୍ଠା ଓଲଟାଇ କହିଲେ— "ସରି ନୋ ବର୍ଥ୍, ପ୍ଲିଜ୍..."

ଅମିତାଭର ମନେହେଲା ଯେପରି କି ମୁଣ୍ଡ ଉପରେ ଛାତଟା ଖସି ପଡ଼ିବ । ମୁହୂର୍ତ୍ତକ ପାଇଁ ତାକୁ ଅନ୍ଧାର ଦିଶିଲା । ପାଟି ତା'ର ଅଠା ଅଠା ହୋଇଗଲା । କିଛି ସମୟ ପରେ ଭଙ୍ଗା ଭଙ୍ଗା ସ୍ୱରରେ କହିଲା—"କ'ଣ ଏତେ ଦିନରୁ ସବୁ ବୁକ୍‌ଡ଼୍..."

"ଆଜିକାଲି ୧୦୦ ବର୍ଷ ଆଗରୁ ବି ଜଣେ ରିଜର୍ଭ କରିପାରିବ ବୋଲି ଜାଣିଛନି କି?" ବାବୁଙ୍କ ସ୍ୱରରେ ତାଚ୍ଛଲ୍ୟ ।

ପଛରୁ ଜଣେ ତା'ର କାନରେ ଫୁସ୍ ଫୁସ୍ କରି କହିଲା—"ପାଞ୍ଚଟା ଟଙ୍କା କାଗଜରେ ମୋଡ଼ି ଦେଇଦିଅନ୍ତୁ । ମିଳିଯିବେ ।"

ଅମିତାଭ ଥରେ ତା'ର ଶୁଭାକାଙ୍କ୍ଷୀ ଆଉ ଥରେ କାଉଣ୍ଟର୍ ବାବୁଙ୍କୁ ଚାହିଁ ଧାଡ଼ରୁ ବାହାରି ଆସିଲା ।

ଆଖି ଆଗରେ ତା'ର ୨୦ ଦଫା କାର୍ଯ୍ୟକ୍ରମର ବିରାଟ ବିଜ୍ଞାପନ । କାନରେ ତା'ର ଗୁଞ୍ଜରଣ—ରିଜର୍ଭେସନ୍ ଦରକାର..."ଯେମିତି ସେ ଦୁହେଁ ତାକୁ ପରିହାସ କରୁଛନ୍ତି ।

ହଠାତ୍ ତା'ର ମନେ ହେଲା, କାନ୍ଥ ଉପରକୁ ଉଠିଯାଇ କୋଡ଼ିଏ ଦଫା କାର୍ଯ୍ୟକ୍ରମର ପ୍ରସ୍ତାବପତ୍ରକୁ ଟିକି ଟିକି କରି ତଳ ଫିଙ୍ଗିଦେବ, ଆଉ ପାଞ୍ଚଟା ଟଙ୍କା ବଢ଼ାଇ ଦେଇ ନିଜର ରଜର୍ ଭେସନ୍ କିଏ ନେଇ ଆସିବ କମ୍ପା ସେଇ କଳାବଜାରୀକୁ ଦଶଟି ଟଙ୍କା ଦେଇ ରଜର୍ ଭେସନ୍‌ଟିଏ ନେଇ ଆସିବ । ସେଇ ଗୋଟିଏ ଲୋକ ସାଧୁ, ସଚ୍ଚୋଟ ହେଲେ କ'ଣ ହେବ ? ଏହି ମହାନ୍ ଦେଶର ମୁଖ୍ୟସ୍ରୋତ ଯେତେବେଳେ ଅସାଧୁତାର ଜାହ୍ନବୀ ହୋଇ ମାଡ଼ି ଚାଲିଛି, ତା'ର କ୍ଷୀଣ ପ୍ରତିରୋଧ ସେଥିରେ କୁଆଡ଼େ ଧ୍ୱଂସ ପାଇଯିବ ବରଂ ସେଇ ମହାସ୍ରୋତରେ ହିଁ ମିଶିଯାଇ ପାରିଲେ ନିଜର ଉଜ୍ଜ୍ୱଳ ହୋଇପାରିବ । ନିଜେ ସୁଖରେ ରହିପାରିବ ।

"ବିନ୍ଦୁଏ ବିନ୍ଦୁଏ ଜଳରୁ ହିଁ ହୁଏ ମହାସିନ୍ଧୁ, ପିଲାଦିନେ ପଢ଼ିଥିବା କେଉଁ ବହିରୁ ଅସ୍ପଷ୍ଟଭାବରେ ହଠାତ୍ ତା' ମନ ମଧ୍ୟରେ ପ୍ରତିଧ୍ୱନିତ ହୋଇଉଠିଲା । ମାତ୍ର ଅମିତାଭ ଘାବରିଲା, ଯଦି ସେଇ ବିନ୍ଦୁଟି ଅନ୍ୟ ବିନ୍ଦୁରେ ମିଶିବା ପୂର୍ବରୁ ପରିଣତ ହୋଇଯାଏ ବାଷ୍ପରେ ।

ନାଁ, ସେକଥା କରିବାକୁ ଦେବନି ସେ । ବିନ୍ଦୁକୁ ବାଷ୍ପରେ ପରିଣତ କରିବାକୁ ଦେବନି ସେ । ବିନ୍ଦୁକୁ ସିନ୍ଧୁରେହିଁ ସେ ପରିଣତ କରିବ ।

ପୁଣି ଥରେ ଅମିତାଭ ଚାହିଁଲା ୨୦ ଦଫା କାର୍ଯ୍ୟକ୍ରମର ବିଜ୍ଞାପନ ଆଡ଼କୁ । ଇନ୍ଦିରା ହସୁଛନ୍ତି; ମାତ୍ର ସେ ହସରେ ଅଛି ଯେତିକି ମଧୁରତା, ସେତିକି ଦୃଢ଼ତା । ସେ ଯେପରି ଆହ୍ୱାନ ଜଣାଉଛନ୍ତି—"ଅମିତାଭ ତୁମେ ଶହ ଶହ, ହଜାର ହଜାର ସଂଖ୍ୟାରେ ଆଗେଇ ଆସ । ଅନ୍ୟାୟର ପ୍ରତିରୋଧ କର । ପ୍ରଗତିର ରଥକୁ ଆଗେଇ ନିଅ । ନିଜକୁ ଅସହାୟ ମଣନି । ବିନ୍ଦୁ ହୋଇ ନିଜକୁ ବାଷ୍ପରେ ଲୀନ ହୋଇଯିବାକୁ ଦିଅନାହିଁ । ଏକ ମହା ସିନ୍ଧୁର ସର୍ଜନା କର । ଏହି ବିଜ୍ଞାପନର ଅକ୍ଷରଗୁଡ଼ିକୁ ଜୀବନ୍ତ କରିବାରେ ସାହାଯ୍ୟ କର । ତେବେ ଯାଇ ତୁମର ଜୀବନ ସାର୍ଥକ ହେବ । ଆଗେଇ ଆସ...।"

ଅମିତାଭ ଫେରି ଆସୁଥିଲା ବ୍ଲକ ଅଫିସରୁ । ଦୀର୍ଘଶ୍ୱାସ ପକାଇ ନୁହେଁ । ଏକ ନୂତନ ସଙ୍କଳ୍ପ ନେଇ ।

# ଓଭର ବ୍ରିଜ୍

ରେଲ୍‌ବାଇ ଓଭର ବ୍ରିଜ୍ ।

ଜୀର୍ଣ୍ଣ ଶୀର୍ଣ୍ଣ ଜଣେ ନାରୀ ଶୋଇ ପଡ଼ିଛନ୍ତି । ପାଖରେ ଦୁଇଟି ଅର୍ଦ୍ଧନଗ୍ନ ଶିଶୁ—ସେମାନେ ବି ଶୋଇ ପଡ଼ିଛନ୍ତି । ମୁଣ୍ଡ ପାଖରେ କଙ୍କାଳସାର ବାଳକଟିଏ । ସେ କିନ୍ତୁ ଶୋଇନି । ବସିଛି ଏବଂ ଚାହିଁ ରହିଛି ଏକଲୟରେ ଶୂନ୍ୟକୁ ।

ତଳେ ସଶବ୍ଦେ ଛୁଟି ଚାଲିଛି ରେଲଗାଡ଼ି । ଗୋଟିକ ପରେ ଗୋଟିଏ । କେତୋଟି ମୁହୂର୍ତ୍ତ ପାଇଁ ଓଭର ବ୍ରିଜ୍ କମ୍ପି ଉଠୁଛି । ଜନ କୋଳାହଳ । ତା'ପରେ ସବୁ ଶୂନ୍‌ଶାନ୍ ।

ନାରୀ ଜଣକ ଶୋଇନାହାନ୍ତି । ଆଖିମୁଦି ପଡ଼ିଛନ୍ତି । କ୍ଷୁଧାର ଭୟରେ । କ୍ଷୁଧା ! କି ଭୟଙ୍କର ସେ ଜୀବ ! କି ମାରାତ୍ମକ !! ... ନାଁ, ନାଁ... ମାରାତ୍ମକ ନୁହେଁ । ମୋଟେ ହେଲେ ମାରାତ୍ମକ ନୁହେଁ, ତା' ହେଲେ ତ ସବୁ କଷ୍ଟର ସମାଧାନ ହୋଇ ଯାଇଥାନ୍ତା ।

ଶିଶୁ ଯୋଡ଼ିକୁ ଶୁଆଇ ଦିଆଯାଇଛି । କ୍ଷୁଧା ଶୁଆଇ ଦେଇଛି । ପେଟର ଜ୍ୱାଳାରେ କାନ୍ଦି କାନ୍ଦି ହାଲିଆ ହୋଇ ସେମାନେ ଶୋଇ ପଡ଼ିଛନ୍ତି ।

ମା' ଚମକି ଉଠିଛି । ଯେ କୌଣସି ମୁହୂର୍ତ୍ତରେ ସେମାନେ ଉଠି ପଡ଼ିବେ । ଆଉ ମାଗିବେ ଖାଇବାକୁ ।

ଆଖିପତାକୁ ଖୁବ୍ ଜୋର୍‌ରେ ଚାପି ଦେଇଛି । ସେ ଶୋଇଛି ।

ବାଳକଟି ଶୂନ୍ୟକୁ ଚାହିଁଛି । କ୍ଷୁଧା ତାକୁ କରି ପକାଇଛି ସମାଧିସ୍ଥ । ସେ ଠିକିଏ ବୁଝିଲାଣି । କାନ୍ଦିଲେ କିଛି ଲାଭ ନାହିଁ । ପେଟ ପୂରିବନି । ମୁଣ୍ଡ ବିନ୍ଧିବ । ତେଣୁ ଶୂନ୍ୟକୁ ହିଁ ଚାହିଁ କଟାଇ ଦେବା ଭଲ ।

ତଳେ ପ୍ଲାଟଫର୍ମରେ ସରକାରୀ ବିଜ୍ଞାପନ ।

ଶ୍ରେଷ୍ଠ ପରିବାର ସୁଖୀ ପରିବାର ।

ଅନାମଧେୟ ମା'ଙ୍କର ପରିବାର ଶ୍ରେଷ୍ଠ । ସନ୍ତାନ ତିନୋଟି । କିନ୍ତୁ କାହିଁ ସେ ସୁଖ ?

କ୍ଷୁଧା ବିରୁଦ୍ଧରେ ସଂଗ୍ରାମ । ନୀରବ ସଂଗ୍ରାମ ।

ତଳେ ଗୋଟିଏ ରେଲଗାଡ଼ି ଚାଲିଗଲା—ସଶବ୍ଦେ ।

ହୁଏତ ଜାତିର କର୍ଣ୍ଣଧାରମାନେ ଯାଉଥିବେ ସେଥିରେ । ମାତ୍ର, ସେମାନେ କ'ଣ ଦେଖି ପାରିବେ ଏଇ "ସୁଖୀ" ପରିବାରଟିକୁ ?

ଆକାଶରେ ଏରୋପ୍ଲେନ୍‌ଟିଏ ଉଡ଼ିଗଲା । ସେଥିରେ ବି ହୁଏତ ଥିବେ ସେମାନେ । କିନ୍ତୁ "ଏମାନଙ୍କୁ କିଏ ଦେଖି ପାରିବେ ସେମାନେ ।

ଏମାନେ ରହି ଯାଇଛନ୍ତି ମଝିରେ । ଓଭର ବ୍ରିଜ ଉପରେ ଏମାନଙ୍କୁ ନାଁ ଦେଖିପାରିବେ ତଳ ଲୋକେ, ନାଁ ଉପର ଲୋକେ ।

ଆଉ ଯାତ୍ରୀମାନେ ?

ସେମାନେ ବି ନୁହେଁ । ସେମାନେ ଖୁବ୍ ବ୍ୟସ୍ତ ଗାଡ଼ି ଧରିବାକୁ । ନହେଲେ ଘର ଧରିବାକୁ ।

ତେବେ ?

ମନେ ମନେ ଖୁବ୍ ଜୋରରେ ମୁଁ ଚିତ୍କାର କରି ଉଠିଲି ।

କାହିଁକି ଏ ପ୍ରତାରଣା ? ନିଜକୁ ପ୍ରତାରଣା କରି କ'ଣ ଲାଭ ସେ କ୍ଷୁଧା ବିରୁଦ୍ଧରେ ସଂଗ୍ରାମ କରି ପାରିବ ? କ୍ଷୁଧାକୁ ଜୟ କରି ପାରିବ ?

ନାଁ, ତୁଚ୍ଛା ମିଛ ! ଡାହା ମିଛ !!

ବରଂ ତୁମେ ଓହ୍ଲାଇ ଯାଅ ତଳକୁ । ଟ୍ରେନରେ ଯାଉଥିବେ ଜାତିର କର୍ଣ୍ଣଧାରମାନେ । ହୁଏତ ଦେଖି ପାରିବେ ତୁମକୁ । କିଛି ହେଲେ କରିପାରିବେ ।

ମୁଁ ନିଜକୁ ପ୍ରତାରଣା କରିବାକୁ ଚେଷ୍ଟା କଲି ।

ନାଁ, ସେମାନଙ୍କର ନିଦ୍ରା, ଧ୍ୟାନ ଭାଙ୍ଗିବାର କଥା ନୁହେଁ । କ୍ଷୁଧା ଜଗି ରହିଛି । ମାଡ଼ି ବସିବ ।

ଷ୍ଟେସନ୍‌ ଆଡ଼କୁ ଚାହିଁଲି । ପକେଟ୍‌ରୁ ପାଞ୍ଚୋଟି ପଇସା କାଢ଼ି ଅତି ସନ୍ତର୍ପଣରେ ରଖିଦେଲି ମା'ଙ୍କ ହାତ ପାଖରେ । ମା' ହୁଏତ୍ ଜାଣିଥିବେ ନିଶ୍ଚୟ । କିନ୍ତୁ ନ ଜାଣିଲା ଭଳି ଛଳନା ହୁଏତ୍ କରୁଥିଲେ ।

ମୁଁ ଧୀରେ ଧୀରେ ଓହ୍ଲାଇ ଆସୁଥିଲି ଓଭର୍ ବ୍ରିଜ୍ ଉପରୁ । ନିଜକୁ ହଜାଇ ଦେଉଥିଲି ରେଳଯାତ୍ରୀମାନଙ୍କର ଗହଳିରେ ।

—*—

# ପ୍ଲାଟ୍‌ଫର୍ମ

ସୌରୀନ୍ଦ୍ରର ମୁହଁରେ ବୁନ୍ଦା ବୁନ୍ଦା ଝାଳ ।
ରେଳଷ୍ଟେସନର ସେ ବିରାଟ ଜନସମୁଦ୍ର ମଧ୍ୟରେ ସେ ମନେ କରୁଥିଲା
ନିଜକୁ ନିହାତି ଏକାକୀ । ସାହାରାର ବିଜନତା ତାଙ୍କୁ ଆବୋରି ଧରିଥିଲା ।
ସେ ଏକ ପଥହରା ପଥିକ ଭଳି
ଛିଡ଼ା ହୋଇଥିଲା ପ୍ଲାଟ୍‌ଫର୍ମର ଗୋଟିଏ କୋଣରେ । ଟ୍ରେନ୍‌ରୁ ଓହ୍ଲାଇ ।
ମନ୍ଦାକ୍ରାନ୍ତା !
ଏକ ବିଜୁଳିର ଝଲକ ।
ପୁଞ୍ଜାଏ ଗଙ୍ଗଶିଉଳି ।
ମୁହୂର୍ତ୍ତେ ମାତ୍ର ।
ତା'ପରେ ବାଲିଝଡ଼ । ଝଞ୍ଜା ପବନ ।
ସୌରୀନ୍ଦ୍ର ଚିତ୍କାର କରିଉଠିଲା ଏକ ଅବ୍ୟକ୍ତ ବେଦନାରେ ।
କିନ୍ତୁ କାହିଁକି ?
ତିନି ଗୋଡ଼ିଆ ସୌରୀନ୍ଦ୍ର ଛିଡ଼ା ହୋଇଛି ।
ଟ୍ରେନ ଛିଡ଼ା ହୋଇଛି ।
ଯାତ୍ରୀମାନଙ୍କର କୋଳାହଳ ଚାଲିଛି ।
ମନ୍ଦାକ୍ରାନ୍ତା ହସୁଛି ।
ମନ୍ଦାକ୍ରାନ୍ତା ପରିହାସ କରୁଛି ।
ତା'ର କାଠ ଗୋଡ଼କୁ ଦେଖି ?
ନାଁ, ତା'ର କ୍ଷତବିକ୍ଷତ ମନକୁ ଦେଖି ।
ସୌରୀନ୍ଦ୍ର ମୁହଁ ବୁଲାଇ ଆଣିଲା ସିନେମା ପୋଷ୍ଟର୍ ଉପରୁ ।
ସାମ୍ନାରେ ତା'ର ଓଭରବ୍ରିଜ୍‌ର ସିଡ଼ି ।
ଘୃଣିଲା ସେ ନିଜର କାଠ ଗୋଡ଼କୁ ।

ଝାଳ ଠପ୍ ଠପ୍ ହୋଇ ପଡ଼ୁଥିଲା ପ୍ଲାଟଫର୍ମର ସେ ଶୁଖିଲା ଚଟାଣ ଉପରେ ।
କୋଳାହଳ ଉପହାସ କରୁଛି ତାକୁ ।
ଫେରିବାଲା ପରିହାସ କରୁଛି ।
ଅନ୍ଧ ଭିକାରୀର ଚେପା ଟିଣ ଡବା ।
ସୌମେନ୍ଦ୍ର ପକେଟ୍ ଅଣ୍ଡାଳିଲା ।
କୁକୁର ଦ'ଟା ଖିଙ୍କାରି ଉଠିଲେ କଦଳୀ ଚୋପାଟା ପାଇଁ ।
ସୌମେନ୍ଦ୍ରର ଦୃଷ୍ଟି ସ୍ଥିର ରହିଲା ମୁହୂର୍ତ୍ତକପାଇଁ କୁକୁରର ଖଣ୍ଡି ଗୋଡ଼ଟି ଉପରେ
ଆଖିରେ ଅଗ୍ନିର ସ୍ଫୁଲିଙ୍ଗ ।
ସାମ୍ନାରେ ହାଲିଆ ହୋଇ ଢୁଳେଇ ପଡ଼ିଥିବା ଟ୍ରେନଟି ।
ଟ୍ରେନ୍‌ର ବିକ୍ଷିପ୍ତ ଘଣ୍ଟିର ଶବ୍ଦ ।
ପ୍ଲାଟ୍‌ଫର୍ମ କ୍ରମେ ପତଳା ହୋଇ ଆସୁଛି ।
ହକ୍‌ରଙ୍କ ସ୍ୱରରେ କ୍ଳାନ୍ତି ।
ସୌମେନ୍ଦ୍ରର ମନରେ ଅବସାଦ ।
ସାମ୍ନାରେ ଓଭରବ୍ରିଜ୍‌ର ସିଡ଼ି ।
ସୌମେନ୍ଦ୍ରର ଛାତି ଭିତରୁ ଏକ ଦୀର୍ଘ ନିଃଶ୍ୱାସ ବାହାରି ଆସୁ ଆସୁ ହଠାତ୍
ଅଟକି ଗଲା ଅଧାରୁ ।
ଫୁଲର ମହକ ।
ଓଭର୍‌ବ୍ରିଜ୍ ଉପରେ ମନ୍ଦାକ୍ରାନ୍ତା ।
ମନ୍ଦାକ୍ରାନ୍ତା, ତୁମେ !
ମନ୍ଦାକ୍ରାନ୍ତା ମୁହଁରେ ଲଜ୍ଜିତ ହସ ।
କିନ୍ତୁ··· କିନ୍ତୁ ମୁଁ ତ ତୁମକୁ ଚାହିଁ ନ ଥିଲି ? ମୁଁ କାହାରିକୁ ଚାହିଁ ନ ଥିଲି ।
ତୁମେ··· ତୁମେ ଚାଲିଯାଅ···
ମନ୍ଦାକ୍ରାନ୍ତା ମୁହଁରେ ତଥାପି ହସ । ଆଖିରେ ତା'ର ଭାଷା ।
ସୌମେନ୍ଦ୍ର ଲଜ୍ଜିତ ହୋଇଛି । ସେ ଆର୍ମି ହସ୍‌ପିଟାଲ୍‌ରୁ ଲେଖିଥିଲା,
ଗୋଟିଏ ଗୋଡ଼ ହରାଇବା ପରେ ସେ ଚାହେଁନ ଆଉ କାହାରି

ଗଳଗ୍ରହ ହେବାକୁ । ଆଜି ସେଇଥିପାଇଁ ସେ କାହାରିକୁ
ନ ଜଣାଇ ପଳାଉଥିଲା ଏଠାରେ । ଅଗ୍ନ ନଜ ଭାବରେ ।
କିନ୍ତୁ ସତରେ କ'ଣ ସେ କାହାରିକୁ ଚିହ୍ନି ନ ଥିଲା ?
ମନ୍ଦାକାନ୍ତା ଅଧରରେ ହସ ।
ମୁଁ ତୁମକୁ ଭଲପାଇଥିଲି । ତୁମ ଦେହକୁ ନୁହେଁ ।
କିନ୍ତୁ ମୁଁ ଯେ ପଙ୍ଗୁ......
ମ ତୃଭୂମି ପାଇଁ ଲଢ଼ୁ ଲଢ଼ୁ ।
ମନ୍ଦାକାନ୍ତା !
ଟ୍ରେନ୍ ହ୍ୱିସିଲ୍ ଦେଲା ।
ପ୍ଲାଟଫର୍ମ ଶୂନ୍ୟ ।
ରହିଗଲେ କେବଳ ମନ୍ଦାକାନ୍ତା ଓ ସୌରେନ୍ଦ୍ର ।

—✲—

# ପାଗଳ ହାତୀର ମୃତ୍ୟୁ

ଚହଲ ପଡ଼ିଗଲା —ପାଗଳ ହାତୀ ମାତିଚି । ସେ ଚହଳ କିନ୍ତୁ ଏକ ନୀରବ ଚହଳ । ଆତଙ୍କିତ ଚହଳ । କାହାରି ମୁହଁରେ ଭାଷା ନାହିଁ । ଭାବ ନାହିଁ । ତଥାପି ମୁହଁ ଦେଖିଲେ ବାରି ହୋଇଯିବ । ଭାବହୀନ ମୁହଁରେ ଅନେକ ଭାବର ପରିପ୍ରକାଶ । ଲୁଚାଇ ଦେବାର ସମଗ୍ର ପ୍ରଚେଷ୍ଟା ଯେପରି ଭାବକୁ ଆହୁରି ପରିଷ୍କାର ଭାବରେ ପରିସ୍ଫୁଟ କରି ପକାଇଛି ।

ହାତୀ ମାତିଛି । କେତେବେଳେ କେଉଁଆଡ଼ୁ ମାଡ଼ି ଆସିବ । ଆଉ କାହା ଉପରେ ସେ ମତ୍ତହସ୍ତୀର ଦୃଷ୍ଟି ପଡ଼ିବ ଜଣା ନାହିଁ । ସେଠାରେ ଅନୁନୟ, ବିନୟର ସ୍ଥାନ ନାହିଁ । ନ୍ୟାୟ, ଅନ୍ୟାୟର ତର୍କ ନାହିଁ । ଦୋଷୀ ନିର୍ଦ୍ଦୋଷର ପ୍ରଶ୍ନ ଉଠୁନି । ସେ ହାତୀ—ପୁଣି ଉନ୍ମତ୍ତ । ତା'ର ବୁଦ୍ଧି ନାହିଁ କି ବିବେକ ନାହିଁ, ଯଦିଓ ସ୍ମରଣ ଶକ୍ତି ଖୁବ୍ ତୀକ୍ଷ୍ଣ ବୋଲି କୁହାଯାଏ । ସେ ଆସିବ ।

ଯାହାଙ୍କୁ ପାରେ ତାକୁ ଦଳି ଦେଇ ସିଏ ଙ୍କ ଶୁଣ୍ଢରେ ଧରି ବୁଲାଇ ବୁଲାଇ ପିଟିଦେବ ।

ମୁହଁରେ ସବୁରି ଜବରଦସ୍ତ ହସ—ଭାଷା—ହାତୀ ମାରୁଛି, ଭଲ ହୋଇଛି । ରାସ୍ତାଘାଟରେ କୋଳାହଳ ନାହିଁ—ବିଶୃଙ୍ଖଳା ନାହିଁ । ପରି ଚର୍ଚ୍ଚା ନାହିଁ । ଶାନ୍ତି ବିରାଜୁଛି—ଶ୍ମଶାନର ।

ସବୁ ଶାନ୍ତ । ପାଗଳ ହାତୀ ଜିନ୍ଦାବାଦ୍ ।

ଆଉ ସେ ଗର୍ଜନ ଭିତରୁ ଗୁମୁରି ଉଠୁଛି ଏକ ଅବ୍ୟକ୍ତ ବେଦନା । ପାଗଳ ହାତୀର ମୃତ୍ୟୁ ଲୋଡ଼ା—ପାଗଳ ହାତୀର ମୃତ୍ୟୁ ଲୋଡ଼ା···ଆମେ ଚାହୁଁ ପାଗଳ ହାତୀର ମୃତ୍ୟୁ······ ।

କିନ୍ତୁ ଶ୍ମଶାନର ସେ ନୀରବତା ମହାସମୁଦ୍ର ଭିତରେ ସତ୍ତା ହରାଇ ବସୁଛି ସେହି ଅବ୍ୟକ୍ତ ବେଦନା ।

ପାଗଳ ହାତୀ ଆହୁରି ଉନ୍ମତ୍ତ ହୋଇ ପଡ଼ିଛି ।

ହଠାତ୍ ନୀରବ ଜନତା ହୋଇ ଉଠୁଛି ମୁଖର । ଶ୍ମଶାନର ଶାନ୍ତି ଭଙ୍ଗ । ବିଜୟ ଉଲ୍ଲାସରେ ନୀରବ ଜନତାର ଗୁଣ୍ଡ ଫୁଲି ଉଠିଛି । ମୁହଁରେ ତା'ର ଉଚ୍ଛୁଳୁଛି ଭାଷା । ପାଗଳ ହାତୀର ମୃତ୍ୟୁ ହୋଇଛି ।

ବିରାଟ ଜନସମାବେଶ, ଶିକାରୀଙ୍କୁ ଅଭିନନ୍ଦନ ଜଣାଇବାକୁ ।

ଶିକାରୀ ବେକରେ ଗଦା ଗଦା ଫୁଲମାଳ । ଶିକାରୀର ଜୟ ଜୟ ନାଦରେ ଗଗନପବନ ଥରି ଉଠୁଛି । ଗଦା ଗଦା ଫୁଲମାଳ ଭିତରେ ସେ ହୋଇ ଉଠୁଛି ଅଣନିଶ୍ୱାସୀ ।

ଶାନ୍ତ···ଶାନ୍ତ···ଶାନ୍ତ ।

ସଭା ଆରମ୍ଭ । ଅଭିନନ୍ଦନ ପତ୍ର ପାଠ ।

ଆମେ ସମସ୍ତେ ଚାହୁଁଥିଲୁ ପାଗଳ ହାତୀର ମୃତ୍ୟୁ ହେବା ଉଚିତ୍ ବୋଲି । ମାତ୍ର ଆମ କଥା କିଏ ଶୁଣିଲା ? କେହି ଶୁଣିଲେନି । ଶେଷରେ ଆଜି ଶିକାରୀ ମହାଶୟ ଅତି ସାହସର ସହିତ ହତ୍ୟା କରି ପାରିଲେ ପାଗଳ ହାତୀକୁ । ଆଜି ଆମେ ସମସ୍ତେ ପାଗଳ ହାତୀର ଆତଙ୍କରୁ ରକ୍ଷା ପାଇପାରିଛୁ । ଶାନ୍ତିର ନିଶ୍ୱାସ ମାରି ପାରିଛୁ—ସ୍ୱାଧୀନତାର ମୁକ୍ତବାୟୁ ସେବନ କରିବାର ସୁଯୋଗ ପାଇପାରିଛୁ···

ଘନ ଘନ କରତାଳି । ହୁଏତ ସଭାମଞ୍ଚ ଭାଙ୍ଗି ପଡ଼ିବ ।

ଶିକାରୀ ମହାଶୟ ଉଠିଲେ ମାଇକ୍ ପାଖକୁ ।

ପୁଣି ଘନ ଘନ କରତାଳି ।

ତା'ପରେ ନୀରବତା ।

ଆପଣମାନେ ହୁଏତ କହିବେ, ମୁଁ ଅସୀମ ସାହସର ସହିତ ଆଜି ପାଗଳ ହାତୀକୁ ମାରି ଆପଣମାନଙ୍କୁ ମୁକ୍ତ କରିଛି । ସେଥିପାଇଁ ଆଜି ଆପଣମାନେ ମତେ ଅଭିନନ୍ଦନ ଜଣାଉଛନ୍ତି; ମାତ୍ର ମୁଁ ଅତି ବିନୟର ସହିତ ଆପଣମାନଙ୍କଠାରୁ କ୍ଷମା ମାଗିବାକୁ ଚାହେଁ । କାରଣ ମୁଁ ଆପଣମାନଙ୍କର ଏ ସମ୍ମାନର ଅଧିକାରୀ ନୁହେଁ ।

ସଭାରେ ଗୁଞ୍ଜରଣ……

କିଛିକ୍ଷଣ ନୀରବତା । ତା'ପରେ……

ଆପଣମାନେ ହିଁ ଏ ସମ୍ମାନର ଅଧିକାରୀ । ଆପଣମାନେ ହିଁ ଏ ହାତୀକୁ ମାରିଛନ୍ତି । କାରଣ, ଆପଣମାନଙ୍କର ସ୍ନେହ, ସଦିଚ୍ଛା ନ ଥିଲେ ହୁଏତ ମୁଁ ଆଜି ଏ ହାତୀକୁ ମାରିବାରେ ସଫଳ ହୋଇ ପାରି ନ ଥାନ୍ତି ।

ଘନ ଘନ କରତାଳିରେ ଜନତା ଶିକାରୀଙ୍କଠାରୁ ସେ ସମ୍ମାନକୁ ନିଜେ ଫେରାଇ ଆଣିଲା ନିଜ ଉପରକୁ । ତା'ପରେ ଧନ୍ୟବାଦ ପ୍ରସ୍ତାବ………

ଶିକାରୀ ଆଜି ଜନତାର ଆଖି ଖୋଲି ଦେଇଛନ୍ତି । ସେଥିପାଇଁ ଜନତା ପକ୍ଷରୁ ତାହାର ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଆୟୋଜକ ମହାଶୟ ଶେଷ କାର୍ଯ୍ୟକ୍ରମଟି ଘୋଷଣା କଲେ……… ।

ଏହି ସଭା ତରଫରୁ ଆଜି ପଚିଶ ଟ୍ରିକ୍ ତେଲ ଆସି ସଭାସ୍ଥଳୀ ଚାରିପାଖରେ ମହଜୁଦ ଅଛି । ଯେଉଁମାନେ ଅତୀତରେ ପାଗଳ ହାତୀର ଶିକାର ହୋଇଛନ୍ତି, କିମ୍ବା ପାଗଳ ହାତୀ ପ୍ରତି ସେମାନଙ୍କର ଘୃଣାଭାବ ଏପର୍ଯ୍ୟନ୍ତ ରହି ଯାଇଛି, ସେହିମାନଙ୍କର ମାନସିକ ଉତ୍ତେଜନାର ଉପଶମ ପାଇଁ ସେମାନେ ଏହି ତେଲଗୁଡ଼ିକର ବିନିଯୋଗ କରିପାରନ୍ତି ।

ଘନ ଘନ କରତାଳି ସାଙ୍ଗକୁ ହଠାତ୍ ମୃତ ହାତୀ ଉପରକୁ ବୃଷ୍ଟି ହୋଇଗଲା ଅସଂଖ୍ୟ ତେଲ । ଯେପରି ପାଗଳ ହାତୀର ଆତ୍ମା ଗ୍ରାସ କରିଛି ଜନତାକୁ ।

ସେ ଉତ୍ତେଜନା କିନ୍ତୁ ଥିଲା ଗ୍ରୀଷ୍ମର ପ୍ରଥମ ବାତପାତ ଭଳି । ଗୃହୁଁ ଗୃହୁଁ କୁଆଡ଼େ ଉଭେଇଗଲା । କ୍ଷଣିକ ମଧ୍ୟରେ ଜନାକୀର୍ଣ୍ଣ ସଭାସ୍ଥଳୀଟି ଶ୍ମଶାନର ନିର୍ଜନତାରେ ପରିଣତ ହୋଇଗଲା ।

ଶିକାରୀ ମହାଶୟ ଥିଲେ ସେଠାରେ ଏକାକୀ । ସେ ବିଭୋର ହୋଇ ଯାଇଥିଲେ ଏକ ସ୍ୱପ୍ନରେ । ଅନ୍ଧକାର ଉଇଁ ଆସି ଗ୍ରାସ କରିଥିଲା ସଭାସ୍ଥଳୀଟିକୁ । ତା' ସଙ୍ଗେ ସଙ୍ଗେ ହାତୀର ଶବଟିକୁ ମଧ୍ୟ ।

ହଠାତ୍ ହାତୀଦାନ୍ତର ଶୁଭ୍ରତାର ଝଲକରେ ଶିକାରୀ ମହାଶୟଙ୍କର ସ୍ୱପ୍ନ ଭାଙ୍ଗି ଗଲା । ସେ ଧୀରେ ଧୀରେ ସଭାମଞ୍ଚରୁ ଓହ୍ଲାଇ ଆଗେଇ ଗଲେ ହାତୀର ଶବ ନିକଟକୁ । ନିଜ ଗଳାରୁ ଫୁଲମାଳଟି କାଢ଼ି ପକାଇ ଦେଲେ ଶବ ଉପରେ ।

ତୁ ହିଁ ନିଜେ ଏ ସମ୍ମାନର ଅଧିକାରୀ । ମୁଁ ନୁହେଁ କି ଏ ଜନତା ନୁହେଁ । ତୁ ନିଜେ ନିଜର ହତ୍ୟା କରି ନ ଥିଲେ ହୁଏତ ଆଜି ଏ ସଭା ହୋଇ ପାରି ନଥା'ନ୍ତା । ଆମେ ସମସ୍ତେ ମାଣିଚୁ କେବଳ ତୋର ଶବକୁ, ମୋର ଗୁଳି ବିଦ୍ଧ କରିଛୁ ତୋର ମୃତ ଦେହକୁ, ଠିକ୍ ଯେପରି ଜନତାର ତେଲା ।

ଅନ୍ଧାର ଆହୁରି ଗଭୀର ହେଇ ଯାଉଥିଲା । ସେଥିରେ ଶିକାରୀ, ହାତୀ ଓ ହାତୀ ଦାନ୍ତ ସବୁ ମିଳାଇ ଯାଉଥିଲେ ।

# ମାହାରୀ

ବସନ୍ତ ନାଚେ । ଶହ ଶହ ଲୋଭିଲା ଆଖିରେ ଭାଷା ଫୁଟାଇବାକୁ ନୁହେଁ । ଅଗଣିତ କ୍ଷୁଧିତ ମନକୁ ଦାନା ଯୋଗାଇବାକୁ ନୁହେଁ । କି ଆଖିର ଖେଳରେ କାଉଁରୀ ଫେଳାଇ ଗଦା ଗଦା ସୁନା, ଗୃଦ୍ଧ ଲୁଟି ନେବାକୁ ନୁହେଁ । ତା'ର ରୂପ ଅଛି । ଅଛି ଯୌବନ । ସେ ନର୍ତ୍ତକୀ; ତଥାପି ତା' ରୂପର ପୂଜାରୀ କେହି ନାହିଁ ; ଯୌବନକୁ ଉପଭୋଗ କରିବାର ସୌଭାଗ୍ୟ କାହାର ନାହିଁ; କିନ୍ତୁ ସେ ନର୍ତ୍ତକୀ; ଆଜି ନାଚେ । ନାଚେ ଅନ୍ଧାରୀ ଗମ୍ଭୀରା ଭିତରେ; ଧୂପ ଓ ଧୂପର କୁହେଳି ମଧ୍ୟରେ । ନାଚି ନାଚି ହୁଏ ପାଗଳୀ । ଭୁଲେ ନିଜକୁ । କ୍ଲାନ୍ତ ହୋଇ ଲୋଟିପଡ଼େ ପଥର-ଚଟାଣ ଉପରେ । ମୁହଁରେ ବିନ୍ଦୁ ବିନ୍ଦୁ ଝାଳ ଜମେ । ଆହୁରି ସୁନ୍ଦର ଦିଶେ । ସେ ହୋଇପଡ଼େ ଆହୁରି ସ୍ୱପ୍ନିଳା । ମାଦକଭରା; କିନ୍ତୁ କେହି ନାହିଁ ସେ ରୂପର ପ୍ରଶଂସା କରିବାକୁ କି କଳାର ଆଦର କରିବାକୁ; ତିନୋଟି ମୂର୍ତ୍ତି, ଛ'ଟି ଆଖି । ବଡ଼ ବଡ଼, ଗୋଲ, ଲମ୍ବା, ଗୋଳିଆ । ତାଙ୍କରି ପାଇଁ ସେ ନାଚେ; କିନ୍ତୁ କାହିଁ—ମୁହଁରେ ତ ତାଙ୍କର ପରିବର୍ତ୍ତନ ନାହିଁ ? ଆଖିରେ ତ ନାହିଁ ଭାଷା—ଅଶ୍ଳୀଳ ଇଙ୍ଗିତ ! ସେଇ ଏକ ଭାବ, ଆଖିରେ ଅର୍ଥହୀନ ଚାହାଣୀ ।

ବସନ୍ତ ଫେରି ଆସୁଥିଲା । ପାଦରୁ ତା'ର ଗାଇ ଉଠୁଥିଲା ନୂପୁର । ଚଲାବାଟରେ ତା'ର ଫୁଟିଉଠୁଥିଲେ ସହସ୍ର ପଦ୍ମ । ନାଚିସାରି କ୍ଲାନ୍ତ ହୋଇ ଫେରି ଆସୁଥିଲା ବସନ୍ତ ତା'ଘରକୁ । ଅନ୍ଧାରି, ସରୁ ଗଳି । ଦୁଇ ପାଖରେ ଦୁଇ ମହଲା ଘର । ପ୍ରତି ଦୁଆରେ ଦୁଇ ଗୋଟି ମୂର୍ତ୍ତି; ଆଖିରେ ଭେଲକି ଲଗାଇ ଦେବାର ଶକ୍ତିନେଇ । ଶସ୍ତା ଅତରର ସୁବାସ ମହକାଇ ଦେଇ । ପଙ୍କର ପଦ୍ମ । ଭ୍ରମରକୁ ଆହ୍ୱାନ । ରୂପର ଝଲକରେ, ମଧୁର ସୁରଭିରେ ଟାଣି ଆଣି ପଙ୍କରେ ଲଟପଟ କରି ଛାଡ଼ିଦେବାର ପ୍ରଚେଷ୍ଟା । ତାରି ଭିତରୁ ଗୋଟିଏ ଘର ବସନ୍ତର । ଦୁଆରେ ତା'ର ଖୋଲିନି ରୂପର ପସରା । ଅନ୍ଧାର ଆହୁରି ଜମିଯାଇଚି । ଆରପାଖରୁ ଭାସି ଆସୁଚି ଘୋଡ଼ାଗୁହାଳର ଗନ୍ଧ । ମଶା, ଡାଆଁଶଙ୍କର ଗୁଞ୍ଜରଣ ।

ଦୁଆର ଖୋଲି ପଶିଗଲା ବସନ୍ତ ଘରକୁ । ଲମ୍ବାଇ ଦେଲା ନିଜର କ୍ଲାନ୍ତ ଶରୀରକୁ ପଲଙ୍କ ଉପରେ ।

ଥରି ଥରି ଜଳୁଛି ଦୀପଟିଏ । ପତଙ୍ଗ ଦୁଇଟି ବୁଲୁଛନ୍ତି ଶିଖାର ଚାରି ପାଖରେ । ଗୋଟିଏ ଚକାଭଉଁରୀ ଖାଇ ପଡ଼ିଗଲା, ଅନ୍ୟଟି ଦେଖିଛି ତା'ର ପାଉଁଶ; ତଥାପି ମନରେ ତା'ର ଅବସାଦ ନାହିଁ, ସେ ବି ଚାହେଁ ତା'ର ଭଳି ଜଳିଯିବାକୁ । ଆଲିଙ୍ଗନର ସ୍ୱାଦୁ ପାଇବାକୁ ହେଲେ ପାଉଁଶ ହେବାଟା ଭୁଲି-ଯିବାକୁ ହୁଏ । ଆଲିଙ୍ଗନ କରୁ କରୁ ଜଳିଗଲେ, ସେ ଜଳିବାରେ ଅଛି ସାର୍ଥକତା । ପତଙ୍ଗ ବୁଲୁଥିଲା ଜଳିବାର ସାର୍ଥକତା ପାଇଁ ।

ବସନ୍ତ ଚାହିଁ ଶିଖାକୁ । ଆଉ ନିର୍ବୋଧ ପତଙ୍ଗଙ୍କୁ । ସେ ଚାହୁଁଥିଲା ଶିଖା ହେବାକୁ । ଆଉ ତା'ର ଚାରି ପାଖରେ ନିର୍ବୋଧ ପତଙ୍ଗଙ୍କୁ ଚକାଭଉଁରୀ ଖେଳାଇ ଜାଳି, ପୋଡ଼ି ମାରିବାକୁ ସେ ଶିଖା । ଜାଳିପୋଡ଼ି ଦେବାର ଶକ୍ତିଥାଇ ମଧ୍ୟ ସେ ପାରୁନି । ପତଙ୍ଗ ତା'ର ପାଖ ଦେଇ ଉଡ଼ିଯାଉଛି ଅନ୍ୟ ଶିଖା ପାଖକୁ । ସେ ଥରି ଥରି ରହୁଛି, ହତାଶାର ଦୀର୍ଘଶ୍ୱାସ ଛାଡ଼ୁଛି । ସେ ଜାଳି ପାରୁନି ।

"ବସନ୍ତ, ତୁ ଭାଗ୍ୟବତୀ ! ଜନ୍ମ ଜନ୍ମର ଭାଗ୍ୟର ଫଳ ତୁ ଆଜି ଭୋଗ କରୁଚୁ । ରୂପ, ଯୌବନ ତୋର ଆଜି ସ୍ୱୟଂ ଭଗବାନ୍ ଭୋଗ କରୁଛନ୍ତି । ତୁ ଦେବଦାସୀ !"

ଆଖିରୁ ବସନ୍ତର ଝରିପଡ଼ୁଥିଲା ଲୁହ । ଲୁହରେ ଭିଜି ଯାଇଥିଲା ତା'ର ତକିଆ । ସେଇ ଲୁହଭିଜା ମୁହଁରେ ବି ତା'ର ଫୁଟିଉଠିଲା ହସ । ସେ ହସରେ କିନ୍ତୁ ନଥିଲା ସ୍ନିଗ୍ଧତା । ଏକ ମୁମୂର୍ଷୁ, ଶୁଖିଲା ହସ — ସେ ଭାଗ୍ୟବତୀ ! ତା'ର ସାଇପଡ଼ିଶାର ଶତଶଯ୍ୟାର ନାୟିକାମାନଙ୍କଠାରୁ ମଧ୍ୟ ସେ ଭାଗ୍ୟବତୀ ! ନରକର କୀଟ ସେମାନେ । ସମାଜର କଳଙ୍କ । ଆଉ ସେ — ପଦ୍ମର କେଶର । ସେ ମାହାରୀ । ସମାଜର କଳଙ୍କ ସଫାକରିପକାଏ ସେ କୁଆଡ଼େ ! ସ୍ୱୟଂ ଜଗନ୍ନାଥଙ୍କର ଭୋଗ୍ୟା । ଦେବଦାସୀ ।

ସ୍ୱୟଂ ଜଗନ୍ନାଥ ତା'ର ଯୌବନ ଭୋଗ କରନ୍ତି, ସେ ପବିତ୍ର । ଖୁବ୍ ଜୋର୍‌ରେ ହସମାଡ଼ିଲା ତାକୁ; ପାଗଳୀଙ୍କଭଳି ହସିଉଠିଲା ବସନ୍ତ ବଡ଼ପାଟିରେ ।

ସେଇ ଗ୍ଲେଟିଆ ଘରଟି ମୁଖରିତ ହୋଇଉଠିଲା ତା'ର ହସରେ । ଗୋଟିଏ କାଠଗଣ୍ଡି ଉପଭୋଗ କରେ ତା'ର ଯୌବନ ! ଆଜି ସେଇ କାଠଗଣ୍ଡିର ଭୋଗ୍ୟା ହୋଇ ସେ ହୋଇଛି ପବିତ୍ର । ଜୀବନ ହୋଇଛି ତା'ର ସାର୍ଥକ, ମଲେ ତା'ର ସ୍ୱର୍ଗବାସ ହେବ ।

ହଠାତ୍ ତା'ର ମନ ମଧ୍ୟରୁ କିଏ ଜଣେ ବିଦ୍ରୋହ କରି ଉଠିଲା । ନାଁ ସ୍ୱର୍ଗ ତା'ର ଲୋଡ଼ାନାହିଁ । ସେ ଚାହେଁନି ଏକ ରୁଦ୍ଧ କୋଠରୀ ଭିତରେ ଭିନୋଟି ଜଡ଼ପିଣ୍ଡ ଆଗରେ ନାଚି ନାଚି ସ୍ୱର୍ଗକୁ ଯିବାକୁ । ସେ ଚାହେଁନି ସ୍ପନ୍ଦନହୀନ ଛାତି କି ପଲକହୀନ ଆଖି । ସେ ଚାହେଁ ଅଗଣିତ ଜୀବନ୍ତବସ୍ତୁର ସାନ୍ନିଧ୍ୟ । ଲୋଡ଼ା ତା'ର ଚପଳ ଆଖି, ସ୍ପନ୍ଦିତ ଛାତି । ଶତ ଶତ ସ୍ପନ୍ଦିତ ଛାତିରେ ଛାତି ମିଳାଇ, ଚପଳ ଆଖିରେ ଆଖି ମିଳାଇ ସେ ଚାହେଁ ସ୍ୱର୍ଗଠାରୁ ଦୂରେଇ ଯିବାକୁ । ନରକ ତା'ର ଲୋଡ଼ା, ସ୍ୱର୍ଗ ନୁହେଁ । ତା'ର ପରିଚିତା ରମ୍ଭା, ମେନକା, ଉର୍ବଶୀଙ୍କ ଭଳି ସେ ବି ଚାହେଁ ନିଜର ଶିଖାରେ ଅସଂଖ୍ୟ ନିଷିଦ୍ଧ ପତଙ୍ଗଙ୍କୁ ପୋଡ଼ି, ଜାଳି, ମାରି ତାଙ୍କର ଉଷ୍ମ ନିଶ୍ୱାସରେ ନରକକୁ ଆଗେଇ ଯିବାକୁ । ବରଂ ନରକର କୀଟାଣୁ କୀଟ ହେବା ଶତଗୁଣେ ଭଲ । ଉତ୍ତେଜିତା ହୋଇ ଜାକି ଧରିଲା ତା'ର ଚିକିଆକୁ ଖୁବ୍ ଜୋର୍‌ରେ ବସନ୍ତ । ସେ ଚାପ ସମ୍ଭାଳି ପାରିଲାନି ଚିକିଆଟି ଫାଟିଗଲା, ଚୁଡ଼ାଗୁଡ଼ିକ ବିଛେଇ ହୋଇ ପଡ଼ିଲା ଶେଜପରେ । ତାରି ଦେହରେ ମୁଣ୍ଡ ଗୁଞ୍ଜିଦେଲା ବସନ୍ତ ।

ପରଦିନ ଖୁବ୍ ନାଚିଚି ବସନ୍ତ । ଏଇ ତା'ର ଦେଉଳରେ ଶେଷ ନାଚ । ସ୍ୱୟଂ ଜଗନ୍ନାଥଙ୍କର ସେବା ଆଜି ତା'ର ଭାଗ୍ୟରେ ନାହିଁ । ନାଚି ସାରି ହାତ ଯୋଡ଼ିଲା । ଆଖିରୁ ଖସିଗଲା ଦୁଇବୁନ୍ଦା ଲୁହ । ଅଜାଣତରେ ମନରୁ ତା'ର ଉଠିଆସିଲା କୋହ । ଯେମିତି ପ୍ରେମିକା ବିଦାୟ ନେଉଚି ତା'ର ପ୍ରେମିକଠାରୁ ଚିରଦିନ ଲାଗି । ବିରହ ବେଦନାରେ ଗୁମୁରି ଉଠୁଛି ପ୍ରେମିକାର ମନ । ଚାହିଁବାକୁ ଚେଷ୍ଟା କଲା ସେଇ ବିରାଟ ମୁହଁକୁ; କିନ୍ତୁ ଚାହିଁ ପାରିଲାନି । ଯେମିତି ସେ କରିଛି ଗୋଟାଏ ମସ୍ତବଡ଼ ଦୋଷ କରିପକାଇଛି । ଜଗନ୍ନାଥଙ୍କର ମୁହଁରେ କିନ୍ତୁ ସେଇ ଏକାଭାବ । ଯେମିତି ବଡ଼ ବଡ଼ ଗୋଲ ଗୋଲ ଆଖି । କଳା ମୁହଁ । କପାଳରେ ଜକ୍ ଜକ୍ କରୁଛି ପ୍ରକାଣ୍ଡ ହୀରା । ଅଧରରେ ହସ । ପ୍ରଶାନ୍ତ ବଦନ । ଭିଳେ ହେଲେ ନାହିଁ ତାଙ୍କର ସେବିକାକୁ ହରାଇ ।

ମୁହଁ ବୁଲାଇ ଫେରପଡ଼ିଲା ବସନ୍ତ ।

ସନ୍ଧ୍ୟା । ବସନ୍ତର ପିଣ୍ଡାରେ ଆଜ ଅନ୍ଧାର ଚକା ପକାଇନି । ସେଠି ବି ଫୁଟିଛି ପଦ୍ମ । ଆଉ ସୁବାସରେ ମହକାଇ ପକାଉଛି । ଘୋଡ଼ା ଗୁହିର ଗନ୍ଧ ଜଣା ପଡୁନି ; ମଶା, ଡାଆଁଶଙ୍କର ଗୁଞ୍ଜରଣ କାନରେ ବାଜୁନି । ଦରବିକଶିତ ପଦ୍ମ ପ୍ରଥମଥରପାଇଁ ପାଣି ଭିତରୁ ମୁଣ୍ଡ ଟେକିଛି । ଫଳରେ ଖେଳଯାଇଛି ଚାଞ୍ଚଲ୍ୟ । ସାଇ ପଡ଼ିଶାର ରମ୍ଭା, ଉର୍ବଶୀ, ମେନକା, ବଡ଼ ବଡ଼ ଆଖିରେ ଚାହିଁ ରହିଛନ୍ତି ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ । ତା' ପରେ ଚୁପର, ଚାପର, ଛି ଛାକର । ମାହାରୀ ହୋଇ ପୁଣି ଏ କାମ ! ପରଶିଭ ଭଲ ଭଲ ହୋଇ ସଢ଼ି ମରିବା । ଜଗନ୍ନାଥ ସହି ପାରିବେନି । ସୁଦର୍ଶନଚକ୍ର ଦେଉଳଚୂଳରୁ ଖସିଆସି ଧ୍ୱଂସ କରି ପକାଇବେ ସବୁ କଛି । ଏଭଳି ଅନାଚାର କେବେ ଶୁଣା ନ ଥିଲା ।

ବସନ୍ତ ସବୁ ଶୁଣୁଥିଲା । ମୁରୁକି ମୁରୁକି ହସୁଥିଲା । ମା' ସଙ୍ଗେ ଯାଇ ସେ ଦେଖିଛି ଜଗନ୍ନାଥଙ୍କୁ । ବାରବର୍ଷରୁ ନାଚି ନାଚି ଜଗନ୍ନାଥଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ଲକ୍ଷ୍ୟ କରିଛି । ଖାଲି କାଠ । ନମ୍ବ କାଠ । ଆଖିରେ ନାହିଁ ପ୍ରାଣ । ସୁଦର୍ଶନଚକ୍ର—କୋଡ଼ିଏ ବର୍ଷ ହେଲା ଦେଖିଆସୁଛି ସେ ନିଜ ବାଡ଼ିଆଡୁ । ସେମିତି ସେ ରହିଛି; ରହିଥିବ । ତା' ଉପରେ ମଣିଷ ଚଢ଼ୁଥିବେ । ବାନା ଉଡ଼ୁଥିବ । ସେ ଆସି ପାରିବନି, ଛେଦି ପାରିବନି ମଲା-ପରେ ନରକକୁ ଯିବ ? ତା'ଛ ସେ ଚାହେଁ । ଆଉ ସେଥିପାଇଁ ଆଜି ସେ ଧାଇଁଆସିଛି ଜଗନ୍ନାଥଙ୍କର ବାହୁବନ୍ଧନୀ ମଧ୍ୟରୁ । ସ୍ୱର୍ଗର ବାଟରୁ ।

ବସି ବସି ଭାବୁଥିଲା ବସନ୍ତ । ସେ ନିଜେ ଆଜି ଉପଭୋଗ କରିବ ନିଜ ଯୌବନ । ଏତେଦିନ ଧରି ଯେଉଁ ଦେହର ସେ ଏତେ ଯତ୍ନ ନେଇ ଆସିଛି, ରକ୍ତରେ ଯେଉଁ ଚଞ୍ଚଳତା ଅଣାଇ ପାରିଛି, ଆଉ ହୃଦୟରେ ଯେଉଁ ଉଷ୍ମତା ସଞ୍ଚି ରଖିପାରିଛି, ତା'ରି ବିନିମୟରେ ସେ ଚାହେଁ ଆଉ ଏକ ଦେହର ଉଷ୍ମତା । ସେ ପୁଣି କେମିତି ହୋଇଥିବ ? ଶୁଣିଛି ରମ୍ଭା, ମେନକାଙ୍କଠୁ କେତେ କେତେ ଅନୁଭୂତିର କଥା । ମନ ତା'ର ବିକଳ ହୋଇ ଉଠିଛି । ସେ ଚାହେଁ ସ୍ୱାଦୁ । ମଣିଷ ରକ୍ତର ସ୍ୱାଦୁ—ମାଂସର ସ୍ୱାଦୁ । ଆଜି ସେ ପାଇବ ସେଇ ସ୍ୱାଦୁ । ଆଉ ସେଥିପାଇଁ ଧାଇଁ ଆସିଛି ଦେଉଳର, ଗମ୍ଭୀରା ଭିତରୁ, ଦୀପ, ଧୂପର କୁହେଳି ମଧ୍ୟରୁ, ସ୍ୱର୍ଗର ପଥ ଛାଡ଼ିଛି ।

ମେନକା ସେଦିନ ଯାହା କହୁଥିଲା ବସନ୍ତ ମନେ ପକାଇ ନିଜକୁ କଳ୍ପନା କରିଚି ମେନକା କରି । ଲେଟି ପଡ଼ିଚି ଆଗନ୍ତୁକ ଗୁଣ୍ଡିରେ । ତା'ପରେ କ'ଣ ଗୋଟାଏ ଶିହରଣ କେମିତି, କେମିତି ଲାଗେ ସେ ଶିହରଣ ? ଆଉ ଭାବି ପାରୁନି, କିଛି ଠିକ୍ କରି ପାରୁନି, କେମିତି ହୋଇଥିବ ସେ ଶିହରଣ ? କେମିତି ଲାଗିବ ତାକୁ ଆଗନ୍ତୁକର ବାହୁବନ୍ଧନୀ ଭିତରେ ...

ଠକ୍...ଠକ୍...ଠକ୍...

ଚମକି ଉଠିଲା ବସନ୍ତ । ମୁହଁ ଟେକିଲା । ସାମନାରେ ଜଣେ ଯୁବକ । ଆଖି ଲାଲ୍-ମୁହଁ ତେଲିଆ—କ୍ଷୁଧା । ଧୀରେ ଧୀରେ କହୁଚି "ଖୋଲ୍ ।" ରକ୍ତ ହଠାତ୍ ଚଞ୍ଚଳ ହୋଇଗଲା ବସନ୍ତର । କାନ ପାଖର ଧମନୀ ଠକ୍ ଠକ୍ ହୋଇ ସ୍ପନ୍ଦିତ ହେବାକୁ ଲାଗିଲା । କାନମୁଣ୍ଡା ଗରମ ହୋଇ ଗୁଡି ପଡ଼ିଲା ଉଠିଲା ଖୁବ୍ ଜୋର୍‌ରେ । ନାକପୁଡ଼ା ଫୁଲି ଉଠିଲା—ଗରମ ପବନ । ବସନ୍ତ ଉଠିଲା । ଏତେ ଦିନକେ ଆଜି ତା'ର ସ୍ୱପ୍ନ ବାସ୍ତବ ହେବାକୁ ଯାଉଚି । ଜୀବନ ଆଜି ତା'ର ସାର୍ଥକ ହେବ । କୋଡ଼ିଏଟି ବର୍ଷର ସଞ୍ଚିତ ଯୌବନର ମୂଲ୍ୟ ଆଜି ତା'କୁ ମିଳିବ । ବସନ୍ତର ପାଦ ପଡ଼ୁଥିଲା ଖୁବ୍ ଜୋର୍‌ରେ, ଶୋଇଲା ଘର ଆଡ଼କୁ । ପଲଙ୍କ ସଜା ହୋଇଚି । ଅତରର ଗନ୍ଧରେ ମହକି ଉଠୁଚି । ଦୀପ ଜଳୁଚି ଥରି ଥରି ।

"ଏ..."

ଭୁଲି ପଡ଼ିଲା ବସନ୍ତ । ଆଗନ୍ତୁକଟି ଦୁଇବାହୁ ପ୍ରସାରି ଆଗେଇ ଆସୁଚି । ମୁହଁରେ ପଶୁର ଭୋକ । ଆଖିରେ କ୍ଷୁଧା । ହଠାତ୍ ଆଖି ଆଗରେ ଉଭା ହେଲା ତା'ର ସେଇ କାଠଗଡ଼ । ଦୁଇବାହୁ ପ୍ରସାରି ବସିଚି । ବଡ଼ବଡ଼ ଆଖିକରି ଚାହିଁଚି । ସେ ଦୃଷ୍ଟିରୁ କିଛି ଯେମିତି ଛପି ପାରୁନି । କଳା ମୁହଁ, କପାଳରେ ଜକ୍ ଜକ୍ କରୁଚି ପ୍ରକାଣ୍ଡ ହୀରା । ଅଧରରେ ହସ । ପ୍ରଶାନ୍ତ ମୂର୍ତ୍ତି । ଜଗନ୍ନାଥ । ଚାହିଁ ପାରିଲାନି । ମୁହଁ ତଳକୁ ପୋତିଲା । ଧୀରେ ଧୀରେ ପଛକୁ ଘୁଞ୍ଚିବାକୁ ଲାଗିଲା । କାନରେ ତା'ର ବାଜୁଚି—"ମା', ଜଗନ୍ନାଥଙ୍କର ଉଚ୍ଛିଷ୍ଟ ତା ଦେବଦାସୀ । ପୁରୁଷର ଛୁଇଁ କେବେ ହେଲେ..." —ମା'...ଜଗନ୍ନାଥଙ୍କର ଦେବଦାସୀ...ପୁରୁଷର ଛୁଇଁ... ।"ତା'ପରେ କେଶବ ଧୃତ, ମୀନ ଶରୀର... ସେଇ ଦଶ ଅବତାର ଗୀତ...ମୀନ, ବାମନ, ସିଂହ, ନିଷ୍କଳଙ୍କ...

"ଉଃ"—କାନରେ ହାତଦେଇ ଚିତ୍କାର କରି ଉଠିଲା—"ନାଁ…ନାଁ… ଜଗନ୍ନାଥ…ମତେ କ୍ଷମା…" ତା'ପରେ ହଠାତ୍ ଯୁବକକୁ ଆଡ଼େଇ ଦେଇ ଧାଇଁବାକୁ ଲାଗିଲା ବଡ଼ଦାଣ୍ଡ ଆଡ଼କୁ । ମୁହଁରେ ସ୍ନୋ, ପାଉଡ଼ର୍ ଦେହରେ ବେଶ, ପୋଷାକ । ପାଗଳ ଭଳି ଧାଇଁ ଧାଇଁ ଯାଇ ଜଗନ୍ନାଥଙ୍କର ରତ୍ନସିଂହାସନ ତଳେ ଲୋଟିପଡ଼ିଲା ।

ଜଗନ୍ନାଥଙ୍କର ସେଇ ଏକା ଭାବ । ଦୁଇବାହୁ ପ୍ରସାରି ପ୍ରଶାନ୍ତ ବଦନରେ ବସିଚନ୍ତି । ଜଗତର ନାଥ ସେ—ପତିତପାବନ ! ବାହୁ ପ୍ରସାରି ଆହ୍ୱାନ କରୁଛନ୍ତି ସାରା ଜଗତକୁ, ଆଶ୍ରୟ ନେବାକୁ ତାଙ୍କର ବାହୁ ଛାୟାତଳେ ।

# କାନ୍ଦୁରୀ ଫେର ଆସିଲା

ପୁରୀର ଶିକ୍ଷିତ ଲୋକେ ନାକ ଟେକନ୍ତି । ସେ ଭାଙ୍ଗ ଖାଏ । ଜାଗାରେ ବସେ । ବାହାର ଲୋକେ କହନ୍ତି ସେ ପୁରୀଆ, ଭାଙ୍ଗୁଆ । ଜାଣିଥିବା ଲୋକେ କହନ୍ତି, ତାକୁ କିଏ ମନ୍ତ୍ର କରି ଦେଇଚି । କାନ୍ଦୁରୀ ଏମିତି ଭିନ୍ନ ଦେଖାଯାଏ ବିଭିନ୍ନ ଲୋକଙ୍କ ଆଖିକୁ । ସେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଚି । ତା'ପରେ ଭାଙ୍ଗବଟା, ପୋଖରୀପାଣି, ଜାଗାଘର । ଏହା ତା'ର ଦୋଷ ନୁହେଁ, ତା' ବାପାଙ୍କର, ଭାଇମାନଙ୍କର, ସାଙ୍ଗସାଥିଙ୍କର । ପିଲାଦିନୁ ପିଣ୍ଡାରେ ସେ ଦେଖିଚି ଶିଳ । ଶୁଣିଚି ଭାଙ୍ଗବଟାର ସଁଅ ସଁଅ ଶବ୍ଦ । ଜାଗାରୁ ଶୁଣିଚି ଓଡ଼ଶୀ, ଚମ୍ପୂର ଲହର ସଙ୍ଗେ ସଙ୍ଗେ ପଖଉଜମାଡ଼ । ବାଲିକୁଦ ଉପରୁ ଶୁଣିଚି ପେଟ ବାଡ଼ଆର 'ଠୋ' 'ଠୋ' ଶବ୍ଦ । ଏସବୁ ସାଙ୍ଗକୁ ଦାରିଦ୍ର୍ୟ—ଟାଣି ଆଣିଚି ତାକୁ ସ୍କୁଲ ଘରୁ । ତା'ପରେ ତା' ବାପା' ବଡ଼ବାପାଙ୍କର ବେଉସା । କାନ୍ଧରେ ଗାମୁଛା ପକାଇ ସଞ୍ଜେ, ସକାଳେ ଧାଇଁବା ଷ୍ଟେସନକୁ । ଟିକଏ

ମୁଣ୍ଡକୁ ହାତ ପାଇଲାବେଳକୁ, ବୟସ ଯେତେବେଳେ ଷୋହଳ ସତର ମାଲିକଙ୍କ ସଙ୍ଗେ ବାହାରି ପଡ଼େ ବାଟକୁ ।

କାନ୍ଦୁରୀ କାନ୍ଦିଥିଲା ପ୍ରଥମେ ପ୍ରଥମେ । ଘରଠାରୁ ଶହ ଶହ ମାଇଲ ଦୂର । ସେଠି ନାହିଁ ସୁଜି ଭଳି ବାଲି କି କାଟକେନ୍ଦୁ ଭଳି ପାଣି । 'ଜାଗା ଡାଲମା'ର ଗନ୍ଧ ସେଠି ନାକରେ ବାଜେନି କି 'ଗାଡ଼ାଗୁରୁନ୍ଦା'ର ସ୍ୱାଦୁ ପାଏନି ଜିଭ । ଖାଲି ଠାଙ୍ଗରା ଭୂଇଁ । ଘଞ୍ଚ ଜଙ୍ଗଲ । ହାଡ଼ଥରା ଶୀତ, ପୁଣି ହାଡ଼ଜାଳା ତାତି । ସେଇଠି ତାଙ୍କୁ ରହିବାକୁ ହେବ ମାସ ମାସ ଧରି । ଗାଁରୁ ଗାଁକୁ ବୁଲି, ସହରରୁ ସହରକୁ ଯାଇ ତାଙ୍କୁ ଯାତ୍ରୀମାନଙ୍କ ଘରୁ ଅସୁଲ କରିବାକୁ ହେବ ଆଟିକା ଟଙ୍କା । ତିନି, ଚାରିମାସରେ ସେଇଭଳି କିଛି ଯାତ୍ରୀ ଦେଖି ଦଳେ ଦଳେ ଯାତ୍ରୀ ଧରି ଫେରିବାକୁ ହେବ । ଏଇ ତା'ର ବେଉସା ।

ପରେ କିନ୍ତୁ କାନ୍ଦୁରୀକୁ ବେଶ୍ ଆରେଇ ଗଲା । ଦଶବର୍ଷରୁ ବଡ଼ ହୋଇଥିଲା ସେ । ସ୍ତ୍ରୀ ଘରଯୋଗ୍ୟା ହେଲାଣି । ତଥାପି ଖିଆଲ୍ ନାହିଁ ସେଥି-ପ୍ରତି । ତାଙ୍କୁ ବାଇ କରିଚି ମଧ୍ୟପ୍ରଦେଶର ଗାଁଗଣ୍ଡା, ନଈ, ପର୍ବତ, ବଣ ଜଙ୍ଗଲ । ଚତେ ଉଞ୍ଚ ଠେଙ୍ଗା ଯାହା ପାଖରେ ଅଛି, ଭୟ ତା'ର କାହାକୁ ନାହିଁ । ବନ, ଗଛ ସବୁ ତାଠି ସମାନ । ଠେଲେ ନଗୁଦ ଗୁପିଦେଇ, ନାଗା ପାହୁଲା ପକାଇ ପକାଇ ପଶିଯାଏ ମଧ୍ୟପ୍ରଦେଶର ଝାଡ଼ ଜଙ୍ଗଲ ଭିତରେ । ଅଣ୍ଟାରେ ଶହ ଶହ ଟଙ୍କା ବନ୍ଧା । ଗଣ ସିଂ, ଅନୁପ ସିଂ ଡକାୟତଙ୍କ ଆଡ୍ଡା କି ବାଘ, ଭାଲୁଙ୍କର ଚରାଭୂଇଁ କେହି ତାଙ୍କୁ ଡରାଇ ପାରନ୍ତି ନାହିଁ । ସେ କହେ, ଗୋଟିଏ କାନ୍ଧରେ ତା'ର ମହାବୀର, ଆଉ ଗୋଟିକରେ ସ୍ୱୟଂ ଜଗନ୍ନାଥ ବିଜେ, ଭୟ କାହାକୁ ?

ଭୋପାଳଠାରୁ କିଛି ଦୂରରେ ଗୋଟିଏ ଗାଁରେ ରହେ ସେ । ବୁଢ଼ାଠୁ ପିଲା ପର୍ଯ୍ୟନ୍ତ ସମସ୍ତଙ୍କର ତା'ପ୍ରତି ଘୋର ଭକ୍ତି — ଜଗନ୍ନାଥଙ୍କ ପଣ୍ଡା । ବଡ଼ ନିଷ୍ଠାରେ ବି ଚଳେ କାନ୍ଦୁରୀ । ସକାଳ ସଞ୍ଜରେ ସନ୍ଧ୍ୟା ତର୍ପଣ । କପାଳରେ ଅଧୁଲି ପ୍ରମାଣେ ଚନ୍ଦନ ଟୋପା । ନିଜ ହାତରେ ରାନ୍ଧି ଖାଏ । ସେଇଠୁ ସେ ବାହାରେ । କେତେବେଳେ ପଦଯାତ୍ରା ତ କେତେବେଳେ ଗାଡ଼ି । ସେ ଗାଁଠୁ

ଶଢ଼େ ମାଇଲ ଭିତରେ ସମସ୍ତେ ତାକୁ ଚିହ୍ନନ୍ତି—ଜଗନ୍ନାଥଜୀଙ୍କ ପଣ୍ଡା । କେହି ନାଁ ଜାଣିନି କି ଜାଣିବାର ଆଗ୍ରହ ପ୍ରକାଶ କରେନି ।

ଦିନେ ହଠାତ୍ ସେ ଅନୁଭବ କଲା ବନଗାଁ ଯେମିତି ତା' ନିଜ ଗାଁ । ବୁଢ଼ା ବୁଢ଼ୀମାନେ ତା'ର ବାପା, ଜେଜେବାପା । ମାଇପେ ମା, ମାଉସୀ, ଆଈ କି ଖୁଡ଼ୀ । ପିଲେ ତା'ର ପିଲାଛୁଆ, ଭାଇ, ଭଉଣୀ । ତା'ର କେମିତି ଗୋଟାଏ ମାୟା ଲାଗିଗଲା । ଖାଲି ବନଗାଁ ପ୍ରତି ନୁହେଁ, ତା' ଆଖପାଖ ପଚିଶଖଣ୍ଡ ଗାଁ ପ୍ରତି । ତା'ପରେ ସେ ଆସିବା ପୁରା ଖୁବ୍ କମ୍ । ପୁରାରେ ସାତ ଦିନରୁ ବେଶି ରହି ପାରେନି । ସ୍ତ୍ରୀ କାନ୍ଦି କାନ୍ଦି କେତେ ଅନୁନୟ ବିନୟ କରେ । ବୁଢ଼ୀମାର କାକୁତିମିନତି, ବନ୍ଧୁମାନଙ୍କର ଅନୁନୟ କେବେ କେହି ରୋକି ପାରନ୍ତିନି । ସାତଦିନରୁ ଆଠଦିନକୁ ସେ ବାନ୍ଧେ ବୁଜୁଲି, କାଟେ ଟିକେଟ । ସ୍ତ୍ରୀ ଲୋକେ ନିରାଶ ହେଲେ, କହିଲେ, ତାକୁ ସିଆଡ଼େ କିଏ ମନ୍ତ୍ର କରିଚି । ସ୍ତ୍ରୀ କାନ୍ଦି କାନ୍ଦି କର୍ମ ଆଦରି ରହିଲା । ବୁଢ଼ୀମା ଦୀର୍ଘନିଃଶ୍ୱାସ ପକାଇ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲା—"କାନ୍ଦୁଣୀକୁ ମୋର ଫେରେଇ ଆଣେରେ କାଳିଆ !"

ତାକୁ ବାନ୍ଧି ରଖିଥିଲା ହଜାର ହଜାର ସରଳପ୍ରାଣର ଭକ୍ତି ଆଉ ଶ୍ରଦ୍ଧା । ସେ ଖାଲି ଟଙ୍କା ଅସୁଲ କରୁ ନ ଥିଲା । ତା ସଙ୍ଗେ କରୁଥିଲା ସ୍ନେହ, ଶ୍ରଦ୍ଧା ଆଉ ଭକ୍ତି । ଅନ୍ୟର ଦୁଃଖକୁ ନିଜ ଦୁଃଖ ବୋଲି ମଣି ଦେଉଥିଲା । ଅନ୍ୟର ସୁଖରେ ନିଜେ ସୁଖୀ ହୋଇଥିଲା । ରାତି ଅଧରେ ହାଡ଼ଥରା ଶୀତରେ, ଝୁ ଝୁ ବର୍ଷାରେ, ଅସମୟ ହେଲେ, ସେ ଯାଇ ଛିଡ଼ାହୁଏ ପରଦୁଆରେ, ସାହାଯ୍ୟ କରିବାକୁ । ଲୋକେ କହନ୍ତି, ସେ ଜଗନ୍ନାଥଜୀଙ୍କ ପଣ୍ଡା ନୁହେଁ ସ୍ୱୟଂ ଜଗନ୍ନାଥ ! ଅନେକେ ପୂଜା ବି କରିଥାନ୍ତି ।

ଯିଏ କେହି ତା'କୁ ମନ୍ତ୍ର କରିଥିଲା, ସେ ହେଉଚି ଗୋଟିଏ ଝିଅ, ଛଅ ବର୍ଷର । ଭୋପାଳର ରାଜଦାଣ୍ଡ । ଜଦୁଉଦିଆ ଦି'ପହର । ପାକଲା ଗାମୁଛାଟା ଓଦା କରି ମୁଣ୍ଡରେ ଭିଡ଼ି ଦେଇଚି କାନ୍ଦୁରୀ । ଟଙ୍କା ଅସୁଲ କରି ଫେରୁଥିଲା ସେ । ଡାହାଣ ହାତରେ ତା'ର ପ୍ରିୟ ଠେଙ୍ଗା । ଆର ହାତରେ ଗୋଟିଆ ପିତଳ ବାଲ୍ଟିଟିଏ । ଅଖି ଲାଲ୍ । ପଡ଼ା ଉଦୁନି । ମଣି ବିମାନ ଭଳି ହଲି ହଲି ଗଲାଚି ସେ । ମାଣ ଟିକିଏ ବେଶି ହୋଇ ଯାଇଚି । ହଠାତ୍ କୁଆଁ କୁଆଁ କାନ୍ଦରେ ଆଖି ତା'ର ଖୋଲିଗଲା—ଗଛତଳ, ରାସ୍ତାକଡ଼ରେ, ଅଳିଆଗଦାରେ

ସଦ୍ୟଜାତ ଶିଶୁଟିଏ । ଗୁହାଁଳି ଗୁହାରିଆଡ଼େ । କେହି କୁଆଡ଼େ ନାଇଁ । ବହୁତ ବେଳ ଅପେକ୍ଷା କଲା ; କାହାର ସ୍ୱର, ଶବ୍ଦ ନାଇଁ । ଉଠାଇ ଆଣିଲା କଅଁଳା ଶିଶୁଟିକୁ । ଆଜିକି ସେ ତିନି ବର୍ଷର ହେଲାଣି, ସେଇ ମନ୍ତ୍ର କରିଚି କାନ୍ଦୁଶୀକୁ । ସଙ୍ଗରେ ପୁଅକୁ ଆଣିବାକୁ ସାହସ କରେନି । ଲୋକେ କେତେ କଥା ଭାବିବେ । କିଏ କେତେ କଥା କହିବ, ଗୁଡ଼ା ବି ରହି ପାରେନି ବେଶି ଦିନ, ଫେରିଆସେ ପୁଣି ।

ସନ୍ଧ୍ୟା । ମାଇପି, ମର୍ଦ୍ଦ କାଠ ମୁଣ୍ଡେଇ ଧାଡ଼ି ଧାଡ଼ି ହୋଇ ଫେରୁଚନ୍ତି ବଣରୁ । ଚଷା ଫେରୁଚି ବିଲରୁ । ଗାଈଆଳଟୋକା ବି ଫେରିଲାଣି ଗାଈପଲ ପଛେ ପଛେ । ସୂର୍ଯ୍ୟ ମୁହଁ ଲୁଚଉଚନ୍ତି ଘଞ୍ଜଙ୍ଗଲ ଆରପାଖେ । କାନ୍ଦୁଶୀ ଭାଙ୍ଗବଟାରେ ବ୍ୟସ୍ତ । କିଛି ଦୂରରେ ସୁଭଦ୍ରା ଖେଳୁଚି ମାଟିରେ । ହଠାତ୍ ଗୋଟିଏ ଜିପ୍ ଗାଡ଼ି ଆସି ଲାଗିଲା କାନ୍ଦୁଶୀ ଦୁଆରେ । ତିନି ଚାରି ଜଣ ବାବୁ ଓହ୍ଲାଇ ପଡ଼ିଲେ ଗାଡ଼ିରୁ—"ରାମ୍ ରାମ୍ ପଣ୍ଡାଜୀ ।" "ଜଗନ୍ନାଥ ଭଲକରେ" —ଶିଲପୁଆ ଉପରେ ହାତଟି ସ୍ଥିର କରି କହିଲା କାନ୍ଦୁଶୀ "ପଧାରିଏ ବାବୁଜୀ, ହୋଲିଏ, କ୍ୟା ସେବା ଆପ୍‌କା"

"ପଣ୍ଡାଜୀ", ତାଙ୍କ ଭିତରୁ ଜଣେ କହିଲା—"ଆମ ପାଇଁ ଟିକିଏ କଷ୍ଟ କରିବାକୁ ପଡ଼ିବ ଆପଣଙ୍କୁ ।"

"ଟିକିଏ କାଇଁକି, ଦରକାର ହେଲେ ଜାନ୍ ବି ଦେଇଦେବି ଆପଣ-ମାନଙ୍କର ସେବାରେ । କୁହନ୍ତୁ, ଜଗନ୍ନାଥଜୀ ତ ଖାସ୍ ଆପଣମାନଙ୍କର ସେବା କରିବାକୁ ଆମକୁ ପଠେଇଚନ୍ତି ।"

"ଆପଣ ତ ଜାଣନ୍ତି, ଏଠାଲୋକେ କେତେ ଭଲ ପାଆନ୍ତି ଆପଣଙ୍କୁ ।" କାନ୍ଧରୁ ଖସି ପଡ଼ୁଥିବା ପାଚିଲା ଗାମୁଛାଟିକୁ କାନ୍ଧ ବଦଳାଇ ସଜାଡ଼ି ଦେଉ ଦେଉ ଟିକିଏ ହସିଦେଲା ।

"ଭୋଟ୍ ବେଳ ତ ଆସିଗଲା । ରାମଦାସଜୀ ଆମର ପ୍ରାର୍ଥୀ ହୋଇଚନ୍ତି । ଆପଣ ଯଦି ଇଚ୍ଛା କରନ୍ତେ..."

କାନ୍ଦୁଶୀ ହସି ଉଠିଲା ଖୁବ୍ ଜୋର୍‌ରେ । ନିଜ ପ୍ରଶଂସାରେ ଉତ୍ଫୁଲ ହୋଇ ନୁହେଁ । ସେମାନଙ୍କର ମତଲବ୍ ବୁଝି ଅଛାରେ—"ମାଫ୍ କରିବେ

ବାବୁ ଆଜ୍ଞା । ଜଗନ୍ନାଥଜୀଙ୍କର ପଣ୍ଡା ଆମେ । ଚକାଡ଼ୋଳାର ଯାହା ହୁକୁମ, ତାକୁ ଆମେ ପାଳିବାକୁ ବାଧ୍ୟ । ପଞ୍ଝତର ସେବା ଆମର କର୍ତ୍ତବ୍ୟ । ଆମେ ସବୁ ମୂର୍ଖ ଲୋକ । ଏ ଭୋଟ୍ ଫୋଟ୍ କଥା ଆମକୁ ମାଲୁମ୍ ନାହିଁ ଆଜ୍ଞା !"

ହଠାତ୍ ବାବୁ ଜଣେ ପକେଟରୁ ପୁଳାଏ ଟଙ୍କା ଆଣି କହିଲା—ପଣ୍ଡାଜୀ, ଏତକ ନିଅନ୍ତୁ ପରେ ପୁଣି...

କାନ୍ଦୁରୀ ଶିଳ ଉପରୁ ଉଠି ପଡ଼ିଲା । ଆହୁରି ଜୋର୍‌ରେ ହସି ଉଠି କହିଲା—"ମାଫ୍ କରିବେ ହୁଜୁର୍ ! ମୋର ପୋଖରୀପାଣି ବେଳଗଡ଼ିଗଲା ।" ଏତକ କହି କାନରେ ପଇତା ଗୁଡ଼ାଇ ପେଟକୁ ଦୁଇଥର ବାଡ଼େଇ ଦେଲା !

ବାବୁଙ୍କର ମୁହଁ କଳା ପଡ଼ିଗଲା । ପକେଟରେ ଟଙ୍କାତକ ପୂରାଇ, ଓଠ କାମୁଡ଼ି ଫେରି ଆସିଲେ ଜିପ୍ ଗାଡ଼ିକୁ । ଷ୍ଟାର୍ଟ ଦେଇ ମୁହୂର୍ତ୍ତକ ମଧ୍ୟରେ ଲୁଚିଗଲେ ଧୂଳିର ଆବର୍ତ୍ତ ଭିତରେ ।

ଦୁଇଦିନ ପରେ । ଖାଇ ପିଇ ଶୋଇଛି କାନ୍ଦୁରୀ । ପାଖରେ ସୁଭଦ୍ରା । ରାତି ପ୍ରାୟ ଦୁଇଟା । ହଠାତ୍ ନିଦ ଭାଙ୍ଗିଗଲାବେଳକୁ ଦେଖେ ଘରଆଡ଼େ ନିଆଁ ! ବାହାରେ ଶୁଭୁଛି କୋଳାହଳ । କିଛି ବୁଝି ପାରିଲାନି । ହଠାତ୍ କ'ଣ ବୁଦ୍ଧି ଦିଶିଲା—ଝିଅଟିକୁ କାଖରେ ଜାକି ନିଆଁ ଆଡ଼େଇ ଆଡ଼େଇ ବାହାରକୁ ପଳାଇ ଆସୁ ଆସୁ ହଠାତ୍ ମୁଣ୍ଡରେ ଏକ ଶକ୍ତ ଆଘାତ ପାଇ ସେ ଟଳି ପଡ଼ିଲା ।

× × × × ×

ନ୍ୟାୟ ବିଚାରରେ ତାକୁ ଛଅମାସ ସଜା ମିଳିଲା । ସେ କୁଆଡ଼େ ସରଳ ଗାଁ ଲୋକଙ୍କୁ ଭଣ୍ଡି ବଡ଼ ଅନାଚାର କରୁଥିଲା । ତା' ପାଖରେ ଥିବା ଛଅ ବର୍ଷର ଝିଅଟି ଅବୈଧ—ତା'ର କୀର୍ତ୍ତି ! କାନରେ ହାତଦେଲା । ଆଖିରୁ ଦୁଇଧାର ଲୁହ ଗଡ଼ିପଡ଼ିଲା । ବିଦେଶ । କେହି ତା' କଥା ଶୁଣିବେନି । ଉପରେ ଜଣେ ଅଛନ୍ତି । ତାଙ୍କର ଉଦ୍ଦେଶ୍ୟରେ ହାତଯୋଡ଼ି ହାତ ବଢ଼ାଇଦେଲା ବେଡ଼ି ପାଇଁ । ତା'ପରେ ମେଘନାଦ ପାଚେରୀ ! ବଡ଼ ଦେଉଳର ନୁହେଁ—ଭୋପାଳ ଜେଲ୍‌ର ।

ତିନମାସ ପରେ ସେ ମୁକ୍ତି ପାଇଛି । ଆଉ ଫେରିବ ବନଗାଁକୁ । କାହା ପାଖକୁ ଆଉ ? ଶୁଣିଛି, ତା' ସୁଭଦ୍ରା ମୁକ୍ତି ପାଇ ଯାଇଛି ସେଇ ଅଶୁଭ ଖଣ୍ଡରେ । ତା'ର ହଜାର ହଜାର ବାପା, ମା, ଭଉଣୀଙ୍କୁ ଯେମିତି ତା'ପାଖରୁ ଛିନ୍ନ କରି ନେଇ ଯାଇଛି । ଜେଲ୍ ଫାଟକରୁ ମୁହାଁଇଲା ସିଧା ଷ୍ଟେସନକୁ ।

ପୁରରେ ଚହଳ ପଡ଼ିଗଲା । କାନ୍ଦୁଣ୍ଣା ଫେରି ଆସିଛି । ପିଲେ ପାଟିକଲେ, ଆରେ; କାନ୍ଦୁଣ୍ଣାଇନା ଆସିଛିରେ ! ବୁଢ଼ୀ ବଗୁଲି ଅଣ୍ଟାଳ ଅଣ୍ଟାଳ ଦାଣ୍ଡ-ପିଣ୍ଡାକୁ ଆସି ଖୋଜି ପକାଇଲା—"କାଇଁ ମୋ ଗଣ୍ଠିଧନ କାନ୍ଦୁଣ୍ଣାରେ !" ଏତେ ଦିନେ କାଳିଆ ମୋ ଡାକ ଶୁଣିଲା ! ବୁଢ଼ୀ ଆଖିରୁ ଧାର ଧାର ଲୁହ ଝରି ପଡ଼ୁଥିଲା । ପୁଅ ତା'ର ଫେରି ଆସିଛି । ଘରକଣରେ ସେବକଣ୍ଣ ଓଡ଼ଣାକୁ ଆଉ ଟିକଏ ଟାଣିଆଣି ମୁଣ୍ଡିଆ ମାରୁଥିଲା କାହା ଉଦ୍ଦେଶ୍ୟରେ । ଗଣ୍ଡଦେଇ ତା'ର ଝରି ପଡ଼ୁଥିଲା ଧାର ଧାର ଅଶ୍ରୁ ।

କାନ୍ଦୁଣ୍ଣା ଆଖି ବି ଜକେଇ ଆସୁଥିଲା । ବହୁଦିନ ପରେ ଏ ମିଳନ ପାଇଁ ନୁହେଁ । ବିଚ୍ଛେଦ ପାଇଁ । ତା'ର ପ୍ରିୟ ସୁଭଦ୍ରାର ବିଚ୍ଛେଦରେ ତା'ର ହଜାର ହଜାର ବାପା, ମା, ଭାଇ, ଭଉଣୀର ବିରହରେ । ସେ ବି ମୁଣ୍ଡିଆ ମାରିଲା ।

•

# ଗୋପାଳିଆ

ବଜାରେ ଗୋପାଳିଆ…

ଡି…

ନଡ଼ିଆ ଗଛରୁ ଯେମିତି ପଡ଼ିଲା, ଗୋଟିଏ ନଡ଼ିଆ । ତା'ପରେ ହୋ,
ହୋ, ପାକେଲା ଗାମୁଛା ହଲା, ପାଟି ଗୋଳ । ମଙ୍ଗଳାଘାଟ କମ୍ପି ଉଠିଲା ।
ଚହଳ ପଡ଼ିଗଲା । ଜାଗାର ଶନିଆଁ ହାରିଯାଇଛି । ଗଲା ଥର ବର୍ଷ ଧରି ଯେ
ଥିଲା ଅଜୟ, ସେ ହାରି ଯାଇଛି । ଜାଗା ସାଙ୍ଗଙ୍କର ମୁଣ୍ଡ ଚକ୍କୁ ହୋଇ
ଯାଇଛନ୍ତି । ଶନିଆଁ କୁ ଧରି ପକାଇବାକୁ ବାଟ ପାଉନାହାନ୍ତି ।

ଗମିମା ମହାପାତ୍ରଙ୍କୁ ଠେକା ଧରିଲେ…ଜ ଗା ପିଲେ । ଗଳାରେ ତାଙ୍କର
ପିନ୍ଧାଇ ଦେଲେ ଗଜଗ ମଲ୍ଲି ମାଳ । ଆଉ ଗୋଟିଏ ଗୋପାଳିଆ ବେକରେ ।
ମ୍‌ହେଁ ହେଁ…ମ୍ ହେଁ ହେଁ ବୋବାଇ ଦୁଇଥର ଗାରଦର୍ପରେ ଗମିମା ମହାପାତ୍ରଙ୍କ
ଗୁହରପାଖେ ବୁଲି ଆସିଲା । ଲୋକେ ଘେରି ରହିଥିଲେ ସେ ଦୁହିଁଙ୍କୁ । ଆଃ, କି
ସୁନ୍ଦର ! ବୋଦା ତ ନୁହେଁ, ଲହୁଣୀ ଖଣ୍ଡେ । ଅଣ୍ଟେ ଉଁଚ । ଧୋବ ଫର୍ ଫର୍
ଲୋମ । କଣ୍ଠାହୋଇ ଢଗୁଛି ଠିକ୍ ଗୋଟିଏ ସିଂହଭଳି । ଗଳାରୁ ସାମାନ୍ୟ ତଳ
ପର୍ଯ୍ୟନ୍ତ ବେଶ୍ ଘଞ୍ଚ ଲୋମ—କେଶର ଭଳି । ତା'ପରେ ପୋଛି କଣ୍ଠା ହୋଇଛି ।
ଶିଙ୍ଘ ଦୁଇଟି ମୋଡ଼ି ମୋଡ଼ି ହୋଇ କାନ ପଛ ପାଖେ ବୁଲି ବାହାରି ପଡ଼ିଛି
ଆଗକୁ । ରଙ୍ଗ ଦୁଧ ଅଳତା ଭଳି । ଘନ ଲୋମ ସାଙ୍ଗକୁ ଗ୍ଲେଟ ମୁହଁଟି ତା'
ସାଙ୍ଗକୁ ଗ୍ଲେଟ ମାଳ ଆଖି ଦୁଇଟି—ମାଣିକ୍ୟ ଯୋଡ଼ିଏ ଯେମିତି ।

ପାଚକ ପାଣି, ପୋଖରୀ ପାଣି ଆଉ ସରିଲବେଳକୁ ଅନ୍ଧାର ହୋଇ
ଗଲାଣି । ଗହଳ ବଢ଼ି ଗଲାଣି । ଯମୁନା ଗାଧୂଆ । ଜନ୍ମାଷ୍ଟମୀ ପରଦିନ ।
ମଙ୍ଗଳାଘାଟ କମ୍ପୁଛି ହୁଲସ୍ଥୁଲ । କେଉଁ ଏକ ଜାଗାର ପଲଟଣ ଆସୁଛି ।
ଦୂରରୁ ପେଟ୍ରୋମାକ୍ସ ଆଲୁଅ ଦେଖା ଗଲାଣି । ଆଗରେ ଗଜାଧର ହାଣ୍ଡି ଠେଲି
ଠେଲି ଆସୁଛି । ଘଣ୍ଟି ବାଜୁଛି ଠଣ ଠଣ । ତା'ପଛରେ ସଲଟଣ । ହାର୍-
ମୋନିୟମ୍ ସଙ୍ଗେ ସଙ୍ଗେ ସଙ୍ଗୀତର ଲହରୀ ଭାସି ଆସୁଛି ଆଖେଡ଼ା ପିଲା ନାଚ

ଆସୁଚନ୍ତି ବୋଧ ହୁଏ । ଘାଟଉପର ଆଖେଡ଼ାରେ ଚାଲିଚି ଗୋଟିପୁଅ ନାଚ । ବାସୁଦେଈପୁର ପିଲେ । ବେଶ୍ ନାଚୁଚନ୍ତି । ସମସ୍ତେ ମୁଗ୍‌ଧ । ଆଗରେ ଚକାଟେ ମାଡ଼ି ବସି ପଡ଼ିଛନ୍ତି ରାମିମା ମହାପାତ୍ରେ । ଆଖି ତାଙ୍କର ଗୋଟିପୁଅଙ୍କ ଉପରେ । ମାତ୍ର ସେ ଦେଖୁଚନ୍ତି ଗୋପାଳଆ ଆଉ ଶଳାଆଁଙ୍କର ଲଢ଼େଇ । ମଧୁର ନିଶା ଲାଗି ଆସିଲାଣି । ଆଖି କାଇଁଚି କାକୁଡ଼ିଆ ବୁଲି ଆସୁଚି ।

"ଦାମୀ ବୋଉ···ଦାମୀ ବୋଉ ମ···"

"ମୁଁ ହେଁ ହେଁ···ମୁଁ ହେଁ ହେଁ···"

ସବୁ ଗଲା । ଧାଡ଼ି ଧାଡ଼ି ଘର । ଚାଳ । ଉଞ୍ଚ ଉଞ୍ଚ ପିଣ୍ଡା, ପଥରର । ସେଇଭଳି ଏକ ଉଞ୍ଚ ପଥର ପିଣ୍ଡା ଆଉ ନୁଆଁଣିଆ ଚାଳଘର ଉପରକୁ ଉଠିଯାଇ ଦୁରଆ ବାଡ଼େଇ ଡାକଲେ ରାମିମା ମହାପାତ୍ରେ । ତାଙ୍କ ସଙ୍ଗେ ସ୍ୱର ମିଳାଇଲା ଗୋପାଳଆ । ରାତି ପ୍ରାୟ ବାରଟା । ନବମୀର ମେଞ୍ଚା ମେଞ୍ଚା ଜହ୍ନ ଆଲୁଅ ଗୁଡ଼ଇ ଗୁଡ଼ଇ ହୋଇ ପଡ଼ିଚି ରାସ୍ତାର ଠାଏ ଠାଏ । ବୁଲା କୁକୁରଟାଏ ଭଉ ଭଉ ହୋଇ ଭୁକ ଦୌଡ଼ି ଚାଲିଗଲା ସବୁ ଝାଡ଼ି ଗୋହିରୀ ଭିତରକୁ ।

"ଦାମୀ ବୋଉ ମ…"

"ହଃ, ଅଇଲେ ବୁଲି ବୁଲି କୁଆଡ଼ୁ ରାତି ଅଧକୁ । ଇଆଡ଼େ ପିଲାଟାର ଜର ଟପ କହିଲେ ନ ସରେ । ଏଁ'ଙ୍କର ସଉକ ଦେଖ ! ବାଡ଼ପଡ଼ା ମେଣ୍ଢାଟା ମରିଯା'ନ୍ତା···"

"ହାଁ ପାଟି କରନା କହୁଚି ଦାମୀ ବୋଉ । ସେ ଅଲକ୍ଷଣା କଥାଗୁଡ଼ାକ କାଇଁକି ପାଟିରେ ଧରୁଚ କହିଲ ?

"ଅଲକ୍ଷଣା କଥା ନୁହଁ !"

କେଁ···ଏଁ···ଏଁ ଖଟ୍···ଖଟ୍···ଖଟ୍— " ଦୁଆର ଖୋଲିଗଲା ଆର୍ତ୍ତନାଦ କରି । ଡିବି ଆଲୁଅରେ ଦେଖାଦେଲେ କୋଡ଼ିଏ, ବାଇଶି ବର୍ଷର ଯୁବତୀଟିଏ । ହଳଦୀ ଗଣ୍ଠି ଭଳି ରୂପ । ପୂରିଲା ପୂରିଲା ଦେହ, କପାଳରେ ଜଳୁଚି ଅଧୁଲି ଆକାରର ସିନ୍ଦୂର ଟୋପା । ନାକରେ ଗୁଣା ।

"ମେଣ୍ଢାଟାକୁ କମ୍ବଳରୁ ବାଧିଲା । ଦେଖିଲ, ପୁଅ ଦେହରେ ଏଣେ କେମିତି ଖଇ ଫୁଟୁଛି ?"

"ଗୋପାଳିଆ, ଆ, ଚାଳିଆ ଭିତରକୁ"— ଶେଷ କଥାଗୁଡ଼ିକ କାନରେ ତାଙ୍କର ବାଜୁନି । ଭାଙ୍ଗ ନିଶା ଏ ପର୍ଯ୍ୟନ୍ତ ପୁରା ଛାଡ଼ିନି । ମେଣ୍ଢାଟିକୁ ଟାଣି ଟାଣି ଆଣି, ଅଗଣା ଭିତରେ ଚାଳିଆ ତଳେ ବାନ୍ଧି ଦେଲେ ।

ଦାମୀ ବୋଉର ହୃଦୟରୁ ଏକ ଦୀର୍ଘ ନିଃଶ୍ୱାସ ବାହାରି ମିଳାଇଗଲା ମହାଶୂନ୍ୟରେ ।

"ଘାସବାଲା ଆଜି ଘାସ ଦେଇନି ? ଆସୁ ସେ ଗଣ୍ଡି କାଲି, ଦିନ କେତେ ବଢ଼ୁଭେଇ ଥିଲି, କହିଲ ?" ଘରଯାକ ଅଣ୍ଡାଳୁ ଅଣ୍ଡାଳୁ ଅଧୀର ହୋଇ ପଚାରିଲେ ମହାପାତ୍ରେ ।

"ଆଏ, ଗୋଡ଼ ହାତ ଧୁଅ । ଖାସା ମେଣ୍ଢା ପ୍ରେମ ଲଗିଲା ସ୍ୱା'ଙ୍କୁ ।"

"ତୁମେ ସେ ସବୁ କିଛି ଜାଣିନ । ମୋ ଗୋପାଳିଆ ଆଜି ଜିତିଚି", ଗୋପାଳିଆ ପାଖକୁ ଯାଇ, ତା ପିଠି ଆଉଁଷି ଆଉଁଷି କହିଲେ—"ମାଆଙ୍କୁ କହିଦେବୁଟି ଗୋପାଳିଆ ।"

ଗମିମ୍ମା ମହାପାତ୍ରେ ଗୋପାଳିଆ କଥା ଚିନ୍ତା କରୁ କରୁ ଶୋଇ ପଡ଼ିଥିଲେ । ସ୍ୱପ୍ନ ଦେଖୁଚନ୍ତି, ଗୋପାଳିଆ ଚାଲିଛି ଦିଗ୍‌ବିଜୟ କରି । ପୁରା ସହର ଆଖପାଖରେ ଏମିତି ଆଉ ବୋଦା ନାହିଁ, ଯେଉଁ ମୁଣ୍ଡ ନୋଇଁବ ଗୋପାଳିଆ, କଟକ ସହର ବୋଦା ଆସିଚନ୍ତି । ହାରି ଚାଲି ଯାଇଚନ୍ତି । ଗୋଟିଏ ତାଳରେ ତାଳରେ ମାଟି କାମୁଡ଼ି ପଡ଼ିଚନ୍ତି । ଗୋପାଳିଆ ନାଁ ଡାକ । ମହାପାତ୍ରଙ୍କର ବ । ଏମିତି ସଉକିନ ମାଲିକ କେବେ ଦେଖି ନଥିଲେ । × × ×

ଦାମୀ ଚାଲି ବୁଲି କରି ଗୋପାଳିଆକୁ ଆଉଁଷୁଚି । ଘାସ ଖାଇବାକୁ ଦଉଚି । ସେ ଦିନ ଦାମୀ ଘାସ ଦେଉ ଦେଉ ହଠାତ୍ ଗୋପାଳିଆର କ'ଣ ହୋଇଗଲା, ଛନପାଦ ପଛକୁ ଆସି ମୁଣ୍ଡ ତଳକୁ କରି ମାଡ଼ିଗଲା ଦାମୀ ଆଡ଼କୁ ବିଜୁଳି ବେଗରେ । ତାଳ ଯାଇ ବାଜିଲା ଦାମୀର ଛାତିରେ ।

"ଗୋପାଳ...ଆ... !" ଚିତ୍କାର କରି ଉଠିଲେ ଗମିମ୍ମା ମହାପାତ୍ରେ ନିଦ ବାଉଳାରେ । ନିଦ ତାଙ୍କର ଭାଙ୍ଗିଗଲା ।

ଆଲୋ ମୋ ଦାମୀର କ'ଣ ହେଇ ଯାଉଚଲୋ– ପାଖଘରୁ ବଳପୀ ଉଠିଲେ ଦାମୀବୋଉ । ଧାଇଁ ଆସି ହଲାଇ ପକାଇଲେ ମହାପାତ୍ରଙ୍କୁ "ଏ ଶୁଣୁଚ, ମୋ ଦାମୀର କ'ଣ ହେଇ ଯାଉଚ—ଶୁଣିଲଣି···"

ଧଡ଼ ପଡ଼ ହୋଇ ଆଖି ମଳି ମଳି ଉଠି ପଡ଼ିଲେ ସମିମା ମହାପାତ୍ରେ । ଦେଢ଼ ବର୍ଷର ଦାମୀ ଆର ଘରେ । ଶୁଖି ବଣି ଚଢ଼େଇଟି ଭଳି ହୋଇଯାଇଚ । ଦେହରେ ତାତ୍ତ ଯେ, ଖଇ ଫୁଟୁଚ । କାନ୍ଦ ପାରୁନ । ବଲବଲ ହୋଇ ପଡ଼ୁଚି । ମହାପାତ୍ରେ ପୁଅ ଦେହରେ ହାତ ମାରି ଚମକି ଉଠିଲେ ।

"ଦାମୀ ବୋଉ, ପାଣି ଡାଳେ ଆଣିଲ । ମୁଣ୍ଡଟା ଟିକଏ ଧୋଇ ଦିଅ । ତାତ୍ତ କମିଯିବ । ଜର ଟିକଏ କମିଲେ ଉଦୁଲୁଗି ଲାଗିବନି ଆଉ । ସକାଳ ହଉ, ଡାକ୍ତର ଡାକିବା ।"

ଦାମୀ ବୋଉ ଧାଇଁ ଯାଇ ପାଣି ଡାଳେ ଆଣି ପୁଅ ମୁଣ୍ଡ ଧୋଇ ଦେଲେ । ଦୁହେଁ ବସି ରାତିଯାକ ପୁଅ ମୁଣ୍ଡରେ ପାଣି ପଟି ଦେଉଥାନ୍ତି ।

ପାହାନ୍ତି ପହରକୁ ଶୋଇ ପଡ଼ିଥିଲେ ସମିମା ମହାପାତ୍ରେ । ସକାଳ ପ୍ରାୟ ଆଠଟା ହେଲଣି । ନିଦ ଭାଙ୍ଗିନି । ହଠାତ୍ ଚଇଁଆର ପାଟିରେ ନିଦ ତାଙ୍କର ଭାଙ୍ଗିଗଲା । ଚମକି ଉଠିପଡ଼ିଲେ—"ଏଁ । ଗୋପାଳଆ ଅରୁଚ !" ଭୁଲି ଯାଇଥିଲେ ସେ ପୁଅ ଦାମ କଥା । ଗୋପାଳଆ ଅରୁଚ ଶୁଣି ତାଙ୍କ ହୃଦୟ ଥରି ଉଠିଲା । ନିଦ ବାଉଳାରେ ଦାନ୍ତ ପର୍ଯ୍ୟନ୍ତ ନ ଘଷି ଗୋପାଳଆକୁ ଧରି ଧାଇଁଗଲେ ପଶୁ ଡାକ୍ତରଖାନା ।

ଡାକ୍ତରଖାନାରୁ ଗୋପାଳଆକୁ ଧରି ଫେରିଲାବେଳକୁ ମନ ତାଙ୍କର ବେଶ ଆନନ୍ଦ । ଡାକ୍ତର ଅଭୟ ଦେଇଚ, ସେ କଷ୍ଟ ନୁହେଁ । ଥଣ୍ଡାରୁ ଏମିତି ହୋଇଗଲା । ଇଞ୍ଜେକ୍‌ସନ୍ ଗୋଟିଏ ଦେଇଚ । କାଲିକୁ ଭଲହୋଇ ଯାଇଥିବ । ଗୋପାଳଆକୁ ଆଉଁଷି ଆଉଁଷି ମହାପାତ୍ରେ କହିଲେ—"ବଡ଼ କଷ୍ଟ ହେଉଚ ତତେ, ନାଇଁରେ ?"

ସାଇମୁଣ୍ଡରେ ହେଲାବେଳକୁ ହଠାତ୍ ପାଦ ତାଙ୍କର ଅଟକି ଗଲା । ଘର ସାମନାରେ ତାଙ୍କର ରୁଣ୍ଡ ହୋଇଚନ୍ତି ସାଇଯାକର ଲୋକ । ସବୁର

ମୁହଁରେ ଦୁଃଖର କଳା ଛାଇ । ସମବେଦନାର ସ୍ୱର-ଆହା-ଆହା- । ଘର ଭିତରୁ ଭାସିଆସୁଚି ଦାମ ବୋଉଙ୍କର ବୁକୁଫଟା କରୁଣ ଚିତ୍କାର ।

ଥକ୍କା ହୋଇ ବସି ପଡ଼ିଲେ ରାମିମା ମହାପାତ୍ରେ ସେଇ ଦାଣ୍ଡ ମଝିଁଟାରେ । ଆଖିରୁ ତାଙ୍କର ଖସିଂପଡ଼ିଲା ଦୁଇ ଟୋପା ଲୁହ ।

ଗୋପାଳଆ ସ୍ଥାଣୁ ହୋଇ ଚାହିଁ ରହିଥିଲା ତା' ମାଲିକଙ୍କ ମୁହଁକୁ । ମୁହଁ ତା'ର ଥିଲା ଭାବହୀନ ।

## ଫାଢ଼ା ଗୋବରା

ଗୋବରା ଚାହିଁ ରହିଥିଲା ନିଜ ପ୍ରତିବିମ୍ବକୁ ଦର୍ପଣରେ । ନିଜକୁ ନିଜେ ବି ଚିହ୍ନି ପାରୁନି । ଏତେ ସୁନ୍ଦର ସେ ଦେଖା ଯାଇ ପାରେ ! ଏତେ ଭଦ୍ର ସେ ହୋଇ ପାରେ ! ସେ ଲକ୍ଷ୍ୟ କରେ, ଯେତେବେଳେ ଦାଣ୍ଡରେ ଚାଲି ଯାଉଥାଏ, ଲୋକେ ତା'କୁ ଚାହାନ୍ତି ଅନ୍ୟ ଏକ ଦୃଷ୍ଟିରେ । କାହାର ଚକ୍ଷୁରେ ଥାଏ ଭୟ ତ, କାହାର ଭୟମିଶା ଘୃଣା । ଚାଲିଗଲାବେଳେ ଶୁଣିଚି ସେ ଚାପା-ଗଳାର ଆବାଜ -ଏଇ ଗୁଣ୍ଡାଗୋବରା ଯାଉଚରେ ! ଅବଶ୍ୟ ତା'ର ସମ୍ମାନ ବି ଅଛି । ଗୁଟେଇଟି ପାଟେଷ ମଧ୍ୟରେ, କେତୋଟି ଲୋକଙ୍କ ମଧ୍ୟରେ । ଗୋବରାମ୍ମା, ଗୋବରା ଯୁଆନ । ଖେଳଯାଗା ଭିତରେ ତା'ର ବାଳି ସରସର ଦେହକୁ ଅନ୍ୟ ସାଙ୍ଗମାନେ ପ୍ରଶଂସା ଦୃଷ୍ଟିରେ ଚାହିଁ ରହନ୍ତି । ସାଇପାଡ଼ କି ମେଳାରେ ରାମରଜ ବୋଲିହୋଇ ଯେତେବେଳେ ସେ ନିଷ୍ଠାମ ଖାଡ଼ୁଥାଏ କି ତରବାରି ଖେଳୁଥାଏ, ସେତେବେଳେ ଲୋକେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହନ୍ତି । କୋଠା ଉପରୁ, ରାସ୍ତା କଡ଼ରୁ ଭଦ୍ରଲୋକ, ଭଦ୍ର ମହିଳାମାନେ ଚକିତ

ହୋଇଯାନ୍ତି । ଯେତେବେଳେ ସେ ବିଭିନ୍ନ ଭଙ୍ଗୀରେ ନିଆଁ ହୁଳା ବନାନ୍ତି ବୁଲଉଥାଏ ତା'ର ସେ ଲାଲ୍ ରଙ୍ଗର ପେଶୀଳ ଶରୀରକୁ ଲୋଭିଲା ଆଖିରେ ଗ୍ରହିଁ ରହିଥାନ୍ତି କେତେ କେତେ ତରୁଣୀ । ଭାଙ୍ଗଶୀଳ ଉପରେ ବି ସେ ପାଏ ପ୍ରଶଂସା । ପୁଣି ପୋଖରୀପାଣି ଯାଇ ଅଧୋପାଣି କଲାବେଳେ ପୋଖରୀ ତୁଠରେ । ତେବେ ଏକ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ କେତେଜଣଙ୍କର ଆଖିରେ ତା'ର ଆସନ ବେଶ୍ ଉଚରେ; କିନ୍ତୁ ଥାନା ଡାଏରୀରେ ତା' ନାଁ ଗୁଣ୍ଡା ତାଲିକାରେ ।

ରାତି ପ୍ରାୟ ବାରଟା । ସବୁଆଡ଼ ଶୁନ୍‌ଶାନ୍ । ପାଖ ଘରେ ବୁଢ଼ୀ ମା' ଶୋଇଛି । ମଝିରେ ମଝିରେ ପଞ୍ଜୁରୀରୁ ଗୋବରା ଚଢେଇଗୁଡ଼ିକ ଫଡ଼୍ ଫଡ଼୍ ହୋଇ ଉଡ଼ୁଛନ୍ତି । ବାଇଶି ବର୍ଷର ଢେଣ୍ଡିଆ ଗୋବରା ଆଉ ଗୋଟିଏ ବଖରାରେ ଦୁଆର, ଝରକା କିଳି ଛିଡ଼ା ହୋଇଛି । ଚଉଡ଼ା ଛାତି, ଉଚ୍ଚ ଶରୀର, ପେଶୀଳ ବାହୁ ଆଉ ପେଣ୍ଡୁ । ଲଣ୍ଠନଟିଏ ଜଳୁଛି ଥରି ଥରି । ସେଇ ଆଲୁଅରେ ଦର୍ପଣ ଆଗରେ ଠିଆହୋଇ ଗୋବରା ଦେଖୁଛି ନିଜ ଶରୀରକୁ । ସେ ପିନ୍ଧିଛି ଗୋଟିଏ ପୁରା ସାର୍ଟ ଆଉ ପୁରା ପ୍ୟାଣ୍ଟ ।

ସେ ସ୍କୁଲ ଛାଡ଼ିଥିଲା ମାଇନର୍ ଶ୍ରେଣୀରୁ । ଛାଡ଼ି ଠିକ୍ ନ ଥିଲା । ତାକୁ ଡାକି ଆଣିଥିଲେ । ଡାକଥିଲେ ଜଗା ଭିଆଡ଼ିଏ । ଡାକଥିଲା ଭାଙ୍ଗଶୀଳ, ବଳିଆପଣ୍ଡାର ବାଲି; ପୁଣି ତାକୁ ଡାକଥିଲେ ଚନ୍ଦନ ଯାତ, ମାଘମାସର ଯାହାନ୍ତି ଖେଚେଡ଼ି ଆଉ ସନ୍ଧାବେଳେ ଜାଗା ଘରର ପଖୌଜ ମାଡ଼ି, ପଶା-ଖେଳର କଟେଯୁଅ ଦାଉ । ସେ ଶିଖିଥିଲା ଅନେକ କିଛି,—କୁସ୍ତି, କସରତ, ଭାଙ୍ଗଘୁଆ, ପୋଖରୀପାଣି, ମଉଜ, ପୁଣି ପାକେଲା ଗାମୁଛା । ସ୍କୁଲରେ ବସି ଅଧିକା କ'ଣ ବା ଶିଖିଥାନ୍ତା ? ତା'ର ସାଙ୍ଗରେ ଆଉ ଯେଉଁମାନେ ସ୍କୁଲରେ ରହିଯାଇ ଥିଲେ, ସେମାନେ ବି ପରେ ଆସି ମିଶିଲେ ତା' ସଙ୍ଗେ ଜଗାଘରେ କି ରେଳଷ୍ଟେସନ୍‌ରେ ।

ଗୋବରା ପ୍ୟାଣ୍ଟ, ସାର୍ଟ ଖୋଲି ଚଉତାଇ ଅତି ସନ୍ତର୍ପଣରେ ତା' ବାକ୍‌ସରେ ଗୁଡ଼ାଇ ଲୁଚାଇ ରଖିଲା । କାନ୍ଧରେ ଗାମୁଛା ପକାଇ ବାହାରି ପଡ଼ିଲା ଜାଗାକୁ । ରାତିରେ ସେ ଶୁଏ ସେଇଠି ।

× × × ×

"ବାବୁ, ଏତେ ରାତିରେ ସମୁଦ୍ର କୂଳେ ବୁଲିବା ମନା । ଆପଣ ଚାଲିଯାନ୍ତୁ ।"

ଗୋବର ମନ ଆନନ୍ଦରେ ଫୁଲିଉଠିଲା । ଜୀବନରେ କେବେ ସେ କାହାରିଠୁ "ବାବୁ" କି "ଆପଣ" ସମ୍ବୋଧନ ପାଇ ନ ଥିଲା । ଆଜି ପୁଣି ତାକୁ ପୁଲିସ ଏତେ ସମ୍ମାନ ଦେଇଛି । ଯାହା ପାଟିରୁ 'ବେ', 'ବା' କି ଶାଳା ଛଡ଼ା ଅନ୍ୟ କିଛି ସେ କେବେ ଶୁଣିନି ।

ରାତି ବାରଟା ବାଜିଥିଲା । ଫୁଲସାର୍ଟ, ଫୁଲପ୍ୟାଣ୍ଟ ପିନ୍ଧି ଫେରି ଆସୁଥିଲା ଗୋବର । ଅନ୍ଧାରିଆ, ଗଳି ରାସ୍ତାରେ ଆସୁଥାଏ ସେ । ସବୁଦିନ ରାତି ଅଧରେ ଏଇଭଳି ଭାବେ ସମୁଦ୍ର କୂଳକୁ ଆସି ବସେ ଆଉ ଫେରିଯାଏ । ନ ହେଲେ କାଳେ ତାକୁ କିଏ ଜହ୍ନାଲୋକ ଦେଖିଦେବ ତ ସରିଲା କଥା ।

ରାମା, ନବୀନା, ଲିଙ୍ଗା ହେରକାଙ୍କ କଥା ତା'ର ମନେ ପଡ଼ିଲା । ତା ସ୍କୁଲବେଳର ସାଙ୍ଗ ସେମାନେ । କେତେ ଡର ଦେଖାଇଛି, ମାଡ଼ ମାରିଛି । ଆଉ ଆଜି ସେମାନେ ରାମବାବୁ କି ଲିଙ୍ଗରାଜ ବାବୁ । ସେମାନେ ପଢ଼ୁଛନ୍ତି କଲେଜରେ । ନବୀନା ପିଲାଦିନେ ଥିଲା ବଣି ଚଢ଼େଇଟିଏ । ଏଇଲେ ସେ ବଡ଼ ଯୁଆନ । ତେବେ ଗୋବର ଆଗରେ ସେ ଯୋଲ ବଡ଼ାଟିଏ । ତଥାପି ନବୀନାର ନାଁ ଡାକ୍ । ତାକୁ ଯେତେ-ଲୋକ ପହିଲମାନ୍ ବୋଲି ଜାଣନ୍ତି ଗୋବରକୁ ସେତେ ନୁହେଁ । ସେ ଦିଲ୍ଲୀ ଗଲା । କଲେଜ ପିଲା ସବୁ ଯାଇଥିଲେ । ସେଥିରେ ନାଁ କମେଇଲା । ଖବର କାଗଜରେ ପ୍ରଧାନମନ୍ତ୍ରୀଙ୍କ ସଙ୍ଗେ ତା'ର ଫଟୋ ବାହାରିଲା । ପ୍ରଶଂସା ବି । ହେଲେ ଗୋବର ସେ ତ, ଫି ବର୍ଷ ବାଠକୁ ଯାଇ ଗୟା, କାଶୀ କି ଝାନସୀରେ କେତେ କେତେ ପହିଲମାନଙ୍କୁ ହରାଇଛି । ତା'ର ନାଁ ତ ବାହାରୁନି । ଲୋକେ ତାକୁ ଘୃଣା କରନ୍ତି, କହନ୍ତି ଗୋବର ଗୁଣ୍ଡାଟେ ।

ଗୋବରର ନିଜପ୍ରତି ଗୋଟାଏ ଘୃଣାଭାବ ଆସିଯାଇଥିଲା । ସେ ଭାବୁଥିଲା ଯାଠ ଶାଠ ଗୁଣ୍ଡା କି ଭୁଲ୍ ନ କରିଛି ସେ । ଅନୁତାପ କରୁଥିଲା । ସ୍ଥିରକଲା — ଏ ସାଙ୍ଗ ବ୍ୟୂହ ଭାଙ୍ଗି ତାକୁ ବାହାରକୁ ଚାଲି ଆସିବାକୁ ହେବ ।

ଭାଙ୍ଗ, ଦୋ ଅକ୍ଷରୀ ଓଡ଼ିଶୀ, ପକ୍ଷୌଜ ପରେ ବି ଆଉ ଅନେକ କଥା ଅଛି ଦେଖିବାକୁ ଆଉ ଶିଖିବାକୁ । ଏତେ ବଳ କମେଇଚ କ'ଣ ଖାଲି ମାଲିକଙ୍କ ପଇଁ ଯାନୀ ଆଣିବାକୁ ନା ସାଇପାଡରେ ବନ୍ଧାଟି ବୁଲଇବାକୁ ? ସେ ଚାହେଁ, ଭଦ୍ର, ଶିକ୍ଷିତ ସମାଜରେ ତାକୁ ଆଦର ମିଳୁ । ଲୋକେ ତାକୁ ଘୃଣା ନ କରନ୍ତୁ । ତା' ଶରୀରର, ତା' କୌଶଳର ସେ କିଛି ହେଲେ ସଦ୍‌ବିନିଯୋଗ କରୁ । କିନ୍ତୁ ସାହସ ହୁଏନି । ସାଙ୍ଗ ପିଲେ କହିବେ ଏଇଟା ଫାଙ୍ଗା ହୋଇଗଲା । କଲେଜ ଫାଙ୍ଗାଙ୍କ ସଙ୍ଗେ ମିଶି ନଷ୍ଟ ହୋଇଗଲା । ତାକୁ ନାକ ଟେକିବେ ।

ଗୋବରା ଘରକୁ ଫେରିଲା ରାତି ଅଧରେ । ଲୁଗାପଟା ବଦଳାଇ ଶୋଇପଡ଼ିଲା ଘରେ । ଆଉ ଜାଗାକୁ ଯିବନି । ତାକୁ ବୋଧହେଲା ଯେମିତି ତା' ସାଙ୍ଗମାନେ ଯମଦୂତ । ଦୌଡ଼ି ଯାଉଚନ୍ତି ତାକୁ ଟାଣିନେବାକୁ ଅନ୍ଧକାରର ଗହ୍ୱର ଭିତରକୁ । ସେ ଚାହେଁ ଆତ୍ମରକ୍ଷା । ସେ ଚାହେଁ, ଛୁଡ଼ି ଚାଲିଯିବାକୁ ଏମାନଙ୍କଠୁ ଦୂରକୁ । ନିଦ ହେଲାନି । ଉଠିପଡ଼ି ହଠାତ୍ ଗୋବରା ଚଢ଼େଇ ପଞ୍ଜୁରୀ ନିକଟକୁ ଗଲା ଓ ଗୋଟି ଗୋଟି କରି ସବୁଗୁଡ଼ିକ ପଞ୍ଜୁରୀ ଖୋଲିଦେଲା । ଫେରିଆସିଲା ଘର ଭିତରକୁ । ସ୍ଥିର କଲା, ଆଉ ଏମିତି ଅଳସ ଜୀବନ କଟାଇବନି ।

ପରଦିନ ସକାଳ ନିଦ ତା'ର ଭାଙ୍ଗିଗଲା ବାଇଆର ଡାକରେ । ଲୋକ ଭଇନା ଡାକୁଚନ୍ତି ଜାଗାରୁ ।

ଗୋବରା ଉଠି ଆଖି ମଳି ମଳି କହିଲା —"ଯା, କହିଦେ, ଯେତେଦିନ ପର୍ଯ୍ୟନ୍ତ ଜାଗାରୁ ଭାଙ୍ଗ ଶିଳ ନ ଉଠିଛି ଗୋବରା ସେ ଜାଗା ମାଡ଼ିବନି । ଯା କହିବୁ, ସେ ଜାଗା ତ ଆଉ ଆମ ବଡ଼ବଡ଼ଆଙ୍କ ଜାଗା ହୋଇ ନାହିଁ, ସେଠି ଶରୀରଚର୍ଚ୍ଚାଠୁ ଭାଙ୍ଗଶିଳକୁ ବଡ଼ ଆସନ ଦିଆହୋଇଚି । ଭାଙ୍ଗ ଖାଇ ଖାଲି ପରଚର୍ଚ୍ଚା କରିବା, ମାଡ଼ଗୋଳ କରିବା କି ମଉଜ, ଆଖେଡ଼ାପିଲା ନାଚ କରେଇବା ହୋଇଚି ସାର ।"

"ଗୋବରା, ତୁ ପୁଣି ଏକଥା କହୁଚୁ !"

ଆଉ ସବୁଦିନ କ'ଣ ସେମିତି ଅନ୍ଧ ହୋଇଥାନ୍ତି ?

ବାଇଆ ଚାଲିଗଲା ।

ଚହଳ ପଡ଼ିଗଲା । ଗୋବରା ଫାଙ୍ଗା ହୋଇଗଲା । ସେ ଜାଗାର ନିନ୍ଦା କରୁଛି । କେହି ତା' ସଙ୍ଗେ ବସା ଉଠା କରିବେନି ।

ତା' ପରଠୁ ଗୋବରା ଆଉ କାନ୍ଧରେ ଗାମୁଛା ପକାଇ ଷ୍ଟେସନ୍ ଯିବାର ଦେଖାଯାଇନି । ଫୁଲପ୍ୟାଣ୍ଟ୍, ଫୁଲସାର୍ଟ ପିନ୍ଧି, ଗୋଟିଏ ହ୍ୟାଣ୍ଡଲୁମ୍ ଦୋକାନର ସେଲସମ୍ୟାନ୍ ଭାବରେ ତାକୁ ସମସ୍ତେ ଦେଖିଲେ । ସେ ଗଲାବେଳେ ସାଇଲୋକେ କହନ୍ତି—“ଏଇ ଫାଙ୍ଗା ଗୋବରା ଗଲାରେ !”

ଗୋବରା ହସିଦେଇ ଚାଲିଯାଏ ।

●

## ଅବଧାନେ ଓ ଅଧ୍ୟାପକ

ପୁରୀ ପାସେଞ୍ଜର୍‌ର ଶେଷ ଡବା ଗୋଟିଏ କଳା ବିନ୍ଦୁରେ ପରିଣତ ହୋଇ ଯେତେବେଳେ ଲୁଚିଗଲା ନଡ଼ିଆମାଳ ଭିତରେ, ଚନ୍ଦ୍ରକାନ୍ତ ଚଢ଼ିବାକୁ ଚେଷ୍ଟାକଲା ତା' ସାଇକେଲରେ । ଥରେ ମାତ୍ର ପ୍ୟାଡେଲ୍ ଘୂରିଛି କି ନାହିଁ, ଚକଟି ଠୁସ୍…ସ୍…କରି ଚିତ୍କାର କରି ଉଠିଲା । ଚନ୍ଦ୍ରକାନ୍ତ ବାଧ୍ୟ ହୋଇ ଓହ୍ଲାଇ ପଡ଼ିଲା । ହତାଶା ଆଉ ବିରକ୍ତିରେ ଦୀର୍ଘନିଃଶ୍ୱାସ ମାରି ସାଇକେଲଟିକୁ ଠେଲି ଠେଲି ଫେରିଲା ପୁଣି ଗାଁ ଭିତରକୁ । କିଛି ସମୟ ପରେ ପାଦରେ ଚାଲି ଚାଲି ରେଲ୍‌ଫାଟକ ପାଖରେ ପହଞ୍ଚିଲାବେଳକୁ ସୂର୍ଯ୍ୟ ନାଲି ପେଣ୍ଡୁଲାଟିଏ ହୋଇ ଖସି ପଡ଼ୁଥିଲେ ସମଙ୍ଗର ପାଠ ଭିତରକୁ । କୁହୁଡ଼ିର ଏକ ଆସ୍ତରଣ ଧୀରେ ଜମି ଆସୁଥିଲା ଭୂଇଁ ଉପରେ । କ୍ରମେ ଗ୍ରାସି ପକାଉଥିଲା ସାରା

ପୃଥିବୀକୁ ତା'ର କରାଳ ଗର୍ଭରେ । ଦୂରରେ ପାଉଁଶିଆ ସବୁଜ ନଡ଼ିଆମାଳରୁ ସଗର୍ବେ ମୁଣ୍ଡଟେକି ଚାହିଁଛି ବଉଦେଉଳ । ଚନ୍ଦ୍ରକାନ୍ତ ପାଦ ପକାଇଲା ଜୋର୍‌ରେ । ତାକୁ ଚାଲି ଚାଲି ଯିବାକୁ ହେବ ତିନିମାଇଲ ବାଟ ସେଇ ଶୀତ ରାତିରେ । ମୁଣ୍ଡ ଉପର ଦେଇ ଉଡ଼ିଗଲେ ପଲେ ଗେଣ୍ଡାଳିଆ, ସମଙ୍ଗରା ପାଟ ଆଡ଼କୁ ।

ଜଗନ୍ନାଥ ସଡ଼କକୁ ଉଠି ମୁହାଁଇଲା ପୁରୀ ଆଡ଼କୁ ଚନ୍ଦ୍ରକାନ୍ତ । ଖୋଲା ସମଙ୍ଗରା ପାଟରୁ ହାଲକା ହାଲକା ହୋଇ ମାଡି ଆସୁଚି ଶୀତଳ ପବନ । ପୂରା ହାତବାଲା ସ୍ୱେଟରଟି ସେ ଶୀତ ରଖିବାକୁ ଯଥେଷ୍ଟ ନୁହେଁ, ଚନ୍ଦ୍ରକାନ୍ତ ମୁଣ୍ଡରେ ଭିଡ଼ି ବାନ୍ଧିଲା ମଫଲର୍‌ଟି ଖୁବ୍ ଜୋର୍‌ରେ । ସାରା ଶରୀର ତା'ର ଥରି ଉଠିଲା । ବିସ୍କୁଟ ରଙ୍ଗ ସ୍ୱେଟର୍ ଉପରେ ଆଉଥରେ ତା'ର ଅସହାୟ ଆଖି ବୁଲାଇ ଆଣିଲାବେଳକୁ ଅନୁଭବ କଲା ମନରେ ଏକ ଅଦ୍ଭୁତ ଉଷ୍ମତା । ମାନସପଟରେ ତା'ର ଭାସିଉଠିଲା ଚମ୍ପାଫୁଲ ରଙ୍ଗର ମୁହଁଟିଏ । ଚନ୍ଦ୍ରାବତୀ ! ଗଲାବର୍ଷ ଠିକ୍ ଏଇ ସମୟରେ ଦିଲ୍ଲୀର କନ୍ନାଟ୍ ପ୍ଲେସ୍‌ରେ ସେ ଯେତେବେଳେ ଏକାକୀ ଫେରୁଥାଏ, ହଠାତ୍ ତା'ର ଦେଖାହୁଏ ଚନ୍ଦ୍ରାବତୀ ସଙ୍ଗେ । ସେ ସମସ୍ତେ ଆସିଥିଲେ ଏକ୍ସକର୍ସନରେ । ରାସ୍ତା ଗହଳରେ ଚନ୍ଦ୍ରାବତୀ ସଙ୍ଗଛଡ଼ା ହୋଇଯାଇ ଫେରୁଥିଲା ଏକାକୀ । ଚନ୍ଦ୍ରକାନ୍ତ ବି ଥିଲା ଏକା । ନାଁରେ ଯେମିତି ସାମଞ୍ଜସ୍ୟ, ମନରେ ବି ସେଭଳି ଏକ ଅବସ୍ଥା ପହଞ୍ଚିଗଲା ହଠାତ୍ । ଚନ୍ଦ୍ରାବତୀ ଯା'କୁ ଦେଖି ମନରେ ସାହସ ବାନ୍ଧିଲା । ଦୁହେଁ ହୋଟେଲକୁ ଫେରିବାବେଳେ ସେ ବାଛି ଦେଇଥିଲା ଏଇ ରଙ୍ଗର ଉଲ୍‌ଟି । ନିଜେ ବି ବୁଣି ଦେଇଥିଲା ଏ ସ୍ୱେଟର୍‌ଟି ତା'ପାଇଁ । ବାସ୍ ସେଇ ଦିନଠୁ ଚନ୍ଦ୍ରାବତୀ ଆଉ ତା' ଭିତରେ ସମ୍ପର୍କଟା ଭିନ୍ନ ପ୍ରକାର ହୋଇ ଯାଇଥିଲା । ଆଜି ଚନ୍ଦ୍ରକାନ୍ତ ଯେତେବେଳେ ସ୍ୱେଟରଟା ପିନ୍ଧେ, ମନେହୁଏ ଯେମିତି ସେ ବାନ୍ଧିହୋଇ ଯାଇଛି ଚନ୍ଦ୍ରାବତୀର ଗାଢ଼ ଆଲିଙ୍ଗନ ପାଖରେ । ସେଇ ଦିଏ ଏକ ଅଦ୍ଭୁତ ଉଷ୍ମତା ।

ଅଧ୍ୟାପକ ଶମଗୁପ୍ତଙ୍କୁ ମନେ ମନେ କୋଟି ନମସ୍କାର ଜଣାଇଲା ଚନ୍ଦ୍ରକାନ୍ତ । ବାସ୍ତବିକ୍, ବୟସ ବେଶି ହେଲେ କ'ଣ ହେବ, ପିଲାଙ୍କ ସଙ୍ଗେ ପିଲା ସେ । ଛାତ୍ରଛାତ୍ରୀଙ୍କ ତରୁଣ ମନକୁ ସେ ବେଶ୍ ଜାଣନ୍ତି । ଆଉ ସେଇଥି-ପାଇଁ, ଏକ୍ସକର୍ସନ ହେଲେ ପିଲେ ଜିଦ୍ ଧରନ୍ତି ଅଧ୍ୟାପକ ଶମଗୁପ୍ତଙ୍କ ସଙ୍ଗରେ

ନେବାକୁ । ଦିଲ୍ଲୀ ଘଟଣାର ପରେ ପରେ ଦୁଇ ପ୍ରାଣର ଉଷ୍ମତାକୁ ମାପି ଅଧ୍ୟାପକ ଚନ୍ଦ୍ରଗୁପ୍ତ ଠିକ୍ ଭାବରେ । ଏ ଦୁହିଁଙ୍କ ସମ୍ପର୍କକୁ ଆହୁରି ଘନିଷ୍ଠ କରିବାରେ ତାଙ୍କ ଅବଦାନ କିଛି କମ୍ ନୁହେଁ । ଅଧ୍ୟାପକ ଚନ୍ଦ୍ରଗୁପ୍ତ ପ୍ରକୃତରେ ଜଣେ ଚନ୍ଦ୍ରଗୁପ୍ତ । ଚନ୍ଦ୍ରକାନ୍ତକୁ ସେ ଖୁବ୍ ଭଲ ପାଆନ୍ତି । ସବୁପ୍ରକାର ହସଖୁସି-ଠାରୁ ଆରମ୍ଭ କରି ସିଗାରେଟ୍ ପାନ ପର୍ଯ୍ୟନ୍ତ ଆଦାନପ୍ରଦାନ ଚାଲେ ଦୁହିଁଙ୍କ ମଧ୍ୟରେ ।

ଅଧ୍ୟାପକଙ୍କ କଥା ମନେ ପଡ଼ିଲାରୁ ହଠାତ୍ ଚମକି ଉଠିଲା ଚନ୍ଦ୍ରକାନ୍ତ— ଆରେ, ସିଗାରେଟ୍ ଖଣ୍ଡେ ଗଲା ଦୁଇଘଣ୍ଟା ଧରି ଟଣା ହୋଇନି ! ପକେଟରେ ହାତ ପୂରାଇଲା । ସିଗାରେଟ୍ ଓଠରେ ଲଗାଇ ଦିଆସିଲି ଲଗାଇଲା । ଠିକ୍ ମୁହଁ ପାଖକୁ ନେଲାବେଳକୁ ନିଭିଗଲା । ସେଇଟି ଶେଷକାଠି ଥିଲା । ହତାଶ ହୋଇ ଫିଙ୍ଗିଦେଲା ଖାଲି ଖୋଳଟି । ଚାରିଆଡ଼କୁ ଚାହିଁଲା ନିଆଁ ଟିକିଏ ଆଶାରେ । ପାଇଲାନି । ଏତେବେଳ ପର୍ଯ୍ୟନ୍ତ ଯାହାର କଳ୍ପନା ବି କରି ନ ଥିଲା, ତାହା ବର୍ତ୍ତମାନ ଏକ ଜରୁରୀ ଆବଶ୍ୟକତାରେ ପରିଣତ ହୋଇଗଲାଣି । ଯେ କୌଣସି ମତେ ତାକୁ ସିଗାରେଟ୍ ଧରାଇବାକୁ ହେବ । ନ ହେଲେ ଏ ଶୀତଳ ସନ୍ଧ୍ୟାରେ ଏତେଗୁଡ଼ାଏ ବାଟ ଚାଲି ଚାଲି ଯିବା ଏକବାର ଅସମ୍ଭବ ।

ଚାଲିଲା ଆଗକୁ ଆଗକୁ ଚନ୍ଦ୍ରକାନ୍ତ । ପାଦ ଟିକିଏ ଜୋର୍‌ରେ ପକାଇଲା । ସନ୍ଧ୍ୟା ସମୟ ନିଆଁ ଟିକିଏ ମିଳିଯିବ । ହଠାତ୍ ପାଖ ଦେଇ ଚାଲିଗଲା ଗୋଟିଏ ବସ୍ । ପଛରେ ଛାଡ଼ି ଦେଇଗଲା ଏକ ଧୂଳିର ଆବର୍ତ୍ତ । ନାକ ବନ୍ଦ କରି କିଛି ସମୟ ଧୂଳିରେ ପହଁରିବା ପରେ ହଠାତ୍ ମୁହଁ ତା'ର ଉଜ୍ଜ୍ୱଳ ହୋଇ ଉଠିଲା । ୧୯୩୦ ମଡ଼େଲ ସାଇକେଲ୍‌ଟିଏ ଧରି ପବନ ସଙ୍ଗେ ସଙ୍ଗେ ଲଢ଼ି ଲଢ଼ି ଆସୁଚି ଗୋଟିଏ ବୁଢ଼ା । ମୁହଁରେ ତାର ଧୂଆଁ । ଯା'ହଉ, ସିଗାରେଟ୍‌ଟି ଲାଗିଯିବ । ଅନ୍ତତଃ ଉଷୁମ ଟିକିଏ ମିଳିବ । ପକେଟରୁ କାଢ଼ି ମୁହଁରେ ଧରିଲା । କିନ୍ତୁ ପରକ୍ଷଣରେ ଚମକି ଉଠିଲା ଚନ୍ଦ୍ରକାନ୍ତ । ଓଠ ଜାବି ଦେଇ ହୁଗୁଳିଗଲା ! ଖସି ପଡ଼ୁଥିବା ସିଗାରେଟ୍‌ଟି ଧରି ଦେଇ ଅତି ସନ୍ତର୍ପଣରେ ପକେଟରେ ରଖି ମୁହଁ ବୁଲାଇ ଆଗେଇଗଲା । ଲୋକଟି ସାଇକେଲରେ ତା'ର ପାଖ ଦେଇ ଚାଲିଗଲା ।

ମାରିଥିଲି ! ନନାଙ୍କ ଅଫିସ ପିଅନ । ତାକୁ ସେ ମାଗିଥା'ନ୍ତା ନିଆଁ ଟିକିଏ ସିଗାରେଟ୍ ପାଇଁ ! ନିଜର ତ ପୁଣି ଗୋଟାଏ ମାନସମ୍ମାନ ଅଛି । ଯଦି ନନା କୌଣସି ପ୍ରକାରେ ଜାଣି ପାରିଥା'ନ୍ତେ, ତା' ହେଲେ ବି ସରିଲି କଥା ।

ଅତୃପ୍ତଆତ୍ମା ତା'ର ଆଗେଇ ଗଲା ପୁଣି ନିଆଁ ଟିକିଏ ପାଇଁ । ମନେ ମନେ ଭାବୁଥିଲା ସେ, କୌଣସି ଗୋଟିଏ କାମନା ପୂର୍ଣ୍ଣ ନ ହୋଇ ଯଦି ମଣିଷ ମରେ, ସେ ପ୍ରେତ ହୋଇ ବୁଲେ । ଯଦି ଯା' ଭିତରେ ମଟର ଦୁର୍ଘଟଣା ହୁଏ କି ସାପ ଫାପ ମାରେ, ତେବେ ନିଆଁ ଟିକିଏ ପାଇଁ ତ ତା'ଆତ୍ମା ଅତୃପ୍ତ ରହିଯିବ । ସେ ହୋଇଯିବ ପ୍ରେତ । ତା'ପରେ ପରେ ଗୁଡ଼ା'ଏ ଅଜବ ଚିନ୍ତା —ପ୍ରେତ ହେଲେ ସେ ନିଶ୍ଚୟ ଯିବ ଚନ୍ଦ୍ରାବତୀ ପାଖକୁ । ଚନ୍ଦ୍ରାବତୀ ପଢ଼ୁଥିବ କି ଯଦି ବାହା ହୋଇଥାଏ ତା' ସ୍ୱାମୀ ପାଇଁ ଗପ' କରୁଥିବ । ସେ ହଠାତ୍ ପଶିଯିବ ରନ୍ଧା ଘରକୁ । ଅଦୃଶ୍ୟ ହାତ ତା'ର ବଢ଼ାଇ ଦେବ ସିଗାରେଟ୍ଟିଏ । କି ଲୋମଶ ହାତଟିଏ ! ଚିହ୍ନି ପାରୁଛ ? ଶୂନ୍ୟବାଣୀ । ମତେ ଚିହ୍ନିପାରୁନ ? ମୁଁ ସେଇ··· । ଚନ୍ଦ୍ରା ହୁଏତ ଭୟରେ ଚିତ୍କାର କରି ଉଠିବ···ଧେତ୍, କ'ଣ ଗୁଡ଼ାଏ ବାଜେ ଚିନ୍ତା ।

ଆରେ ! ସିନ୍ଦ୍‌ବାଦ ଯେମିତି ଟେର୍ ପାଇଲା କେଉଁ ଜାହାଜ ମାସ୍ତୁଲର କି ଟାପୁର । ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା ଚନ୍ଦ୍ରକାନ୍ତର । ପାଦ ପଡ଼ିଲା ଆହୁରି ଜୋର୍‌ରେ । ସିଗାରେଟ୍ଟି ଆପେ ଆପେ ଯେମିତି ଆସି ଲାଗିଗଲା ଓଠ ଫାଙ୍କରେ । ସାମ୍ନାରେ ରାସ୍ତା ବାଙ୍କିଛି ବାଁ ପଟକୁ । ଖଣ୍ଡେ ଦୂରରେ, ରାସ୍ତା-କଡ଼ ଆମ୍ବଗଛ ମୂଳେ ଦେଖାଯାଉଛି ନିଆଁ । ଚୁଲି ଜଳୁଛି । ପାଖରେ କୁଡ଼ିଆଟିଏ । ଯାହାହେଉ, ଏଥର ସିଗାରେଟ୍ ପିଆ ହେବ । ବାକି ରାସ୍ତାଟି ବେଶ୍ ଆରାମରେ କଟିଯିବ । ଜଣା ପଡ଼ିବନି । ଭଗବାନ୍‌ଙ୍କୁ ଶତ ଧନ୍ୟବାଦ୍ ଦେଲା ଚନ୍ଦ୍ରକାନ୍ତ । ଗାଈଗୋଳଟିଏ ଫେରୁଥିଲା ଘରମୁହାଁ । ତାଙ୍କ ଭିତରେ ପଶି ଚନ୍ଦ୍ରକାନ୍ତ ଆସିଲା ରାସ୍ତାର ଆରକଡ଼କୁ । ରାସ୍ତା ଉପରୁ ଗଡ଼ିଚି କି ନାହିଁ, ନଜର ତା'ର ପଡ଼ିଗଲା କୁଡ଼ିଆ ପାଖରେ ବସିଥିବା ବୁଢ଼ାଟି ଉପରେ । ମୁହଁ ଫୁଲି ଚମ୍ପାଳିଆ ହୋଇଯାଇଛି । ପାପୁଲି ହାତରୁ ଅଧେ ଅଧେ ଉଡ଼ିଯାଇଛି । ପଟି ଭିଡ଼ା ହୋଇଛି । ଗାଡ଼ିଚି ସେ ସାଲବେଗ ଜଣାଣରୁ ପଦିଏ । ଚୁଲି

ଝିଅଟିଏ, ଷୋଳ ସତର ବର୍ଷର । ଗନ୍ଧବାରେ ବ୍ୟସ୍ତ, ଚମକି ଉଠିଲା ଚନ୍ଦ୍ରକାନ୍ତ
—ଆରେ, ଏଠି ନିଆଁ ଧରାଇବ ସିଗାରେଟ୍‌ରେ ! ଇସ୍ ! ଘୃଣାରେ ନାକ
ତା'ର ଟେକି ହୋଇଗଲା । ସେ ସ୍ପର୍ଶଜନିତ ରୋଗବୋଲି ଜାଣିଥିଲେ ବି
ନାକରେ ରୁମାଲ ଦେଇ, ନିଃଶ୍ୱାସ ବନ୍ଦକରି ଯେତେ ଶୀଘ୍ର ପାରେ ସେଠାରୁ
ଗୁଣ୍ଟି ପିଣ୍ଟି ହୋଇ ପଳାଇଗଲା ।

ବାଫଳତା ବଢ଼ିଲା ଯେତିକି, ମନରେ ଜିଦ୍ ବି ବଢ଼ିଲା ସେତିକି
ସେତିକି । ନିଶ୍ଚୟ ତାକୁ ସିଗାରେଟ ଲଗାଇବାକୁ ହେବ । ନ ହେଲେ ଆଜି
ପୂଷରେ ପହଞ୍ଚି ହେବନି କି କାଲି କଲେଜ ଆଟେଣ୍ଡ୍ କରି ହେବନି ।
ଚନ୍ଦ୍ରକାନ୍ତ ଆଗେଇଲା । ସାମନାରେ ଦାଣ୍ଡିଏ । ଗାଁ ଆରମ୍ଭରେ ଏକୋଣା
ଘରଟିଏ । ତରୁଣୀଟିଏ ସନ୍ଧ୍ୟାବତୀ ଜାଳି ବୃନ୍ଦାବତୀଙ୍କଠାରେ ପ୍ରଣତି ଜାଣୁଚି ।
ଚନ୍ଦ୍ରକାନ୍ତର ମନେହେଲା, ଇଏ ଏକ ଅପୂର୍ବ ସୁଯୋଗ । ଯୁବା'ର ସନ୍ଦର୍ଶନଯୋଗ
ସୁନ୍ଦର ଭାବରେ କରିଯାଇ ପାରେ । ଡେରି ନ କରି ପାଦ ଚିପି ଚିପି ଚାଲେ ।
ତରୁଣୀଟି ସେଇଭଳି ଅବସ୍ଥାରେ ଥାଏ । ଚନ୍ଦ୍ରକାନ୍ତ ନଇଁପଡ଼ି ସଞ୍ଜ ବଳିତାରେ
ସିଗାରେଟ୍ ଧରାଇବାକୁ ଗଲାବେଳକୁ ହଠାତ୍ ସେ ଉଠି ପଡ଼ିଲା । ଚନ୍ଦ୍ରକାନ୍ତ
ମୋଟେ ପ୍ରସ୍ତୁତ ନ ଥିଲା । ଏ ଅବସ୍ଥାରେ ଚମକି ସେ ଦୁଇପାଦ ପଛକୁ
ଘୁଞ୍ଚିଆସିଲା । ତରୁଣୀଟି ମୁଣ୍ଡରେ ଓଢ଼ଣା ଟାଣି ଲଜକୀ ସ୍ୱରରେ କହିଲା—
କାହାକୁ ଖୋଜୁଚନ୍ତି । ଭାଇଙ୍କୁ, ଏଇ ଡାକି ଦଉଚି...

ଚନ୍ଦ୍ରକାନ୍ତର ଆଉ କହିବାର କିଛି ନଥିଲା । ତରୁଣୀଟି ଘର ଭିତରେ
ଅନ୍ଧାରରେ ଲୁଚିଗଲା ମାତ୍ରେ କାଳକ୍ଷେପ ନ କରି ଯେତେ ଶୀଘ୍ର ପାରେ
ସେଠାରୁ ଚାଲିଗଲା । ଭୟରେ ପଛକୁ ବି ଚାହିଁନି ।

ଗାଁ ଭିତରେ ଷ୍ଟେଟ ଡାଲି ଚାଉଳ ଦୋକାନଟିଏ । ଅନ୍ଧାର ଜମି
ଆସିଲାଣି । ଘର ଏରୁଣ୍ଡି ଆଉ ବୃନ୍ଦାବତୀଙ୍କ ମୂଳେ ଜଳି ଉଠିଲାଣି ସଞ୍ଜବତୀ ।
ଦୋକାନୀ ବୁଢ଼ାଟି ବି ଅଧା ଅନ୍ଧାରରେ ଲଣ୍ଠନଟି ସଫା କରିବାରେ ଲାଗି-
ଗଲାଣି । ଜାଳିବ । ହଠାତ୍ କେହି ଜଣେ ବାବୁ ଆସିବାର ଦେଖି ମୁହଁ ତା'ର
ଉଜ୍ଜଳ ହୋଇଗଲା । ଯାହା ହେଉ ସଞ୍ଜ ବଉନି ହୋଇଯିବ ।

ଚନ୍ଦ୍ରକାନ୍ତ ଓଠ ଫାଙ୍କରେ ସିଗାରେଟ୍‌ଟି ଧରି ବୁଢ଼ାଙ୍କୁ କହିଲା—ନିଆଁ ଟିକିଏ ଦବାକୁ । ବୁଢ଼ା ଦିଆସିଲିଟି ଲଗାଇ ଚନ୍ଦ୍ରକାନ୍ତର ମୁହଁ ପାଖକୁ ଟେକିଦେଲାବେଳକୁ, ସେ ଆଲୁଅରେ ବୁଢ଼ାଙ୍କର ମୁହଁ ଦେଖି ଚମକି ପଡ଼ିଲା ଚନ୍ଦ୍ରକାନ୍ତ । ଓଠ ଫାଙ୍କରୁ ତା'ର ଖସିଗଲା ସିଗାରେଟ୍‌ଟି । ଆଉ କିଛି ନ କହି, ବୁଲିପଡ଼ି ଧାଇଁବାକୁ ଲାଗିଲା ରାସ୍ତାରେ ଖୁବ୍ ଜୋର୍‌ରେ । ଆଖି ଆଗରେ ତା'ର ଭାସି ଉଠୁଥାଏ ଅବଧାନଙ୍କ ଗୁହାଳୀର ଦୃଶ୍ୟ । କାଲା ଅବଧାନଙ୍କର ସୂତାବନ୍ଧା ପ୍ରଚଷ୍ମ ତଳର ସେ ଡେଜୁଆ ଆଖି ଯୋଡ଼ିକ, ଆଉ ଦେଢ଼ ହାତିଆ ବେତ ଖଣ୍ଡିକ । ପନ୍ଦର ବର୍ଷ ତଳର ଗାଁ ଅବଧାନଙ୍କର ସେ ଶିକ୍ଷା ଆଜିବି ତା' ମନରୁ ଯାଇନି । ଅବଧାନଙ୍କର ସେତେବେଳର ସେ ନୈତିକ ପ୍ରଭାବ ଯୋଗୁଁ ଆଜି ସେ ସିଗାରେଟ୍ ପିଇ ପାରିନି । ମନେ ହେଉଚି ଯେମିତି କାଲା ଅବଧାନେ ବେତ ଧରି ଧାଇଁଚନ୍ତି ତା' ପଛେ ପଛେ ।

# ନୀରବ ସଙ୍ଗୀତ

ରଘୁ ପଡ଼ିଆରୀଙ୍କୁ ସେବାଦଳ ଲୋକେ ତଡ଼ିଦେଲେ । ଖାଲି ସେତିକି ନୁହେଁ, ଧମକ ବି ଦେଲେ, ବେଶି ଗୋଳମାଳ କଲେ ପୋଲିସ୍‌ରେ ଦେଇଦେବାକୁ । ପଡ଼ିଆରୀଏ ସଭାମଞ୍ଚ ଆଡ଼କୁ ଏକ କରୁଣ ଦୃଷ୍ଟି ପକାଇ ଧୀରେ ଧୀରେ ବୁଲିପଡ଼ିଲେ । ଗହଳି ଭାଙ୍ଗି ଜନତା ସୁଅର ପ୍ରତିକୂଳରେ ପାଦ ବଢ଼ାଇଲେ । ସେ କ'ଣ ଆଉ ଜାଣିଥିଲେ ଯେ, ସେ ନାଲି, ନେଳି ଫିତାବନ୍ଧା କାଗଜ ଫୁଲର ଦାମ୍ ଏତେ ବୋଲି ? ଚାନ୍ଦା ଦେଇ ଅଭ୍ୟର୍ଥନା ସମିତିର ସଭ୍ୟ ହୋଇଥିଲେ । ଯେଉଁମାନେ ତାଙ୍କୁ ସଭ୍ୟ କରାଇଥିଲେ, ସେମାନେ ଖୁବ୍ ବଡ଼ ବଡ଼ କଥା ତାଙ୍କୁ କହିଥିଲେ । ନିଜେ ବି ଗଦ୍‌ଗଦ ହୋଇ ନିଜ ଅମଳର କଥା ସେମାନଙ୍କୁ ସେ କହିଥିଲେ ।

ଉତ୍ତରରେ ଶୁଣିଲେ, କଂଗ୍ରେସ ତ ଆପଣଙ୍କର । ଆପଣମାନଙ୍କ ତ୍ୟାଗ ଉପରେ ହିଁ ପ୍ରତିଷ୍ଠିତ ହୋଇ ପାରିଛି ଆଜ ଏତେ ବଡ଼ ସଂସ୍ଥା । ପଡ଼ିଆଣିଏ ଯଦିଓ କଂଗ୍ରେସର କେତେବେଳେ ହେଲେ ସଭ୍ୟ ହୋଇନାହାନ୍ତି, ତଥାପି କଂଗ୍ରେସଟା ତାଙ୍କ ନିଜର ବୋଲି ମନେ କରୁଥିଲେ । ଆଜି ସେଇ ଆଗ୍ରହରେ, ସେଇ ଉତ୍ସାହରେ ସେ ଧାଇଁ ଆସିଥିଲେ ଭୁବନେଶ୍ୱର । କଂଗ୍ରେସ ଦେଖି । ତାଙ୍କର ଘରୋଇ କଥା । କିନ୍ତୁ…

ହଠାତ୍ ପଡ଼ିଆଣିଙ୍କ ଦେହ ଶୀତେଇ ଉଠିଲା । କାହିଁ ତବକ ମାଡ଼ିଆସିଲା ଦେହକୁ । ଇଞ୍ଜେକ୍ସନ୍‌ର କୋପ ଥରେ ଘରଠି ନେଇଥିଲେ ବି ଟିକଟଟା ଆଣିବାକୁ ଭୁଲି ଯାଇଥିଲେ । ରାଜଧାନୀ ଭିତରକୁ ପଶିଲା ବେଳକୁ ବସ୍ ଅଟକାଇ ସ୍ୱାସ୍ଥ୍ୟବିଭାଗ ଲୋକେ ଇଞ୍ଜେକ୍ସନ୍ ଫୋଡ଼ିବାରେ ଲାଗିଗଲେ । ବିଚରା ପଡ଼ିଆଣିଙ୍କ କାକୁତି, ମିନତି କେହି ଶୁଣିଲେନି । ମୋଟ! "ଜନତାଙ୍କୁହିଁ"ରେ ଫୋଡ଼ିଦେଲେ ପୂରା ଗୋଟିଏ ସି. ସି. । ପାଖ ଦେଇ ଶହ ଶହ ମଟରର ଗାଡ଼ି ଧୂଳି ଉଡ଼ାଇ ଛୁଟି ଚାଲିଥାଏ । ସେମାନଙ୍କୁ ଅଟକାଇ ଫୋଡ଼ିବାର ଦରକାର ହୁଏନି । କାରଣ ମଟରବାଲାଙ୍କୁ ହଇଜା ହୁଏନି । ଇଞ୍ଜେକ୍ସନ୍ ଖାଲି ଜନତା ପାଇଁ ।

ଇଞ୍ଜେକ୍ସନ୍‌ର ପ୍ରକୋପ ଆରମ୍ଭ ହୋଇଗଲା । ବାଁ ହାତ ଟେକି ହେଉନି । ପୁଣି ସେ ଗହଳରେ ହାତ ଥରକୁ ଥର କାହା ଦେହରେ ବାଜିଗଲାବେଳକୁ ପ୍ରାଣ ବାହାରି ଯାଉଛି । ପଡ଼ିଆଣିଏ ଓର ଉଣ୍ଡି ରାଜପଥର ଧାରରେ ଅପେକ୍ଷାକୃତ କମ୍ ଗହଳିଆ ଜାଗାଟିଏ ଦେଖି ଗାମୁଛାଟି ପାରି ବସିପଡ଼ିଲେ । ମୁଣ୍ଡରେ ଖାଲି ଆଖି ଦୁଇଟିକୁ ଛାଡ଼ି ଆରବୀୟ ଭଙ୍ଗୀରେ ଗୁଡ଼ଣିଟି ଗୁଡ଼ାଇ ପକାଇଲେ । ପାନ ଥଳି, ହାତରେ ମନ୍ଦି ପାଟିରେ ପକାଇ ଦେଲେ ।

ପଡ଼ିଆଣିଏ ସେତେବେଳକୁ ଠୋକା ଥା'ନ୍ତି । ଦେଉଳ ଆଉ ଯାତ୍ରୀଙ୍କ କଥା ବୁଝାଶୁଣା ବାଦ୍ ବି ହାତରେ ତେର୍ ସମସ୍ତ ଚାଲିପଡ଼େ । ଆଉ ସେତକ ସମସ୍ତ ପାଚକ, ପୋଖରୀପାଣି; କୁସ୍ତି ମେଂହନ୍ତରେ କଟିଯାଏ । ତା' ଛଡ଼ା ତ ପୁଣି ଅଛି ଚନ୍ଦନଯାତ, ସାଇଯାତ, ଆଉ କେତେ କ'ଣ

ମଉଜ । ଠଙ୍କାଟା ସେତେବେଳେ ଗୋଡ଼, ମାଟି । ସୁଉକଟାଏ ପକେଇଦେଲେ ଖାଇପାରୁନଥିଲେ । ଆଉ ଆଜି...

ହଁ, ସେଦିନ କଚେରୀ ଘରଟି ଯାତ୍ରୀମାନଙ୍କର କାମ ବଢ଼େଇ ଦେଇ ଜାଗାକୁ ଯାଇଥାନ୍ତି ରଘୁ ମାଲିକେ । ପାଖେକେ ଦୁଇ ତିନିଜଣ ପଖୌଜ ବାଢ଼େଇ ଓଡ଼ିଶୀ ଗୁଡ଼ି ଦେଉଥାନ୍ତି । ପଡ଼ିଆରେ ବସିପଡ଼ିଥାନ୍ତି ପଶାପାଲି ଉପରେ । କଳେ ପୁଅ ବାଉ ଶବ୍ଦରେ ଜାଗାର ସେ ଗମ୍ଭୀର ଖଣ୍ଡିକ ଭାଙ୍ଗିପଡୁଥାଏ । ପଖୌଜ ମାଡ଼, ଭଙ୍ଗବଟାର ସଁ ସଁ ଶବ୍ଦ, ପୁଣି ଜାଗା ଅଗଣାରେ ବନ୍ଧା ହୋଇଥିବା ଲଢ଼େଇ ମେଣ୍ଢାର ସଁହେଁ··ହେଁ ସଁହେଁ ହେଁ ଶବ୍ଦ ବାୟୁମଣ୍ଡଳକୁ ବେଶ୍ ଜମେଇ କରି ରଖିଥାଏ । ଏଇ ସମୟରେ ଜାଗା ଘର ଭିତରକୁ ପଞ୍ଚ ଖଦଡ଼ିଆ ପଶି ଆସିଲେ । ହଠାତ୍ ପଖୌଜ ମାଡ଼ ବନ୍ଦ, ଭାଙ୍ଗ ଶିଳ ଉପରେ ଶିଳପୁଆ ସ୍ଥାଣୁ, ପଶାକାଠି-ଗୁଡ଼ିକ ପଡ଼ିରହିଛନ୍ତି ବକ୍ଷିପ୍ତ ଭାବରେ । ଆଉ ନେଳି, ନାଲି, ବାଇଗଣି, ଦାନଗୁଡ଼ିକ ଯେ ଯେଉଁଠି ସେ ସେଇଠି । ସମସ୍ତେ ବୁଲି ଚାହିଁଲେ । ସଭିଁର ମୁହଁରେ ଆଶ୍ଚର୍ଯ୍ୟଭାବ । କଥା କାହାରିଠୁ ବାହାରୁନି । ଶେଷରେ ପଡ଼ିଆରେ ପାଟି ଖୋଲିଲେ —"ଆସିବା ହେଉ ଅବଧାନେ, ଆପଣମାନଙ୍କର ପାଦଧୂଳି ଏଭଳି ଜାଗାରେ କେମିତି ?"

"ସେସବୁ ମାନ୍, ଇଜ୍ଜତର କଥା । ତୁମମାନଙ୍କର ସାହାଯ୍ୟ, ସହଯୋଗ ବିନା ପୁରୀ ସହରର ମାନ ଭୁଇଁରେ ଲୋଟିଯିବ ।" ବ୍ରଜଗମ୍ଭୀର ସ୍ୱରରେ କହିଲେ—ଜଣେ ଶୁଭ୍ରଚୁଲ, ଜ୍ଞାନୋଦ୍ଦୀପ୍ତ ବ୍ୟକ୍ତି ।

"ହଜୁର, ଆମେ ଥାଉ ଥାଉ ସେକଥା ହୋଇପାରିବନି । ଆମକୁ କ'ଣ କରିବାକୁ ହେବ, କହିବା ହଉ ସରକାର ! କ'ଣ ଦରକାର ପଡୁଛିଏ ?"

ଜନାର୍ଦ୍ଦନ ପଞ୍ଚଯୋଶୀ ମୁଣ୍ଡ ଟୁଙ୍ଗାରିଲେ ।

ପଣ୍ଡିତ ମହାଶୟ ବୁଝାଇଲେ । କଂଗ୍ରେସ ଦଳିଆ ପଣ୍ଡା ବାଳରେ ହବ କି କାଠଯୋଡ଼ି ବାଲିରେ ହବ, ସେଥିପାଇଁ ଟଣା ଓଟରା ଲାଗିଛି । ସେମାନେ କହୁଚନ୍ତି, ପୁରୀଆଗୁଡ଼ାକ ଭାଙ୍ଗୁଆ, ମୂର୍ଖ, ସେଠି ହେଲେ

ପାରିବନି । କଟକ ହିଁ ଉପଯୁକ୍ତ । ପଣ୍ଡିତ ମହାଶୟ ଖୁବ୍ ଲଢ଼ିଲେ । ଶେଷରେ ଠିକ୍ ହେଲା, ଅମୁକ ସମୟ ଭିତରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ଯଦି ଏତେଜଣଙ୍କୁ ଅଭ୍ୟର୍ଥନା ସମିତିର ସଭ୍ୟ କରିପାରିବ, ତେବେ ଯାଇ କଂଗ୍ରେସ ପୁରୀରେ ହେବ ।

ପୁରୀର ପଣ୍ଡା ଅତିଥିସତ୍କାର ପାଇଁ ଜଗତ ବିଖ୍ୟାତ । ଆଉ କେତେ ହଜାର ମାତ୍ର କଂଗ୍ରେସ ସଭ୍ୟଙ୍କର ରହିବା, ଖାଇବାର ବନ୍ଦୋବସ୍ତ ସେମାନେ କରିପାରିବେନି ? ସମସ୍ତଙ୍କୁ ଦେଖାଇଦେବାକୁ ହେବ ଯେ, ପୁରୀର ପଣ୍ଡା ଖାଲି ଭାଙ୍ଗୁଆ, ଗୁଣ୍ଡା ନୁହେଁ, ସେ ଜଗତରେ ସବୁଠାରୁ ବଡ଼ ଅତିଥିସତ୍କାରକ ମଧ୍ୟ ।

ପଢ଼ିଆରୀଏ ଝାଡ଼ିଝୁଡ଼ି ହୋଇ ଉଠିପଡ଼ିଲେ । ତାଙ୍କ ସଙ୍ଗେ ଉଠିପଡ଼ିଲେ ଦନୁ ପାଢ଼ୁସିଏ, ଜଗା ସୁଆରେ, ରାମ ଖୁଣ୍ଟିଏ ଆଉ ଦାଁମାହାପ୍ରେ । ପଶାପାଲି ପଡ଼ିରହିଲା, ପଟୌଜ ଗଡ଼ିଲା, ଆଉ ତା' ସଙ୍ଗେ ସଙ୍ଗେ ଭାଙ୍ଗଶିଳ ବି ।

ପଢ଼ିଆରୀଏ ଲାଗିପଡ଼ିଲେ, କି ଦିନ କି ରାତି ଖାଲି ସଭ୍ୟ ସଂଗ୍ରହରେ । ପଣ୍ଡିତ ମହାଶୟ ଲାଗିଚନ୍ତି ପଛରେ—ପଢ଼ିଆରୀଏ, କଉ ଟୋକାଲୋକ ହୋଇ ଏମିତି ହାଟିଯାଉଚ କିଆଁ ?

ପଢ଼ିଆରୀଙ୍କ ସିନ୍ଧୁକରୁ ହଜାର ହଜାର ଟଙ୍କା ପାଣିପରିକା ବୋହି ଯାଉଚି । କାହିଁକିନା, କାହାଠୁ ପାଞ୍ଚ, କାହାଠୁ ଦଶ ଆଣି ବାକିତକ ନିଜ ହାତରୁ ଦେଇ ଅଭ୍ୟର୍ଥନା ସମିତିର ସଭ୍ୟ କରାଇବାକୁ ହେବ । ପୁରୀର ମାନ ତଳକୁ ପଡ଼ିବା ମାନେ ପତିତପାବନ ବାନାର ନିନ୍ଦା । ସେ କଥା ପଢ଼ିଆରୀଏ ବଞ୍ଚ ଥାଉ ଥାଉ କରିବାକୁ ଦେବେନି ।

ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଦିଷ୍ଟ ସଂଖ୍ୟାରୁ ବହୁ ଅଧିକ ସଭ୍ୟତାଲିକା ଆଉ ଟଙ୍କା ଧରି ରାତି ଅଧରେ ପଣ୍ଡିତ ମହାଶୟଙ୍କ ସଙ୍ଗେ ପଢ଼ିଆରୀଏ ମଟର ଗାଡ଼ି କରି ଗଲେ କଟକ । ଶେଷରେ ସେଇମାନଙ୍କରହିଁ ଜୟ ହେଲା । ବଳିଆ ପଣ୍ଡାରେ କଂଗ୍ରେସ ହେବ । ପଢ଼ିଆରୀଙ୍କ ଆନନ୍ଦ କହିଲେ ନ ସରେ । ଯାହାହେଉ, ଜଗନ୍ନାଥ ବାନା ନିନ୍ଦାରୁ ରକ୍ଷା ପାଇଗଲା ।

ଆଲୋଚନା ଜୋର୍‌ସୋର୍‌ରେ ଚାଲିଲା । ପୁରୀରେ କଂଗ୍ରେସ ହେବ । ଲୋକେ ବି ବେଶ୍ ଉତ୍ସାହରେ ଲାଗିପଡ଼ିଲେ ସେତେବେଳେ—ପଢ଼ିଆରୀଙ୍କୁ ଆଉ କଚେରୀ ଘର କି ଦେଉଳକୁ ଯିବାକୁ ଫୁରସତ୍ ନାହିଁ ।

କିନ୍ତୁ ନିୟତିର ନିୟମ ଭିନ୍ନ । ଏତେ ଆଶା, ଏତେ ଉତ୍ସାହ, ଏତେ ଉଦ୍ୟମ ସବୁ ଫସରଫାଟିଗଲା । ଇଂରେଜ ସରକାର କଂଗ୍ରେସକୁ ବେଆଇନ୍ ଘୋଷଣା କଲେ । ପୁରୀରେ ଆଉ କଂଗ୍ରେସ ହୋଇ ପାରିବନି । କିନ୍ତୁ ସେତେବେଳକୁ ପଢ଼ିଆରୀଙ୍କର ସାରା ରକ୍ତରେ ଚରିଗଲାଣି କଂଗ୍ରେସର ନିଶା । କଂଗ୍ରେସ ଆଉ ଛାଡ଼ି ପାରିଲେନି ସେ । କଚେରୀଘରେ ତାଙ୍କର ଧୂଳିଆ ଗୁମାସ୍ତାଙ୍କ ଭିଡ଼ ପରିବର୍ତ୍ତେ ହେଲା ଖଦଡ଼ିଆଙ୍କର ଭିଡ଼ । ଶେଷରେ ଦିନେ ହଠାତ୍ ସିପେଇ ଗାଡ଼ି ଆସି ତାଙ୍କୁ ବାନ୍ଧି ନେଇଗଲା ।

"ଫଟ୍...ଫଟ୍...ଫଟ୍...ଫଟ୍..." ଚମକି ଉଠି ଫେରି ଆସିଲେ ପଢ଼ିଆରୀଏ ଚେତନା ଜଗତକୁ । ଆକାଶରେ ଯେମିତି ପଲେ ଗେଣ୍ଡାଳିଆ ଉଡ଼ି ଆସୁଛନ୍ତି । କରତାଳି ଭାସି ଆସୁଛି ଦୂରରୁ କ୍ରମେ ନିକଟକୁ । ତା'ପରେ ଚିତ୍କାର ଜୟ...ଜୟ...ଜୟ... । ପଢ଼ିଆରୀଙ୍କ ରକ୍ତ ଚଞ୍ଚଳ ହୋଇଉଠିଲା । କ୍ଷଣକ ପାଇଁ ତାଙ୍କର ସେ ଜ୍ୱର କାହିଁ ଛାଡ଼ି ଚାଲିଗଲା । ଗୋଡ଼ଟେକି ସେ ମୁଣ୍ଡମାଳ ଉପରକୁ ଚାହିଁବାକୁ ଲାଗିଲେ । କଂଗ୍ରେସ ସଭାପତିଙ୍କୁ ରାଜପଥ ଉପରେ ଶୋଭାଯାତ୍ରାରେ ନିଆଯାଉଛି । ଆଉ ତାଙ୍କ ପଛରେ ବହୁ ବଡ଼ ବଡ଼ ନେତା । ପଢ଼ିଆରୀଙ୍କର ଅତି ପରିଚିତ ମୁହଁଗୁଡ଼ିଏ ।

ଜେଲଖାନାର ମେଘନାଦ ପାଚେରୀ ଆଢ଼ୁଆଳରେ ଏଇମାନଙ୍କ ସଙ୍ଗେ ଦିନ ପରେ ଦିନ କଟିଯାଇଛି । କେତେ ଥଟ୍ଟା, କେତେ ପରିହାସ ମଧ୍ୟରେ ସମୟ କଟିଯାଇଛି । ପଢ଼ିଆରୀଙ୍କ ଆଖି ଆଗରେ ସେଇ ଦିନଗୁଡ଼ିକ ଅତି ସ୍ପଷ୍ଟଭାବରେ ଭାସିଉଠିଲା । ଦିନେ କେମିତି ସକାଳୁ ଉଠି ସେ ଆବିଷ୍କାର କରନ୍ତି ଯେ, ତାଙ୍କର ସେ ପ୍ରିୟ ଚୁଟିଟି ଆଉ ମୁଣ୍ଡରେ ନାହିଁ । ସେଦିନ ଖୁବ୍ ରାଗ, ରୁଷା । ଶେଷରେ ସେ ଦିନଟା ସେ ନଖାଇ ଉପାସ ରହିଲେ । ଅନ୍ୟମାନେ ସବୁ ହସୁଥାନ୍ତି । ଶେଷରେ କଥାଟା ଗାନ୍ଧିଜୀଙ୍କ କାନକୁ ଗଲା । ଗାନ୍ଧିବୁଢ଼ା ଖୁବ୍ ଖପ୍‌ପା ହେଲେ—"ଏସବୁ ପିଲାଳିଆ ବୁଦ୍ଧି ଆଜଯାଏଁ ଛୁଟିନାହିଁ ଗଲାନି ! ଦେଶ

ମୁକୁଳିଲେ ତାକୁ ଶାସନ ପୁଣି କରିବ କେମିତି ?” ଆଉ ଏମିତି କେତେ କେତେ ଘଟଣା ଘଟି ଯାଇଛି । ସେତେବେଳେ ଦୁଃଖ ଲାଗିଥିଲେହେଁ ଏବେ ମନେପଡ଼ିଲା ବେଳକୁ ବେଶ୍ ହସ ଲାଗେ ।

ପଡ଼ିଆଣୀଏ ନଜର ଦୁଇ ପାପୁଲିକୁ ଆଣି ଆଖି ଆଗରେ ରଖିଲେ । ଏଇ ପାପୁଲିରେ ବାପୁଜୀଙ୍କୁ ସେ କେତେ ମର୍ଦ୍ଦନ କରି ନାହାନ୍ତି ! ବୟସରେ ତାଙ୍କଠୁ ବେଶ୍ ସାନ ହୋଇଥିଲେ ହେଁ, ବାପୁ ତାଙ୍କୁ ‘ପଣ୍ଡାଜୀ’ କହି ସମ୍ମାନ କରନ୍ତି । ପହିଲୁ ପହିଲୁ ତ ବାପୁଜୀ ପଡ଼ିଆଣୀଙ୍କ ହାତରୁ ମର୍ଦ୍ଦନ ଖାଇବାକୁ ମୋଟେ ରାଜି ହେଲେନି । ପରେ ବହୁତ ବୁଝାଇବା ପରେ ଶେଷରେ ରାଜି ହେଲେ । ତାଙ୍କ ମର୍ଦ୍ଦନକୁ ବି ବାପୁ ବେଶ୍ ପ୍ରଶଂସା କରନ୍ତି । ଏ ସବୁର କଦର, କାଇଦା ପଡ଼ିଆଣୀଏ ପିଲାଦିନୁ ଜାଗା ଘରେ ଶିଖିଥିଲେ ।

ଫତେଇ ପକେଟ ଅଣ୍ଟାଳି ପଡ଼ିଆଣୀଏ ପାନ ଖିଲେ କାଢ଼ି ପାଟିରେ ପକାଇଲେ । କଂଗ୍ରେସ ଗଲାଦିନଠୁ ଭାଙ୍ଗ ଛାଡ଼ିଲେ, ଆଉ କେତେ କ’ଣ ବଦ ଅମଳ ଛାଡ଼ିଲେ । ହେଲେ ପାନ ଖଣ୍ଡିକ ଛାଡ଼ି ପାରିଲେନି । ପିଲାଦିନୁ ବା’ ଶରଧାରେ ପାନ ଶିଠାରୁ ଟିକିଏ ପାଟିରୁ କାଢ଼ି ତାଙ୍କୁ ଖୁଆଉଥିଲେ । କ୍ରମେ ସେଇଥିରୁ ପାନ ଅମଳ ।

ବଡ଼ପୁଅ କଲେଜରେ ପଢ଼ୁଛି । ତାକୁ ଦେଉଳ ଆଉ ଯାଣୀଙ୍କଠାରୁ ଜାଣି ଜାଣି ଦୂରେଇ ରଖିଲେ ପଡ଼ିଆଣୀଏ । ବୋର୍ଡିଂରେ ରଖିଲେ ! ଥରେ ଛୁଟିରେ ଖବରକାଗଜ ଖଣ୍ଡିଏ ଧରି ପୁଅ ଆସି କହିଲା—“ବା, ସରକାର ସ୍ୱାଧୀନତା ସଂଗ୍ରାମ ସୈନିକଙ୍କର ଜୀବନୀ ଛାପୁଛନ୍ତି । ତୁମେ ଦଉନ ।”

ପଡ଼ିଆଣୀଏ ଠୋ ଠୋ ହୋଇ ହସିଉଠିଲେ । “ଆରେ ଜଈ, ତମେ ସବୁ ଠୋକା ଟାକେଲିଆ ଲୋକ । ଜୀବନୀ ଛାପିବା, ଖବର କାଗଜରେ ନାଁ ବାହାର କରିବା ତମକୁ ସବୁ ପୋଷାଏ । ଆମେତ, ଆଉ ଏଥିପାଇଁ ଲଢ଼ି ନ ଥିଲୁ । ପଣ୍ଡିତ ମହାଶୟ ଡାକିଲେ, ମହାତ୍ମାଗାନ୍ଧି ଡାକିଲେ । ଆମେ ଡେଇଁଲୁ । ସ୍ୱରାଜ ଆଣିବୁ । ଏଇଥିଲା ଆମର ବ୍ରତ । ଗାନ୍ଧିବୁଢ଼ା କହୁଥିଲେ, ରାମରାଜ୍ୟ ଗଢ଼ିବାକୁ ହେବ । ସେତକ ଆମେ ବୁଝୁ । ଆଜିକାଲିର ଏତେ ସବୁ ବାଦ୍ଧ କ କମେଶ୍ୱର ଯୋଜନାରୁ ଆମକୁ କିଛି ବୁଝା ପଡ଼େନି । ଲୋକେ

ଖାଇବାକୁ ଗଣ୍ଡେ ଦାନା ପା'ନ୍ତୁ, ପିନ୍ଧିବାକୁ ଖଣ୍ଡେ କନା ପା'ନ୍ତୁ । ତେବେ ଯାଇ ଆମେ ଜାଣିବୁ, ହାଁ, ଆମେ ଲଢ଼ିଲୁ ଦେଶ ପାଇଁ । ଆଉ ଏ ଜୀବନ୍ମ ଛୁପାରୁ କ'ଣ ମିଳିବ ?”

ହଠାତ୍ ଗୋଟାଏ ଧକ୍କାରେ ପଡ଼ିଆରୀଙ୍କର ଧ୍ୟାନ ଭାଙ୍ଗିଗଲା । ପଡ଼ୁ ପଡ଼ୁ ରହିଗଲେ । ଶୋଭାଯାତ୍ରା ଚାଲିଗଲାଣି । ରାସ୍ତାରୁ ସିପେଇ ପହରା ହୁଗୁଳା ଗଲାଣି । ଲୋକଙ୍କ ଭିତରେ ଦଳା-ଚକଟା, କିଏ ଆଗେଇବ ଗୋପବନ୍ଧୁ ନଗରୀ ଭିତରକୁ । ପଡ଼ିଆରୀଙ୍କୁ କିନ୍ତୁ ଜନସ୍ରୋତର ବିପରୀତରେ ଯିବାକୁ ପଡ଼ିଲା । ସେ ଆଡ଼କୁ ଯିବାର ଅଧିକାର ନାହିଁ ତାଙ୍କର । ଛାତିରେ ଲଗାଇବା ଫୁଲଟି ଆଣିବାକୁ ସେ ଭୁଲି ଯାଇଚନ୍ତି । ପଡ଼ିଆରୀଏ ଚାଲିଲେ ଗୋଟିଏ ଗୋଟିଏ ବସ୍ ଷ୍ଟାଣ୍ଡ ଆଡ଼କୁ ।

## ରନ୍ଧାମାଝିର ସ୍ୱପ୍ନ

ସମଙ୍ଗରା ଘାଟ ଦାଢ଼ରେ, ଜଗନ୍ନାଥ ସଡ଼କ ଉପରେ ବସି ପଡ଼ିଲା ରନ୍ଧାମାଝି । ଆଉ ଆଗକୁ ଯାଇ ପାରିଲାନି । ବହୁତ ବାଟ ଚାଲି ଚାଲି ଆସିଚି ସେ । ଗତ ପନ୍ଦର ଦିନ ହେଲା ଖାଲି ଚାଲିଚି । ଗୋଟିଏ ଆଶା ନେଇ, ଗୋଟିଏ ସ୍ୱପ୍ନ ଦେଖି ଦେଖି ସେ ଚାଲିଚି । ଆଉ ସେଇ ଆଶା, ସେଇ ସ୍ୱପ୍ନଦେଖି ସେ ଅସ୍ଥି କଙ୍କାଳସାର ଦେହରେ ମାଂସ କଅଁ ନେଇ ପାରିଛି । ବଳ ଝରେଇ ଦେଇଚି । ଯେଉଁଥିପାଇଁ ସେ ଚାଲିଚି ।

“ଆଃ, କେତେ ସବୁଜ ଏ କ୍ଷେତ ! ରନ୍ଧାମାଝିର କଙ୍କାଳ ଥରାଇ ଏକ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା; କିନ୍ତୁ ଏକ ତୃପ୍ତିର ନିଃଶ୍ୱାସ ଏତେ ସୁନ୍ଦର ! ସବୁଜ କ୍ଷେତ ସେ କେବେହେଲେ ଜୀବନରେ ଦେଖି ନ ଥିଲା । ଆଜି ପ୍ରଥମ କରି ଦେଖୁଚି । କିଏ ଜଣେ କହିଲା; ଏଇ କୁଆଡ଼େ ଲକ୍ଷ୍ମୀ ଠାକୁରାଣୀଙ୍କ ଧାନ

କ୍ଷେତ । ଏଠି ଆଠକାଳ, ବାରମାସୀ ଧାନ ଫଳେ । ଆଉ ସେ ଯାଉଚ ସେଇ ଲକ୍ଷ୍ମୀ ଠାକୁରାଣୀଙ୍କ ରାଜ୍ୟକୁ, ଯେଉଁଠି ଖାଇବାକୁ ମିଳେ ପେଟଭରା । କେହି କେବେ ଯୋଉଠି ଓପାସ ରହିନ ।

ଲକ୍ଷ୍ମୀ ଠାକୁରାଣୀ ଗୋଟିଏ ନାଲି ପାଟ ପିନ୍ଧି ଚାଲି ଯାଉଚନ୍ତି ସେଇ ରାସ୍ତାର ଭିତରେ, ହିଡ଼ରେ ହିଡ଼ରେ । ତାଙ୍କ ପାଟର ଅଞ୍ଚଳ ବାଜିଲା ରହିମା-ମାଝିର ମୁହଁରେ । ଚମକି ଉଠିଲା ସେ । ସେ ଭାବିଲା, ସେ କାନିକୁ ଧରି ଲମ୍ବହୋଇ ତାଙ୍କ ଗୋଡ଼ତଳେ ପଡ଼ିଯା'ନ୍ତା, ଆଉ ମାଗନ୍ତା ପେଟପୂରା ଗଣ୍ଡିଏ ଖାଇବାକୁ । ବହୁତ ଦିନ ହେଲା ଖାଇନି; କିନ୍ତୁ ଲକ୍ଷ୍ମୀ ଠାକୁରାଣୀ ଖୁବ୍ ଜୋର୍‌ରେ ଧାଇଁ ଯାଉଥିଲେ ତାଙ୍କର ସେହି ନାଲିପାଟ ପିନ୍ଧି ସବୁଜ କ୍ଷେତ ଭିତରେ । ପଛରେ ଛାଡ଼ିଦେଇ ଯାଇଚନ୍ତି କୃଷ୍ଣଭୋଗ ଚାଉଳର ଏକ ମହକ । ରହିମାମାଝି ନିଜର ସମସ୍ତ ଶକ୍ତି ସଂଗ୍ରହ କରି ଖୁବ୍ ଟାଣରେ ଏକ ଆଘ୍ରାଣ କଲା । ତା'ର ସେଇ କୋରଡ଼ାଗତ ଆଖିରେ ତୃପ୍ତିର ଛାପ୍ସା ।

ଲକ୍ଷ୍ମୀ ଠାକୁରାଣୀ ଲୁଚି ଯାଉଥିଲେ ସମଙ୍ଗରା ପାଟ ଭିତରେ । ରହିମାମାଝି ଚାହିଁଲା ତାଙ୍କ ଯିବା ପଥକୁ । ବଢ଼ିଦେଉଛି ମୁଣ୍ଡ ଟେକିଛି ନଡ଼ିଆ ମାଳ ଭିତରୁ । ଯୁଆଡ଼େ ଚାହିଁବ ଖାଲି ସବୁଜ, ସବୁଜ ଆଉ ସବୁଜ । ଏ ରାଜ୍ୟ କେଡ଼େ ସୁନ୍ଦର ।

ସେ ଯାଉଚ ଲକ୍ଷ୍ମୀ ଠାକୁରାଣୀ ଆଉ ଜଗନ୍ନାଥଙ୍କ ରାଜ୍ୟକୁ । ଆଜି ରଥଯାତ ।

ରଥଯାତ ! ଆଜି ରଥଯାତ ! ଓଃ— ଚିତ୍କାର କରି ଉଠିଲା ରହିମାମାଝି କିଛି ଗୋଟିଏ ପୀଡ଼ାରେ । ଆଖି ତା'ର ଧୂଆଁ ଳିଆ ହୋଇ ଆସିଲା । ସେଇ ଧୂଆଁଳିଆ ପାଉଁଶିଆ ଆଖିରେ ସେ ଦେଖି ପାରିଲା ଚାରୋଟି ବିରାଟ ଆଖି । ଯେଉଁଥିରେ ଭାଷା ନାହିଁ, ଅଛି କେବଳ କ୍ଷୁଧା । ସେଇ କ୍ଷୁଧିତ ଚାରୋଟି ଆଖି ତା' ଆଡ଼କୁ ମାଡ଼ି ଆସୁଥିଲେ ଖୁବ୍ ଜୋର୍‌ରେ ।

ଓଃ...ନାଃ...ରହିମାଝିର ଇଚ୍ଛା ହେଲା ସେଠାରୁ ଉଠି ଖୁବ୍ ଜୋର୍‌ରେ ଦୌଡ଼ିବ । ଦୌଡ଼ିବ ସେଇ ହିଡ଼ରେ । ଯେଉଁ ବାଟରେ କିଛିକ୍ଷଣ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀ ଧାଇଁ ଧାଇଁ ଅଦୃଶ୍ୟ ହୋଇ ଯାଇଥିଲେ । ସେ ଇଚ୍ଛା

କରୁଥିଲା, ସେ ଆଖି ଗୁଡ଼ିକଙ୍କ କବଳରୁ ରକ୍ଷା ପାଇଯିବାକୁ ଧାଇଁବ। ତାଙ୍କର କବଳରୁ ରକ୍ଷା ପାଇବା ପାଇଁ ସେ ଧାଇଁ ଆସିଥିଲା ଏତେ ଦୂର। ଶେଷରେ ଏଇଟି ଏମିତି ଧସି ପଡ଼ିଯିବ ବୋଲି ସେ କଳ୍ପନା ବି କରି ନ ଥିଲା।

ରହିମାଝି ଝସିଯାଇ ପଡ଼ିଲା। ତା'ର ସେ ଶକ୍ତି ଆଉ ନାହିଁ। ସାମନାରେ ତା'ଉ ସେ ଆଖି ଗୁଡ଼ିକ ବଡ଼ କଳା ଭଅଁର ଭଳି ଭଁ ଭଁ ବୁଲୁଛନ୍ତି। ଯେ କୌଣସି ମୁହୂର୍ତ୍ତରେ ହୁଏତ ସେମାନେ ତାକୁ ଦଂଶି ପକାଇବେ। ଆଖି ତା'ର ଭୟରେ ମୁଦ ହୋଇଗଲା।

ଠାଙ୍ଗରା ଭୂଇଁ। ବର୍ଷା ଅଭାବରୁ ପଥର ବି ଫାଟିଲାଣି ଠୋ ଠୋ ହୋଇ। ସବୁ ଜଳି ଯାଇଛି। ଖାଇବାକୁ ଗଣ୍ଡେ ମିଳିବା ଦୂରର କଥା, ପାଣି ଟୋପେ ବି ମିଳୁନି। ସହରକୁ ଯାଇ କାମ କରିବାକୁ ଶକ୍ତି ନାଇଁ। ଛତିଶି ବର୍ଷର ଭେଣ୍ଡିଆ, ଯାହାର ବଳ, ବପୁ ପାଇଁ ପରଗଣାଖଣ୍ଡ ଗାଁରେ ପ୍ରଶଂସା, ସେ ଆଜି ଅସ୍ଥିସାରଶୂନ୍ୟ କଙ୍କାଳ। ସେ ପୁଣି ଦିନେ ମହାବଳ ବାଘ ସଙ୍ଗେ ଲଢ଼ି ବାଘକୁ ମାରି ଶୁଆଇ ଦେଇଥିଲା। ସେଥିପାଇଁ ସେ ଜିଲ୍ଲା ହାକିମଙ୍କଠୁ ଦଶଟଙ୍କା ପୁରସ୍କାର ବି ପାଇଥିଲା। ଆଉ ଆଜି, ଆଜି ସେ କଙ୍କାଳସାର ହୋଇ ବସି ରହିଛି। ତା'ର ଯୁବତୀ ସ୍ତ୍ରୀ ଆଉ ତିନିବର୍ଷର ପୁଅ ପଡ଼ିରହିଛନ୍ତି ସେଇଠି, ସେଇ ଛୋଟ କୁଡ଼ିଆ ଭିତରେ। ଆଉ ଦୁଇଟି କଙ୍କାଳ। ସେ ଖାଇବାକୁ ଗଣ୍ଡେ ଦେଇ ପାରିନି ସେମାନଙ୍କୁ।

ପୁଅଟି ମା'ର ଶୁଖିଲା ସ୍ତନକୁ ଭୋକଉକଳରେ କାମୁଡ଼ି ଶେଷ ନିଃଶ୍ୱାସ ତ୍ୟାଗ କରିଛି। ମା' ପଡ଼ିଛି। କାନ୍ଦିବାର ବି ଶକ୍ତି ତା'ର ନାହିଁ। ଖାଲି ଶୂନ୍ୟକୁ ଚାହିଁଛି। ରହିମାଝି ଥରେ ସେଇ ମୃତ ଶିଶୁ ଆଉ ମୁମୂର୍ଷୁ ସ୍ତ୍ରୀକୁ ଚାହିଁଲା। ଆସ୍ତେ ଆସ୍ତେ ଘୁଞ୍ଚି ଆସିଲା ସ୍ତ୍ରୀ ପାଖକୁ। ତା'ର ସେଇ ଅସ୍ଥି-କଙ୍କାଳସାର ହାତ ଦୁଇଟି ଲମ୍ବି ଆସିଲା ସ୍ତ୍ରୀର ଗଳାକୁ; କିନ୍ତୁ ବଳ କାଇଁ ସେ ହାତ ଦୁଇଟି ଟାଣ ହେବାକୁ ତା' ଗଳାରେ; ଏଇ ହାତ ମହାବଳ ବାଘ ସଙ୍ଗେ ଲଢ଼ିଥିଲେ। ଏଇ ହାତ କେତେ ବଡ଼ ବଡ଼ ପଥର ଟେକି ଫିଙ୍ଗିଥିଲେ; ଅଥଚ ଏଇହାତ ଗୋଟିଏ ମୁମୂର୍ଷୁ ସ୍ତ୍ରୀର ଗଳାଟିପି ପାରୁନି।

ଘୁଞ୍ଚି ଆସିଲା ରତ୍ନାମାଝି । ପୁଅ ଦେହରେ ପିମ୍ପୁଡ଼ି ଧାର ଲାଗିଲେଣି । ସ୍ତ୍ରୀ ପୂର୍ବପରି ଚାହିଁଛି । କୌଣସି ପ୍ରକାର ଭାବର ପରିବର୍ତ୍ତନ ନାହିଁ ସେ ଆଖିରେ । ଖାଲି ଓଠ ଟିକିଏ ଥରିଲା । ହୁଏତ୍ କ'ଣ କହୁଥା'ନ୍ତା । କହି ପାରିଲାନି । ରତ୍ନାର ଆଖି ମୁଦି ହୋଇଗଲା । ଆଉ ଫେରି ନ ଚାହିଁ ସେ ବାହାରି ଆସିଲା ଚିରଦିନ ପାଇଁ ।

ବାହାରେ ଭୀଷଣ ଭିଡ଼ । କଙ୍କାଳମାନଙ୍କର ମଉଚ୍ଛବ । ରତ୍ନା ବି ଯୋଗ ଦେଲା ସେଇଥିରେ । କ'ଣ, ଭୋଟ ପାଖ ହୋଇଗଲାଣି କି ? ରତ୍ନାମାଝିର ଏକ ମଧୁର ସ୍ମୃତି ଏଇ ଅଳ୍ପକ୍ଷଣ ପୂର୍ବର ଘଟଣା ଗୁଡ଼ିକୁ ଢାଙ୍କି ଦେଲା । କେତେଦିନ ତଳେ ଏମିତି ଭୋଟ ବେଳ ଆସିଥିଲା । ଆଃ, କେଡ଼େ ମଜା ! ହାଣ୍ଡିଆ ଯେ ଯେତେ ଇଚ୍ଛା ପିଅ । ଟଙ୍କା ଯାହାର ଯେତେ ଇଚ୍ଛା ନିଅ । ଜିପ୍ ଗାଡ଼ିରେ ମନଇଚ୍ଛା ବୁଲ । ସେଇ ଜିପ୍ ଗାଡ଼ି ଆସିଛି । ବାବୁମାନେ ଆସିଚନ୍ତି । ହେ ଭଗବାନ, ତୁମେ କେଡ଼େ ଦୟାଳୁ ! ଠିକ୍ ବେଳାରେ ଭୋଟ ଆଣି ଦେଇଚ ।

ହାଣ୍ଡିଆ ମିଳିବ । ରତ୍ନାମାଝି ତା'ର ଶୁଖିଲା ଜିଭକୁ ବୁଲାଇ ଆଣିଲା । ଯେଉଁଠି ପାଣି ଟୋପାଏ ବି ମିଳୁନି, ସେଠି ହାଣ୍ଡିଆ ମିଳିବ ପେଟେ ପେଟେ । ଆଗେ ସେ ପେଟେ ପିଉ । ତା'ପରେ ତା' ସ୍ତ୍ରୀକୁ ଟେକି ଟେକି ଆଣି ପେଟେ ପିଆଇ ଦେବ । ତା'ପରେ ଯାତ । ସାତ ଦିନ ସାତ ରାତି ଧରି ସେମାନେ ଖାଲି ନାଚିବେ ।

ହାଣ୍ଡିଆର ସ୍ୱପ୍ନ ତା' ଦେହରେ ଅଦ୍ଭୁତ ଶକ୍ତି ଦେଇଥିଲା । ସେ ଗହଳି ଠେଲି ଠେଲି ଯେତେବେଳେ ଜିପ୍‌ଗାଡ଼ି ପାଖରେ ହାତପତେଇ ଦିଏ, ହାଣ୍ଡିଆ ବଦଳ ତା' ହାତରେ ବିସ୍କୁଟ୍ ମୁଠାଏ ! ଜଣେ କିଏ ଡାକବାଜି ଯନ୍ତ୍ରରେ କହୁଚି, "ପ୍ରଧାନମନ୍ତ୍ରୀ ମରୁଡ଼ି ଅବସ୍ଥା ସ୍ୱଚକ୍ଷୁରେ ଦେଖିବାକୁ ଆସି ଏଇ ବିସ୍କୁଟ ଦେଇ ଯାଇଚନ୍ତି ।"

ତେବେ ଇଏ ଭୋଟ୍ ନୁହେଁ ! ରତ୍ନାର ମନେହେଲା ଯେମିତି ଗୋଟିଏ ପାହାଡ଼ ମୁଣ୍ଡିଆ ଉପରୁ ସେ ଖସିପଡ଼ୁଚି ବହୁତ ତଳକୁ । ଥରେ ଚାହିଁଲା ତା' ଅଞ୍ଜୁଳାର ବିସ୍କୁଟକୁ, ଆଉ ଥରେ ଜିପ୍‌ଗାଡ଼ିଟାକୁ । ତା'ପରେ ଗୋଟିଏ ଦୀର୍ଘନିଃଶ୍ୱାସ ମାରି ଧୀରେ ଧୀରେ ସେ ଫେରିଚି । ଘରେ ପରେ ସେ ଚାହିଁଚି

ଏଇ ଲକ୍ଷ୍ମୀଠାକୁରାଣୀ ଜଗନ୍ନାଥ ଧାମକୁ । ଏଇ ଚିରସବୁଜ ଭୂଇଁକୁ, ଯେଉଁଠି ଖାଇବାକୁ ଅଭାବ ମୋଟେ ନାହିଁ ।

ଆଜି ରଥଯାତ୍ରା । କିନ୍ତୁ ଏ ରଥଯାତ୍ରାକୁ ସେ ତ ଏକା ଆସିବାର କଥା ନୁହେଁ, ତା'ର ସ୍ତ୍ରୀ ବହୁତ ଥର ଲଗେଇଚି ତା ସଙ୍ଗେ । ଆଉ ସେ ଏଇଥର ତା'କୁ ନିଶ୍ଚୟ ଆଣିବାକୁ ଶପଥ କରିଥିଲା; କିନ୍ତୁ ସେମାନଙ୍କୁ ଚିରଦିନ ଲାଗି ଛାଡ଼ି ସେ ସେ ଚାଲି ଆସିଚି ।

ହଠାତ୍ ମେଘ ଗର୍ଜି ଉଠିଲା । ତା'ପରେ ବର୍ଷା । ରତ୍ନାମାଝି ଚାହିଁଲା ଆକାଶକୁ, କଳାମେଘ ଡାକି ଉଠିଚି । ଆଉ ବର୍ଷାର ଅବିରତ ଧାରା । ପାଣି, ଆଃ···କି ସୁନ୍ଦର ଏ ପାଣି, କେଡ଼େ ଶୀତଳ ଏଠାର ପବନ । ରତ୍ନାର ଇଚ୍ଛା ହେଲା ନାଚିବାକୁ । ସେ ଚେଷ୍ଟାକଲା ଉଠିବାକୁ । କିନ୍ତୁ ଉଠୁ ଉଠୁ ଗୋଡ଼ ତା'ର ଖସିଗଲା । ସେ ଗଡ଼ି ପଡ଼ି ପଡ଼ିଲା ସମଙ୍ଗରା ପାଟରେ, ଲକ୍ଷ୍ମୀ ଠାକୁରାଣୀଙ୍କ କ୍ଷେତରେ ।

ମେଘ ଅବିରାମ ଧାରାରେ ବର୍ଷି ଚାଲିଚି । ସବୁଜ ଧାନଗଛଗୁଡ଼ିକ ଖେଳି ଚାଲିଚନ୍ତି ଆନନ୍ଦରେ ବର୍ଷା ସାଥିରେ । କୃଷ୍ଣଭୋଗ ଚାଉଳର ବାସ୍ନାରେ ମହକି ଉଠୁଚି କ୍ଷେତଟି । ରତ୍ନାମାଝି ଶୋଇ ଯାଇଚି ସେଇ କାଆଁଶ ଭିତରେ । ଆଉ ଲକ୍ଷ୍ମୀ ଠାକୁରାଣୀ କାନ୍ଦୁଚନ୍ତି । ସୁକୁ ସୁକୁ ହୋଇ ହିଡ଼ ମୁଣ୍ଡରେ ବସି, ଜଗନ୍ନାଥ ତାଙ୍କୁ ଛାଡ଼ି ଚାଲି ଯାଇଚନ୍ତି ଗୁଣ୍ଡିଚା ଘର ବୋଲି ।

# ସାତତାଳ ପାଣି ତଳେ

ମାର୍କଣ୍ଡ ପୋଖରୀ ଉଝୁଳା ହେଉଛି ।

ମାର୍କଣ୍ଡ ମିଶ୍ରେ ହୁଏତ ପ୍ରଥମେ ବିଶ୍ୱାସ କରି ନଥା'ନ୍ତେ; ମାତ୍ର ଯେଉଁ ଦିନଠାରୁ ମଣିଷ ଜହ୍ନ ଉପରେ ପାଦ ଦେବାକଥା ଖାଲି 'ସମାଜ'ରୁ ପଢ଼ିଲେ, ଛବିରେ ଦେଖିଲେ, ତା' ପରଠୁ କୌଣସି କଥା ଯେ ଏ ଦୁନିଆରେ ଅସମ୍ଭବ, ଏକଥା ସେ ଆଉ ଭାବି ପାରିଲେନି । ଖାଲି ସେତିକି ନୁହେଁ, ତାଙ୍କ ମନରେ ଗୋଟାଏ ଦୃଢ଼ ଧାରଣା ବି ହୋଇଗଲା । ଆଉ ଏଥିପାଇଁ ଦାୟୀ ହେଉଛି, ଜହ୍ନମାମୁଁ ର ଗୁଣ୍ଡିରେ ଲୋକେ ପାଦ ଦେଲାପରେ ବି ଏ ଧରଣୀ ଫାଟି ଗଲାନି କି ପୃଥିବୀ ପ୍ରଳୟ ହେଲାନି । ବରଂଚ ତାଙ୍କ ପୁଅ ବଳି ଆମେରିକାରେ କ'ଣ ଗୋଟାଏ ବଡ଼ ଚାକିରି ପାଇଲା ବୋଲି ଖବର ଆସିଲା ।

ମାର୍କଣ୍ଡ ମିଶ୍ରେ ବଙ୍କୁଲି ବାଡ଼ି ଖଣ୍ଡିକ ଧରି ପର୍ବ ମଞ୍ଚ ପିଣ୍ଡାରୁ ଧୀରେ ଧୀରେ ତାଙ୍କର ଗୋଦର ଗୋଡ଼ ଚଳକୁ ପକାଇ ଓହ୍ଲାଇ ଆସିଲେ ।

ମାର୍କଣ୍ଡ ପୋଖରୀ ଉଝୁଳା ହେଉଛି ।

ମିଶ୍ରଙ୍କ ମନରେ ଏକ ଅପୂର୍ବ ଉନ୍ମାଦନା । ପୋଖରୀଟା ଯାକର ନେଳି ପାଣିକୁ ଗୁରିଟା ଦମକଳ ଲାଗି ଶୁଖା ହେଉଛି । ମୁହୂର୍ତ୍ତକ ପାଇଁ ତାଙ୍କ ମନରେ ଅମାନିଆ ହୋଇ ଉଙ୍କି ମାରି ଉଠିଲା—ସତେ କ'ଣ ମଣିଷ ସେ ପାଣି ଶୁଖାଇ ପାରିବ ? ମାତ୍ର ପରକ୍ଷଣରେ ପୁନେଇଁ ଗୃହରେ ଶ୍ରେଷ୍ଠ କଳାଗୁଡ଼ିକୁ କୁଆଡ଼େ ଗିଳି ପକାଇଲା ।

ସେ ନେଳି ପାଣି ତଳେ କ'ଣ ଅଛି ? ସାତତାଳ ପାଣି, ତା' ତଳକୁ ଚଉଦ ତାଳ ପଙ୍କ—ତା' ଭିତରେ ରହିଚି ପୁଣି···

ମିଶ୍ରେ ମନକୁ ମନ ହସିଲେ । କେତେ ସଂକଳ୍ପ କରିଛନ୍ତି । ଏଇ ପାଣିରେ କେତେ ଗୁଡ଼ାଳ, ଗୁଆ, ପଇସା ସେ ପକାଇଛନ୍ତି ତା'ର ଭିତରେ ।

ଯାତ୍ରୀମାନଙ୍କ ପାଇଁ କେତେକେତେ ପୁଣ୍ୟ ସେ କଣାଇ ଦେଇଚନ୍ତି ସେଇ ମାର୍କଣ୍ଡ ପୋଖରୀ ଭିତରୁ । ଆଉ ବିନିମୟରେ ପାଇଚନ୍ତି ସେ ନିଜ ସଂସାର ଚଳାଇ ନେବାର ପାଥେୟ । ମାର୍କଣ୍ଡ ପୋଖରୀ ହିଁ ଥିଲା ଜୀବନର ଏକ ପ୍ରଧାନ ଆଉ ଅବିଚ୍ଛେଦ୍ୟ ଅଙ୍ଗ ।

ମାର୍କଣ୍ଡେଶ୍ୱର ମନ୍ଦିର ବେଡ଼ାର ପଥର ଚଟାଣରେ ଓହ୍ଲାଇ ଆସୁ ଆସୁ ହାତ ଯୋଡ଼ିଲେ ମିଶ୍ରେ ବାଅଙ୍କ ଉଦ୍ଦେଶ୍ୟରେ । ତାଙ୍କ ନନା, ବୋଉ, ପୁଅଟିଏ ପାଇଁ ମନାସିଥିଲେ ମହାଦେବଙ୍କଠାରେ । ଆଉ ସେଇଥି ପାଇଁ ତାଙ୍କ ନାଁ ଦେଇଥିଲେ ମାର୍କଣ୍ଡ ।

ତଳକୁ ଚାହିଁଲେ ମିଶ୍ରେ । ପାହାଚ ଲମ୍ବି ଯାଇଛି ବେଶ୍ ତଳକୁ । ଏତେ ବଡ଼ ପୋଖରୀଟା ଶୁଖି ପରିଣତ ହୋଇଯାଇଛି କଳା, ପଙ୍କ ଗାଡ଼ିଆରେ । ଯାହା ଯୁଗ ଯୁଗ ଧରି ଦେଖାଯାଇ ନ ଥିଲା । ସେ ଆଜ ଆଖି ଆଗରେ । ଦୁନିଆଁ ଯାକର ପାପ ଯେମିତି ପଙ୍କ ହୋଇ ରହିଯାଇଛି ସେଇଠି । ମାର୍କଣ୍ଡ ପୋଖରୀ ଭକ୍ତମାନଙ୍କର ପାପ ନେଇ ତାଙ୍କି ରଖିଚି, ଆଉ ସାଜିଛି ନୀଳକଣ୍ଠ । ଆଉ ଆଜ ମଣିଷମାନେ ସେ ପଙ୍କ ସଫାକରି ଜାଗା କରୁଚନ୍ତି ଆଉ ଅଧିକ ପଙ୍କ ପାଇଁ । ସେଇ ପଙ୍କ ମଝିରେ ଠିଆ ହୋଇଛି ଯଜ୍ଞକୁଣ୍ଡ ଆକୃତିର ପ୍ରକାଣ୍ଡ ଦୀପଦଣ୍ଡୀ, ଯେ ଆଜ ପର୍ଯ୍ୟନ୍ତ କେବଳ ପାଣିରେ ହିଁ ବୁଡ଼ିରହିଥିଲା ।

ମିଶ୍ରଙ୍କର ପିଲାଦିନ କଥା ମନେ ପଡ଼ିଲା । ଘଣ୍ଟା ଘଣ୍ଟା ଧରି ଏ ପାଣିକୁ ସେ ଦହି ମନ୍ଥିଲା ଭଳି କେତେ ମନ୍ଥିଛନ୍ତି । ପହଁରି ପହଁରି ଏ ମୁଣ୍ଡରୁ ସେ ମୁଣ୍ଡକୁ ଯିବା, ଦୀପଦଣ୍ଡିକୁ ଯିବା, ସେଠୁ ବୁଡ଼ି ପଙ୍କ ଆଣିବା, ଏତେବଡ଼ ପୋଖରୀରେ ଯେମିତି ରାଜା । ଆଜ ପାଣି ସବୁ କୁଆଡ଼େ ଯାଇ ଖାଲି ପଡ଼ି ରହିଛି—ପଙ୍କ, କଳା ପଙ୍କ ।

ପାଦ ତଳକୁ ବଢ଼ାଇଲେ ମିଶ୍ରେ । ଦି'ଟା ପାହାଚ ତଳକୁ ଯାଇଛନ୍ତି କି ନାହିଁ, ହାତରୁ ତାଙ୍କର ବଙ୍କୁଲ ବାଡ଼ିଟି ଖସିପଡ଼ିଲା । ଧରି ରଖି ପାରିଲେନି ମିଶ୍ରେ । ଗଡ଼ି ଗଡ଼ି ଯାଇ ଲାଖିଗଲା ପଙ୍କରେ । ଥକ୍କା ମାରି ବସି ପଡ଼ିଲେ ମିଶ୍ରେ । ବିକଳ ହୋଇ ଚାହିଁ ରହିଲେ ପଙ୍କରେ ଲାଖି ରହିଥିବା ବାଡ଼ିଟିକୁ ।

ଏଇ ମାର୍କଣ୍ଡ ପୋଖରୀ । ଜୀବନର ଆରମ୍ଭ ହୋଇଥିଲା ଦିନେ ଏଇଠାରୁ । ଆଉ ଶେଷ ବି ହେବ ଦିନେ ଏଇଠି । ହେଉ ହେଲା ଦିନଠୁ ନନା ତାଙ୍କୁ ଏଇଠିକି ସାଙ୍ଗରେ ଧରି ଆଣୁଥିଲେ । ନିତି ପାହାନ୍ତାରୁ ସେ ମଧ୍ୟ ଆସନ୍ତି ଗାଧୋଇ । ତା' ପରେ ପରେ ତାଙ୍କର ପାରମ୍ପରିକ ପେଶା—ଦିନରୁ ଅଧେ ଏଠି ଯାତ୍ରୀମାନଙ୍କର ସଂକଳ୍ପ । ବାକି ସମୟ ତକ ଯଜମାନଙ୍କର ପୂଜାପାଠ କରିବା । ତା' ମଝିରେ ଅଛି ମଉଜମଜଲିସ୍ । ଆଉପାଖରେ ଜୁଆଖିଆ ଜାଗା । ବର୍ଷରେ ଥରେ, କାଳିଦଳଣ ଦିନ ରାତିରେ ହୁଏ ଆଖେଡ଼ା ପିଲା ନାଚ । ଅଶୋକାଷ୍ଟମୀ ଦିନ ହୁଏ ମେଳା । ଖଇ, ଖଣ୍ଡିଖସାର ଦୋକାନ, ମାଙ୍କଡ଼ ମୁଖାର ଦୋକାନ । ମାର୍କଣ୍ଡ ପୋଖରୀ ବେଢ଼ା ଲୋକ ଗହଳିରେ ଥାନ ଧରେନି, ବେଶ୍ ଦି' ପଇସା ରୋଜଗାର ବି ହୁଏ । ମାର୍କଣ୍ଡ ମିଶ୍ର ଦୀର୍ଘନିଃଶ୍ୱାସ ମାରିଲେ ।

ପୋଖରୀର ଉତ୍ତର ପଶ୍ଚିମ କୋଣରେ ଦୃଷ୍ଟି ପଡ଼ିବାରୁ ମିଶ୍ରଙ୍କର ସ୍ମୃତି ଥରଉଠିଲା । ଦିନେ ତାଙ୍କ ନନାଙ୍କ ଆତ୍ମା ଉଦ୍ଦେଶ୍ୟରେ ତିଳତର୍ପଣ ପାଇଁକି ସେ ବି ଯାଇଥିଲେ ସେଇ କୋଣକୁ । ଆଉଥରେ···

ବଳିବୋଉ । ଆଃ···! ଆଖି ତାଙ୍କର ଜକେଇ ଉଠିଲା । ଗୋଟିଏ କୋହ ସ୍ମୃତି ଥରାଇ ବାହାରି ଆସିଲା । ସାକ୍ଷାତ୍ ଠାକୁରାଣୀ । ସେ ନ ଥିଲେ ହୁଏତ ବଳି ତାଙ୍କର ଏଇଠି କରିଆ ଖଣ୍ଡେ ପିନ୍ଧି, କମ୍ବା ପାର୍ଶୀଟିଏ ଧରି ଦିନଗତି ପଡ଼ି ରହିଥା'ନ୍ତା । ସେ କ'ଣ ଆଉ ଆମେରିକା ଯାଇ ଏତେବଡ଼ ହାକିମ ହୋଇ ପାରିଥା'ନ୍ତା ?

ତାଙ୍କ ଭଳି ବଳି ମଧ୍ୟ ତାଙ୍କର ଏକମାତ୍ର ସନ୍ତାନ । ଖୁବ୍ ଗେହ୍ଲା ମଧ୍ୟ ମିଶ୍ରଙ୍କର । ପିଲାଟିଦିନରୁ ପୁଅକୁ ସେମଧ୍ୟ କାନ୍ଧରେ ବସାଇ ଦେଇ ଆସନ୍ତି ମାର୍କଣ୍ଡ ପୋଖରୀକୁ । ମାତ୍ର ବଳି ବୋଉ ବାଧା ଦିଅନ୍ତି । ବଳିକୁ ସ୍ୱଇଚ୍ଛାରେ ମଣିଷ ହେବାକୁ ଦେବେନି ସେ । ବଳି ତାଙ୍କର ପାଠ ପଢ଼ିବ । ବଡ଼ ମଣିଷ ହେବ ।

ଦିନକର କଥା, ତାଙ୍କର ଜାଗା ସାଙ୍ଗମାନେ ଗୋଟାଏ ବଡ଼ ନାହା ଭଡ଼ା କରିଥା'ନ୍ତି, କାଳି ହରଚଣ୍ଡୀ ଯିବାକୁ । ବାସୁଦେଈପୁରରୁ ଭଲ ଆଖଡ଼ା ପିଲା

ବଗଦ ବିଆ ହୋଇଥାଏ । ଦି' ତାଡ଼ ଚଢ଼େଇନେବା, ତା' ସାଙ୍ଗକୁ ଖଜା, ଅମାଲୁ , ଜଗନ୍ନାଥବଲ୍ଲଭ, ଜୁଣିଖୁରୁମା ତିଆର ହୋଇଥାଏ । ମିଶ୍ରେ ବଳକୁ କହିଲେ– ବାବା, କାଲି ସକାଳୁ ହରଚଣ୍ଡୀ ଯିବା । ସିଆଡ଼ୁ ବଳବୋଉ ଆସି ପହଞ୍ଚିଗଲେ । ଅଣ୍ଟାରେ ଲୁଗା ଭିଡ଼ି ପାଟିକରି ଉଠିଲେ—ଦିନ ଦି'ଟା ପରେ ବଳଆର ପରୀକ୍ଷା । ତୁମେ ତାକୁ ନେବ ହରଚଣ୍ଡୀ ! ହେଇ ପାରିବନି ଏକଥା । ମୋ ବଳଆର ମୁଣ୍ଡ ବିଗାଡ଼ିବାକୁ ମୁଁ ଦେବିନି । ସେଇଠୁ ଆରମ୍ଭ ହେଲା ମହାଭାରତ । ମିଶ୍ରେ ଭାଙ୍ଗ ନିଶାରେ ଚୁପ୍ । ଆଉ କିଛି ଶୁଣିବେନି । ଝାଉଁ ଫାଳଆଟେ ଧରି ପିଟି ଦେଇଗଲେ ବଳ ବୋଉକୁ । ସେ ବିଚ୍ଛିସି ମାଡ଼ଖାଇ ବେହୋସ୍ ହୋଇଗଲେ । ମିଶ୍ରେ ଆଉ କିଛି ନ କହି ରାଗ ଆଉ ଭାଙ୍ଗ ନିଶାରେ ଚୁପ୍‌ଚାପ୍ ହୋଇ ଶୋଇ ପଡ଼ିଲେ । ପରଦିନ ସକାଳୁ ଯେତେବେଳେ ଉଠିଲେ, ବଳବୋଉକୁ ଦେଖି ପ୍ରାଣ ତାଙ୍କର କାନ୍ଦି ଉଠିଲା । ରାତିର ମାଡ଼ରେ ପିଠି ତାଙ୍କର ଫଟା ଫଟା ହୋଇ ଫାଟି ଯାଇଛି । ତଥାପି ମୁହଁରେ ତାଙ୍କର ସେଇ ପ୍ରଶାନ୍ତି । ସକାଳୁ ଉଠି ସବୁଦିନ ପରି କାମରେ ଲାଗି ଯାଇଚନ୍ତି । ମିଶ୍ରେ ଗାଧୋଇସାରି ଫେରିଲାବେଳକୁ ବଳ ବୋଉ କହିଲେ, ବଳିକୁ ମୁଁ ଛାଡ଼ିବିନି ।

ବାସ୍ ସେତିକି । ମିଶ୍ରେ ଆଉ ସମ୍ଭାଳି ପାରିଲେନି । କାନ୍ଦି ଉଠିଲେ । ମୁହଁ ବୁଲାଇ ପାକଲା ଗାମୁଛାରେ ଆଖିପୋଛି ବାହାରିଗଲେ । ବଡ଼ଦେଉଳକୁ ଯାଇ ସେ ଦିନକଯାକ ଚକାଡ଼ୋଳାଙ୍କ ପାଖରେ ହିଁ କଟାଇ ଦେଲେ । ତାଙ୍କର ହରଚଣ୍ଡୀ ଯିବା ନୋହିଲା । ଆଉ ସେଇ ଦିନଠୁ ବଳଆକୁ ସେ ଛାଡ଼ିଦେଲେ ବଳବୋଉ ମାର୍ଫତରେ । ଆଜି ତା'ରି ଫଳ ସେ ପାଉଚନ୍ତି, ଖାଲି ଯଦି ବଳବୋଉ ଥା'ନ୍ତେ ଆଜି···

ବଳ ପାଠ ପଢ଼ିଲା । ବିଦେଶ ଗଲା । ଶେଷରେ ଜାତିସଂଘ ପର୍ଯ୍ୟଟନ ବିଭାଗରେ ଡାଇରେକ୍‌ଟର ହୋଇ ନ୍ୟୁଅର୍କରେ ଚାକିରି ପାଇଲା ।

ପମ୍ପ ଗୁଡ଼ିକ ସଶଦ୍ଦେ ପାଣି ଟାଣି ଚାଲିଥା'ନ୍ତି । ଶହ ଶହ ମୂଲିଆ, ମୂଲିଆଣୀ ପଙ୍କ କାଢ଼ି ବାହାରେ ଅଜାଡ଼ିବାରେ ଲାଗିଥା'ନ୍ତି । ପଙ୍କ ସଫା ହେବା ପରେ ଯେଉଁ ପାଣି ଆସିବ, ସେ ହେବ ନିର୍ମଳ ।

ମିଶ୍ରେ ହସିଲେ । ଯନ୍ତ୍ର ସିନା ପୋଖରୀର ପାଣିକୁ ନିର୍ମଳ କରିଦେଲା । ହେଲେ ଲୋକଙ୍କ ମନର ପଙ୍କକୁ କିଏ ସଫା କରିବ ?

ମିଶ୍ରେ ଯେଉଁଦିନ ପୁଅଠୁ ଶଠି ପାଇଲେ ଯେ, ତା'ର ମନ ଜଣେ ବିଦେଶୀ ତରୁଣୀକୁ ବାହାହେବାକୁ, ଆଉ ସେଥିପାଇଁ ସେ ତାଙ୍କର ଅନୁମତି ଭିକ୍ଷା କରନ୍ତି, ମିଶ୍ରେ ମାତ୍ର ଦୁଇଟି ଶବ୍ଦରେ ତା'ର ଉତ୍ତର ଦେଇଥିଲେ—ସେ ମଣିଷ ତ ? ହେଲେ ସାଇଲୋକେ ସେ କଥାକୁ ଗ୍ରହଣ କରି ପାରିଲେନି । ମିଶ୍ରେ ଯଦି ସାଇବାଣୀଙ୍କୁ ବୋହୂ କଲେ, ସେ କୁଳରୁ ଗଲେ । ପୂଜା କରି ପାରିବେନି କି ପୁରୋହିତ ହୋଇ ପାରିବେନି । ପ୍ରଥମେ ପ୍ରଥମେ ସେ ବୁଝାଇବାକୁ ଚେଷ୍ଟାକଲେ—ବୋହୂ ତାଙ୍କର କିରସ୍ତାନି ହେଲେ ବି ତ ସେ ମଣିଷ ? ତା'ଛଡ଼ା ଯୀଶୁ ଯେ, ଜଗନ୍ନାଥ ସେ । ଜଗତର ନାଥ ହେଲେ ଜଗନ୍ନାଥ । ଜଗତ ବୋଇଲେ ତ ଖାଲି ହିନ୍ଦୁଙ୍କୁ ବୁଝାଏନି ?

ଲୋକେ ମିଶ୍ରଙ୍କର ମୁଣ୍ଡ ବିଗିଡ଼ି ଗଲାଣି ବୋଲି କହି ହସି ଉଡ଼ାଇ ଦେଲେ । ମିଶ୍ରେ ଚୁପ୍ ରହିଲେ । ମାତ୍ର ସେଇଦିନଠୁ ସେ ଆଉ ଶ୍ରୀମନ୍ଦିରକୁ କେବେହେଲେ ଯାଇ ନାହାନ୍ତି ।

ମିଶ୍ରଙ୍କର କିଛି ଅସୁବିଧା ହୋଇନି । ବରଂ ହୋଇଛି ବହୁତ ସୁବିଧା । ସେ ଶାସ୍ତ୍ର ଅଧ୍ୟୟନ କରିଛନ୍ତି । ବ୍ୟାଖ୍ୟା କରିଛନ୍ତି । ଆଉ ଯେତେବେଳେ ତାଙ୍କର ଗୁଣ ଚହ୍ଲା ପଡ଼ିଛି, ସେତେବେଳେ ପଣ୍ଡିତ ମହଲରେ ତାଙ୍କର ଆଦର ବଢ଼ିଛି ।

ସୂର୍ଯ୍ୟ ପଶ୍ଚିମ ଆକାଶରେ ଲୁଚି ଯାଉଥିଲେ । ମିଶ୍ରେ ଉଠିବାକୁ ଚେଷ୍ଟା କରୁଚନ୍ତି, ହଠାତ୍ ଏକ ପରିଚିତ ସ୍ୱରରେ ଚମକି ଉଠିଲେ—'ନନା'…

ପାଦତଳୁ ବାଲିକୁ ଉଠାଉ ଉଠାଉ ସେଦିନ ଦ୍ୱିତୀୟଥର ପାଇଁ ତାଙ୍କର ଆଖି ଜକେଇ ଉଠିଲା ।

# ମଣିମାଳାର ନିର୍ବାଚନ ଲଢ଼େଇ

ସହରର କୁଖ୍ୟାତ ଗଣିକା ମଣିମାଳା ଯେତେବେଳେ ଘୋଷଣା କଲା, ଯେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ, ଜନସାଧାରଣ ଆଶ୍ଚର୍ଯ୍ୟ ହୋଇଗଲେ । ସାରା ସହରରେ ଚାଞ୍ଚଲ୍ୟ ଖେଳିଗଲା । ଜନସାଧାରଣଙ୍କର ଆଲୋଚନାର ମୁଖ୍ୟ ବିଷୟବସ୍ତୁ ହେଲା ମଣିମାଳା । ଲୋକେ ଦେଶର ରାଜନୈତିକ ପରିସ୍ଥିତିକୁ ଭୁଲିଗଲେ । ମଣିମାଳା ନିର୍ବାଚନରେ ଜିତିବ କି ନ ଜିତିବ ସେ ବିଷୟରେ ଆଲୋଚନା ନ କରି ସେମାନେ ତା'ର ଇତିହାସ, କାରବାର ଗ୍ରାହକ, ସୌନ୍ଦର୍ଯ୍ୟ ଇତ୍ୟାଦି ବିଷୟରେ ନାନା ରଙ୍ଗ ବେରଙ୍ଗର ଆଲୋଚନାରେ ମାତିଗଲେ । ମଣିମାଳା ସମ୍ପର୍କରେ ଯେ ଯେତେ ଅଧିକ ନୂଆ ତଥ୍ୟ ଯୋଗାଇ ଦେଲା, ସେ ହେଲା ସବୁଠାରୁ ଜନପ୍ରିୟ ।

ନିଜକୁ ସ୍ୱାଧୀନତା ସଂଗ୍ରାମର କ୍ଲାନ୍ତ ସୈନିକ ବୋଲାଉଥିବା ବୁଢ଼ା ବୁଢ଼ାମାନେ ନାକ ଟେକିଲେ—ଛିଃ, ଛିଃ ! କ'ଣ ନ ଦେଖିଲା ଏ ଆଖି ? କ'ଣ ନ ଶୁଣିଲା ଏ କାନ ! କାହିଁ ଗଲା ଗାନ୍ଧି ନେହେରୁ ପଟେଲ ରାଜନୀତି, ଆଉ କାହୁଁ ଅଇଲା ଏ ମଣିମାଳା ରାଜନୀତି ! ଶେଷରେ ବେଶ୍ୟା ବି କଲା ରାଜନୀତି । ଏ ଦେଶରେ ରାଜନୀତିର ଆଉ ସମ୍ମାନ ରହିଲନି । କିନ୍ତୁ ଏ ବିଷ ଉଦ୍‌ଗୀରଣର ତଳେ ତଳେ ଏକ ଶୀତଳ ଫଲ୍‌ଗୁ ବି ବହିଯାଉଥିଲା—ଗୁପ୍ତରେ । ଆଃ— ମଣିମାଳାର ରାଜନୀତି—ତା'କୁ ଭେଟି ଦେଲେ କେମିତି ହୁଅନ୍ତା ! ବୃଦ୍ଧଙ୍କର ମନେହେଲା ଯେମିତି ସେ ମଣିମାଳାର ଅତିନିକଟକୁ ଚାଲିଆସିଛନ୍ତି । ମଣିମାଳାର ସେ ଉଷ୍ଣତା ତାଙ୍କ ମନରେ ଏକ ଅଦ୍ଭୁତ ଶିହରଣ ଖେଳାଇ ଦେଲା, ଯେଉଁଟାକି ସେ ଅନେକ ଦିନରୁ ଭୁଲି ଯାଇଥିଲେ ।

ପେଷାଦାର ଯୁବନେତା ବିପୁଳବାବୁ ଦ୍ୱନ୍ଦ୍ୱରେ ପଡ଼ିଲେ । ମଣିମାଳା ପାଇଁ କାମ କରିବାର ମାଧୁର୍ଯ୍ୟକୁ ସେ ଏଡ଼ାଇ ପାରିବେନି । ମାତ୍ର ଏଣେ ଲୋକ ନିନ୍ଦା । ଏହା ଫଳରେ ହୁଏତ ଚିରଦିନ ପାଇଁ ତାଙ୍କୁ ଯୁବନେତା ପଦରୁ

ବିଦାୟ ନେବାକୁ ହେବ । ମଣିମାଳାର ନିର୍ବାଚନରେ ଜିଣିବାର କି ଗ୍ୟାରେଣ୍ଟି
ଅଛି ? ଏତେବଡ଼ ତ୍ୟାଗ ସେ କରିପାରିବେ ?

ଯୁବନେତା ବିପୁଳବନ୍ଧୁ ଆଇନା ସାମନାରେ ଛିଡ଼ାହୋଇ ମୁଣ୍ଡରୁ
ଧଳାବାଳ କାଢ଼ୁ କାଢ଼ୁ ଅନ୍ୟମନସ୍କତାବଶତଃ ଗୋଟିଏ କଳା ବାଳ ଉପାଡ଼ି
ପକାଇଲେ । କଣ୍ଠରେ ପାଟିରୁ ତାଙ୍କର ଗୋଟିଏ 'ଆଃ' ବାହାରି ପଡ଼ିଲା ।

ସହରରେ ଗତ ଛଅର ନିର୍ବାଚନ ଧରି ନିର୍ବାଚିତ ହୋଇ ଆସୁଥିବା
ଷାଠିଏ ବର୍ଷ ବୟସ୍କ ସୁଚରିତ ମଣିମାଳାର ଘୋଷଣାରେ ମୋଟକ ଆଶ୍ଚର୍ଯ୍ୟ
ହେଲେ, ସେତିକି ମଧ୍ୟ ଆତଙ୍କିତ ହୋଇ ପଡ଼ିଲେ । ସେ ମଣିମାଳାର
ନିର୍ବାଚନରେ ଜିତିବାକୁ ଯେତେ ଡରିଲେନି, ତାଙ୍କର ଭୟହେଲା ମଣିମାଳାର
ନିର୍ବାଚନ ସଭାକୁ । ସେ ଜଣେ ପୋଖତ ରାଜନୀତିଜ୍ଞ । ତାଙ୍କର ଅନୁଭୂତି ଅଛି;
ଏ ନିର୍ବାଚନ ସଭା କ'ଣ । ମହାମିଛ ଓ ନଗ୍ନ ସତ୍ୟର ଏକ ଅପୂର୍ବ ଅସ-
ମିଶ୍ରଣରେ ଏ ନିର୍ବାଚନ ସଭା ନନ୍ଦିଘୋଷ ରଥ ଭଳି ଅତି ନୃଶଂସ ଭାବରେ
ପ୍ରତିଦ୍ୱନ୍ଦୀର ଚରିତ୍ର ସଂହାର କରି ମାଡ଼ି ଚାଲେ । ଆଜି ପର୍ଯ୍ୟନ୍ତ ସୁଚରିତ
ନିର୍ବାଚନ ସଭାର ଏହି ଅଦ୍ଭୁତ କୌଶଳ ବଳରେ ଅପରାଜେୟ ହୋଇ
ଆସିଛନ୍ତି । ତାଙ୍କର ସମସ୍ତ ପ୍ରତିଦ୍ୱନ୍ଦ ଏଥିପାଇଁ ତାଙ୍କୁ ଭୀଷଣ ଭୟ କରନ୍ତି ।
ଆଉ ତାଙ୍କର ଏକ ଅତି ଶକ୍ତିଶାଳୀ ଅସ୍ତ୍ର, ତାଙ୍କର ଅକଳଙ୍କ ଚରିତ୍ର । ମାତ୍ର
ବୃଦ୍ଧ ସୁଚରିତ ଏକ ଅଜଣା ଆଶଙ୍କାରେ ଥରି ଉଠିଲେ । ମଣିମାଳାର
ନିର୍ବାଚନ ସଭା ଆଗରେ ତାଙ୍କର ସମସ୍ତ ଅମୋଘ ଅସ୍ତ୍ର ଅସହାୟ ହୋଇ
ପଡ଼ିବ । ଏହି ଶେଷ ବୟସରେ ତାଙ୍କୁ ଏକ ନିହାତି ହୀନମନ୍ୟ ଅବସ୍ଥାରେ
ରାଜନୀତିରୁ ବିଦାୟ ନେବାକୁ ପଡ଼ିବ । ନାଁ, ସେ କିଛି ଗୋଟାଏ ସିଦ୍ଧାନ୍ତ
କରିବେ । ଯେ କୌଣସି ପ୍ରକାରେ ମଣିମାଳାକୁ ନିର୍ବାଚନରୁ ଓହରାଇବାକୁ
ପଡ଼ିବ । ମଣିମାଳାର ତାଙ୍କ ପ୍ରତି ସମ୍ମାନ ଅଛି ।

କଲେଜ ସାମନାରେ ତମ୍ବୁ ଭିତରେ ରାବିଡ଼ି ଓ ରସଗୋଲା ଖାଇ ଖାଇ
ଆମରଣ ଅନଶନ ଧର୍ମଘଟର ଛାତ୍ରନେତା ସଂଗ୍ରାମକେଶରୀ ମନେ ମନେ
ଭାବୁଥିଲା, ନିର୍ବାଚନରେ ତାଙ୍କର ଛାତ୍ରସଂଘ ମଣିମାଳାର ପକ୍ଷନେଲେ କପରି
ହେବ । ସତ, ମଣିମାଳା ଜଣେ ବେଶ୍ୟା । ଜଣେ ବେଶ୍ୟା ସହିତ ଛାତ୍ରମାନେ

ଜଡ଼ିତ ହେବା ନୈତିକତା ଦୃଷ୍ଟିରୁ କେତେଦୂର ଯୁକ୍ତିଯୁକ୍ତ ? ମାତ୍ର ତାଙ୍କର ଛାତ୍ର ସଂଗଠନ ଅଗ୍ରଗାମୀ ପାରମ୍ପରିକତାରେ ବିଶ୍ୱାସ କରେନି । ଏକ ପ୍ରଗତିଶୀଳ ଅଗ୍ରଗାମୀ ଛାତ୍ର ସଂଗଠନ ଭାବରେ କୁସଂସ୍କାରକୁ ଘୃଣା କରେ । ଏ ସଂଗଠନ ବିଶ୍ୱାସକରେ ଯେ, ପ୍ରତ୍ୟେକ ଛାତ୍ର ଛାତ୍ରୀ (ଅବଶ୍ୟ କଲେଜ ପଢୁଆ) ବେଶ୍ ଦାୟିତ୍ୱ ସଂପନ୍ନ ଓ ସେ ଯାହା କରୁଛି, ଭଲ ଭାବରେ ଜାଣି ଶୁଣି କରୁଛି ।

ସଂଗ୍ରାମ କେଶରୀର ଏଇ ଆମରଣ ଅନଶନ ଧର୍ମଘଟ ହେଉଛି । କଲେଜ ପ୍ରାଙ୍ଗଣରେ ଏକ ବାର୍ ବା ଦାରୁଭାଟି ଖୋଲିବା ପାଇଁ ଦାବି । ତେବେ ଗତ ସାତଦିନ ଧରି ଆମରଣ ଅନଶନ କରିବା ପରେ ସଂଗ୍ରାମ କେଶରୀ ସଫଳତା ସମ୍ପର୍କରେ ସନ୍ଦିଗ୍ଧ ହୋଇ ପଡ଼ିଛି । ତେଣୁ ବିଫଳ ହେବା ପୂର୍ବରୁ ଏହା ମର୍ଯ୍ୟାଦାପୂର୍ଣ୍ଣ ସମାଧାନ ହୋଇଯିବା ଉଚିତ୍ । ଯେଉଁଥିରେ କି ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ । ଅର୍ଥାତ୍ କର୍ତ୍ତୃପକ୍ଷ ଏହି ଦାବିକୁ ଆନ୍ତରିକତାର ସହିତ ପରୀକ୍ଷା କରି ଦେଖିବେ । ସେ ପର୍ଯ୍ୟନ୍ତ ଧର୍ମଘଟ ସ୍ଥଗିତ ରହିବା ଉଚିତ୍ । ଏଭଳି ଏକ ସମାଧାନ ହୋଇଯିବା ପରେ ସଂଗ୍ରାମ କେଶରୀ ନିଶ୍ଚିତ ବିପତ୍ତିରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ମଣିମାଳାର ନିର୍ବାଚନ ପ୍ରଚାରରେ ସାମିଲ ହୋଇପାରିବ ।

ବିରୋଧିଦଳ ବଡ଼ ଅଡୁଆରେ ପଡ଼ିଲେ । ମଣିମାଳାର ନିର୍ବାଚନ ଲଢ଼ିବାରେ ସିଦ୍ଧାନ୍ତ ଜାଣିଲା ପରେ ସେମାନେ ମଣିମାଳାକୁ ତାଙ୍କ ଦଳର ବାନାରେ ଲଢ଼ିବା ପାଇଁ ଅନୁରୋଧ କରିଥିଲେ । ମାତ୍ର ମଣିମାଳା ଦୃଢ଼ ପ୍ରତିଜ୍ଞ । ସ୍ୱାଧୀନ ଭାବରେ ଲଢ଼ିବାର ସମସ୍ତ ବଳ ତା' ନିକଟରେ ଅଛି । ତେଣୁ ସେ କାହାରି ଅନୁକମ୍ପା ଲୋଡ଼େ ନାହିଁ । ବିରୋଧି ଦଳର ନେତା ଇଚ୍ଛାକରନ୍ତି ନାହିଁ ଯେ, ତାଙ୍କ ଦଳ ତରଫରୁ ମଣିମାଳାର ବିରୋଧ କରାଯାଉ । କାରଣ ତାଙ୍କର ମଣିମାଳା ସହିତ ସମ୍ପର୍କ ବହୁତ ପୁରୁଣା । ସେ ସମ୍ପର୍କରେ କୌଣସି ମଳି, ଧୂଳି ଆଣିବାକୁ ସେ ଇଚ୍ଛାକରନ୍ତି ନାହିଁ । ତଥାପି ଦଳର ଅନ୍ୟାନ୍ୟ ସଭ୍ୟଙ୍କ ସାମନାରେ ତାଙ୍କୁ ମୁଣ୍ଡ ନଇଁବାକୁ ପଡ଼ିଲା । ମଣିମାଳା ବିରୁଦ୍ଧରେ ତାଙ୍କ ଦଳ ତରଫରୁ ପ୍ରାର୍ଥୀ ଛିଡ଼ା କରାଇବାକୁ ହେବ । ବିରୋଧିଦଳ ନେତା ନୀରବରେ ପଦକ୍ଷେପ ନେବେ । ସେ ସମ୍ପର୍କରେ ସେଥିରେ ଖୁବ୍ ସ୍ପଷ୍ଟ ।

ସାମ୍ବାଦିକ ସୁଯୋଗବାଦୀ ତା'ର ସାପ୍ତାହିକ ପତ୍ରିକା "ସୁବିଧାବାଦୀ" ଅଫିସର ଟେବୁଲ୍ ନିକଟରେ ବସି ଆରାମରେ ଆଖିବୁଜି ସିଗାରେଟ୍ ଟାଣୁ ଟାଣୁ କେତେବେଳେ, ସୁନେଲି କଳ୍ପନା କରିଯାଉଥିଲେ । କ୍ଷତି କ'ଣ ? ତାଙ୍କ ପତ୍ରିକାକୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ ମଣିମାଳା କିଣି ନେଇଛି । ତାଙ୍କ କଲମକୁ ମଧ୍ୟ । ମଣିମାଳାର ନିର୍ଦ୍ଦେଶରେ ହିଁ ସମ୍ବାଦ ପ୍ରକାଶ ପାଇବ । ପତ୍ରିକା ପ୍ରକାଶ, ବଣ୍ଟନ ଇତ୍ୟାଦି ସମସ୍ତ ଖର୍ଚ୍ଚ ବହନ କରିବା ସଙ୍ଗେ ସଙ୍ଗେ ମଣିମାଳା ସୁଯୋଗବାଦୀଙ୍କୁ ମୋଟା ଟଙ୍କା ଦେବେ । ମନ୍ଦ ନୁହେଁ ।

ମଣିମାଳାର ନିର୍ଦ୍ଦେଶ କ୍ରମେ ଦେଶକୁ କେନ୍ଦ୍ର କରି ନାନା ପ୍ରକାର ସମ୍ବାଦ ପ୍ରକାଶ ପାଇବ । ସେଥିରେ ଅତି ସତର୍କତାର ସହିତ ସମାଜର ବହୁ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ମଧ୍ୟ ଜଡ଼ିତ କରାଯିବ । ଏହା ସଙ୍ଗେ ସଙ୍ଗେ ମଣିମାଳାର ନିର୍ବାଚନ ଲଢ଼ାଇକୁ ଅତି କଡ଼ା ଭାଷାରେ ସମାଲୋଚନା କରାଯିବ ।

ବାଃ ଚମତ୍କାର । ଏଣେ ମଣିମାଳା ତା'ର ନିଶ୍ଚିତ ଅର୍ଥ ମିଳିବା ସଙ୍ଗେ ସଙ୍ଗେ ସେ ଶାସକ ଦଳ ଓ ବିରୋଧୀ ଦଳ ସଙ୍ଗେ ମଧ୍ୟ ବାର୍ଗେନ୍ କରି କିଛି ଟଙ୍କା ଠୁଳାଇପାରିବ । ତା' ଭାଗ୍ୟ ଖୋଲି ଗଲା । ମାତ୍ର ତା'ର ମନରେ ଟିକିଏ ଖଡ଼କା ରହିଗଲା । ମଣିମାଳା ଟଙ୍କା ଦେଇ ନିଜର ବଦନାମ୍ କାହିଁକି କରୁଛି ।

ନିର୍ବାଚନ ଅଛି ମାତ୍ର ଆଉ ସାତଦିନ । ହଠାତ୍ ସମ୍ବାଦପତ୍ର ଓ ରେଡ଼ିଓରେ ପ୍ରଚାରିତ ହୋଇଗଲା ଯେ ସୁଚରିତ ହଠାତ୍ ଶଯ୍ୟାଶାୟୀ ହୋଇ ପଡ଼ିବାରୁ ସ୍ୱାସ୍ଥ୍ୟଦୃଷ୍ଟିରୁ ଅଯୋଗ୍ୟ ନିର୍ବାଚନରୁ ଓହରିଯିବାକୁ ବାଧ୍ୟ ହେଲେ । ଏଥିମଧ୍ୟରେ ସେ ନିଜେ ମଣିମାଳାକୁ ଅନୁରୋଧ କରିଥିଲେ, ମାତ୍ର ମଣିମାଳା ସେଥିରେ ରାଜି ନ ହେବାରୁ ସେ ନିଜେ ନିର୍ବାଚନରୁ ଓହରି ଯିବାକୁ ସ୍ଥିରକଲେ ଓ ନିର୍ବାଚନ ସଭାରେ ତାଙ୍କ ବିଷୟରେ କିଛି ନ କହିବାକୁ ମଣିମାଳାକୁ ଅନୁରୋଧ କରିଥିଲେ ।

ଏଣେ ବିରୋଧୀଦଳନେତା ଶେଷ ମୁହୂର୍ତ୍ତରେ ମଣିମାଳା ବିରୁଦ୍ଧରେ କୌଣସି ନିର୍ବାଚନ ପ୍ରଚାର କରିପାରିବେ ନାହିଁ ବୋଲି ସିଧା ସଳଖ ମନା କରିଦେଲେ । ଜଣେ ବେଶ୍ୟାର ସହିତ ଟେକ୍କରଦେବା ତାଙ୍କର ନୀତି ବିରୁଦ୍ଧ । ଏହାଦ୍ୱାରା

ତାଙ୍କ ଦଳ ତଥା ତାଙ୍କ ନିଜର ସମ୍ମାନ ହାନିହେବ । ନିଜ ଦଳକୁ ମଣିମାଳା ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିବର୍ତ୍ତାଇ ନପାରି ସେ ମଣିମାଳାକୁ କଥା ଦେଇଥିଲେ ଯେ, ସେ ଦଳ ବିରୁଦ୍ଧରେ ପ୍ରଚାର କରିବେ ନାହିଁ ।

ନିର୍ବାଚନ ଯଥା ସମୟରେ ହୋଇଗଲା ମାତ୍ର ଆଶ୍ଚର୍ଯ୍ୟ କଥା କୌଣସି ଦଳର ନିର୍ବାଚନ ପ୍ରଚାରରେ ଯେପରି ସ୍ପୃହା ନ ଥିଲା । ମାତ୍ର ମଣିମାଳା ଓ ସହରର ସମସ୍ତେ ଜାଣିଥିଲେ ନିର୍ବାଚନର ଫଳାଫଳ କ'ଣ ହେବ ।

# ତପ୍ତ ବୈତରଣୀର ତୀରେ

ଝାଞ୍ଜ, ମୃଦଙ୍ଗର ଗମ୍ଭୀର ନାଦ ସଙ୍ଗେ ସଙ୍ଗେ ବଜ୍ରନିର୍ଘୋଷରେ ଆଗକୁ ଆଗକୁ ମାଡ଼ି ଚାଲିଛି ନନ୍ଦିଘୋଷ । ଜନତାର ସ୍ରୋତ ଛୁଟିଛି । ଶଙ୍ଖ, ହୁଳହୁଳି, ହରିବୋଲ ଶବ୍ଦରେ ମୁଖରିତ ହୋଇ ଉଠୁଛି ବଡ଼ଦାଣ୍ଡ । ଜଗତର ନାଥ ଜଗନ୍ନାଥଙ୍କ ରଥ ଆଗେଇ ଚାଲିଛି । ଭକ୍ତ ଛଳ ଛଳ ଆଖିରେ ହାତ ଯୋଡ଼ିଲେ ଗାଣ୍ଡ ମିଶ୍ର । ନାଥ ତାଙ୍କର ଭଲରେ ଭଲରେ ଫେରିଆସୁ ।

ଭକ୍ତ ପାଗଳ ଜନତାର ତେଜ ତାଙ୍କୁ ଠେଲି ନେଇଥିଲା ଗୋଟିଏ ପାଖକୁ । ଗାଣ୍ଡ ମିଶ୍ରେ ତାଙ୍କର ଭାରାକ୍ରାନ୍ତ ଶରୀରକୁ ଆଉଜାଇ ଆଣ୍ଠୁ ଆଣ୍ଠୁ ଦୀର୍ଘ ନିଃଶ୍ୱାସ ପକାଇ ଗୁଣ୍ଠୁ ଗୁଣ୍ଠୁ ହୋଇ କହି ଉଠିଲେ—"ନାଥିଆକୁ ମୋର ଭଲରେ ଭଲରେ ନେଉଟାଇ ଆଣ ହେ ଚକାଡୋଳା ।"

ନନ୍ଦିଘୋଷ ଅଟକି ଯାଇଛି ବଡ଼ଦାଣ୍ଡର ଗୋଟିଏ କଡ଼ରେ । ଭକ୍ତମାନଙ୍କ ମନରେ ଉଦ୍ଦୀପନା ଜାତ କରାଇବାକୁ ଡାହୁକ ରଥ ଉପରେ ବେତ ହଲାଇ ହଲାଇ ଡାକ ପକାଉଛି, ହୋ ଭଗତେ ... ... ।

ଗାଣ୍ଡୁ ମିଶ୍ରେ ଦୁଇ କାନରେ ହାତ ଦେଲେ । ଛିଃ-ଛିଃ-ଜଗତରନାଥ ଜଗନ୍ନାଥଙ୍କ ନାମ ଏକ ଅଶ୍ଳୀଳତାର ପ୍ରଚାର ଚାଲିଛି । ଅସଂଖ୍ୟ ଭକ୍ତଙ୍କ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ତରୁଣୀକୁ ଉଦ୍ଦେଶ୍ୟ କରି ଡାହୁକ ରଡ଼ି ଗାଉଛି ଅତି ଅଶ୍ଳୀଳ ଭାଷାରେ — ହୋ ଭଗତେ — ଯାହା ମୁଣ୍ଡରେ ସୁନ୍ଦର ଝୋପା...... ଭକ୍ତବୃନ୍ଦଙ୍କ ମଧ୍ୟରେ ଅଭିନବ ଜାଗରଣ । ଘଣ୍ଟ ମାଦଳ ମୁଖରିତ ହୋଇ ଉଠିଛି । ପୁଣି ନନ୍ଦିଘୋଷ ଧୂଳି ଉଡ଼ାଇ ଆଗେଇ ଚାଲିଛି । ଗାଣ୍ଡୁ ମିଶ୍ରେ ଥକ୍କା ହୋଇ ବସିପଡ଼ିଲେ କଂସାରି ପଟିର ଭାଇ କଂସା ପିତଳ ବାସନ ଦୋକାନରେ ।

ଇଏ ସେଇ ଗାଣ୍ଡୁ ମିଶ୍ରେ, ପଚାଶି ବର୍ଷ ତଳେ ଦିନେ ସେ ତାଙ୍କର ଚାରି ବର୍ଷର ସରଳ ଶିଶୁ ପୁଅଟିକୁ ଶୁଆ ପଢ଼ାଇଲା ଭଳି ପଢ଼ାଇ ମୁଖସ୍ଥ କରାଇ ଦେଉଥିଲେ ଓଡ଼ିଆ ଭାଷାର ସମସ୍ତ ଦୋ'ଅକ୍ଷରୀ । ଇଏ ସେଇ ମିଶ୍ରେ, ଯାହାଙ୍କ ପାଟିରୁ ଦିନେ ଏଭଳି କୌଣସି ବାକ୍ୟ ବାହାରିନି, ଯାହାଭିତରେ ଅନ୍ତି କମ୍‌ରେ ଗୋଟିଏ ଦୋ' ଅକ୍ଷରୀ ଶବ୍ଦ ରହିନି । ଇଏ ସେଇ ଗାଣ୍ଡୁ ମିଶ୍ରେ, ଯେ ସ୍ତ୍ରୀଙ୍କର କ୍ଷୀଣ ପ୍ରତିବାଦରେ ବିକ୍ଷୁବ୍ଧ ହୋଇ ତାଙ୍କ ସପ୍ତପୁରୁଷର ବୈଧତାରେ ସନ୍ଦେହ ସୃଷ୍ଟି କରି ତାଙ୍କୁ କାଳ୍ପନିକ ବ୍ୟଭିଚାରର ନିମ୍ନତମ ପାହାଚକୁ ଧକ୍କାମାରି ଛାଡ଼ିଦେଇ ପାରନ୍ତି । ଆଉ ଆଜି ଭାଇ ଗାଣ୍ଡୁ ମିଶ୍ରେ ଜଗନ୍ନାଥଙ୍କ ରଥ ଉପରୁ ଡାହୁକର ଗୀତ ଶୁଣି କାନରେ ହାତ ଦେଇ ବସି ପଡ଼ିଛନ୍ତି ।

ମିଶ୍ରେ ଭାବୁଥିଲେ — ଏଇ ରଥଯାତ୍ରା କଥା । ଏଇ ରଥଯାତ୍ରା ହିଁ ତାଙ୍କ ଜୀବନର ଗୋଟିଏ ଗୋଟିଏ ମାଇଲ ମାଇଲ ଖୁମ୍ବ ହୋଇ ରହିଯାଇଛି ।

ଏଇ ଗାଣ୍ଡୁ ମିଶ୍ରେ ଦିନେ ହୋଇଥିଲେ ସହରର ରଥୀ । ତୁଣ୍ଡ ଯେପରି ତାଙ୍କର ଧାରୁଆ, ଦେହରେ ମଧ୍ୟ ସେହିପରି ତାଙ୍କର ଅମାପ ବଳ । ହାତେ ଉଚ ଠେଙ୍ଗାଧରି, କାନ୍ଧରେ ପାଚିଲା ଗାମୁଛା ପକାଇ, ଗୁମ୍ଫ ଫୁଲେଇ, କାନ୍ଧ ଟେକି ସେ ଯେତେବେଳେ ଚାଲିଯାଉଥିବେ, ରାସ୍ତାରେ କୁକୁର ବିରାଡ଼ି ବି ଭୟରେ ଆଡ଼େଇ ଯାଉଥିଲେ । ଧନୀଠୁ ଆରମ୍ଭ କରି ସାଧାରଣ ଦିନମଜୁରିଆ ପର୍ଯ୍ୟନ୍ତ ସମସ୍ତଙ୍କର ତାଙ୍କୁ ଭୟ । ସାମାନ୍ୟ କଥାରେ ବି ଠେଙ୍ଗା ଉଠିଯାଇପାରେ । ଆଉ ଟିକିଏ ଅସାମାନ୍ୟ ହେଲେ ଫାର୍ଶା । ସାଇ ବିବାଦ ହେଉ କି ଘରଭିତ୍ତି

ଦଖଲ କି ବେଦଖଲ ହେଉ, ନହେଲେ କୌଣସି ବିବାଦର ସମାଧାନରେ ଫସଲ ଅମଳ ହେଉ, ଯେ କୌଣସି ବିବାଦର ସମାଧାନ ସେ କରି ପାରନ୍ତି ଠେଙ୍ଗା କିମ୍ବା ତାଙ୍କର ଫାର୍ଶା ସାହାଯ୍ୟରେ ।

ପସରାରେ ବିକ୍ରି ହେବାକୁ ଥୁଆ ହୋଇଥିବା ଚକ୍‌ଚକ୍ କଂସା ଥାଳିରେ ନିଜ ମୁହଁ ଦେଖି ଚମକି ଉଠିଲେ ଗାଣ୍ଡୁ ମିଶ୍ରେ । ଆଙ୍ଗୁଠିଏ ଲମ୍ବ ଦାଢ଼ି ବି ତାଙ୍କ ମୁହଁର ସେ ଗହିରିଆ ଦାଗକୁ ଲୁଚେଇ ପାରୁନି । ସେ ମୁହଁ ବୁଲାଇ ଆଣିଲେ । ଏକ ଅଖଣ୍ଡ ବେଦନାରେ ମୁହଁ ତାଙ୍କର ବିବର୍ଣ୍ଣ ହୋଇ ଉଠିଲା ।

ସେଦିନ ବି ଆଜିଭଳି ଥାଏ ଶ୍ରୀଗୁଣ୍ଡିଚା । ପାହାନ୍ତାରୁ ମିଶ୍ରେ ତୋଟାକୁ ଗଲେ । ପୋଖରୀପାଣି, ଗାଧୁଆସାରି ଫେରିଲା ବେଳକୁ ଅନ୍ୟ ବାଟରେ ଲଙ୍କା ଆମ୍ବବଣ ଭିତରୁ ହଠାତ୍ ବାହାରିପଡ଼ିଲେ ଚାରି ପାଞ୍ଚଜଣ ଯୁବକ ଆଉ ସାହିର । ହାତରେ ସବୁରି ଠେଙ୍ଗା, ଫାର୍ଶା, ବର୍ଚ୍ଛା । ବହୁଦିନର ରାଗ ଆଜି ସେମାନେ ଶୁଝାଇ ଦେବେ । ମିଶ୍ରଙ୍କୁ ବିଲ୍‌କୁଲ୍ ମାଖନ କରି ଛାଡ଼ି ଦେବେ ।

ମୁହୂର୍ତ୍ତକ ମଧ୍ୟରେ ମିଶ୍ରେ ତାଙ୍କର କର୍ତ୍ତବ୍ୟ ସ୍ଥିର କରି ନେଲେ । ନିଜ ବାହୁ ଓ ଠେଙ୍ଗା ଉପରେ ନିଜର ଅସୀମ ବିଶ୍ୱାସ । ଠେଙ୍ଗା ଉପରେ ମୁଠି ତାଙ୍କର ଦୃଢ଼ ହୋଇଗଲା । ପବନ ବେଗରେ ବୁଲାଇବାକୁ ଲାଗିଲେ ଲଠି । ପାଞ୍ଚଜଣ ଭେଣ୍ଡିଆକୁ ମିଶ୍ରେ ଏକା ତଡ଼ିଦେଲେ ଲଙ୍କାଆମ୍ବ ବଣ ଭିତରକୁ । ଛତ୍ରଭଙ୍ଗ ହେଲେ ସେମାନେ । ମିଶ୍ରେ ଦଣ୍ଡେ ଥକ୍‌କା ହୋଇ ଚାରିଆଡ଼କୁ ଚାହିଁଛନ୍ତି, ଅଚାନକ ଭାବରେ ଗୋଟିଏ ଫାର୍ଶା ଚୋଟ ବସିଲା ତାଙ୍କ ମୁହଁରେ । ଚେତନାଶୂନ୍ୟ ହୋଇ ପଡ଼ିରହିଲେ ସେ ବାଲି ଉପରେ, ଲଙ୍କା ଆମ୍ବ ଗଛମୂଳେ । ପରେ ଯେତେବେଳେ ଚେତନା ଫେରେ, ସେ ଡାକ୍ତର ଖାନାରେ । ସେଇଦିନଠୁ ମୁହଁରେ ତାଙ୍କର ରହିଯାଇଛି ଇଞ୍ଚେ ମୋଟ ଛ'ଇଞ୍ଚ ଲମ୍ବର କଳା ଦାଗଟି ।

ମିଶ୍ରେ ତାଙ୍କ ହାତ ପାପୁଲିରେ ଲୁଚାଇବାକୁ ଚେଷ୍ଟା କଲେ ତାଙ୍କର ସେ କଳଙ୍କଟିକୁ । ଆତ୍ମଶ୍ଳାଘାରେ ଶିହରି ଚାଲିଲେ ସେ ।

ଏଇ ଭଳି ଆଉ ଗୋଟିଏ ଗୁଣ୍ଡିଚା । ଏ ଗୁଣ୍ଡିଚା କି ଯେ ତାଙ୍କ ଜୀବନର ପଥକୁ ସମ୍ପୂର୍ଣ୍ଣ ଭାବରେ ଯୋଡ଼ିଦେଲା ।

ଦୀର୍ଘନିଃଶ୍ୱାସ ଛାଡ଼ିଲେ ଗାଣ୍ଡୁ ମିଶ୍ରେ ।

ବାର ବର୍ଷ । ଗୋଟିଏ ଯୁଗ । ଏକ କଳଙ୍କମୟ ଜୀବନର ଅବସାନ ପରେ ତାର ପ୍ରାୟଶ୍ଚିତ୍ତ । ମେଘନାଦ ପାଚେରୀର ଆଢୁଆଳରେ ।

କାହାପାଇଁ ? କିନ୍ତୁ କାହାପାଇଁ ତାଙ୍କୁ ଏତେବଡ଼ ମୂଲ୍ୟ ଦେବାକୁ ପଡ଼ିଲା ? କ୍ଷଣକ ପାଇଁ ମନ ତାଙ୍କର ବିଦ୍ରୋହୀ ହୋଇ ଉଠିଲା; କିନ୍ତୁ ପରକ୍ଷଣରେ ମୁହଁରେ ତାଙ୍କର ଚହଟି ଉଠିଲା ଏକ ଉଜ୍ଜଳ ଆଭା । ଚକାଡୋଳା ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ବାରବର୍ଷର ଜେଲ୍‌ହାଓ୍ୱା ତାଙ୍କୁ ମଣିଷକରି ପକାଇଲା । ଆଜି ସବୁଠାରୁ ବଡ଼ ମୂଲ୍ୟ ପୁଅ ତାଙ୍କର ମଣିଷ ହୋଇଗଲା । ଖାଲି ମଣିଷ ନୁହେଁ—ବଡ଼ ମଣିଷ ।

ଯୌବନର ଉଦ୍ଦାମତା ଥାଇ ତାଙ୍କ ମର୍ଯ୍ୟାଦାର ଆଉଜଣେ ପଣ୍ଡାଙ୍କ-ସହ ବ୍ୟକ୍ତିଗତ ଶତ୍ରୁତାର ଶୀକାର ହେଲେ ଗାଣ୍ଡୁ ମିଶ୍ରେ । ମାଷ୍ଟିକଙ୍କର ଇଙ୍ଗିତରେ ଫାର୍ଶୀ ସଫା କରିଦେଲା ଦିନା ପଡ଼ିଆଶୀଙ୍କୁ ସବୁଦିନ ପାଇଁ । ଏଇ ଗୁଣ୍ଡିଗୁ ଦିନ ।

ଆଖି ତାଙ୍କର ଜକାଇ ଆସିଲା । ନାଥ ବୋଉର ସେ ମୁହଁ ମନରୁ ଲିଭୁନି । ତାଙ୍କର ସେ ଲୁହ ପଖଳା ମୁହଁ, ଆଉ ପାଞ୍ଚବର୍ଷର ନାଥ, ଲଙ୍ଗଳା ହୋଇ ବୋଉ କାନ୍ଧଧରି ଖନେଇ କହୁଛି—"ବୋଉଲୋ", ଏ ସିପେଇ... ପୁଏ ନନାଙ୍କୁ ଧରି କୁଆଡ଼େ ନେଇଗଲେ ବା !"

ଅନ୍ୟ ସମୟ ହୋଇଥିଲେ ହୁଏତ ପୁଅ କଥାଶୁଣି ଛାତି ଗର୍ବରେ ଫୁଲି ଉଠିଥାନ୍ତା । ସେଦିନ ରାତିରେ ତାଙ୍କର ଇଚ୍ଛା ହେଲା ଭେ ଭେ ହୋଇ କାନ୍ଦି ଉଠିବାକୁ ।

ସେଇଦିନ ସେ ଜୀବନରେ ପ୍ରଥମକରି ହୃଦୟଙ୍ଗମ କଲେ ଯେ ଯୌବନର ଉଦ୍ଦାମତା ଯେପରି କ୍ଷଣସ୍ଥାୟୀ, ମାଲିକଙ୍କର ପ୍ରତିଶ୍ରୁତି ମଧ୍ୟ ସେଇଭଳି ଫର୍ଚ୍ଚା । କ'ଣ କଲେ ସେ ନିଜ ପାଇଁ ଆଉ ତାଙ୍କ ପରିବାର ପାଇଁ ? କଚଣୀରେ ଲଢ଼ିବାକୁ ନାମକୁ ମାତ୍ର ଓକିଲ ଖଞ୍ଜି ଦେଲେ । ଖାଲି ନିଜେ ସେ ଜାଲରେ ନ ପଡ଼ିବାକୁ ।

ଜଗନ୍ନାଥ ଯାହା କରନ୍ତୁ ମଙ୍ଗଳ ପାଇଁ ।

ଗାଣ୍ଡୁ ମିଶ୍ରେ ଯଦି ଜେଲ୍ ଯାଇ ନଥାନ୍ତେ, ବିନାଥ ହୁଏତ ତାଙ୍କର ଭଳି ଜାଗାକୁଯାଇ, ଭାଙ୍ଗଖାଇ, ଗୁଣ୍ଡାମୀ କରି କେଉଁ ପଣ୍ଡାଙ୍କ ଘରେ ଧୂଳିଆ ଗୁମାସ୍ତା ହୋଇ ଜୀବନ ବିତାଇ ଦେଇଥା'ନ୍ତା । ହୁଏତ ନିଜେ କାହାର ଫାର୍ଶାମାଡ଼ ଖାଇ ମରିଥା'ନ୍ତା । କି ତା' ବାପାଭଳି ଜେଲ୍ ଚକି ଦୂରାଇ ଥା'ନ୍ତା । ମାତ୍ର ସେଭଳି ହେଲାନି ।

ଗାଣ୍ଡୁ ମିଶ୍ରେ ଜେଲ୍ ଯିବା ପରେ ପରେ ବିନାଥ ବୋଉ ଶପଥ କଲେ, ପୁଅକୁ ତାଙ୍କର ଭଲ ମଣିଷ କରିବାକୁ, ବଡ଼ ମଣିଷ କରିବାକୁ । ଧାନକୁଟି, ଘରକୁ ଘର ପାଣିବୋହି, ବାସନମାଜି ସେ ପୁଅକୁ ପାଠ ପଢ଼େଇଲେ । ସ୍ୱପ୍ନ ତାଙ୍କର ସଫଳ ହେଲା । କିନ୍ତୁ ସେ...

ମିଶ୍ରଙ୍କ ଆଖିରୁ ଅଜାଣତରେ ତତଲା ଲୁହ ଦୁଇବୁନ୍ଦା ଝରିପଡ଼ିଲା ।

× × × ×

ଜେଲଖାନାରୁ ଆସିବାର ଦୁଇବର୍ଷ ଆଗରୁ ବିନାଥ ବୋଉ ଚାଲିଗଲେ ଆରପାରିକୁ । ସେ ଟିକିଏ ସୁଯୋଗ ବି ଦେଲେନି ତାଙ୍କ ଆଗରେ ନିଜର ପାପ ପାଇଁ ପ୍ରାୟଶ୍ଚିତ କରିବାକୁ । ତାଙ୍କୁ ଯେଉଁ କଷ୍ଟ ଦେଇଛନ୍ତି ସେଥିପାଇଁ କ୍ଷମା ମାଗିବାକୁ ।

ଆକାଶରେ ଗୋଟିଏ ଉଡ଼ାଜାହାଜ ଉଡ଼ିଗଲା । ଗାଣ୍ଡୁ ମିଶ୍ରେ ଚାହିଁଲେ ଆକାଶକୁ ।

ବିନାଥ ଆଜି ଏମିତି ଉଡ଼ିଯାଇଥିବ ଉଡ଼ାଜାହାଜରେ ବସି କେଉଁ ଦୂର ବିଦେଶକୁ— ସେ ଦେଶର ଯାନୀ ବ୍ୟବସାୟ ବିଷୟରେ ଜାଣିବାକୁ । ସରକାର ଟଙ୍କା ଖର୍ଚ୍ଚ କରି ତାକୁ ପଠାଇଛନ୍ତି ।

ଜଗନ୍ନାଥଙ୍କ ରଥ ସେତେବେଳକୁ ଜଗନ୍ନାଥବଲ୍ଲଭ ଆରପାଖରେ ଲୁଚି ଯାଇଥିଲା ।

ଗାଣ୍ଡୁ ମିଶ୍ରେ ଦୁଇହାତ ଉଠାଇ ମୁଣ୍ଡରେ ମାରିଲେ ।

# କାଲି ରାତି

ସେଦିନ ସକାଳୁ ଉଠି ମୁଁ ଏତେ ଆଶ୍ଚର୍ଯ୍ୟ ହେଲି ଯେ, ସେ କଥା ବର୍ଣ୍ଣନାତୀତ । ଅଳସ ଆଖି ଦୁଇଟିକୁ ଯେତେବେଳେ ମୋ ବାଁ ପାଖ ଖଟ ଉପରୁ ବୁଲାଇ ଆଣେ, ଚମକି ଉଠିଲି । ନିଜ ଆଖିକି ବି ବିଶ୍ୱାସ କରି ପାରିଲିନି । କାହିଁ ସେଇ ଛେଳିଗିଳା ଅଜଗର ସାପଟି ! ତା' ବଦଳି ପଡ଼ିରହିଚି ସେଠି ଗୋଟିଏ କଣା ମହରର ଟିଉବ୍ । ଉଠି ପଡ଼ି ଆଖି ଦୁଇଟି ମଳିନେଲି । ତା' ପରେ ମୁଣ୍ଡଟାକୁ ଭଲକରି ଟିକିଏ ଝାଙ୍କିନେଇ ଟିମା ଟିମା ଆଖିରେ ଅନେଇଲି – ନାଁ, ଆଖି ମୁଣ୍ଡ ସବୁ ମୋ'ର ଠିକ୍ ଅଛି । କଳା କମ୍ବଳଟି ଇତସ୍ତତଃ ଭାବରେ ପଡ଼ିଥିବା ଛଡ଼ା ଦାସଙ୍କର ନାଁ ଗନ୍ଧ ନାହିଁ । ମୋ ଉଠିବା ଆଗରୁ ଦାସେ ଉଠି ଚାଲିଯାଇଛନ୍ତି । ପୃଥିବୀର ଅନ୍ୟଏକ ଆଶ୍ଚର୍ଯ୍ୟ ! ଆମେରିକା ହୋଇଥିଲେ ଖବରକାଗଜରେ ପ୍ରଥମ ପୃଷ୍ଠାରେ ହେଡ୍ ଲାଇନ ହୋଇ ବାହାରି ଥା'ନ୍ତା, ମିଶ୍ରଙ୍କ ଆଗରୁ ଦାସେ ଉଠି ଚାଲିଗଲେ, ଇତ୍ୟାଦି । ପ୍ରେସ୍ ଲୋକେ ଧାଇଁଆସି ଇଣ୍ଟରଭିଉ, ଫଟୋଗ୍ରାଫ୍ କରିନେଇ ଯାଇଥାନ୍ତେ । କାଗଜର ବିକ୍ରି ବି ଖୁବ୍ ହୋଇଥାନ୍ତା; କିନ୍ତୁ ଏଇଟା ଭାରତବର୍ଷ ।

ଏ ସହରକୁ ଆମେରିକାର ଏକ ସହର ମନେକରି ସେ କାଗଜର ହେଡ୍ ଲାଇନ୍ ତଳକୁ ପଢ଼ନ୍ତୁ—ଦାସେ ଓ ମିଶ୍ରେ ସହରର କେନ୍ଦ୍ର ଅଞ୍ଚଳରେ ଗୋଟିଏ ଆପାର୍ଟମେଣ୍ଟ ଭଡ଼ା ନେଇଥାନ୍ତି । ଯଦିଓ ଗୋଟିଏ ବଖରାରେ ଆଜକୁ ଏତେଦିନ ହେଲା ରହି ଆସିଲେଣି, ସେମାନଙ୍କର ମଧ୍ୟରେ ଆଳାପ ହୁଏ । ଚବିଶ ଘଣ୍ଟା ମଧ୍ୟରେ ମାତ୍ର ଗୋଟିଏ ଘଣ୍ଟା । ଆମର ସ୍ୱତନ୍ତ୍ର ପ୍ରତିନିଧି ଏହାର କାରଣ ଅନୁସନ୍ଧାନ କରି ବୁଝିଛନ୍ତି ଯେ ମିଶ୍ର, ଦାସଙ୍କର ବହୁ ପୂର୍ବରୁ ସକାଳେ ଉଠନ୍ତି । କାମଦାମ ସାରି ଅଫିସ ଯିବାପର୍ଯ୍ୟନ୍ତ ଦାସେ ଶୋଇଥାନ୍ତି । ଦାସେ ଅଫିସରୁ ଫେରିବାବେଳକୁ ରାତି ଦଶ କି ଏଗାର । ମିଶ୍ରେ, ଆମର ବିଶେଷ ପ୍ରତିନିଧିଭାବେ ଯୋଗ ଦିଅନ୍ତି, ସେତେବେଳେ ଶୋଇବାର ଆୟୋଜନ କରୁଥାନ୍ତି । ଦାସେ ମଧ୍ୟ ଖୁବ୍ କ୍ଳାନ୍ତ । ଏଇ ସମୟରେ ମାତ୍ର ଗୋଟିଏ ଘଣ୍ଟା ପାଇଁ ଦାସ ଓ ମିଶ୍ରଙ୍କ ମଧ୍ୟରେ ଆଳାପ ଆଲୋଚନା ହୁଏ । ଆମର ଆଗାମୀ ସଂଖ୍ୟାରେ ଦାସଙ୍କ ସମ୍ପର୍କରେ ଆହୁରି ରୋମାଞ୍ଚକର ଓ ରହସ୍ୟଜନକ ଖବର ପ୍ରକାଶ ପାଇବ ।

ଉପରୋକ୍ତ ମାର୍କିନ୍ ସମ୍ବାଦପତ୍ରର ସେମାଞ୍ଜଙ୍କର ସମ୍ବାଦକୁ ଭିତ୍ତିକରି ଯଦି ଆପଣ ଆଗେଇ ଆସନ୍ତି, ତେବେ ମୋର ଆଶ୍ଚର୍ଯ୍ୟ ହେବାର ଯୁକ୍ତିଯୁକ୍ତତା ସମ୍ପର୍କରେ ଆପଣଙ୍କର ଆଉ ମତଦ୍ୱୈଧ ରହିବନି ।

ଅଫିସ ବେଳ ହେବାରୁ ମୁଁ ବାହାରିଲି । ଅନ୍ୟାନ୍ୟ କାମର ଗୁପରେ ଦାସଙ୍କର କଥା ବି ଭୁଲି ଯାଇଥିଲି । ଫେରି ପଢ଼ାପଢ଼ିରେ ବ୍ୟସ୍ତ ରହିଲି । ରାତି କ୍ରମେ କ୍ରମେ ବଢ଼ି ଚାଲିଲା । ଦାସଙ୍କର ଦେଖା ନାହିଁ । ମୁଁ ବଡ଼ ବ୍ୟସ୍ତ ହେଲି । ଏଗାରଟାରେ ଗେଟ୍ ବନ୍ଦ ହୁଏ । ବାରମ୍ବାର ବାରଣ୍ଡାକୁ ଯାଇ ରାସ୍ତାକୁ ଅନାଇ ରହେ । ଦାସେ କାଳେ ଆସୁଥିବେ ପରା ! ଫେରିଆସି ଆରାମ-ଚୌକିରେ ବସିଛି, ହଠାତ୍ ଦୁଆରଟା ଖୋଲି ଦାସେ ପଶି ଆସିଲେ । ମୁଁ ପ୍ରଥମେ ଖୁବ୍ ଉତ୍ଫୁଲ୍ଲ ହୋଇଉଠିଲି । ମାତ୍ର ପରକ୍ଷଣରେ ଦାସଙ୍କର ସେ ରୂପ ଦେଖି ମନ ମୋର ଦବିଗଲା । କିଛି ଗୋଟାଏ ଆଶଙ୍କା କରି ଡରି ଡରି ପଚାରିଲି—"ଦାସେ ତୁମର ହେଲା କ'ଣ ?"

"କିଛି"—ଗୋଟାଏ କ୍ଷୀଣ ଶବ୍ଦ କରି ଦାସେ ଦେହରୁ ତାଙ୍କର ଧଳା ବୁସ ସାର୍ଟଟି କାଢ଼ିଲେ । ତା'ପରେ ତାଙ୍କର ସେ ଲହୁଣୀ ରଙ୍ଗର କଙ୍କାଳସାର ଦେହଟି ଦେଖି ମତେ ଆହୁରି ଦୁଃଖ ଲାଗିଲା ।

"କେହି ଲୋକ ଆସିଥିଲେ ? ଏତେ ସକାଳୁ…?"

ପୂର୍ବପରି ଆଉ ଗୋଟିଏ ଶବ୍ଦ ! ମୁଁ ଆଉ ଆଗେଇବାକୁ ସାହସ କଲିନି । ତାଙ୍କୁ ଚିନ୍ତା କରିବାକୁ ଛାଡ଼ିଦେଇ ଶୋଇବାକୁ ଚେଷ୍ଟାକଲି ।

ପରଦିନ ସକାଳୁ ଅଫିସ ବାହାରିଲାବେଳକୁ ଦାସେ ଶେଯରୁ ଅଳସ କଣ୍ଠରେ ପଚାରିଲେ—ମିଶ୍ରବାବୁ, ବାହାରିଲଣିକି ?

ମୁଁ ଅଟକି ଗଲି ।

"ରହନ୍ତୁ, କାମ ଅଛି । ଏକା ସଙ୍ଗରେ ଯିବା ।"—ଅଗତ୍ୟା ଯାତ୍ରା ସ୍ଥଗିତ ରଖିଲି । ପ୍ରାୟ ଏଗାରଟାବେଳକୁ ଦାସଙ୍କ ସଙ୍ଗେ ଗୋଟିଏ ରେସ୍ତୋରାଁରେ "ବେଡ୍ ଟି"ରେ ଯୋଗଦେଲି । ତା'ପରେ ଚାଲିଲୁ ।

"ଦାସେ, ତୁମେ ଖୁବ୍ ବ୍ୟସ୍ତ ମନେ ହେଉଚ । କଥା କ'ଣ ? ପାରିବାରିକ ଅଶାନ୍ତି ନା ସେ ଭଳି କିଛି ? ବ୍ୟାଙ୍କ୍ ସଂପର୍କରେ ନିରାଶଜନକ କିଛି ... "

'ନାଁ ଭାଇ, ସେ ସବୁ କିଛି ନୁହେଁ ।"

ଆଉ କ'ଣ ହୁଏତ କହିବାକୁ ଯାଉଥିଲେ । ମୋର ଅଫିସ ବେଶି ଡେରି ହୋଇ ଯାଇଛି । ଗୋଟାଏ ବସ୍ ଆସୁଥିଲା । ପରେ କଥାହେବା କହି ମାଡ଼ିଲି ଡିଆଁ ବସ୍ ଭିତରକୁ ।

ସେଇ ସନ୍ଧ୍ୟାରେ ପଟ୍ଟନାୟକଙ୍କ ସଙ୍ଗେ ଦେଖାହେଲା । କଥା ପ୍ରସଙ୍ଗରେ କହିରଖେ, ପଟ୍ଟନାୟକ ମୋର ଜଣେ ବନ୍ଧୁ, ଯେ କି ମୋର ଘର (ଭଡ଼ା ଘର ଅବଶ୍ୟ) ସାମନାର ଗୋଟିଏ ହୋଟେଲରେ ରହନ୍ତି । ଆମେ ପ୍ରାୟ ପ୍ରତିଦିନ ସନ୍ଧ୍ୟାରେ ଏକାଠି ହେଉ । ପଟ୍ଟନାୟକଙ୍କ ସଙ୍ଗେ ଆଳାପ, ଆଲୋଚନା କରୁ କରୁ ହଠାତ୍ ସେ କହିଲେ ଆରେ, ଦାସଙ୍କୁ ଆଜି ମୁଁ ଅମୁକଠି ଦେଖିଲି । ସେ ଚଳନ୍ତା ବସ୍‌ରୁ ଡେଇଁ ଖୁବ୍ ବ୍ୟସ୍ତହୋଇ କୁଆଡ଼େ ଚାଲିଥିଲେ । ମୁଁ ତାଙ୍କ ପଛରେ କିଛିବାଟ ଆଗେଇ ତାଙ୍କୁ ଡାକିବାର ଉପକ୍ରମ କରିବା ପୂର୍ବରୁ ହଠାତ୍ ସେ ଲୋକାରଣ୍ୟରେ କୁଆଡ଼େ ଉଭେଇଗଲେ । ମୋ ସଙ୍ଗେ ଦେଖା ହେଲାନି ।

ଆମେରିକାର କୌଣସି ଏକ ସହରର ପୃଷ୍ଠଭୂମିରେ ଆପଣ ଉକ୍ତ ମାର୍କିନ୍ ସମ୍ବାଦପତ୍ରର ପରବର୍ତ୍ତୀ ସଂସ୍କରଣ ଦେଖନ୍ତୁ---'ଦାସଙ୍କର ସହରର ଓ୍ୱାଲ୍ ଷ୍ଟ୍ରିଟ୍ ( Wall street ) ଅଞ୍ଚଳରେ ସନ୍ଦେହଜନକ ଗତିବିଧି" ଶିରୋନାମାରେ ପଟ୍ଟନାୟକଙ୍କର ବର୍ଣ୍ଣନାଟି ଅଧିକ ରଙ୍ଗୀନ୍ ଭାବରେ ଚର୍ଚ୍ଚିତ ହୋଇଥିବାର ଦେଖିବେ । ସମ୍ବାଦ ସହିତ ପ୍ରକାଶିତ ଆଲୋକ ଚିତ୍ରର ତଳେ ଟିପ୍ପଣୀ ଥିବ — "କୁହେଳିକାମୟ ଦାସ୍ ଓ୍ୱାଲ୍ ଷ୍ଟ୍ରିଟ୍‌ର ଏକ ପ୍ରଧାନ ବ୍ୟାଙ୍କ୍ ଭିତରକୁ ପ୍ରବେଶ କରିବା ଅବସ୍ଥାରେ ଧରାପଡ଼ି ଯାଇଛନ୍ତି; ଆମର କୁଶଳୀ ଷ୍ଟାଫ୍ ଫଟୋ-ଗ୍ରାଫର୍‌ଙ୍କର ସେଲ୍ୟୁଲଏଡ୍ ପ୍ଲେଟ୍ ଉପରେ ।"

ଗତ ଦଶଟାରେ ଦାସେ ଫେରିଲେ କ୍ଳାନ୍ତ, ଶ୍ରାନ୍ତ ହୋଇ । ମୁହଁରେ ତାଙ୍କର କ୍ଳାନ୍ତି ଅପେକ୍ଷା ବିଷାଦ ଆଉ ହତାଶାର ଦାଗ ଅଧିକ ପରିସ୍ଫୁଟ ହୋଇ ଉଠିଥାଏ । ମତେ ତାଙ୍କ ମୁହଁକୁ ଦେଖି ଦୁଃଖ ଯେତିକି ଲାଗିଲା ଦୟା ବି ସେତିକି ହେଲା । ପଚାରିଲି — "ଦାସେ, କ'ଣ ହେଲା ତୁମର ?"

ହଠାତ୍ ଯେମିତି ବହୁଦିନରୁ ସୁପ୍ତ ଏକ ଆଗ୍ନେୟଗିରି ଜାଗ୍ରତ ହୋଇ ଉଠିଲା । ଦାସଙ୍କର କଥା କହିବା ପୂର୍ବର ସେ ଦୀର୍ଘନିଃଶ୍ୱାସ ନାହିଁ କି ସେ ଅନୁଶୋଚନା ନାହିଁ । ସତେ ଯେମିତି ଜଣେ ବିପ୍ଳବବାଦୀ ରାଜନୈତିକ ନେତା ବକି ଚାଲିଚନ୍ତି ଅନର୍ଗଳ ସରକାର ବିରୁଦ୍ଧରେ । ଯେମିତି କୁଆଡ଼େ କେତେ ଶକ୍ତି ଆସି ଠୁଳ ହୋଇ ଯାଇଛି ଦାସଙ୍କଠି, ସେ ବକି ଚାଲିଲେ । ଅଭିଶାପ ଢାଳି ଚାଲିଥିଲେ—ସହରର ଉପରେ, ସହରର ଜୀବନ ଓ ସଭ୍ୟତା ଉପରେ, ପୁଣି ଏ ସହରର ସୃଷ୍ଟିକର୍ତ୍ତାମାନଙ୍କ ଉପରେ । ଏଭଳି କିଛି ସମୟ ଉଦ୍‌ଗାରଣ କଲା ପରେ ହଠାତ୍ ଅମିଗଲା । ବୋଧହୁଏ ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିଲେ ସେ । ସାପ ଯେମିତି ହୁଏ ଚୋଟ ମାରିବା ପରେ ।

ଦାସେ ତା'ପରେ ଫେରିଆସିଲେ ତାଙ୍କର ସାଧାରଣ ଅବସ୍ଥାକୁ । ଗୋଟିଏ ଦୀର୍ଘ ଶ୍ୱାସ ମାରି ସେ ଧୀରେ ଧୀରେ କହିଲେ—"ଏଇ ପୁଡ଼ିଆଟା । ପକେଟରୁ ଗୋଟିଏ ପୁଡ଼ିଆ ବାହାର କରି ରଖିଲେ ଟେବୁଲ ଉପରେ—"ଏଇଟା କ'ଣ ଜାଣ ? ମୋ ଭାଗ୍ୟର ପୁଡ଼ିଆ ଏଇଟା । ଏଇଟିକି, ଆଜ ଯାହା ସଙ୍ଗେ ସଙ୍ଗେ ସାମାନ୍ୟ ଗୁଡ଼"—ତା'ପରେ କପ୍‌ବୋର୍ଡ ପାଖକୁ ଯାଇ ଗୁଡ଼ ଖୋଜି ନ ପାଇ ହତାଶ ହୋଇ ଫେରିଆସିଲେ; ପୁଣି ତାଙ୍କର ଆଗ୍ନେୟଗିରି ଜଳି ଉଠିଲା—"ବଦମାସ୍, ଯେତେ ସବୁ ଅନାଡ଼ି, ଚୋର, ଡକେଇତ, ସବୁ ଏଇଠି ଆସି ଜୁଟିଚନ୍ତି । ଶେଷରେ ଗୁଡ଼ ଟିକିଏ ବି ରଖେଇ ଦେଲେନି । ନାଁଃ, କାହାକୁ କାହିଁକି ଅଯଥା ଦୋଷ ଦେବି । ମୋ ଭାଗ୍ୟ ଖରାପ । ନହେଲେ ଆସୁ ଆସୁ ଘରୁ ମୋର ଘଡ଼ି ଚୋରି ଯାଇ ନ ଥାନ୍ତା କି ଦିନ ଦି'ପହରେ ସାବୁନ କେସ୍‌ଟା ଗାଏବ୍ ହୋଇ ଯାଇ ନ ଥାନ୍ତା ।

ଦାସଙ୍କର ଏ ଭିତରେ ଗୋଟିଏ ସାବୁନ କେସ୍ ଓ ହାତଘଡ଼ି ଚୋରି ଯାଇଛି; କିନ୍ତୁ ଏ ଗୁଡ଼ଚୋରିର କଥା ଶୁଣି ତ ମୁଁ ନିଜେ ଭୟ ପାଇଗଲି । କାରଣ ସେ ଚୋରି ହେଲି ମୁଁ ନିଜେ । ଗତ ରାତି ଅଧିକୁ ମୋ ନିଦ ହଠାତ୍ ଯେତେବେଳେ ଭାଙ୍ଗି ଯାଏ, ମୁଁ ଅନୁଭବ କରେ ଭୀଷଣ କ୍ଷୁଧା, ଖୋଜିଲି, ପାଖରେ ପାଉଁରୁଟି କି ମାଖନ କିଛି ନାହିଁ । ପ୍ରଥମେ ଖାଲି ପାଣି ପେଟେ ପିଇ ଶୋଇବାକୁ ଚେଷ୍ଟା କଲି; କିନ୍ତୁ ଫଳ କିଛି ହେଲାନି । କିଛି ସମୟ ପରେ ପରିସ୍ରା କରିବାକୁ ଉଠି ପୁଣି ଅନୁଭବ କଲି, ପେଟ ଭିତରେ ମୂଷାମାନଙ୍କର

ଦୌଡ଼ । କେମିତି ସେ ଦୌଡ଼ ବନ୍ଦକରିବ ଭାବୁ ଭାବୁ ମନେ ପଡ଼ିଲା କେଉଁ ଏକ ପତ୍ରିକାରେ ପଢ଼ିଥିଲି, ସବୁଜଶାକଯୁକ୍ତ ଖାଦ୍ୟର କ୍ଷୁଧା ନିବାରଣ ଶକ୍ତି ଅଧିକ । ଆଖିରେ ପଡ଼ିଗଲା ଦାସଙ୍କ ଗୁଡ଼ । କାଳବିଳମ୍ବ ନ କରି ସେତକ ଉଦରସ୍ଥ କରି ପାଣି ଟୋକେ ପିଇଦେଲି । ବ୍ରାହ୍ମଣର କ୍ଷୁଦାଗ୍ନି ଶାନ୍ତ ହେଲା ।

ଭାବିଲି ଦାସଙ୍କ ଆଗରେ ସତ କଥା ଖୋଲି କହିଦେବି । ମାତ୍ର ଦାସେ ସେତେବେଳକୁ ଏତେଦୂର ଆଗେଇ ଯାଇଥିଲେ ଯେ, ଆଉ ତାଙ୍କର ସେ ଅପରିଚିତ ଗୁଡ଼ ପ୍ରେମର ଉପରେ ଏଭଳି ବାକ୍ୟବାଣ ପ୍ରୟୋଗ କରି ପାରିଥିଲେ ଯେ, ମୋର ସତକଥା ମାନି ନିବାର ପ୍ରଶ୍ନ ହି ନ ଥିଲା । ବାଧ୍ୟ ହୋଇ ଦାସଙ୍କୁ ଗପି ଗପି ଚୁପ୍ ହେବାକୁ ଦେଇ ତାଙ୍କର ଗୁଡ଼ ପ୍ରେମର ପ୍ରତି ପ୍ରୟୋଗ ହୋଇଥିବା ସମସ୍ତ ଗାଳି ଗୁଲଜକୁ ଅଗସ୍ତି ମୁନିଙ୍କ ଭଳି ହଜମ କରି ଦେବାକୁ ବାଧ୍ୟହେଲି ।

ପରଦିନ ସନ୍ଧ୍ୟାରେ ଯେତେବେଳେ ଫେରେ, ଦାସେ ମୋ ଆଗରୁ ଫେରି ଆସିଥିବାର ଦେଖି ଯେତେ ଆଶ୍ଚର୍ଯ୍ୟ ହେଲେ ହେଁ; ତାଙ୍କ ଦେହସାରା ପଟି ଭିଡ଼ା ହୋଇଥିବା ଦେଖି ଆହୁରି ଆଶ୍ଚର୍ଯ୍ୟ ହୋଇଗଲି । ମନେ ମନେ ବହୁ କଳ୍ପନା ଜଳ୍ପନା କରି ଦାସେ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କଲି । ପ୍ରାୟ ଦୁଇଘଣ୍ଟା ପରେ ଯେତେବେଳେ ସେ ଉଠିଲେ, ପଚାରିଲି,—"କଣ ଦାସେ, ଏ ଦଶା ତୁମକୁ ଦେଲା କିଏ ?"

ଦାସେ ଯନ୍ତ୍ରଣାରେ ମୁହଁ ବିକୃତ କରି ହାତଠାରି ମୁହଁ ଫିଟାଇବାର ଅକ୍ଷମତା ପ୍ରକାଶ କଲେ । ତାଙ୍କର ଏ ଅବସ୍ଥା ଦେଖି ମତେ ଖୁବ୍ ବିକଳ ଲାଗିଲା । କୌଣସି ପ୍ରକାରେ ତାଙ୍କୁ କିଛି ତରଳ ଖାଦ୍ୟ ଖୁଆଇଦେଲି । ରାତିସାରା ମୋର ନାନା ଦୁଶ୍ଚିନ୍ତାରେ କଟିଗଲା । କ'ଣ କିଛି ଗୋଟାଏ ଦୁର୍ଘଟଣା ଯୋଗୁଁ...

ପରଦିନ ଉକ୍ତ କଳ୍ପିତ ମାର୍କିନ ସମ୍ବାଦପତ୍ର; କିନ୍ତୁ ମୋର ଗତ କାଲି ଦିନର ପ୍ରଶ୍ନଗୁଡ଼ିକର ଯଥାଯଥ ଉତ୍ତର ଦେଇଦେଲା । ସେଥିରେ ପ୍ରଥମ ପୃଷ୍ଠାର ଶିରୋନାମା—"ଦାସ-ରହସ୍ୟର ପଟପତନ ।" ତା'ତଳେ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ଅକ୍ଷରରେ—"ଶ୍ରୀ ଦାସଙ୍କର ଗତ କେତେଦିନର ରହସ୍ୟପୂର୍ଣ୍ଣ

ଗ୍ଭଲଚଳନ ସଂପୂର୍ଣ୍ଣରୂପେ ଉଦ୍‌ଘାଟିତ ହେଲା ।" ତା'ପରେ ପରେ—"କୌଣସି ଏକ ଜ୍ୟୋତିଷଙ୍କର ପ୍ରରୋଚନାରେ ଶ୍ରୀ ଦାସ ନିଜ ବେକାରଭିର ପରିସମାପ୍ତି ଘଟାଇବା ନିମନ୍ତେ ବଣି ଓ ଗୁଡ଼ ମିଶାଇ ଗୋଟିଏ କାଳଗାଈକୁ ଖୁଆଇବାର ବହୁ ଅସଫଳ ଉଦ୍ୟମ କରିବା ପରେ ଗତକାଲି ଏକ କାଳଗାଈ ମାଲିକ ଦ୍ୱାରା ଆକ୍ରାନ୍ତ ହେଲେ । ଶ୍ରୀ ଦାସ ରକ୍ତାକ୍ତ ଅବସ୍ଥାରେ", ଆମର ଭ୍ରାମ୍ୟମାଣ ପ୍ରତିନିଧି ଅଭିଯୋଗ କରନ୍ତି, "ପୋଲିସ ଦ୍ୱାରା ଉଦ୍ଧାର ହୋଇ ସ୍ଥାନୀୟ ଅମୁକ ହସ୍‌ପିଟାଲକୁ ସ୍ଥାନାନ୍ତରିତ ହୋଇଥିଲେ; ମାତ୍ର ପ୍ରାଥମିକ ଚିକିତ୍ସା ପରେ ସେଠାରୁ ମୁକ୍ତି ଲଭ କଲେ ।"

ପୋଲିସ ଜମାନବନ୍ଦୀରୁ ଆହୁରି ଜଣାଯାଏ ଯେ, ଶ୍ରୀ ଦାସ ରାସ୍ତା କଡ଼ରେ ବନ୍ଧା ହୋଇଥିବା ଗୋଟିଏ କାଳଗାଈକୁ ବଣି ଓ ଗୁଡ଼ ଖୁଆଇବା ଅବସ୍ଥାରେ ଗାଈ ମାଲିକଙ୍କ ଦ୍ୱାରା ଆକ୍ରାନ୍ତ ହେଲେ । ଗାଈ ମାଲିକର ଧାରଣା ଥିଲା ଯେ, ଦାସେ ଗାଈକୁ ଔଷଧ କରି ଦେଉଚନ୍ତି, ଯାହା ଫଳରେ ତା'ର ଦୁଧ କମିଯିବ । ଶ୍ରୀ ଦାସଙ୍କ ସମ୍ପର୍କରେ ଅଧିକ ଆଲୋକ ଚିତ୍ର ସହ ବିଶେଷ ବିବରଣୀ ଏତେ ପୃଷ୍ଠାରେ ଦେଖନ୍ତୁ । ଶ୍ରୀ ଦାସଙ୍କ ସମ୍ପର୍କରେ ଆମର ସମ୍ପାଦକୀୟ ଟିପ୍‌ପଣୀ ଦ୍ରଷ୍ଟବ୍ୟ ।"

କଳ୍ପିତ ସମ୍ବାଦପତ୍ରର ବିକଳ୍ପିତ ସମ୍ବାଦଟି ପଢ଼ି ସାରିବା ପରେ ମୁଁ ହସିବି କି କାନ୍ଦିବି କିଛି ଠିକ୍ କରି ପାରିଲିନି । ଦାସଙ୍କ ମୁହଁକୁ ଚାହିଁଦେବାରୁ ମୋର ହସ ଓ କାନ୍ଦର ଏକ ମିଶ୍ରିତ ପ୍ରତିକ୍ରିୟା ହେଲା । ତା'ପରେ ଟେବୁଲ ଉପରେ ଥୁଆ ହୋଇଥିବା ପୁଡ଼ିଆଟି ଖୋଲିବାପରେ ଆହୁରି ହତାଶ ହୋଇଗଲି । ଭଙ୍ଗାଗଳାରେ ଶୁଣାଇଲି, "ଦାସେ, ଆଜି ପର୍ଯ୍ୟନ୍ତ ଯାହାକୁ ବଣି ବୋଲି ଖୁଆଉଥିଲ, ସେ ବଣି ନୁହେଁ, କଳାଜିରା !"

ଅନ୍ୟ କୌଣସି ପରିବେଶ ହୋଇଥିଲେ ଦାସେ ହୁଏତ ମୂର୍ଚ୍ଛା ଯାଇଥାନ୍ତେ । ମାତ୍ର ଭାଗ୍ୟକୁ ସେତିକି ଶକ୍ତି ବି ତାଙ୍କର ନଥିଲା ।

ମୁଁ କିନ୍ତୁ ଆଶାର ବାଣୀ ଶୁଣାଇଲି—"ଦାସେ, ସେ ବଣି ହେଉ କି କଳାଜିରା ହେଉ, ତୁମ ଉଦ୍ୟମ ଯେତେବେଳେ ନିଷ୍ଠାପର ଥିଲା, ସେଥିରେ ଯେତେବେଳେ ନିଷ୍ଠା ଥିଲା, ତୁମେ ନିଶ୍ଚୟ ସଫଳ ହେବ ।" ମୁଁ ଜାଣିଥିଲି, ମୋ

ସାନ୍ତ୍ୱନା ନିରର୍ଥକ; ତଥାପି ନିଜକୁ ବୋକା ବନାଇବାର ଯେ ଆନନ୍ଦ ଟିକକ ସେତିକ ଛାଡ଼େ କିଏ ?

ଯାହାହେଲା, କାଳିଗାଈ ଗୁଡ଼, ଗଣି ବା କଳାଜିରା ଖୁଆଇବାରେ ଦାସଙ୍କର ଗ୍ରହ ଶାନ୍ତ ହୋଇଥାଉ ବା ନ ଥାଉ, ଆପଣ ଜ୍ୟୋତିଷରେ ବିଶ୍ୱାସ କରନ୍ତୁ ବା ନ କରନ୍ତୁ, ଦାସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବାପୂର୍ବରୁ ଗୋଟିଏ ବଡ଼ବ୍ୟାଙ୍କ୍‌ରୁ ଚାକିରିରେ ଯୋଗଦାନ ପତ୍ର ପାଇଥିଲେ । ବହୁ ପୂର୍ବରୁ ଅବଶ୍ୟ ସେ ‹ଥିପାଇଁ ଉଦ୍ୟମ କରିଥିଲେ । ଆଉ ବର୍ତ୍ତମାନ ଶୁଣିଲି, ଦାସେ କୁଆଡ଼େ ସେ ବ୍ୟାଙ୍କ୍‌ରେ ବଡ଼ ଖୁସିରେ ଅଛନ୍ତି, ଦେଖା ହୋଇନି, ହେଲେ କାଳିଗାଈ କଥା ପକାଇ ବୁଢ଼େ ହସନ୍ତି ।

# ଲଟେରୀ

ଥରେ ନୁହେଁ, ଦୁଇଥର ନୁହେଁ, ଦଶଥର ଅଙ୍ଗୁଳି ଘୁରାଇବା ପରେ ଯେତେବେଳେ ବୃଷଭାନୁ ତାର ଈପ୍‌ସିତ ସଂଖ୍ୟାଟି ପାଇ ପାରିଲାନି କ୍ରୋଧ ଆଉ ହତାଶରେ ପକେଟ୍‌ରୁ ସିଗାରେଟ୍ ଓ ମ୍ୟାଚସ୍ ବାହାର କରି ସିଗାରେଟ୍‌ଟିକୁ ଓଠ ଫାଙ୍କରେ ଧରିଲା । ମ୍ୟାଚସ ଲଗାଇ ଖବରକାଗଜଟି ପୋଡ଼ିଲା । ତାପରେ ସେଇ ଜ୍ୱଳନ୍ତ ଖବର କାଗଜରେ ସିଗାରେଟ୍ ଧରାଇ ଲମ୍ବ ଲମ୍ବ ପାଦ ପକାଇ ଓହ୍ଲାଇ ଆସିଲା ରାଜପଥ ଉପରକୁ । ଆଉ ଲକ୍ଷ୍ୟହୀନ ଭାବରେ ଆଗେଇ ଗଲା ଜନତାର ସ୍ରୋତରେ ନିଜର ସତ୍ତା ହଜାଇ ଦେବାକୁ । ବୃଷଭାନୁର ମନେ ହେଲା, କେବଳ ତାର ଈପ୍‌ସିତ ସଂଖ୍ୟାଟି ବ୍ୟତୀତ ଆଉ ସବୁ ସଂଖ୍ୟା ଖବର କାଗଜ ଛପାଇ ଦେଇଚି । ଆଉ ଏକ ଜନ ସମୁଦ୍ରର ପ୍ରତ୍ୟେକଟି ଜନକଣା ଯେପରି ନିଜ ନିଜର ଈପ୍‌ସିତ ସଂଖ୍ୟାଟିମାନ ପାଇ ଯାଇ ଆନନ୍ଦରେ ନାଚି ଉଠୁଛନ୍ତି । ବୃଷଭାନୁ ଆଗେଇ ଚାଲିଛି ଆହୁରି ଜୋର୍‌ରେ ଜନତାକୁ ଠେଲି ଠେଲି । ଶତ ଚେଷ୍ଟା

କରି ମଧ୍ୟ ସେ ଝାସ ଦେଇ ପାରୁନି ଜନ ସମୁଦ୍ର ଭିତରେ । ଉଦ୍‌ବେଳିତ ଜନତରଙ୍ଗ ତାକୁ ଠେଲି ଠେଲି ବାହାର କରି ଦେଉଚି । ବୃଷଭାନୁ ବାହାରି ଆସି ଲାଗିଚି ଅକୂଳରେ ।

ବେଳାଭୂମିରେ ବସି ମଧ୍ୟ ବୃଷଭାନୁ ଚାହିଁଛି ଆକାଶକୁ । ସାରା ଜଗତ ଯେତେବେଳେ ତାକୁ ଉପହାସ କରି ଉଡ଼ାଇ ଦେଇଛି । ଆକାଶ ତାକୁ ସାନ୍ତ୍ୱନା ଦେଇଛି । ପ୍ରଶାନ୍ତ ବଦନରେ ଆକାଶ ତାକୁ କହୁଚି ତୋର କିଛି ହୋଇନି ବୃଷଭାନୁ । କାହିଁକି ବ୍ୟସ୍ତ ହେଉଛୁ ? କଣ ଅଛି ଏ ସବୁ ପରୀକ୍ଷାରେ ! ଏ ପାସ୍ ଫେଲ୍‌ରେ ! ଏ ସବୁ କିଛି ନୁହେଁ । ଖାଲି ଗୋଟାଏ ଗୋଟାଏ ପ୍ରହସନ ମାତ୍ର । ଧନ ଥିଲା, ଲକ୍ଷ୍ମୀମନ୍ଦିରକୁ ଏ ଥିଲା ସୁଦୃଢ଼ ସିଡ଼ି । ଆଉ ଆଜି ସେ ସିଡ଼ି ଖଚର ହୋଇଯାଇଛି । ଯେ କୌଣସି ମୁହୂର୍ତ୍ତରେ ହୁଏତ ଭାଙ୍ଗି ଯାଇ ପାରେ । ଦେଖୁନୁ କେତେ କେତେ ଇଞ୍ଜିନିୟର, ଡାକ୍ତର ଆଦି ପାସ୍ କରିମଧ୍ୟ ଚାକିରି ନ ପାଇ ବସିଛନ୍ତି । ଆଉ ତୁ ପାସ କରି କ'ଣ ବା ଅଧିକ କରି ପାରିଥାନ୍ତୁ ।

ବୃଷଭାନୁର ପାଦତଳେ ସମୁଦ୍ର ନାଚୁଛି ।

ଆକାଶରେ ତାରା, କ୍ରମେ ଫୁଟି ଉଠିଲାଣି । ସମୁଦ୍ର ଶ୍ରାନ୍ତ, କ୍ଳାନ୍ତ ହୋଇ ଘୁମେଇ ପଡ଼ିଚି । ଏକ କଳା କମଳ ଭିତରେ ଜାକିଜୁକି ହୋଇ ଶୁମୁରୁଚି ସେ । ବୃଷଭାନୁ ବେଳାଭୂମିର ବାଲୁକା ଶଯ୍ୟାରେ ଶୋଇରହି ଚେଷ୍ଟା କରୁଚି, ଗଣିବାକୁ ଆକାଶରେ ଅଜସ୍ର ତାରକାରାଶିକୁ ।

ବୃଷଭାନୁର ଆଖି ହଠାତ୍ ଉଜ୍ଜ୍ୱଳ ହୋଇ ଉଠିଲା । ସେ ଧ୍ରୁବତାରାର ସନ୍ଧାନ ପାଇପାରିଚି । ଝାଡ଼ିଝୁଡ଼ି ହୋଇ ଉଠିଲା ସେ ବେଳାଭୂମିର ବାଲୁକା ଶଯ୍ୟାରୁ । ସମୁଦ୍ରଆଡ଼କୁ ଏକ କରୁଣଭରା ଦୃଷ୍ଟିରେ ଚାହିଁଲା—ଆହା ! ବିଚରା ଏତେ ନାଚି ନାଚି ଶେଷରେ କ୍ଳାନ୍ତ ହୋଇପଡ଼ିଲା । ତା'ପରେ ଆକାଶକୁ ଚାହିଁଲା ପ୍ରଶଂସା ନୟନରେ; ତା ଉଦ୍ଦେଶ୍ୟରେ ପ୍ରଣାମ କଲା । ସେଇ ତାକୁ ଅସମୟରେ ସାନ୍ତ୍ୱନା ଦେଇଚି । ପଥ ଦେଖାଇଚି । ହେ ଆକାଶ ? ତୁମେ ମହାନ୍ !

ବେଳାଭୂମିର ରାଜପଥରେ ଫେରୁଥିଲା ବୃଷଭାନୁ । ରାଜପଥର ସେଇ ବାଙ୍କରେ, ରିକ୍‌ସା ଉପରୁ ଭାସି ଆସୁଥିଲା ମାଇକର ଚିତ୍କାର । ଚିତ୍କାର ଠିକ୍ ନୁହେଁ,

ଆହ୍ୱାନ । ଆହ୍ୱାନ ଏ ସମାଜକୁ, ଏ ସଭ୍ୟତାକୁ, ଏ ବିଶ୍ୱକୁ । ଏଆହ୍ୱା ଥିଲା 'ଏକ'ର ବିନିମୟରେ "ଏକଲକ୍ଷ"ର ଅଧିକାରୀ ହେବାର ଆହ୍ୱାନ । ଏ ଆହ୍ୱାନ ଯେ ଶୁଣିବ, ସେ ପାଇବାର ଆନନ୍ଦ ସିନା ଜାଣିବ, ହରାଇବାର ଗ୍ଳାନି ତାକୁ ବାଧିବ ନି । ହରାଇଲେ ମାତ୍ର ଏକ ବା' ହରାଇବ । ପାଇଲେ "ଏକ ଲକ୍ଷ ।"

କାହିଁକି ଏତେ ପରୀକ୍ଷା ? କାହିଁକି ଏତେ ସମସ୍ୟା ? ଗୃହ ଅଶାନ୍ତି, ବେକାର ସମସ୍ୟା, ଦଳ ପରିବର୍ତ୍ତନ, ତେଲେଙ୍ଗାନା, ପୁଣି ନକସଲପନ୍ଥୀ । କାହିଁକି ଏସବୁ କଥା ଶୁଣି କାହିଁକି ଅର୍ଥର ଚିନ୍ତା ? ଏସବୁ ସମସ୍ୟାର ସମାଧାନ ହୋଇ ଯାଇ ପାରିବ ଅତି ସହଜ ଆଉ ସରଳ ଉପାୟରେ; ଏ ସମାଧାନର ସହାୟତାରେ ଯେ ହାରିବ ତା ମନରେ ଏତେ ଟିକିଏ ବି ଗ୍ଳାନି ନଥିଲେ ସମସ୍ୟା ଆଉ ଆସିବ କେଉଁଠୁ ? କିଏ ପରୀକ୍ଷାରେ ପାସ୍ କରିବ, ସେଥିପାଇଁ ମୁଣ୍ଡ ଖେଳାଇବାକୁ ହେବନି କି କିଏ ଦେଶର ରାଷ୍ଟ୍ରପତି ହେବ —ସେଥିପାଇଁ ଟଣା ଓଟରା ଅବକାଶ ରହିବନି । ସବୁ ସମସ୍ୟାର ସମାଧାନ ହୋଇ ପାରିବ ଅତି ସହଜରେ ଲଟେରୀ ସାହାଯ୍ୟରେ । ସମସ୍ତଙ୍କୁ ଭାଗ୍ୟପରୀକ୍ଷା କରାଇବାକୁ ହେବ । ଯାହାଭାଗ୍ୟର ଜୋର୍ ଥିବ ସେ ପରୀକ୍ଷାରେ ପାସ କରିବ, ରାଷ୍ଟ୍ରପତି ହେବ ଅଥବା ସେ ଦଳ ରାଜ୍ୟ ଶାସନ କରିବ । ଯାହା ଭାଗ୍ୟରେ ନାହିଁ, ସେ କଷ୍ଟ ହୋଇ ମାରିବନି । ଏଥିରେ ଦୁଃଖ କରିବାକୁ ବି ନଥିବ । ବୃଷଭାନୁ ନିଜେ ବି ଏକଥା ଅଙ୍ଗେ ନିଭେଇଛି । ତା'ପାଖରେ ପଇସାହେବା ଦିନଠାରୁ ସେ ଲଟେରୀ ଟିକେଟ କିଣିଛି । କିନ୍ତୁ କୌଣସିଥର ଜୟଲାଭ କରିପାରିନି । ତଥାପି କାଇଁ, କେବେ-ହେଲେତ ତା' ମନରେ ଦୁଃଖ ହୋଇନି । ପରୀକ୍ଷାରେ ପାସ୍ ଫେଲ୍ କଥା ଯଦି ସେଇ ଲଟେରୀ ଦ୍ୱାରା ଧାର୍ଯ୍ୟ ହୁଅନ୍ତା ବୃଷଭାନୁ ଆଗେଇ ଯାଉଥାନ୍ତା ରାଜ ପଥରେ ।

ମାଇକର ଆହ୍ୱାନ ସେଇଭଳି ଭାସି ଆସୁଚି ।

ବୃଷଭାନୁ ଝାସ ଦେଇଚି ଜନତାର ସମୁଦ୍ର ଭିତରେ ।

# ଅନ୍ଧର ଭୋଟଦାନ

"ବାବୁ ଅନ୍ଧଲୋକକୁ ଭିକ୍ଷା ଗଣ୍ଡିଏ ଦିଅ...

ଭୋଟ ପ୍ରଚାରର କୋଳାହଳ ସାଙ୍ଗକୁ ରାସ୍ତା କଡ଼ରେ ଛିଡ଼ା ହୋଇ-ଥିବା ଅନ୍ଧଲୋକର ମଧ୍ୟ ଚିତ୍କାର ଛୁଟି ଚାଲିଥାଏ । ଯେପରି ସେ ବି ପ୍ରଚାର କରୁଚି କୌଣସି ଏକ ଦଳର ପ୍ରାର୍ଥୀ ପାଇଁ ।

ରାସ୍ତା ଉପରେ ଚାଲିଚି ଗାଡ଼ି, ଘୋଡ଼ାର ଶୋଭାଯାତ୍ରା । ଜନତାର ସୁଅ, ନିର୍ବାଚନ ହେଉଛି । ଦିନକ ପାଇଁ ଆଜ ଜନତା ହେଉଛି ସର୍ବଶକ୍ତିମାନ । ନିଜ ଭାଗ୍ୟ ପାଇଁ ସେ ପ୍ରସ୍ତୁତ କରୁଛି ଏକ ନାଗଫାଶ । ଯେ କି ତାକୁ ବାନ୍ଧି ରଖିବ ଆଗାମୀ ପାଞ୍ଚବର୍ଷ ପାଇଁ ।

ବାବୁ, ଅନ୍ଧଲୋକକୁ...

ଅନ୍ଧଟିର କରୁଣ ଚିତ୍କାର ଅତି ଅସହାୟ ଭାବରେ ଅଣନିଃଶ୍ୱାସୀ ହୋଇ ପଡ଼ୁଛି ନିର୍ବାଚନ ପ୍ରଚାରର କୋଳାହଳ ମଧ୍ୟରେ ।

ଏ ଅନ୍ଧ ଶୁଣ...

ବାବୁ ଗୋଟେ ପଇସା...

ବଦ୍‌ମାସ ବନ୍ଦକର । ମୁଁ ଯାହା କହୁଚି ଶୁଣ୍...

ଆଜ୍ଞା...

ତୋ ନାଁ ପଦ୍ମଲୋଚନ ।

ବାବୁ, ମୋ ନାଁ...

ଭାକ୍—କହିଲି ପରା ତୋ' ନାଁ ପଦ୍ମଲୋଚନ, ତୋ' ବାପା ନାଁ ରାଜୀବଲୋଚନ...

ଆଜ୍ଞା, ମୋ ବାପା ନାଁ...

ମୁଁ ଯାହା କହୁଛି ଶୁଣ୍, ଆଉ ଯେମିତି କହୁଚି କର । ମୋ ସାଙ୍ଗେ ଆସ୍ ।

ଲୋକଟି ଅନ୍ଧର ବାଡ଼ି ଧରି ବାଟ କଢ଼େଇ ନେଲା, ଆଉ କହି ଚାଲିଲା । ଭୋଟକେନ୍ଦ୍ରକୁ ଯାଇ ଭୋଟବାବୁଙ୍କୁ କହିବୁ । ମୁଁ ସୂର୍ଯ୍ୟ ଛାପରେ ଭୋଟଦେବି । ସୂର୍ଯ୍ୟ, ବୁଝିଲୁ, ଯେତେ ଆଲୋକ ଦେବ, ଦେଶକୁ ସେତେ ନୂତନ ଆଲୋକରେ ଉଦ୍ଭାସିତ କରିବ ।

ବାବୁ ମୁଁ ଜନ୍ମରୁ ଅନ୍ଧ । ସୂର୍ଯ୍ୟ କେମିତି ଦେଖିବି ?

ତୋର ଜାଣିବା ଦରକାର ନାହିଁ । ତୁ ଏତିକି ଜାଣ, ତୋ ନାଁ ପଦ୍ମଲୋଚନ, ତୋ ବାପା ନାଁ ରାଜୀବଲୋଚନ । ଆସ୍ ତୁ ଭୋଟ୍ ଦେବୁ ସୂର୍ଯ୍ୟ ଛାପରେ ।

ଭୋଟ୍ କେନ୍ଦ୍ରରୁ ଫେରିଆସିଲା ଅନ୍ଧ । ଯେଉଁ ଯୁବକଟି ତାକୁ ଭୋଟ୍ କେନ୍ଦ୍ରକୁ ଆଣିଥିଲା ସୂର୍ଯ୍ୟ ଛାପରେ ଭୋଟ୍ ଦେବାକୁ, ସେ ତା'ର ଖଣ୍ଡିଆ ଟିଣ ଡବାରେ ଆଠେଣିଟିଏ ପକାଇ ଦେଇଗଲା । ଯାଃ ଏଥର ତୋର ଛୁଟି ।

ଅନ୍ଧ ଖୁବ୍ ଖୁସୀ । ବିନା ପରିଶ୍ରମରେ ତାକୁ ଆଠଣା ପଇସା ମିଳିଗଲା । ସବୁଦିନ ଏମିତି ହୁଅନ୍ତା କି ! ତାକୁ ଆଠଣା ଲେଖାଏଁ ମିଳିଯା'ନ୍ତା ।

କେତେ କରାମତି ସେ ସୂର୍ଯ୍ୟ ଛାପର । ମନେ ମନେ ସେ ହାତ ଯୋଡ଼ିଲା, ସୂର୍ଯ୍ୟ ନାମକ ସେହି ଅଜ୍ଞାତ ବସ୍ତୁଟି ପ୍ରତି ।

ହଠାତ୍ ତା'ର ମନେପଡ଼ିଲା କାଲିଠାରୁ କିଛି ଖାଇନି । ଟିଣ ଡବାରେ ତା'ର ଆଠଣି । ଡବାଟି ଠଣ୍ ଠଣ୍ କରି ଖୁସି ମନରେ ଅଣ୍ଡାଳି ଅଣ୍ଡାଳି ରାସ୍ତା କଡ଼ର ଜଳଖିଆ ଦୋକାନ ପାଖକୁ ଗଲା । ଦୋକାନରେ ଭଜା ହେଉଥିବା ଆଘ୍ରାଣରେ ପେଟ ତା'ର ଆହୁରି ଆଉଟି ପାଉଟି ହେଇ ଉଠିଲା । ପଇସାଟିକୁ ବଢ଼ାଇ ଦେଇ ଦୋକାନୀଟିକୁ କହିଲା—ବାବୁ, କ'ଣ ଟିକିଏ ଦିଅ ଖାଇବାକୁ—

ଶଳା, ଅନ୍ଧଟେ ନାଁ କ'ଣ ମ ? ଅଚଳନ୍ତି ଆଠେଣିଟେ ଦେଇ ଆହୁରି ଖାଇବ । ଯାଃ ଏଠୁ... ।

ଅଚଳନ୍ତ ଆଠେଣି ! ଅନ୍ଧ ମୁଣ୍ଡରେ ବଜ୍ର ପଡ଼ିଲା । ସେ ବାବୁଟା ତାଙ୍କୁ ଶେଷରେ ଅଚଳନ୍ତ ଆଠଣିଟେ ଦେଇଗଲା !

ତା'ର ମନେ ହେଲା, ଯେଉଁ ସୂର୍ଯ୍ୟ ସ୍ତୁପରେ ତାଙ୍କୁ ଭେଟ ଦେବାକୁ କୁହାଯାଇଥିଲା, ସେଇଟା ଯେପରି ଏକ ବିରାଟ ଭାରି ଜିନିଷ ହୋଇ ତାଙ୍କୁ ମାଡ଼ି ବସୁଚି । ସେ ବାଡ଼ିଟିକୁ ପକାଇ ଲଥ୍‌କରି ବସି ପଡ଼ିଲା ସେଇଠି ।

ରାଜଧାନୀରେ ଜନତାର ସୁଅ ଛୁଟିଛି ପିମ୍ପୁଡ଼ି ଧାର ଭଳି ଭୋଟ୍‌କେନ୍ଦ୍ର ଆଡ଼କୁ । ସବୁରି ହାତରେ ନିଜ ନିଜ ଗଳାର ନାଗଫାଶ ।

# ରାଜଧାନୀ ରଙ୍ଗଶାଳା

ମନ୍ଦଆଲୋକ ଓ ମଦିରାର ପ୍ରଭାବରେ ସବୁ କିଛି ଅସ୍ପଷ୍ଟ ହୋଇ ଉଠିଥିଲା । ସବୁ କିଛି ମାନେ, ସବୁ କିଛି । କେହି କାହାରିକୁ ସ୍ପଷ୍ଟ ବାରି-ପାରିବେନି । ଏପରିକି ନିଜେ ନିଜକୁ ମଧ୍ୟ । ଆଉ ସେଇ ଅସ୍ପଷ୍ଟ ବାରିଧି ଭିତରେ ଗୋଟିଏ କ୍ଷୁଦ୍ର ଦ୍ୱୀପ । କାମନା ଲକ୍ଷ୍ମୀ ଦ୍ୱୀପ । ନୃତ୍ୟରତା କ୍ୟାବେରା ନର୍ତ୍ତକୀ କୁମାରୀ ମିତା ।

ମୁଁ ମଧ୍ୟ ସେଇ ବାରିଧି ଭିତରେ ରହି ଉବୁଟୁବୁ ହେଉଥିଲି । ଆଉ ମଦିରାର ତାଡ଼ନାରେ ଉଦ୍ୟମ କରୁଥିଲି ଆବିଷ୍କାର କରିବାକୁ ଲକ୍ଷ୍ମୀ ଦ୍ୱୀପର ପ୍ରତ୍ୟେକଟି ଅନ୍ଧି କନ୍ଧି ।

ରାଜଧାନୀ ରଙ୍ଗଶାଳାର ପ୍ରଥମ ରାତି ।

ରାଜଧାନୀର ଦୀର୍ଘ ଦିନର ଏକ ଅଭାବ ପୂରଣ କରି ବହୁ ଆକାଙ୍‌କ୍ଷିତ ରାଜଧାନୀ ରଙ୍ଗଶାଳା ମାତ୍ର କେତୋଟି ମୁହୂର୍ତ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା ।

ଓଡ଼ିଆ ଜାତିର ଏକ ବିରାଟ ଲକ୍ଷ୍ୟ । ଖୋଦ୍ ରାଜଧାନୀରେ ଆଜି ସରକାରଙ୍କର ପୃଷ୍ଠପୋଷକତାରେ ଗଢ଼ି ଉଠିଛି ଅତ୍ୟାଧୁନିକ ବାତାନୁକୂଳ ଆମୋଦ ଭବନ ରାଜଧାନୀ ରଙ୍ଗଶାଳା । ଖାଲି ସେତିକି ନୁହେଁ, ରାଜ୍ୟସରକାରଙ୍କ ପୁଞ୍ଜି ବିନିଯୋଗରେ ପ୍ରତିଷ୍ଠିତ ସ୍ୱଦେଶୀ ସୂତା କାରଖାନାର ସର୍ବପ୍ରଥମ ଉତ୍ପାଦନ ହିଁ ଆଜି ପରିବେଷିତ ହୋଇଛି । ଏହି ରାଷ୍ଟ୍ରାୟତ୍ତ ରାଜଧାନୀ ରଙ୍ଗ-ଶାଳାରେ । ଆଉ ଏହି ଦୈତ ସୁଯୋଗରେ ଯେଉଁ କେତେଜଣ ଅଧିକାରୀ ହୋଇ ପାରିଛନ୍ତି, ମୁଁ ଥିଲି ସେମାନଙ୍କ ମଧ୍ୟରୁ ଅନ୍ୟତମ ।

ମୋର ସେହି ରଙ୍ଗୀନ୍ ଅଥଚ ଅସ୍ପଷ୍ଟ ଦୃଷ୍ଟିକୁ କ୍ଷଣକ ପାଇଁ କୁମାରୀ ମିତାଙ୍କ ଦେହରୁ ଖସାଇ ଆଣି ଘୂରାଇ ନେଲି କକ୍ଷର ଗୃହ କାନ୍ଥ ଉପରକୁ ; ଅପୂର୍ବ ! ଓଡ଼ିଆ ଶିଳ୍ପୀ ମହାନ ! ବିଶୁ ମହାରଣା ମହାନ କି ଧର୍ମପଦ ମହାନ । ବାରଶହ ବଢ଼େଇ ଏବେ ବି ଜୀବିତ । ଏଇ, ଏଇତ ସେଇ ନମୁନା, ଏଇତ ! କୋଣାର୍କର କଳାକୃତିକୁ ଏଭଳି ନିଖୁଣ ଭାବରେ ଅଧିକ ରଙ୍ଗ, ଏପରିକି ଜୀବନ ଦେଇ ଏଠାରେ ବାନ୍ଧି ରଖା ଦିଆଯାଇଛି ଯେ, ଆଉ କାହାରିକୁ କଷ୍ଟ କରି ଅର୍ଦ୍ଧ ଲଗ୍ନ ଶିଳ୍ପ ମୂର୍ତ୍ତିର ଦେଖିବାକୁ କୋଣାର୍କ ଯିବାକୁ ହେବନାହିଁ ।

ମୁଁ ରାଷ୍ଟ୍ରାୟତ୍ତ ସୁରାରୁ ଆଉ କିଛି ଉଦରସ୍ଥ କଲାପରେ ଦୃଷ୍ଟି ଫେରାଇ ନେଲି କୋଣାର୍କ ସ୍ଖଳିତ ଚହ ମିତା ଆଡ଼କୁ । ତା'ର ବସ୍ତ୍ର ଦାରିଦ୍ର୍ୟ ମତେ ଆହୁରି ପାଗଳ କରି ପକାଉଥିଲା ।

ହଠାତ୍ ମୁଁ ଚମକି ଉଠିଲି । ମତେ ହୁଏତ କିଏ ଚିମୁଟିଲା ।

ବେଳଥିଲା, ଲୋକେ ସୁରା ଆଉ ସାକୀକୁ ଘୃଣା ଚକ୍ଷୁରେ ଦେଖୁଥିଲେ । ମାତ୍ର ସେଇଟା 'ଗୋଟାଏ ମଧ୍ୟଯୁଗୀୟ (କୁ) ସଂସ୍କାର ଥିଲା, ସେତେବେଳର ବିକୃତ ଚିନ୍ତାଧାରାର ଜାରଜ ସନ୍ତାନ । ସୋମରସ ବିନା ବେଦର ସୃଷ୍ଟି ହୋଇପାରି ନଥାନ୍ତା କି ସାକୀ ବିନା କାଳିଦାସଙ୍କର ସୃଷ୍ଟି ନଥାନ୍ତା । ଏବେ ଯୁଗ ବଦଳିଛି । ସେ ମଧ୍ୟଯୁଗୀୟ ଚିନ୍ତାଧାରାକୁ ଜୋର୍ କରି ଆମ ମନରୁ ତଡ଼ି-ଦେବାକୁ ହେବ । ଆମକୁ ଯୁଗ ସଙ୍ଗେ ତାଳ ଦେବାକୁ ହେବ । ଆଜିର ବିଶ୍ୱରେ ତିଷ୍ଠି ରହିବାକୁ ହେବ ।

ଚମ୍ପୂଟର କଷ୍ଟ କ୍ରମେ ମୁଁ ଭୁଲି ଯାଉଥିଲି । କିଛିକ୍ଷଣ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କର ଉଦ୍‌ଘାଟନ ବାର୍ତ୍ତା ଅମୋଘ ଅସ୍ତ୍ର ଭଳି କାମ କରି ମୋର ସେ ବେଦନାକୁ ଅପସାରିତ କରି ଦେଇଥିଲା ।

ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ କହିଥିଲେ, ରାଜ୍ୟକୁ ଦୁର୍ବିଷହ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ସଙ୍ଗେ ସଙ୍ଗେ ରାଜ୍ୟର ଦ୍ରୁତ ଉନ୍ନୟନର ଅନ୍ୟତମ ପନ୍ଥା ରୂପେ ରାଜ୍ୟ ସରକାରଙ୍କର ପରିକଳ୍ପନା ଏହି "ରାଜଧାନୀ ରଙ୍ଗଶାଳା" ତଥା ରାଷ୍ଟ୍ରାୟତ୍ତ ସୁରା କାରଖାନା "ମନ୍ଦିର" । ଏଇ ଦୁଇଟି ସଂସ୍ଥା ଓଡ଼ିଶାର ଜନସାଧାରଣଙ୍କୁ ପ୍ରମୋଦ ଦେବା ସଙ୍ଗେ ସଙ୍ଗେ ଯେ କେବଳ ସରକାରଙ୍କର ସମ୍ବଳ ବୃଦ୍ଧିରେ ସହାୟକ ହେବ ତା' ନୁହେଁ, ଏହା ଦ୍ୱାରା ବେକାରି ଦୂରୀକରଣ ସହିତ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଫଳରେ ଦେଶପାଇଁ ବହୁ ମୂଲ୍ୟବାନ୍ ବିଦେଶୀ ମୁଦ୍ରା ଅର୍ଜନ କରିପାରିବ ।

ମୁଁ ମୁଖ୍ୟମନ୍ତ୍ରୀଙ୍କର ଉନ୍ନତ ଚିନ୍ତାଧାରାକୁ ମନେ ମନେ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତାଙ୍କ ଉଦ୍ଦେଶ୍ୟରେ ମୋ ମଥା ଭକ୍ତିରେ ଆପେ ଆପେ ନଇଁଗଲା ।

ଶେଷରେ ମୁଖ୍ୟମନ୍ତ୍ରୀ ଖେଦ ପ୍ରକାଶ କଲେ ଯେ, ଆଜିର ଏ ବିଶେଷ ସନ୍ଧ୍ୟାରେ ବିଦେଶର କୁଖ୍ୟାତ କ୍ୟାବେରା ନର୍ତ୍ତକୀକୁ ଆଣିବା ପାଇଁ ଆବଶ୍ୟକୀୟ ବିଦେଶୀ ମୁଦ୍ରା ଭାରତ ସରକାର ନ ଦେବାରୁ ଆଜିର ଏ ରାତି ଯେତେ ଦୂର ମନୋରମ ହୋଇ ପାରିଥାନ୍ତା, ହୋଇପାରିଲା ନାହିଁ । ଏଥିପାଇଁ ରାଜ୍ୟ-ସରକାରଙ୍କର ଏକ ଉଚ୍ଚ କ୍ଷମତା ସମ୍ପନ୍ନ ପ୍ରତିନିଧି ଦଳ ଦେଶର ଶ୍ରେଷ୍ଠ ମନୋରଞ୍ଜନ କେନ୍ଦ୍ର ଗୁଡ଼ିକ ବୁଲି ପର୍ଯ୍ୟବେକ୍ଷଣ କରି ଆସିଛନ୍ତି । ଏପରି ଏକ ମହତ ଜାତୀୟ କାର୍ଯ୍ୟରେ ଯୋଗଦାନ କରିଥିବାରୁ ସେ ଉପସ୍ଥିତ ଭଦ୍ରଲୋକଙ୍କୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଆଶାପ୍ରକାଶ କରିଥିଲେ ଯେ, କ୍ରମେ ରାଜ୍ୟବାସୀ ବିଶେଷ କରି ଯୁବ ସଂପ୍ରଦାୟ ଅଧିକରୁ ଅଧିକ ପୃଷ୍ଠପୋଷକତା କରି ଏହି ଦୁଇ ସଂସ୍ଥାକୁ ସଫଳ କାମ କରିବେ । ରାଜ୍ୟର ଶିକ୍ଷିତ ଯୁବକମାନେ, ବିଶେଷ କରି ଛାତ୍ରମାନେ କଥାକାର ଭଳି ଏହି ଆଧୁନିକ ନୃତ୍ୟକଳା ପ୍ରତି ଅଧିକ ଆକୃଷ୍ଟ ହେବା ଉଚିତ । ତେବେ ଏଥିପାଇଁ ଆମକୁ ଆଉ ଅନ୍ୟ ରାଜ୍ୟ କିମ୍ବା ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ।

ରାତ୍ରୀର ଶେଷଭାଗରେ ମୁଁ ବାହାରି ଆସୁଥିଲି ରାଜଧାନୀ ରଙ୍ଗଶାଳା ଭିତରୁ । ନିଜକୁ ଖୁବ୍ ଗୌରବାନ୍ୱିତ ମନେ କରୁଥିଲି । ଯାହାହେଉ ମୁଁ ରାଜ୍ୟର ଉନ୍ନୟନ ପରିକଳ୍ପନାରେ ସକ୍ରିୟ ଅଂଶ ଗ୍ରହଣ କରିପାରିଛି । ମୁଁ ଜଣେ ସୁ-ନାଗରିକ ।

ସେତେବେଳ ପର୍ଯ୍ୟନ୍ତ ମୋ ରକ୍ତରେ "ମଦିରା"ର ନୃତ୍ୟ ଚାଲିଥିଲା ।

## ଅଳାଦ୍ଧି

ଇଂରାଜୀ ପୁରୁଣା ବର୍ଷକୁ ମନରୁ ପୋଛି ଫିଙ୍ଗିଦେଇ ଇଂରାଜୀ କାଇଦାରେ ନବବର୍ଷର ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ବିରାଟ ଆୟୋଜନ ଚାଲିଥିଲା କ୍ଲବ୍ ଘରେ । ଅଜସ୍ର ରଙ୍ଗୀନ୍ ବେଲୁନ, ରଙ୍ଗୀନ୍ ଆଲୋକ, ଆଉ ରଙ୍ଗୀନ୍ ବୋତଲର ସମାବେଶରେ ପରିବେଶ ବିଲ୍‌କୁଲ ରଙ୍ଗୀନ୍ ବେଲୁନ୍ ଭଳି ହାଲ୍‌କା ହୋଇଯାଇଥିଲା । ଦୁଇଟି ବର୍ଷର ଏହି ସନ୍ଧିକ୍ଷଣରେ ରଙ୍ଗୀନ୍ ପାଣିର ନିଶାରେ ମନକୁ ବେଲୁନ୍ ପରି ହାଲ୍‌କା କରି ନିଜର ସତ୍ତା ହରାଇ ଦେବାକୁ ଆହ୍ୱାନ କରୁଥିଲା ବ୍ୟାଣ୍ଡ୍ ସଙ୍ଗୀତ । କ୍ରମେ ତା'ର ଆହ୍ୱାନ ତୀବ୍ରରୁ ତୀବ୍ରତର ହୋଇ ଆସୁଥିଲା ।

ଲାଲ୍‌ରଙ୍ଗର ଶୂନ୍ୟ ଡ୍ୟାନ୍‌ସ ଫ୍ଲୋର୍ ଉପରେ ଏକ ବିନ୍ଦୁ । ପ୍ରଶସ୍ତ ଚଟାଣ ଉପରେ ବ୍ୟାଣ୍ଡ୍‌ର ତାଳେ ତାଳେ ନାଚି ନାଚି ଘୂରି ବୁଲୁଛି ସେହି ବିନ୍ଦୁଟି । କ୍ରମେ ଦର୍ଶକମାନଙ୍କର ଭିଡ଼ ଭାଙ୍ଗିଭାଙ୍ଗି ଯାଉଛି । ବିନ୍ଦୁ ଏକରୁ ଦୁଇ ହେଲା । ତା'ପରେ ଜ୍ୟାମିତିକ ଧାରାରେ ଚାରି...ଆଠ...ଅସଂଖ୍ୟ । ବିରାଟ ଡ୍ୟାନସ୍ ଫ୍ଲୋର୍‌ଟି ଭରିଗଲା ନୃତ୍ୟରତ ଯୁଗଳରେ । ବ୍ୟାଣ୍ଡ୍‌ର ତାଳ ଆହୁରି ପ୍ରଖର ହେଇ ଆସୁଛି । ଆଲୋକ ହୋଇ ଆସୁଛି ମନ୍ଦ । ବାୟୁମଣ୍ଡଳ ସୁରା, ସିଗାରେଟ୍

ଝାଳମିଶା ପରଫ୍ୟୁମ୍, ସମସ୍ୟାଯୁକ୍ତ ଖାଦ୍ୟ ଗନ୍ଧରେ ଏକ ବିଚିତ୍ର ସମାହାର ଭରି ଉଠିଚି ।

ମୁଁ ବି ହାଲ୍କା ହେଇଗଲି ଓ ଝାସ ଦେଲି ନୃତ୍ୟାଙ୍ଗନର ସେହି ଉନ୍ମତ୍ତ ତରଙ୍ଗମାଳା ମଧ୍ୟରେ । ଅନଭ୍ୟସ୍ତ ପଦ ମୋର ଛନ୍ଦ ହୋଇ ପଡ଼ୁଥାଏ । ଅନଭ୍ୟସ୍ତ ସ୍ନାୟୁ ମୋର ମନା ମାନୁ ନଥାଏ । ମୁଁ ହୋଇ ପଡ଼ୁଥାଏ ଛନ୍ଦହୀନ ।

ସମୟ ମାଡ଼ି ଚାଲିଲା । ବ୍ୟାଣ୍ଡ୍ ସଙ୍ଗୀତର ମୂର୍ଚ୍ଛନା ବଢ଼ି ଚାଲିଲା । ଆଉ ମୁଁ ଖୋଜି ବୁଲିଲି ଗୋଟିଏ ପରେ ଗୋଟିଏ ନୃତ୍ୟସଙ୍ଗିନୀ ।

ମୋର ଯେଉଁ ବନ୍ଧୁଙ୍କର ପ୍ରରୋଚନାରେ ମୁଁ ଝାସ ଦେଇଥିଲି ସେଇ ଧୂର୍ତ୍ତିରେ, ତାଙ୍କ ଭାଷାରେ ଏ ନୃତ୍ୟରେ କାମନାର ଗନ୍ଧ ନଥାଏ । କେବଳ ଶ୍ରାନ୍ତ କ୍ଳାନ୍ତ ମନକୁ ହାଲ୍କା କରିବା ସଙ୍ଗେ ସଙ୍ଗେ ସାମାଜିକ ବନ୍ଧନକୁ ଆହୁରି ସୁଦୃଢ଼ କରିବାକୁ ଏହାର ସୃଷ୍ଟି । ତେଣୁ ତୁମେ ଅନ୍ୟ କାହାର ସ୍ତ୍ରୀ ସହିତ ନାଚିବା ଗର୍ହିତ ନୁହେଁ । ଯେ ଗର୍ହିତ ଭାବେ, ସେ ମାତ୍ର ସଂକୀର୍ଣ୍ଣମନା । ବରଂ ଏଭଳି ଏକ ସାମାଜିକ ସନ୍ଧ୍ୟାରେ ଆଉ ଏହି ନାଚ ମାଧ୍ୟମରେ ଅନେକ କିଛି ପଠା ଯାଇପାରେ । ବିଶେଷ କରି ଏଇ ଚାକିରି ଜୀବନରେ । କାରଣ ଏଥିରେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ନିର୍ବିଘ୍ନ ଭାବରେ ଜାଣିବାର ସୁଯୋଗ ପାଇ ପାରନ୍ତି । ଆଉ ଏଥିରେ ତୁମେ ନିଜର ପ୍ରକୃତ ମୂଲ୍ୟ ତୁମ ଉପରିସ୍ଥ ହାକିମଙ୍କୁ ଜଣାଇ ପାରିବ ।

କିନ୍ତୁ ମୋର ଚେତନାର ଫାଙ୍କରେ ମୁଁ ସ୍ପଷ୍ଟ ଦେଖିପାରୁଥିଲି, ନୃତ୍ୟରତ ପୁରୁଷ ମହିଳାଙ୍କର ଫେନିଳାୟିତ କାମନାକୁ । ଆଉ ମାପିବାକୁ ଚେଷ୍ଟା କରୁଥିଲି ମୋ ନିଜ କାମନାର ଉଦ୍‌ବେଳିତ ତରଙ୍ଗମାଳାକୁ । ଆମେମାନେ ଏକ ମୋହାବିଷ୍ଟ ପତଙ୍ଗପାଳ ଦଳ କାମନାର ଶିଖା ଚାରିପାଖରେ ପାଗଳ ଭଳି ଘୂରି ବୁଲୁଚୁ ମନର ଅନ୍ଧକାରକୁ ଆହୁରି ଅନ୍ଧକାରାଚ୍ଛନ୍ନ କରିବାକୁ ।

ସମୟ ଗଡ଼ି ଚାଲିଥିଲା । ହୁଏତ ମୁଁ ଆହୁରି ନାଚିଥା'ନ୍ତି . ମାତ୍ର ମୋର ଅନଭ୍ୟସ୍ତ ସ୍ନାୟୁମଣ୍ଡଳ ସୁରାର ଆକ୍ରମଣଟାକୁ ଆଉ ଅଧିକ ସମୟ ପ୍ରତିହତ ଅବସ୍ଥାରେ ନଥିଲେ । ପୁରୁଣା ବର୍ଷ କେତେବେଳେ ଖସି ଚାଲି

ଯାଉଛୁ । ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇପାରିନି କି ନୂଆବର୍ଷକୁ ସ୍ୱାଗତ କରିପାରିନି । ଚାଲ ଚାଲ ମୁଁ ଫେରିଆସୁଚି ଘରକୁ ।

ସିଧା ଶୟନକକ୍ଷକୁ ଆସି ପାଦ ମୋର ଅଟକି ଗଲା ଖଟ ନିକଟରେ । ନିଦ୍ରାଗତା ସ୍ତ୍ରୀଙ୍କର ପ୍ରଶାନ୍ତ ବଦନରେ ଖେଳୁଚି ଏକ ଉଜ୍ଜ୍ୱଳଜ୍ୟୋତି । ମୁଁ ଚେଷ୍ଟା କଲି ଖୋଜିବାକୁ ତାଙ୍କ ମନର ଆନନ୍ଦକୁ । ମୋର ସେଇ ବନ୍ଧୁଙ୍କ କଥାରେ । କ୍ଲବ ନ ଯାଇ ଘର କଣରେ ବସି ରହିଲେ ମନ ଅନ୍ଧାରୁଆ ହୋଇଯାଏ । ସେଥିରେ ଆନନ୍ଦ ବାନ୍ଧେ । କିନ୍ତୁ ମୁଁ ଚାହିଁ ପାରିଲିନି ତାଙ୍କର ସେଇ ଉଜ୍ଜ୍ୱଳ ମୁହଁକୁ ବେଶୀକ୍ଷଣ । ମୋ କାନରେ ଏକ ଶାନ୍ତ ଅଥଚ ମଧୁର ସ୍ୱରରେ ଝଂକୃତ ହେଲା । କେତୋଟି ପଦ । ମୋର ସ୍ତ୍ରୀ ଥରେ ଜଣେ ପଡ଼ୋଶୀଙ୍କୁ ଉତ୍ତର ଦେଇଥିଲେ, ମୋ ସ୍ୱାମୀ ଓ ମୋ ଘର ଭଲ ତ ମୁଁ ଭଲ । ମତେ ସେ କ୍ଲବ୍ ଫ୍ଲବ୍‌ରୁ କ'ଣ ମିଳିବ ? ଖାଲି ବାହାରର ବିଷ ଘରକୁ ଆଣିବା କଥା ସାର ହେବ ।

ବାରମ୍ବାର ସେଇ କେତୋଟି ପଦ ମୋ ମନରେ ଝଂକୃତ ହେବାକୁ ଲାଗିଲା । ଆଉ କ୍ରମେ ତାଙ୍କର ମୁଖମଣ୍ଡଳ ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ ଝଲସିବାକୁ ଲାଗିଲା । ମତେ ଲାଗିଲା ମନରେ ମୋର ଅନ୍ଧାର ଗାଢ଼ରୁ ଗାଢ଼ତର ହୋଇ ଜମାଟ ବାନ୍ଧିବାରେ ଲାଗିଚି । ଆଉ ଅଜସ୍ର ଆନନ୍ଦ ଗୁଡ଼େଇ ଗୁଡ଼େଇ କରି ବାନ୍ଧି ପକାଇଚି ମୋର ମନକୁ । ମୁଁ କ୍ରମେ ଅଣନିଃଶ୍ୱାସୀ ହୋଇପଡ଼ୁଚି ।

ସାହସ କରି ପାରିଲିନି ସେ ଖଟରେ ଶୋଇବାକୁ । ସ୍ତ୍ରୀଙ୍କ ମନର ଆଲୋକ ମୋ ମନର ଅନ୍ଧକାରକୁ ଛିନ୍ନଭିନ୍ନ କରି ପକାଉଚି । ରହି ପାରିଲିନାହିଁ ସେ ଘରେ ଅଧିକକ୍ଷଣ । ମୋର ଅବଶ୍ୟ ଶରୀର ଓ ବିଷାକ୍ତ ମନକୁ ବୋହି ବୋହି ଆଣି ଲଗାଇଦେଲି ଡ୍ରଇଂ ରୁମ୍‌ର ସୋଫା ଉପରେ ।

# ଦେଶର ଡାକ

ଏକ ମାଦକଭରା ରଙ୍ଗୀନ୍ ସ୍ୱପ୍ନର ରାଜ୍ୟରେ ଘୁରି ବୁଲୁଥିଲା ପାର୍ଥ । ତା' ସଙ୍ଗେ ସଙ୍ଗେ ଥିଲା ମିନା । ଦୁଇଟି ଅପରିଚିତ ପ୍ରାଣକୁ ଚିରଦିନ ଲାଗି ଏକ କରି ବାନ୍ଧୁଥିଲା ବୈଦିକ ମନ୍ତ୍ର । ହୋମାଗ୍ନିର କୋମଳ ମଧୁର ଶିଖା, ଶଙ୍ଖ ହୁଳହୁଳି, ବାଜା ଆତସବାଜି ଏ ସବୁର ବିଚିତ୍ର ସମାହାରରେ ଦୁଇ ଅପରିଚିତ ମନ ଆହୁରି ନିକଟକୁ ଲାଗି ଆସୁଥିଲା ।

ଯଥା ରାବଣସ୍ୟ ମନ୍ଦୋଦରୀ···

ଶଙ୍ଖ, ହୁଳହୁଳି ଧ୍ୱନିରେ ମୁହୂର୍ତ୍ତକ ପାଇଁ କମ୍ପି ଉଠିଲା ବିବାହ ବେଦୀ ।

ଚିରଦିନ ଲାଗି ପାର୍ଥ ଓ ମିନା ବାନ୍ଧି ହୋଇଗଲେ ଏକ ଅବିଚ୍ଛିନ୍ନ ବନ୍ଧନରେ ।

ଟେଲିଗ୍ରାମ୍ ।

ସମସ୍ତେ ଚମକି ଉଠିଲେ ମୁହୂର୍ତ୍ତକ ପାଇଁ ସ୍ୱାଭାବିକ ଭାବରେ । ପର ମୁହୂର୍ତ୍ତରେ ସାନ୍ତ୍ୱନା ଦେଲେ— ଯାଃ—ଗ୍ରିଟିଂ ଟେଲିଗ୍ରାମ୍ ହୋଇଥିବ ।

ପ୍ରମଥେଶ ବାବୁ ପ୍ରଥମେ ଟେଲିଗ୍ରାମ୍ ଖୋଲି ପଢ଼ିଲେ । ହଠାତ୍ ବଜ୍ରପାତ ! ସେ ଠିକ୍ ପଢ଼ୁଛନ୍ତି ତ ? ଆଉଥରେ ଦେଖିବାର ଅବସର ନଥିଲା । ସେଇଥିରେ ମୂର୍ଚ୍ଛା ହୋଇ ପଡ଼ିଲେ ପ୍ରମଥେଶ ବାବୁ ।

ଚହଳ ପଡ଼ିଗଲା ।

ମିନାର ମୁଣ୍ଡରେ ବଜ୍ର ପଡ଼ିଲା ।

ପାର୍ଥକୁ ଯୁଦ୍ଧକ୍ଷେତ୍ରକୁ ଡାକରା ।

ମୃତ୍ୟୁ ।

ମୃତ୍ୟୁ ପଦଧ୍ୱନୀ ।

ଏ କ'ଣ ? ଜୀବନର ଆରମ୍ଭ ନ ହେଉଣୁ ମୃତ୍ୟୁର ଡାକରା । ଅଦୃଷ୍ଟର ଏକ ନିର୍ମମ ପରିହାସ ।

ବିବାହ ଉତ୍ସବର ସେ ଆନନ୍ଦ କୋଳାହଳ ମୁହୂର୍ତ୍ତକ ପାଇଁ ପାଣି ଫୋଟକା ଭଳି ମିଳାଇଗଲା । ତା' ପରିବର୍ତ୍ତେ ଖେଳିଗଲା ମୃତ୍ୟୁର ଏକ କରାଳଛାୟା । ଏ'କ ଏକ ଅଶୁଭ କ୍ଷଣରେ ଏସବୁ ହେଲା ? ଆଉ ମାତ୍ର କେତୋଟି ମୁହୂର୍ତ୍ତ ପୂର୍ବରୁ ଏ ଖବର ଆସିଥିଲେ ହୁଏତ ସବୁ ଠିକ୍ ଠାକ୍ ହୋଇ ଯାଇଥା'ନ୍ତା । କିନ୍ତୁ ଏଇଲାଗେ ? ଆଉ ଫେରିବାର ବାଟ କାହିଁ ।

ପାର୍ଥ ପୋଷାକ ବଦଳାଇ ଡ୍ରଇଂ ରୁମ୍‌କୁ ପଶିଲାବେଳକୁ ଦେଖିଲା, ତା'ର ବାପା ଅଚିନ୍ତ୍ୟବାବୁ ଶ୍ୱଶୁରଙ୍କର ବଡ଼ଭାଇ, ଅନ୍ୟ କେତେଜଣ ଆତ୍ମୀୟ କ'ଣ ଗୁରୁତର ଆଲୋଚନାରେ ବ୍ୟସ୍ତ । ପାର୍ଥକୁ ଦେଖି ହଠାତ୍ ନୀରବ ହୋଇଗଲେ ।

ପାର୍ଥ କପାଳରୁ ସେ ପର୍ଯ୍ୟନ୍ତ ଚନ୍ଦନ ସିନ୍ଦୂର ଲିଭିନି । ଆଖିରେ କାଜଳର ଗାର । ମୁଣ୍ଡ ବାଳରେ ସେ ପର୍ଯ୍ୟନ୍ତ ଦୂବ ଅକ୍ଷତ ଲାଗି ରହିଛି । ସେ ହସି ହସି କହିଲା, ଆପଣ ଆଶୀର୍ବାଦ କରନ୍ତୁ ଏ ଜୀବନ ଥିବା ପର୍ଯ୍ୟନ୍ତ ଶତ୍ରୁ ସଙ୍ଗେ ଲଢ଼ି ମୁଁ ମାତୃଭୂମିକୁ ରକ୍ଷା କରିବି ।

କାହାରି ମୁହଁରେ କଥା ନାହିଁ ।

ଏ କ'ଣ, ଆପଣମାନେ ଚୁପ୍ ହୋଇ ରହିଲେ ଯେ !

'ପାର୍ଥ ବାବୁ...', ପ୍ରମଥେଶ ବାବୁଙ୍କ ବଡ଼ଭାଇ ଏତିକି କହି ରହିଗଲେ । ଆଉ କିଛି କହି ପାରିଲେନି ।

ପାର୍ଥ ଗୋଟିଏ ଆସନ ଗ୍ରହଣ କଲା ।

ପାର୍ଥ ବାବୁ, ଆପଣଙ୍କୁ ଯିବାକୁ ପଡ଼ିବନି । ଅନ୍ୟଜଣେ ଭଦ୍ରଲୋକ, କେହି ଆତ୍ମୀୟ କହିଲେ ।

ମାନେ ? ଟିକିଏ ଉତ୍ତେଜିତ ହେଲାଭଳି ଜଣାଗଲା ପାର୍ଥ ।

ମାନେ ଅତି ସରଳ । ଆପଣ ଅକର୍ମଣ୍ୟ । ଦେଶରକ୍ଷା ବିଭାଗରେ ଆପଣ କୌଣସି କାମରେ ଲାଗି ପାରିବେନି ।

ଆପଣ କ'ଣ କହୁଛନ୍ତି ? ଚିତ୍କାର କରି ଉଠିପଡ଼ିଲା ପାର୍ଥ ଆସନରୁ । ସେ ଭୁଲି ଯାଇଥିଲା ସେ ନୂଆ ଜୋଇଁ । ଏଇଟା ତା' ଶ୍ୱଶୁର ଘର ।

ଭଦ୍ରଲୋକ ନିର୍ଲିପ୍ତ ଭାବରେ ବସି ରହିଥିଲେ । ମୁହଁରେ ତାଙ୍କର ଅର୍ଥପୂର୍ଣ୍ଣ ହସ ।

ପାର୍ଥ ତୁମେ ପିଲାଲୋକ ବୁଝି ପାରିବନି ।

ଆପଣମାନେ କ'ଣ ସବୁ କହୁଛନ୍ତି, ମୁଁ କିଛି ବୁଝି ପାରୁନି ।

ମୋ ପାଖରେ ଡାକ୍ତର ସାର୍ଟିଫିକେଟ୍ ଅଛି । ମୁଁ ଏଇଲାଗେ ତୁମ ବିଭାଗକୁ ପଠାଇ ଦେଉଚି । ବ୍ୟସ୍ତ ହୁଅନି ।

ପାର୍ଥକୁ ଆଉକିଛି ବୁଝିବାକୁ ବାକି ରହିଲାନି । ଏମାନେ ଡାକ୍ତର ସାର୍ଟିଫିକେଟ ଦ୍ୱାରା ତାକୁ ପଙ୍ଗୁ ପ୍ରମାଣ କରିବାକୁ ଚେଷ୍ଟା କରୁଚନ୍ତି । ତା'ହେଲେ ତାକୁ ଆଉ ଯୁଦ୍ଧକ୍ଷେତ୍ରକୁ ଯିବାକୁ ହେବ ନାହିଁ । କ୍ଷୋଭ ଓ ଲଜ୍ଜାରେ ପାର୍ଥର ମୁହଁ ଲାଲ୍ ପଡ଼ିଗଲା । ଛିଃ...ଛିଃ...ଏଭଳି ସଂକୀର୍ଣ୍ଣମନାଙ୍କ ଘରେ ଶେଷକୁ ତାକୁ ବନ୍ଧୁ ବାନ୍ଧିବାକୁ ହେଲା । ଦେଶର ଏ ଘଡ଼ିସନ୍ଧି ବେଳେ ସାମାନ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନ ପାରି ଏମାନେ ଏ କ'ଣ କରିବାକୁ ଯାଉଛନ୍ତି ?

ଅସମ୍ଭବ...ଏକଥା କଦାପି ହୋଇପାରିବ ନାହିଁ ।

ପାର୍ଥ ଗର୍ଜି ଉଠିଲା, ଅସମ୍ଭବ । କୌଣସି ସାର୍ଟିଫିକେଟ୍ ମୋତେ ପଙ୍ଗୁ କରିପାରିବ ନାହିଁ । ମୋ ପିଣ୍ଡରେ ପ୍ରାଣ ଥିବାଯାଏଁ ମୁଁ ଜନ୍ମଭୂମି ପାଇଁ ଲଢ଼ିବି ।

ଏ ଝିଅଟିର ଜୀବନ କ'ଣ ହେବ ଥରେ ଭାବ ଦେଖ ।

କିଛି ହେବନି । ଆପଣମାନେ ଭୁଲିଯା'ନ୍ତୁ । ଆଜି ମୋର ବିବାହ ହୋଇଛି ବୋଲି । ଝିଅଟିର ଜୀବନ ଅପେକ୍ଷା ମୋ ମାତୃଭୂମିର ସୁରକ୍ଷା ପାଇଁ

ଅଧିକ ମୂଲ୍ୟବାନ୍ । ତା'ଛଡ଼ା ସେ ମତେ ଜାଣିବା ତ ଦୂରର କଥା, ମତେ ଭଲକରି ଦେଖି ନଥିବେ । ବର୍ତ୍ତମାନ ଏଇ ବେଶରେ ଯଦି ମୁଁ ତାଙ୍କ ଆଗରେ ଛିଡ଼ାହୁଏ, ସେ ହୁଏତ ମତେ ଚିହ୍ନି ପାରିବେନି । ଆଉ କେଇପଦ ବୈଦିକ ମନ୍ତ୍ର; ହୋମ କ'ଣ ଦୁଇଟି ଅପରିଚିତ ଜୀବନକୁ ମାତ୍ର କେତୋଟି ମୁହୂର୍ତ୍ତରେ ଏକ କରିପାରେ ? ଏଥିପାଇଁ ସମୟ ଦରକାର, ପରିବେଶ ଦରକାର, ବୁଝାମଣା ଦରକାର । ବହୁତ କିଛି ଲୋଡ଼ା... ଏକଦମ୍‌ରେ ଏତକ କହି ପାର୍ଥ ବସିପଡ଼ିଲା ।

ଅଚିନ୍ତ୍ୟ ବାବୁ ପୁଅକୁ ତାଙ୍କର ଭଲଭାବରେ ଚିହ୍ନିଥିଲେ । ତେଣୁ ପାଟି ଫିଟାଇବା ଉଚିତ ମନେ କଲେ ନାହିଁ ।

ବୃଦ୍ଧ ଜଣଙ୍କ ଆଉ କିଛି ନ କହି ଭିତରକୁ ଚାଲିଗଲେ ।

ପାର୍ଥ ମନେ ମନେ ହେଡ୍‌କ୍ୱାର୍ଟରକୁ ଯିବାର ଯୋଜନା ସ୍ଥିର କରୁଥିଲା । କି ଭଲ୍, ଗଲେ ସେ ତୁରନ୍ତ ପହଞ୍ଚି ପାରିବ । ତା' ଚିନ୍ତାରେ ବାଧା ଦେଇ ଛୋଟ ଝିଅଟିଏ ।

ଡାକିଲା—ମାମୀ ଡାକୁଚି ।

ଉଁ ! ଅନ୍ୟମନସ୍କ ଭାବରେ ପାର୍ଥ ଚାହିଁଲେ ଝିଅଟି ଆଡ଼କୁ । ସୁନ୍ଦର ଢଳ ଢଳ ମୁହଁଟିଏ । ଠଣା ଠଣା ଆଖି । ସରୁ ଓଠ, ଯଥା ନାକ ।

ଝିଅଟି ଟିକିଏ ଲାଜେଇଗଲା । ଅସନ୍ତୁ !

ପାର୍ଥ ଉଠିଲା ।

ଲାଲ୍ ଟୁକୁ ଟୁକୁ ଶାଢ଼ୀ ଭିତରୁ ଉଙ୍କି ମାରୁଥାଏ ଏକ ସୁନ୍ଦର ଢଳ ଢଳ ମୁହଁ । ପାର୍ଥ ସାମାନ୍ୟ ଇତସ୍ତତଃ ହୋଇ ଭିତର ଘରକୁ ପଶିଲା । ଏକ ମୃଦୁ ହିଲ୍ଲୋଳରେ ଥରି ଉଠିଲା ରକ୍ତ ଗୋଲାପଟିଏ । ପାର୍ଥ ନୀରବ ହୋଇ ଛିଡ଼ା ହୋଇଥାଏ ଘରର ଗୋଟିଏ କୋଣରେ । ଅନ୍ୟ ଗୋଟିଏ କୋଣରେ ନବବଧୂ ମିନା । କିଛିକ୍ଷଣ ପରେ ନୀରବତା ଭଙ୍ଗ କଲା ସୁମିତ୍ରାର କୋହ । ପାର୍ଥ ଆଉ ଚୁପ୍ ରହିପାରିଲାନି ।

ଆପଣ ଭୁଲିଯାନ୍ତୁ ଆଜିକାର ଘଟଣା । ମନେ କର ନଅନ୍ତୁ, ଯାହାସବୁ ଏ ପର୍ଯ୍ୟନ୍ତ ଘଟିଗଲା ତା' ସବୁ ଏକ ନାଟକ । ବିବାହ ଏକ ଗୁରୁତର ଅନୁଷ୍ଠାନ । ସାମାନ୍ୟ ଶଙ୍ଖ, ମହୁରି, ବାଜା, ହୁଳହୁଳି, ସଂସ୍କୃତ ଶ୍ଳୋକ, କେଇପଦ ଆଉ ହାତ ଗଣ୍ଠିରେ ବିବାହ ହୋଇ ଯାଏନା । ଏଥିପାଇଁ ଲୋଡ଼ା ଆଉ ଅନେକ କିଛି ।

ମିନା କୋହ ସମ୍ଭାଳି ପାରିଲାନି । କଇଁ କଇଁ ହୋଇ କାନ୍ଦି ଉଠିଲା ।

ଦେଖନ୍ତୁ । ଏତେ ଭାବ ବିହ୍ୱଳ ହୋଇ ପଡ଼ନ୍ତୁନି । ମୁଁ ଏକ ପବିତ୍ର କାର୍ଯ୍ୟରେ ଯାଉଛି । ମାତୃଭୂମିର ସୁରକ୍ଷା ପାଇଁ ଲଢ଼ିବାକୁ ଯାଉଛି ମୁଁ ସୀମାନ୍ତକୁ । ହୁଏତ ଲଢ଼ୁ ଲଢ଼ୁ ପ୍ରାଣବଳି ଦେବାକୁ ହୋଇପାରେ । ଆଉ ତା'ର ସମ୍ଭାବନା ଖୁବ୍ ବେଶୀ । ଏପରି ପରିସ୍ଥିତିରେ ଆପଣ ଯଦି ଏ ବିବାହକୁ ସ୍ୱୀକାର କରନ୍ତି, ସ୍ତ୍ରୀ ଉପରେ ଏବେ ଗୁରୁତ୍ୱ ଦିଅନ୍ତି, ତେବେ ଆପଣଙ୍କର ଅବସ୍ଥା କ'ଣ ହେବ ଭାବି ଦେଖିଛନ୍ତି ?

ମିନା ଆଉ ଚୁପ୍ ହୋଇ ରହି ପାରିଲାନି, କାନ୍ଦି କାନ୍ଦି କହିଲା—ଚୁପ୍ କରନ୍ତୁ । କ'ଣ ସବୁ କହି ଚାଲିଛନ୍ତି । ମୁଁ ଜଣେ ହିନ୍ଦୁ ନାରୀ । ଥରେ ଯେତେ-ବେଳେ ଅଗ୍ନି ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ଆମର ହାତ ଗଣ୍ଠି ପଡ଼ିଯାଇଛି, ଚିରଦିନ ଲାଗି ଆମେ ସ୍ୱାମୀ, ସ୍ତ୍ରୀ । କୌଣସି ଶକ୍ତି ଆମର ଏ ବନ୍ଧନକୁ କାଟିପାରିବ ନାହିଁ । ମୃତ୍ୟୁ ବି ନୁହେଁ ।

ଆପଣ ପରିସ୍ଥିତିକୁ ଭଲଭାବରେ ଚିନ୍ତା କରି ଦେଖନ୍ତୁ, ଆପଣଙ୍କ ଭବିଷ୍ୟତକୁ ଦେଖନ୍ତୁ ।

ଆପଣ କ'ଣ ବୋଲି ମନେ ମନେ ଭାବୁଛନ୍ତି ? ମିନାର ସ୍ୱରରେ ଦୃଢ଼ତା । ମୁଣ୍ଡରୁ ତା'ର ଓଢ଼ଣା ଖସି ଯାଇଥିଲା । ଆଖି ତା'ର ଜଳୁଥିଲା ଦପ୍ ଦପ୍ ହୋଇ ।

ପାର୍ଥ ଭିତରର ମଣିଷଟି ଉର୍ଦ୍ଧ୍ୱମାରି ଚାହିଁଲା । ଦୁର୍ବଳ ଆଖି ଦେଇ ମିନାର ଓଢ଼ଣାମୁକ୍ତ ମୁଖମଣ୍ଡଳ ଆଡ଼କୁ ଅଜାଣତରେ ଚାଲିଗଲାବେଳକୁ । ଚାରିଚକ୍ଷୁର ମିଳନରେ ଏକ ଶିହରଣ ଖେଳିଗଲା ତା'ର ସାରା ଶରୀରରେ । ପାର୍ଥ ଆଉ ଚାହିଁ ପାରିଲାନି ସିଧା ସଳଖ ।

ଏଇ ବିଶାଳ ଦେଶର କର୍ତ୍ତୃତ୍ୱ ନେଇଛନ୍ତି ଜଣେ ନାରୀ ବୋଲି ଆପଣ ଜାଣନ୍ତି କି ? ଆଉ ମୁଁ ସେଇ ଇନ୍ଦିରା ଦେଶର ହିଁ ଜଣେ ନାରୀ । ମତେ ଏତେ ସାମାନ୍ୟ, ଏତେ ଦୁର୍ବଳ ବୋଲି କାହିଁକି ଭାବୁଛନ୍ତି ? ଆପଣଙ୍କର ଯେତିକି ଦେଶ ଭକ୍ତି ଅଛି, ମୋର ବି ସେତିକି ଦେଶ ଭକ୍ତି ଅଛି । ଆପଣ ବିବାହ ବେଦୀରୁ ସିଧା ସଳଖ ରଣକ୍ଷେତ୍ରକୁ ଯିବାବେଳକୁ ଆପଣଙ୍କର ପତ୍ନୀ ଭାବରେ ମୁଁ ହସି ହସି ଆପଣଙ୍କର ମଥାରେ ବିଜୟୀର ଟୀକା ଦେଇ ବିଦାୟ ଦେବି । ମୁଁ ଜଣେ ଭାରତୀୟ ନାରୀ । ମୋର ପୂର୍ବରୁ ଓଡ଼ିଆ ପାଇକର ସ୍ତ୍ରୀ ବିନେ ହସି ହସି ସ୍ୱାମୀଙ୍କୁ ରଣାଙ୍ଗନକୁ ପଠାଇ ଦେଇଥିଲି । ମୁଁ ପଛରେ ପଡ଼ିଯିବିନି ।

ମିନା……… ।

ଚମକି ପଡ଼ିଲା ପାର୍ଥ ମିନାର ଦୃଢ଼ତାରେ ବିଶ୍ୱାସ କରିପାରିଲାନି ସେ ନିଜର କାନକୁ । ଲଜ୍ୟାରେ ମୁଖମଣ୍ଡଳ ତା'ର ଲାଲ୍ ହୋଇଗଲା । ଧିରେ ଧିରେ ମିନ ପାଖକୁ ଯାଇ କ୍ଷମା ମାଗିବାର ସ୍ୱରରେ କହିଲା—ମିନା ମତେ କ୍ଷମା କର, ମୁଁ ତୁମକୁ ଭୁଲ୍ ବୁଝିଥିଲି; କିନ୍ତୁ ମିନା, ତୁମର ଭଲ ପାଇଁ……

ମୋର ଭଲ ମନ୍ଦ ବୁଝିବାର ଯଥେଷ୍ଟ ବୟସ ହୋଇଛି । ମତେ ଆଉ ବୁଝାଇବାର ଆବଶ୍ୟକତା ଆପଣଙ୍କର ନାହିଁ ।

ମିନା !

ଆଉ ଅଧିକ କିଛି କହିପାରିଲାନି ପାର୍ଥ । ମିନାକୁ ନିଜର ଆଲିଙ୍ଗନ ଭିତରକୁ ନେଇ ଚୁମ୍ବନରେ ବିଜାଇ ଦେଲା ।

ମିନା ପାର୍ଥର ସମଗ୍ର ବକ୍ଷ ଉପରେ ମଥା ରଖି କାଇଁ କାଇଁ ହୋଇ କାନ୍ଦୁଥିଲା । ଆଉ ସେ କାନ୍ଦୁଥିଲା, ଗର୍ବ, ମିଳନ, ଆନନ୍ଦ ଆଉ ବିରହର ଏକ ଏକ ଅପୂର୍ବ ସମିଶ୍ରଣ ।

# କଳା ବାପାର ମୃତ୍ୟୁ

କଳା ବାପା ମରିଗଲା ।

ଦେଶସାରା ଚହଳ ପଡ଼ିଲାନି । ସ୍କୁଲ, କଲେଜ, କଳକାରଖାନା, ଅଫିସ୍ ଆଦି ବନ୍ଦ ରହିଲାନି । ଖବର କାଗଜରେ ବଡ଼ ବଡ଼ ଅକ୍ଷରରେ ବି ବାହାରିଲାନି । ଏ ସବୁ ସତ୍ତ୍ୱେ ବି କଳା ବାପା ମରିଯିବା କଥା ନିହାତି ସତ । ମୃତ୍ୟୁଟା ଆମମାନଙ୍କ ପକ୍ଷରେ ଯେପରି ନିହାତି ଏକ ଅଘଟଣ ଓ ସେଥିପାଇଁ ବହୁ ଜାକଜମକରେ "ପାଳିତ" ହୋଇଥାଏ । କଳା ବାପା କ୍ଷେତ୍ରରେ ସେ କଥା ହୋଇ ନଥିଲା । କାରଣ ସେଇମାନଙ୍କ ପକ୍ଷରେ ହିଁ ମୃତ୍ୟୁଟା ଏକ ନିହାତି ସାଧାରଣ ଘଟଣା । ସେଥିରେ ଭାରି ପଡ଼ିବାର କିଛି ନାହିଁ । କୃଷ୍ଣ ଯେପରି କଳାର ବାପା ମୁହଁ ଦେଖି ଗୀତାର ଅମର ବାଣୀ ଲେଖିଦେଇ ଯାଇଥିଲେ କଳା ପାଇଁ ।

ମୋର ମନେ ପଡ଼ିଗଲା ମୋ ନନାଙ୍କର ସ୍ୱର୍ଗବାସ କଥା । ପ୍ରଥମେ ଆସିଲା ଟେଲିଗ୍ରାମ୍ । ନନାଙ୍କ ଦେହ ଗୁରୁତର । ଆମ ମନରେ ଚହଳ ପଡ଼ିଗଲା, ସଙ୍ଗେ ସଙ୍ଗେ ବାହାରି ପଡ଼ିଲୁ । ମୋ ଭଳି ସାରା ଭାରତରେ ଆକୁମାରୀ ହିମାଚଳ ବିଚ୍ଛିନ୍ନ ହୋଇ ପଡ଼ିଥିବା ଚଉଦ ଜଣ ଭାଇ-ଭଉଣୀଙ୍କର ଅବସ୍ଥା ମଧ୍ୟ ଥିଲା ସେହିପରି । ଯେ ଯେଉଁଭଳି ଅବସ୍ଥାରେ ଥିଲେ ବାହାରି ପଡ଼ିଲେ । ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଅପେକ୍ଷାକୃତ ନିକଟରେ ଥିଲୁ, ନନାଙ୍କର ଶେଷ ଦର୍ଶନ କରିପାରିଲୁ । ଅନ୍ୟମାନେ ପାରିଲେ ନାହିଁ । ତା'ପରେ ଚାଲିଲା ଶୋକ ବହୁ ଆଡ଼ମ୍ବରରେ । ଶହ ଶହ ଲୋକ ଆମ ଦୁଆରକୁ ଆସିଲେ ନନାଙ୍କର ଶେଷ ଦର୍ଶନ ପାଇଁ । ରେଡ଼ିଓ, ସମ୍ବାଦ ପତ୍ରରେ ସମ୍ବାଦ ପ୍ରଚାର ହେଲା । ଅସଂଖ୍ୟ ସମବେଦନା ଜ୍ଞାପକ ଚିଠି ଆସିଲା । କାନ୍ଦ ବୋବାଳି, ଶାନ୍ତ୍ୱନା ଆଦିରେ ବେଶ୍ କେତେଦିନ ଏକ ପ୍ରକାର ଖେଳରେ କଟିଗଲା, ସେତେବେଳେ ନନାଙ୍କ ସ୍ୱର୍ଗବାସ ଜନିତ କଷ୍ଟ ସଂପର୍କରେ ଭାବିବାର ଅବସର ନଥିଲା ।

ମୋ ମନ ଭିତରୁ ଏକ କୋହ ଉଠିଆସିଲା । ଆଖି ଦୁଃଖରେ ଜକେଇ ଗଲା । ନନାଙ୍କ ସ୍ୱର୍ଗତଃ ଆତ୍ମା ପ୍ରତି ମନେ ମନେ ପ୍ରଣାମ ଜଣାଇ ଚାହିଁ ରହିଲି କଳା ଆଡ଼କୁ ।

କଳା ବସିଛି ବାଡ଼ପଟେ । କାନ୍ଦପାରୁନି ଜୋର୍‌ରେ । ତା'ର ଯେପରି ସ୍ୱାଧୀନତା ନାହିଁ । ତା' ପାଖରେ ତା'ଜାତିର ଆଉ କେତୋଟି ଝିଅ ବସିଛନ୍ତି । ସବୁରି ମୁହଁରେ ଏକ ପ୍ରକାର ଶୋକର ଛାୟା । କାହାରି ତୁଣ୍ଡରେ କଥା ନାହିଁ ।

ମୁଁ ସ୍ତ୍ରୀଙ୍କୁ କହିଲି, କଳାକୁ କିଛି ଟଙ୍କା ଦେଇ ସଙ୍ଗେ ସଙ୍ଗେ ତା' ଗାଁକୁ ପଠାଇ ଦେବାକୁ ।

କଳାର ଘର ଛ'ଟଙ୍କାର ବାଟ । ସେ ହୁଏତ ତା' ଗାଁର ନାଁ ଜାଣିନି । ପ୍ରଥମେ ସେ ଯେତେବେଳେ ଆମ ଘରକୁ ଆସିଲା, ମୁଁ ପଚାରିଥିଲି ତା' ଗାଁ ନା କ'ଣ । ସେ କହିପାରିଲାନି । ଖାଲି ଏତିକି କହିଲା, ସୁନ୍ଦରଗଡ଼ ସେ ପାଖେ— ଛ' ଟଙ୍କାର ବାଟ ।

ଅଫିସ୍‌ରୁ ଫେରି ସ୍ତ୍ରୀଙ୍କୁ ପଚାରିଲି, କ'ଣ କଳା ଗଲାନି କି ? ସ୍ତ୍ରୀ କହିଲେ ତା'ର ଇଚ୍ଛା ନାହିଁ । ବାପା ମରିଗଲା । ଆଉ ଦେଖି ପାରିବନି । ଆଉ ସେଥିପାଇଁ ଛ ଛ ବାରଟଙ୍କା ଖର୍ଚ୍ଚ କରି ଲାଭ କ'ଣ ।

—ତା'ର ଆଉ କିଏ ଅଛି ?

ମା', ଦୁଇଟି ଛୋଟ ଛୋଟ ଭାଇ ଭଉଣୀ । ତା'ର ବଡ଼ଭଉଣୀ ସେଇ ଗାଁରେ ବାହାହୋଇ ରହିଛି ।

କଳା ଯିବନି କାହିଁକି ? ତା'ର ମା'କୁ ସାନ୍ତ୍ୱନା ଦେବାକୁ ତ କହାଁଡି ଯିବା ଦରକାର ।

ମା'ଟା ତା'ର ଭାରି ଖରାପ । ମଦ ପିଇ ସବୁବେଳେ ଗଡ଼ୁଥାଏ । ଘରକଥା କିଛି ବୁଝେନି । ମୁଁ ତା' ମୁହଁ ଚାହିଁବନି ।

ପିଲା ଦୁଇଟା ?

କଳାର କିଛି ଉତ୍ତର ନାହିଁ । ସ୍ରେଠ ଭାଇଭଉଣୀଙ୍କର ଭବିଷ୍ୟତ କ'ଣ ହେବ, ସେ ବିଷୟରେ ସେ କେବେହେଲେ ଭାବିନି କି ଭାବିବାର ଆବଶ୍ୟକତା ପଡ଼ିନି । ସେମାନଙ୍କର ପୁଣି ଗୋଟାଏ କ'ଣ ଭବିଷ୍ୟତ ? ଗାଈ, ମଇଁଷି ଅନ୍ୟ ପଶୁ ପକ୍ଷୀ ପରି ଚାଲି ଶିଖିବା ମାତ୍ରେ ସେମାନେ ନିଜେ ନିଜ କଥା ବୁଝନ୍ତି । ବାପା, ମା'ଙ୍କୁ ସେମାନଙ୍କର କଥା ବୁଝିବାକୁ ପଡ଼େ ନାହିଁ । ବରଂ ପିଲାଙ୍କୁ ଆଙ୍କୁ ବାପା ମା'ଙ୍କର କଥା ବୁଝିବାକୁ ହୁଏ । ଯେପରିକି କଳାକୁ ଏତେଦୂର ଆସି କାମ କରିବାକୁ ପଡ଼ିଛି । ତା' ରୋଜଗାରରେ ବାପା ମା'ଙ୍କୁ ଚଳାଇବାକୁ । ତା'ଛଡ଼ା ତା' ବାପା ମା' ମରିମିବା ପରେ ଛୁଆ ଦୁହିଁଙ୍କର ବିଶେଷ କିଛି ଫରକ୍ ପଡ଼ିନି ।

ତୋ ବାପାର ଦେହ କ'ଣ ହୋଇଥିଲା ?

ସେମିତି କିଛି ନୁହେଁ । ମୁଁ ଆସିଲାବେଳକୁ ତା'ର ପେଟଟା ଟିକିଏ ଫୁଲିଥିଲା ।

ମୁଁ ବେଶ୍ ଅନୁମାନ କରିନେଲି । ମା' ମଦ ପିଇ ଗଡ଼େ । ବାପ ହୁଏତ ଜଙ୍ଗଲରୁ କାଠ କାଟି ବିକୁଥିବ କିମ୍ବା ବେଳେ ବେଳେ ମୂଲ ଲାଗି ଗଣ୍ଡିଏ ଚାଉଳ ବା କିଛି ପଇସା ପାଉଥିବ । ସେଥିରେ ତା'ର ମଦ ଖର୍ଚ୍ଚ, ଆଉ ସାରା ପରିବାରର ଖାଇବା ଖର୍ଚ୍ଚ ପାଉନଥିବ । ସେମାନେ ହୁଏତ ସବୁଦିନେ ଦି'ଓଳି କ'ଣ, ଏପରିକି ଦିନେ ଦିନେ ବିଲକୁଲ୍ କିଛି ଖାଇବାକୁ ପାଉଥିବେ କି ନାହିଁ ସନ୍ଦେହ । ବାପା ତା'ର ହୁଏତ ମାଲ୍ ନିଉଟ୍ରିସନ ଯୋଗୁଁ ପ୍ରାଣ ହରାଇଛି । ସରକାରଙ୍କର ଭାଗ୍ୟକୁ ହୁଏତ କୌଣସି ଲୋକ-ପ୍ରତିନିଧି ଏ ଖବର ପାଇ ନାହାନ୍ତି କିମ୍ବା ବର୍ତ୍ତମାନ ପରିସ୍ଥିତିରେ ଜଣେ ଏଥିପ୍ରତି ଗୁରୁତ୍ୱ ଆରୋପ କରିବାକୁ ଇଚ୍ଛା କରିନାହାନ୍ତି । ଖବର କାଗଜବାଲାମାନେ ଅନ୍ୟଥା ବ୍ୟସ୍ତ । ତେଣୁ କଳା ବାପାର ମୃତ୍ୟୁ ଅବୋଲା ହୋଇ ରହିଗଲା ।

କଳା ଯେତେବେଳେ ଆମ ଘରକୁ ଆସିଲା, ସେ ଯେଉଁ ଚିରା ଶାଢ଼ୀ, ବ୍ଲାଉଜ୍ ପିନ୍ଧିଥିଲା, ସେତକ ହିଁ ଥିଲା ତା'ର ସମ୍ବଳ । ମୋ ସ୍ତ୍ରୀ କହିଲେ — ସେ ଟଙ୍କା ଦେବେ, ହାଟପାଳରେ ହାଟକୁ ଯାଇ ଶାଢ଼ୀ, ବ୍ଲାଉଜ୍ କିଣି ଆଣିବ । ଘରେ ଆସ୍ତେ ଆସ୍ତେ ତା' ଦରମାରୁ କଟାଯିବ । ତା'ଛଡ଼ା ସେ

ଯଦି କିଛି ଟଙ୍କା ସଞ୍ଚିବାକୁ ଇଚ୍ଛା କରିବ, ତା' ପାଇଁ ବ୍ୟାଙ୍କରେ ଗୋଟିଏ ଏକାଉଣ୍ଟ ଖୋଲି ଦିଆଯିବ । ସେ କିଛି କିଛି ଟଙ୍କା ରଖିପାରେ ।

କଳାର ଆଖି ଛଳ ଛଳ ହୋଇଗଲା—ମେମ୍ ସାହେବ, ମୋ ବାପା, ମାଁ ଖାଇବେ କ'ଣ ? ମୁଁ ଟଙ୍କା ପଠାଇଲେ ସେମାନେ ଚଳିବେ ।

ମୋ ସ୍ତ୍ରୀ ବୁଝିପାରିଲେ – କଳାର ଅବସ୍ଥା କ'ଣ । କହିଲେ—ବ୍ୟସ୍ତ ହୁଅନା, ତତେ ଟଙ୍କା ଫେରାଇବାକୁ ହେବନାହିଁ । ତୁ ଟଙ୍କା ଦେଇ ଶାଢ଼ୀ, ବ୍ଲାଉଜ୍ କିଣି ଆଣ ।

ତୁ ପାଠ ପଢ଼ିଛୁ ?

ହଁ, ଗୀର୍ଜାବାଲାଙ୍କ ସ୍କୁଲକୁ ଯାଇଥିଲି ଦିନେ ଦୁଇଦିନ ପାଇଁ । ସ୍କୁଲ ତରଫରୁ ମତେ ଜାମା ମିଳିଥିଲା । ହେଲେ ମୁଁ ପାଠ ପଢ଼ିଲେ ମୋ ବାପା, ମାଁ ଖାଇବେ କ'ଣ ?

ବାପା, ମାଁ'ଙ୍କର ପେଟ ପୋଷିବାକୁ ଝିଅ ଆସିଛି ଛଅ ଟଙ୍କାର ବାଟ ଆସ୍ଥା ଶୁକର କରିବାକୁ । ଦିନେ ଯେଉଁ ଅରଣ୍ୟ ଥିଲା, ଏ ଆଦିବାସୀମାନଙ୍କର ଅମୃତର ଭଣ୍ଡାର, ସ୍ୱାଧୀନ ଚରାଭୂଇଁ, ଆଜି ସେମାନେ ତାଙ୍କ ନିଜ ଭୂଇଁରେ ପେଟ ପୋଷିବାକୁ ଦାନା ଗଣ୍ଡିଏ ପାଇ ପାରୁନାହାନ୍ତି । ତାଙ୍କର ଝିଅ ଆସିଛି ଆମେ ଗଢ଼ିଥିବା କଲୋନୀରେ ଦାସୀ ହୋଇ ପେଟ ପୋଷିବାକୁ ।

ଅଗଷ୍ଟ ପନ୍ଦର ।

ମୁଁ ସକାଳୁ ଉଠି ପିଲାମାନଙ୍କୁ ଉଠାଇଲି । ଘର ଉପରେ ଜାତୀୟ ପତାକା ଉଡ଼ାଇବାକୁ ହେବ । ଗର୍ବରେ ମୋର ଛାତି ଫାଟି ପଡ଼ୁଥାଏ । ଆମେ ଏକ ସ୍ୱାଧୀନ ଦେଶର ନାଗରିକ ।

କଳା ଛାତ ଉପରକୁ ଚାହିଁଲା କୌତୁହଳ ହୋଇ । ମୁଁ ଜାଣିନି, ସେ ଏଇ ପତାକାର ଅର୍ଥ ଜାଣିଛି କି ନାହିଁ । ମୁଁ ଜାଣିନି, କଳା ଏଇ ପତାକାକୁ ଚାହିଁ କ'ଣ ଭାବୁଛି ।

ପତାକା ଉଡ଼ୁଛି ଖୁବ୍ ଜୋର୍‌ରେ ।

ସ୍ୱାଧୀନତାର ବତିଶ ବର୍ଷ ଅତିକ୍ରାନ୍ତ ।

ଆମେ ରୋହିଣୀ ଉପଗ୍ରହ ଛାଡ଼ିଲୁଣି ।

ଆମେ ହୁଏତ ଆଗେଇବୁ ।

କଳା ଚାହିଁଥିଲା ତିରଙ୍ଗ ପତାକାକୁ ହୁଏତ ସେ ଖୋଜୁଥିଲା ତା'ର ବାପାକୁ ।

କଳା ନିଜର ପୁଅ ନାଁ ଜାଣିନ ।

ତା'ର ବାପା ନାଁ ଜାଣିନ ।

ତା'ର ଗାଁ ନା ଜାଣିନ ।

ଖାଲି ଏତିକି ଜାଣିଚି, ତା'ର ଗାଁ ଏଠାରୁ ଛ ଟଙ୍କାର ବାଟ ।

ଆକାଶରେ ତିରଙ୍ଗ ପତାକା ଗର୍ବର ସହିତ ଫର ଫର ହୋଇ ଉଡ଼ି ବତିଶ ବର୍ଷର ସଫଳତାର କାହାଣୀ ଶୁଣାଉଚି ।

## ଗଜ ସାକ୍ଷୀ

ମୁଁ ଗଜ ସାକ୍ଷୀ !

ମୁଁ ନିଜେ କରିଥିବା ହତ୍ୟାକାଣ୍ଡର ସାକ୍ଷୀ ମୁଁ । ସମାଜ ଆଇନ୍, ପୋଲିସ୍ କେହି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହେଁ ଯେ ହତ୍ୟାକାରୀ ମୁଁ ନିଜେ !

ବଜାର ମଝିରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଛି ଏକ ରୁଗ୍ଣ ସୁଶୀଳ ଗୌଡ଼ର ଶବ । ଏଭଳି ଏକ ବ୍ୟକ୍ତିକୁ ହତ୍ୟା କରିଯାଇ ପାରେ, ଏ କଥା ନ ଦେଖିଲା ଲୋକ ବିଶ୍ୱାସ କରିପାରିବ ନାହିଁ । ତଥାପି ଏଭଳି ଏକ ହତ୍ୟା-

କାନ୍ତ ହୋଇଗଲା ବର୍ ବଜାର ଉପରେ; ଲୋକାରଣ୍ୟ ଭିତରେ । ଶବଟି ହଜିଯାଇଛି ଆଲୋକ ମହୋତ୍ସବ ଭିତରେ, ପୂଜାମଣ୍ଡପ ଗୁଡ଼ିକରୁ ଭାସି ଆସୁଥିବା କର୍କଶ ସଙ୍ଗୀତର କୋଳାହଳ ମଧ୍ୟରେ । ସେ ଏକାକୀ ଅସହାୟ ଅବସ୍ଥାରେ ପଡ଼ିରହିଛି । ସମାଜର ଏକ ଛୁଣ୍ଡା କନାକୁ ତାଙ୍କି ଦେବାର ଅପଚେଷ୍ଟା ମାଇକ୍ ଆଉ ଆଲୋକର କୋଳାହଳ ।

ଶବ ପଡ଼ିଛି । ତା'ଠାରୁ କିଛି ଦୂରରେ ଜଣେ ପୋଲିସ୍ କନେଷ୍ଟବଲ୍ ବଡ଼ି ପିଉଛି । ଆଇନକୁ ଜଗି ରଖିବାର ଛଳନା ।

ମୁଁ ପୋଲିସ୍ କାଗଜରେ ଦସ୍ତଖତ ଦେଇ ଫେରିବା ପୂର୍ବରୁ ଆଉଥରେ ଭଲକରି ଦେଖିନେଲି ଶବଟିକୁ । ଆଉ ଆଖି ବୁଲେଇ ନେଲି ଚାରିଆଡ଼କୁ ।

କିଛି ଯେପରି ହୋଇନି । କେହି କିଛି ଜାଣି ନାହାନ୍ତି । ପୂଜା ମଣ୍ଡପରୁ ମାଇକ୍ ଚିତ୍କାର କରି ଚାଲିଛି । ବେଲୁନ୍ ବାଲା ବେଲୁନ୍ ବିକି ଚାଲିଛି । ମନୋହାରୀ ଦୋକାନମାନଙ୍କରେ ଭିଡ଼ ବେଶ୍ ଜମିଛି । କାର୍ ପରେ କାର୍ ଆସି ଲାଗିଯାଉଛି । ଦୁଆର ଖୋଲି ଚକ୍‌ଚକିଆ ପୋଷାକ ପରିହିତ ପୁରୁଷ, ମହିଳା ଓହ୍ଲାଇ ଆସୁଛନ୍ତି । ଭିକାରୀ ପିଲା ଧାଇଁଆସୁଛି ପଇସାଟିଏ ମାଗିବାକୁ । ସେମାନେ କୁକୁର ଘଉଡ଼େଇଲାଭଳି ପାଟିକରି ପଶିଯାଉଛନ୍ତି ସପିଙ୍ଗ୍ ସେଣ୍ଟର ଭିତରକୁ ।

ଶବଟି ତା'ର ସେ ପଡ଼ି ରହିଛି ।

ମୁଁ କାଇଁକି ଏ ଭୁଲ୍ କଲି ?

ସ୍ତ୍ରୀ ମୋର ଚାହିଁ ବସିଥିବ, ସୁନ୍ଦର ଶାଢ଼ୀଟିଏ ପାଇଁ । ମୁଁ ଘରେ ପହଞ୍ଚ, ପହଞ୍ଚୁ ମୋ ହାତରୁ ପ୍ୟାକେଟ୍‌ଟି ଛଡ଼ାଇ ନେବାର ଉଦ୍‌ଯୋଗ ।

ହଁ ମୁଁ ଭୁଲ କରିଛି । ସ୍ତ୍ରୀ ମୋର ଖାଲିହାତ ଦେଖି ହୁଏତ ହଠାତ୍ ବିଗିଡ଼ି ଯିବେ, ପରେ ପରେ ମୋଠାରୁ ସବୁକଥା ଶୁଣି ନିଜ ମନକୁ ଭୁଲାଇବାକୁ ଚେଷ୍ଟା କରିବେ; କିନ୍ତୁ ସେ ନୂଆ ଶାଢ଼ୀର ଅଭାବ ତାଙ୍କ ମନର ଶାରଦୀୟତାକୁ ସେ ବର୍ଷ ପାଇଁ ପୋଛିଦେବ । ତାଙ୍କ ମୁହଁରେ ସେ ହସ ସେ ବର୍ଷ ପାଇଁ ଲିଭିଯିବ, ସେ ମନମାରି ବସିଯିବେ ।

ଚମ୍ପା, ଛନ୍ଦା ନା ଶ୍ୟାମଳୀ, ସେହି ଅଜଣା ବାଳିକାଟିର ଅଶ୍ରୁବିଗଳିତ ମୁହଁକୁ ଦେଖି ମୋ ଆଖି ବି ଜକେଇ ଆସିଲା । ବର୍ଷର ଅନ୍ଧାରିଆ ଗୁଳିଆଟି

ଭିତରେ ଛିଣ୍ଡା ଶାଢ଼ୀଟି ପିନ୍ଧି ହେକଲ୍ ପେଟରେ ଚାହିଁ ବସିଛି ତା' ବାପାର ପ୍ରତ୍ୟାଗମନ ପଥକୁ । ଆଉ ସେଇ ପ୍ରତୀକ୍ଷା ଭିତରେ ସେ ପ୍ରତୀକ୍ଷା କରୁଛି ଆହୁରି ଏକ ଅଜଣା ବ୍ୟକ୍ତିକୁ । ତା'ଜୀବନର ସାଥି ପାଇଁ । ହୁଏତ ତା'ର ଏଇ ପ୍ରତୀକ୍ଷା, ପ୍ରତୀକ୍ଷାରେ ହିଁ ରହିଯିବ । ତା' ଆଖିରୁ ପାଣି ମରିଯିବ । ସେ ସେଇ-ଭଳି କାଠଟିଏ ହୋଇ ରହିଯିବ । ନାଁ ଆସିବ ତା' ଜୀବନର ପୁରୁଷ...... ନା ତା'ର ବାପା...

ଖୁବ୍ ବଡ଼ପାଟିରେ କାନ୍ଦିବାକୁ ଇଚ୍ଛା ହେଲା ମୋର । ହୁଏତ ତା' ଜୀବନରସାଥି ନ ଆସିଲା ନାହିଁ । କେତେ ଝିଅ ଏମିତି ଦାରିଦ୍ର୍ୟର ତାଡ଼ନାରେ ଅଭିଆଡ଼ି ରହିଯାଇଛନ୍ତି । ମାତ୍ର ତା'ର ବାପା କାହିଁକି ଫେରିବେନି ?

ମାତ୍ର ଟଙ୍କା କେଇଟାପାଇଁ କ'ଣ ମୋର ଝିଅ ଅଭିଆଡ଼ି ରହିଯିବ ।

ବ୍ୟସ୍ତାକୁଳ କଣ୍ଠରେ ପ୍ରୌଢ଼ ମତେ ପଚାରୁଥିଲେ । ଠିକ୍ ପଚାରୁ ନଥିଲେ, ମତେ ବାରମ୍ବାର ଗାଳି ଦେଉଥିଲେ ।

ସେ ଦୋକାନରୁ ଚହଳ ମଧ୍ୟରେ ଘଡ଼ିଟି । ଉଠାଇ ଆଣିବାର ଉଦ୍ୟମ କଲାବେଳେ ମୁଁ ତାଙ୍କର ହାତଟିକୁ ଧରିପକାଇଲି ।

ତାଙ୍କ ମୁହଁକୁ ମୁଁ ଚାହିଁ ପାରିଲିନି । ସେଥିରେ ଥିଲା ଯେମିତି କାରୁଣ୍ୟ, ତା'ଠାରୁ ଅଧିକ ହତାଶା । ଆହୁରି ଅଧିକ ଆତଙ୍କ । ଏହି ତିନୋଟିର ସମ୍ମିଶ୍ରଣରେ ସେ ମୁହଁଟି ଏଭଳି କିମ୍ଭୂତକିମ୍ଭାକାର ହୋଇ ପଡ଼ିଲା ଯେ, ମୁଁ ବାକ୍‌ହୀନ ହୋଇ ତାଙ୍କୁ ଟାଣିଆଣିଲି ଗୋଟିଏ ଏକାନ୍ତ ସ୍ଥାନକୁ । କିଛି ପଚାରିବା ପୂର୍ବରୁ, ସେ ନିଜେ ଉତ୍ତର ଦେଇଥିଲେ ।

ପ୍ରୌଢ଼ ଚାକିରି କରନ୍ତି । ଏକ ସରକାରୀ ଚାକିରି । ପରିବାର ଭିତରେ ସେ ନିଜେ ଓ ତାଙ୍କର ଏକମାତ୍ର ଯୁବତୀ କନ୍ୟା । ତଥାପି ସେ ଝିଅର ବିବାହ କରିପାରୁ ନାହାନ୍ତି । କାରଣ ସେ ଯୌତୁକ ଦେଇପାରୁ ନାହାନ୍ତି ।

ଯୌତୁକ ଉଠିଗଲାଣି । ଯୌତୁକ ନେବା ଦଣ୍ଡନୀୟ ।

ହିଁ ସେ ସବୁ କାଗଜ କଲମରେ ଆଉ ରେଡ଼ିଓରେ ।

ପ୍ରୌଢ଼ ବହୁ କଷ୍ଟରେ ପାତ୍ରଟିଏ ଠିକ୍ କରିଛନ୍ତି । ନିଜ ଘରଟିକୁ ଦେବେ ଯୌତୁକରେ । କ୍ଷତି କଣ ? ଝିଅ ତାଙ୍କର ବାହା ହୋଇଯିବ । ଆଉ କିଏ ବା ଅଛି ତାଙ୍କର ?

କିନ୍ତୁ ଗୋଟିଏ ସର୍ତ୍ତ । ବାହାଘର ଆଗରୁ ଜ୍ୱାଇଁ ନାମରେ ଘରଟିକୁ ରେଜେଷ୍ଟ୍ରି କରିବାକୁ ହେବ । ଆଉ ରେଜେଷ୍ଟ୍ରି ଖର୍ଚ୍ଚ ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ ।

ଘର ନିଶ୍ଚୟ ରେଜେଷ୍ଟ୍ରି ହେବ । ଝିଅ ନିଶ୍ଚୟ ବାହାହେବ । ଆଉ ଯେଉଁ ପ୍ରକାର ହେଲେ ବି ଟଙ୍କା ଯୋଗାଡ଼ କରିବାକୁ ହିଁ ହେବ ।

ମୋର ଆଉ କହିବାକୁ କିଛି ନଥିଲା । ମୁହୂର୍ତ୍ତକ ପାଇଁ ମନରୁ ମୋର ସ୍ତ୍ରୀଙ୍କ ମୁହଁଟି ଅପସରି ଗଲା । ପକେଟରୁ କାଢ଼ି ଦୁଇଶହ ଟଙ୍କା ଧରାଇ ଦେଲି ପ୍ରୌଢ଼ଙ୍କ ହାତରେ । ପ୍ରୌଢ଼ଙ୍କ ମୁହଁକୁ ଚାହିଁନି । କାରଣ ମୁଁ ନିଜେ ଯେପରି ଚାହେଁନି କାହାରି ଦୟା ବା କରୁଣାର ପାତ୍ର ହେବାକୁ । ମୋର ଦୟାର ଶୀକାର ହେବାର ଅପମାନକୁ ମୁଁ ଦେଖି ପାରିବନି ।

ମୁଁ ହଜିଗଲି ଗହଳି ମଧ୍ୟରେ ଏକ ହାଲୁକା ମନରେ ।

ଚୋର...... ଚୋର...... ଚୋର......

ହଠାତ୍ କୋଳାହଳ ଶୁଣି ମୁଁ ଚମକି ପଛକୁ ଚାହେଁ ତ ବଜାରର ସମସ୍ତ ଲୋକ ଯେପରି ଘେରି ପଡ଼ିଛନ୍ତି ଏକ କାଳ୍ପନିକ ଚୋରକୁ । ଆଉ ତା' ଉପରେ ବର୍ଷା ଚାଲିଛି ମାଡ଼ । ସେ ହୁଏତ କରୁଣ ସ୍ୱରରେ କିଛି କହିବାକୁ ଚେଷ୍ଟା କରୁଚି, ମାତ୍ର କେହି ଶୁଣିବାକୁ ପ୍ରସ୍ତୁତ ନୁହନ୍ତି ।

ପୋଲିସର ହୁଇସିଲ୍ ।

ସବୁ ଶୁନ୍ ଶାନ୍ । ମୁହୂର୍ତ୍ତକ ମଧ୍ୟରେ ଜନାରଣ୍ୟଟି ଜନବିରଳ ହୋଇ ପଡ଼ିଲା । ଆଉ ପଡ଼ି ରହିଥିଲା ଗୋଟିଏ ସୁଶୃଙ୍ଖଳ ପ୍ରୌଢ଼ ରକ୍ତାକ୍ତ ଅବସ୍ଥାରେ । ଚୋର ପାଖରେ ତା'ର ବିଛୁରି ହୋଇ ପଡ଼ିଥିଲା କେତେ ଗୁଡ଼ିଏ ଟଙ୍କା ।

ମୁଁ ସ୍ତମ୍ଭୀଭୂତ ହୋଇ କେତେବେଳ ପର୍ଯ୍ୟନ୍ତ ଯେ ସେହି ଶବ ନିକଟରେ ଛିଡ଼ାହୋଇ ରହିଥିଲି ମନେ ନାହିଁ । ହଠାତ୍ ପୋଲିସର କର ସ୍ପର୍ଶରେ ମୋ'ର ଜ୍ଞାନ ଫେରି ଆସିଲା ।

ହତ୍ୟାକାରୀ ମୁଁ । ମୋତେ ଗିରଫ କରନ୍ତୁ । ପୋଲିସ ବିଶ୍ୱାସ କରିବାକୁ ନାରାଜ । ମୁଁ ହେଲି ରାଜସାକ୍ଷୀ ; ମୁଁ ନିଜେ କରିଥିବା ହତ୍ୟାର ।

ପୂଜା ମହୋତ୍ସବ ଆହୁରି ଚାଲିଥିଲା । ସେ ଯେପରି ଅକ୍ଳାନ୍ତ ।

ଚମ୍ପାର ପ୍ରତୀକ୍ଷାର ଅନ୍ତ ନାହିଁ । ସେ ଅନନ୍ତ ।

ପ୍ରୀତିର ଅସହାୟତାର ଶେଷ ନାହିଁ । ସେ ଅଶେଷ ।

# ଘୁରେ ନା ଚିନ୍

ସୋମନାଥ ଖୁବ୍ ଉତ୍ତେଜିତ ହୋଇ ପଡ଼ିଥିଲା । କ୍ଳାନ୍ତି ଆଉ ଉତ୍ତେଜନା ଉଭୟେ ତାକୁ ଖୁବ୍ ଭୟଙ୍କର କରି ପକାଇଥିଲେ । ଗତ ଦିନ ଉପରଓଳି ୩ଟା ଠାରୁ ରାତି ୧୨ଟା ପର୍ଯ୍ୟନ୍ତ ତା'ର ସିଫ୍ଟ ଡ୍ୟୁଟି କରିବା ପରେ ମଧ୍ୟ ସାରା ରାତି ଓଭର ଟାଇମ୍ କରିଥିଲା । ଏଥିପାଇଁ ତାକୁ କେହି ବାଧ୍ୟ କରିନି । ସେ ନିଜେ ନିଜେ କରିଛି । କେଉଁଥିପାଇଁ ସେ ଏତେ କଷ୍ଟ କରୁଛି ? କାହାପାଇଁ ? ରକ୍ତକୁ ପାଣି ଫଟାଇ ସେ ଯେଉଁ କେତୋଟି ଟଙ୍କା ମାସ ଶେଷରେ ଅର୍ଜନ କରୁଛି କାହିଁକି ? ସେତକ ତ କାରଖାନା ଫାଟକଠାରୁ ମାତ୍ର କେତେଶହ ଗଜ ଦୂରରେ ଥିବା ତା' ଘରକୁ ନେଇପାରୁନି ? କାରଖାନା ଫାଟକ ବାହାରକୁ ନ ବାହାରୁଣୁ ସେ ଟଙ୍କା କୁଆଡ଼େ ଉଭେଇ ଯାଉଛି । ତଥାପି ତାକୁ ଖଟିବାକୁ ହେଉଛି । ଓଭର ଟାଇମ୍ କରିବାକୁ ହେଉଛି । ଖରା, ବର୍ଷା, ଶୀତ, ଭଲ, ମନ୍ଦ ସବୁଥିରେ ତାକୁ ଟାଣି ଓଟାରି ହୋଇ ଆସି କାମ କରିବାକୁ ହେଉଛି ।

ମନେ ମନେ ସୋମନାଥ ଅଭିଶାପ ଦେଉଥିଲା ତା'ର ସ୍ୱର୍ଗତଃ ବାପାଙ୍କୁ ଆଉ ସ୍ତ୍ରୀକୁ । ବାପା ତା'ର ଧନୀ ନଥିଲେ ମଧ୍ୟ ଗରିବ ନ ଥିଲେ । ଥିଲେ ମଧ୍ୟବିତ୍ତ; ପରିବାର ଆନନ୍ଦରେ ଖାଇ ପିଇ ଚଳିଯିବା ଭଳି ଯଥେଷ୍ଟ ସମ୍ପତ୍ତି ତାଙ୍କର ଥିଲା । ତା' ଭାଇମାନେ ଆଉ ସେ ବହୁତ ବଡ଼ ଆଶା କରିଥିଲେ । କିଏ କଳ୍ପନା କରିଥିଲା ମାଜିଷ୍ଟ୍ରେଟ୍ ହେବ ତ, ଆଉ କିଏ ଆଶା କରିଥିଲା, କେଉଁ ବଡ଼ କମ୍ପାନୀରେ ବଡ଼ ଚାକିରି କରିବ । ଆଉ ସୋମନାଥ ନିଜେ ଜଣେ ବଡ଼ ଇଞ୍ଜିନିୟର ହେବାର ସ୍ୱପ୍ନ ଦେଖିଥିଲା । କିନ୍ତୁ ସମସ୍ତଙ୍କର ଆଶା କେବଳ ଆଶାରେ ହିଁ ମିଳାଇଗଲା । ବଡ଼ ଦୁଇଭାଇଙ୍କ ମଧ୍ୟରୁ ଜଣେ ମାଇନର ସ୍କୁଲ ଶିକ୍ଷକ, ଆଉ ଜଣେ କିରାଣୀ । ଆଉ ସୋମନାଥ କୌଣସି ପ୍ରକାରେ ଆଇ. ଟି. ଆଇ. ଟ୍ରେନିଂ କରି ଆସିଲା କାରଖାନାକୁ ।

ସୋମନାଥ ବିଦ୍ରୋହୀ ହୋଇ ଉଠୁଥିଲା ନିଜ ବାପାଙ୍କ ପ୍ରତି । ଯଦି ତାର ଆଉ ପାଞ୍ଚୋଟି ଭଉଣୀ ନଥା'ନ୍ତେ; ହୁଏତ୍ ସେ ଇଂଜିନିୟର ହୋଇ ପାରିଥାନ୍ତା । ତା'ର ବଡ଼ ଭାଇମାନଙ୍କର ହୁଏତ ସ୍ୱପ୍ନ ସଫଳ ହୋଇ ପାରିଥାନ୍ତା । କିନ୍ତୁ କିଛି ହୋଇ ପାରିଲା ନାହିଁ । ଭଉଣୀମାନଙ୍କର ବିବାହ ବେଦୀରେ ଠେଲି ପଡ଼ିଲା ତିନି ଭାଇଙ୍କର ସ୍ୱପ୍ନ ।

ବାପାଙ୍କ ଭୁଲ୍‌ର ପୁନରାବୃତ୍ତି କରିବନି ବୋଲି ସୋମନାଥ ଶପଥ କରିଥିଲା ।

ପୂର୍ବଦିନ ଖାଇସାରି ରାତି ୮ ଟାରେ କାରଖାନାକୁ ଫେରିବାବେଳକୁ ସ୍ତ୍ରୀ ତା'ର କଷ୍ଟ ପାଉଥିଲା । ହୁଏତ ଆଉ ଗୋଟିଏ ଆଗନ୍ତୁକ ଘରକୁ ଆସିଯିବଣି । କମ୍ବା ଆଗତ ପ୍ରାୟ । ଜାଣି ଜାଣି ସେ ସ୍ତ୍ରୀକୁ ହାସପାତାଳ ନ ପଠାଇବାକୁ ସେ ସ୍ଥିର କରିଛି । ଯଦିଓ କମ୍ପାନୀ ଗାଡ଼ି ଦେବ, ହାସପାତାଳ ଖର୍ଚ୍ଚ ଦେବ, କିନ୍ତୁ ତା'ର ବେଳ କାହିଁ ? ତା'ଛଡ଼ା ଏତେଥର ହାସପାତାଳ ନିଜେ ଯିବାର ଖର୍ଚ୍ଚ ତା' ପାଖରେ କାହିଁ ? ତେଣୁ ତା' ନିଜ ଘରେ ହିଁ ସବୁ ହୋଇଯିବ । ବୋଉ ଅଛି । ବାସ୍ ।

○

ଉତ୍ତେଜିତ ସୋମନାଥର ହାତଟି ହୁଏତ ସାମାନ୍ୟ ଭୁଲରେ ପୁରାପୁରି ମେସିନ୍ ଭିତରେ କଟି ଯାଇଥାନ୍ତା । ସେ ହୋଇ ଯାଇଥାନ୍ତା ପୁରାପୁରି ପଙ୍ଗୁ ।

ଆଇନ୍ ଅନୁଯାୟୀ କମ୍ପାନୀ ଟଙ୍କା କେତୋଟି ଧରାଇ ଦେଇ ପଙ୍ଗୁ ସୋମନାଥଙ୍କୁ ସପରିବାରେ ବିଦାୟ ସମ୍ବର୍ଦ୍ଧନା ଦେଇ ଛାଡ଼ି ଦେଇଥା'ନ୍ତା । ସୋମନାଥ ଯାଇଁ ଏକ ମରୁପ୍ରାନ୍ତରର ମଝିରେ ବସି ଅସହାୟଭାବେ ଚାହିଁଥା'ନ୍ତା ତା'ର ପଙ୍ଗୁ ହାତକୁ, ଆଉଥରେ ଚାହିଁଥାନ୍ତା ପତଙ୍ଗ ଭଳି ଝରି ପଡ଼ୁଥିବା ତା' ପିଲାପିଲାଙ୍କୁ ।

ଠିକ୍ ସମୟରେ ସୋମନାଥ ସତର୍କ ହୋଇଗଲା । ଯନ୍ତ୍ର ଦାନବର କରାଳ କବଳରୁ ରକ୍ଷା ପାଇଗଲା ତା'ର ହାତଟି । ଅଦୃଷ୍ଟକୁ ଶତ ଧନ୍ୟବାଦ ଦେଲା ସେ ।

ଛ'ଟା ପୁଙ୍ଗା ବାଜିଲା । ସୋମନାଥ ଚାଲି ଚାଲି ଫେରିଲା ଘରକୁ । ସେତେବେଳ ପର୍ଯ୍ୟନ୍ତ ବି ନୂତନ ଆଗନ୍ତୁକ ତା'ଘରକୁ ଆସିନି । ସ୍ତ୍ରୀ ତା'ର କଷ୍ଟ ପାଉଛି । ତାକୁ ଦେଖି ତା' ମନରେ ଯେତିକି ଦୁଃଖ ହେଲା, ସେତିକି କ୍ଷୋଭ ମଧ୍ୟ ହେଲା । ଅଦ୍ଭୁତ ଏ ସ୍ତ୍ରୀ ଲୋକମାନେ ! ଏତେ କଷ୍ଟ ପାଇଲେ ମଧ୍ୟ ସେମାନଙ୍କର ଲୋଡ଼ା ଆହୁରି ସନ୍ତାନ ! ପୁଅଟିଏ ଥିଲେ ଝିଅଟିଏ । ଝିଅଟିଏ ଥିଲେ ପୁଅଟିଏ । ଝିଅ, ପୁଅ ଥିଲେ ଆଉ ଗୋଟିଏ ପୁଅ । ଏମିତି ସନ୍ତାନ—ଚିନାପ୍ରତି ଖେଳି ଖେଳି ନିଜେ ତ ଯାହା କଷ୍ଟ ପାଆନ୍ତି, ଅନ୍ୟମାନଙ୍କୁ ମଧ୍ୟ କଲବଲ କରି ମାରନ୍ତି ।

ସୋମନାଥର ଶପଥ ବିରୁଦ୍ଧରେ ଅନ୍ତର୍ଦ୍ରୋହ କରି ଉଠିଲା ତା'ର ସ୍ତ୍ରୀ । ଝିଅଟିଏ ଲୋଡ଼ା ତା'ର । ଲକ୍ଷ୍ମୀଟିଏ ନ ଆସିଲେ ପୁଣି କେମିତି ହେବ ? ତେଣୁ ସୋମନାଥର ଉତ୍ପାଦିକା ଶକ୍ତିରେ ଓଡ଼ାର ବନ୍ଧା ନୋହିଲା ।

ଆଜି କିନ୍ତୁ ସୋମନାଥ ସ୍ଥିରପ୍ରତିଜ୍ଞ । ଆଉ ସେ ଭାଗ୍ୟ ସଙ୍ଗେ ଚିନାପତି ଖେଳି ପାରିବନି । ଆଜି ହିଁ ସେ ଡୋରି ବାନ୍ଧିବ । ଆଜିର ସନ୍ତାନ ହିଁ ତା' ପରିବାରର ହେବ ଶେଷ ସନ୍ତାନ । ଯେତିକି ଅଛନ୍ତି ସେମାନଙ୍କୁ ହିଁ ସେ ମଣିଷ ଭଳି ମଣିଷ କରିବ । ତାକୁ ଯେମିତି ସେ ଅଭିଶାପ ଦେଇ ପାରିବେ ନାହିଁ । ତାହାରିକୁ କିଛି ନ କହି ନିତ୍ୟକର୍ମ ସାରି ବାହାରି ପଡ଼ିଲା ସୋମନାଥ ଘରୁ ।

ସ୍ତ୍ରୀ ତା'ର କଷ୍ଟ ପାଉଚି । ବୋଉ ପାଟି କରୁଚି—କୁଆଡ଼େ ଯାଉଚୁ—ବୋହୂ ପରା କଷ୍ଟ ପାଉଚି...... ।

ସୋମନାଥ ଆଗେଇଥିଲ ଡିସ୍‌ପେନ୍‌ସାରୀକୁ ।

ଅପରେସନ୍ ଟେବୁଲ୍ ଉପରେ ସୋମନାଥ ଶୋଇଛି । ହଠାତ୍ ତା'ର ବଡ଼ ପୁଅ ଧାଇଁ ଆସି କହିଲା—"ବାପା, ଆମର ଗୋଟିଏ କୁନ ଭାଇ ହୋଇଛି ।"

ସୋମନାଥ ଚିତ୍କାର କରି ଉଠିଲା । ଡାକ୍ତରବାବୁ, ଠିକ୍ କରି ଅପରେସନ୍ କରନ୍ତୁ ! ଆଉ ଯେପରି ମୁଁ ଏଭଳି ସମ୍ବାଦ ନଶୁଣେ ।

ଅପରେସନ ପରେ ସୋମନାଥ ନିଜର ଶାରୀ, ତଥା ଦେଶପ୍ରେମ ପାଇଁ ସରକାରଙ୍କ ପ୍ରଦତ୍ତ ପୁରସ୍କାର ଟଙ୍କା ଧରି ଡିସ୍‌ପେନସାରୀ ବାହାରକୁ ବାହାରି ପଡ଼ିଲାବେଳକୁ ପଇସା ଦୋକାନୀ ହାତ ପତାଇଛି......ଆଜ୍ଞା, ମୋ ବାକି ଟଙ୍କାଟା......

ସୋମନାଥ ସେଟିକ ବଢ଼ାଇ ଦେଇ ବୁଲି ପଡ଼ିଲାବେଳକୁ ଦେଖିଲା, ହାତ ପତାଇଛନ୍ତି ତେଜରାତି ଦୋକାନୀ......ମୋର ଟିକିଏ ଡେରି ହୋଇଗଲା ଆଜ୍ଞା । ଆଚ୍ଛା ହେଉ । କାଲି କମ୍ପାନୀ ପାଂଚକ ପାଖରେ ଅପେକ୍ଷା କରିଥିବି ।

ନିଜ ସାହସିକତା ପାଇଁ କମ୍ପାନୀ ପ୍ରଦତ୍ତ ପୁରସ୍କାରଟି ମଧ୍ୟ ପକେଟକୁ ଆସିବା ପୂର୍ବରୁ ଚାଲିଗଲାଣି ତେଜରାତି ଦୋକାନୀ ହାତକୁ ।

ସୋମନାଥ ମୁହଁ ଫେରାଇଲା । ସମ୍ମୁଖରେ ତା'ର ସରକାରଙ୍କର ପ୍ରକାଣ୍ଡ ନାଲି ତ୍ରିଭୁଜ । ତା'ତଳେ ସରକାରଙ୍କର ଆତ୍ମପ୍ରତ୍ୟୟହୀନ ପ୍ରଳାପ..."ଦୁଇ ବା ତିନୋଟି ସନ୍ତାନ ଯଥେଷ୍ଟ..." ।

ସୋମନାଥ ଶାନ୍ତିରେ ନିଃଶ୍ୱାସ ମାରିଲା । ତା'ର ସ୍ୱପ୍ନଟି ।

—*—

# ବତୀ ଘର

ମୋର ଛାତି କ'ଣ ହୋଇଯାଉଛି । ମତେ ଧରି, ମତେ ଛାଡ଼ି କୁଆଡ଼େ ଯାଅନା । ମୋର ନିଃଶ୍ୱାସ ବନ୍ଦ ହୋଇ ଯାଉଛି । ମୁଁ ମରିଯିବି......"

କ୍ଷୀଣ ଅଥଚ କରୁଣ ସ୍ୱରରେ କହିଚାଲିଥିଲେ କଳ୍ପନା ଦେବୀ । ନିର୍ମଳା ଦେବୀ ତାଙ୍କ ହାତକୁ ଧରି ଆଶ୍ୱାସନା ଦେଉଥିଲେ । "ତୁମେ ବ୍ୟସ୍ତ ହୁଅନା । କିଛି ତୁମର ହୋଇନି । ତୁମ ମନରେ ଅଯଥା ଗୋଟିଏ ଭୟ ପଶିଯାଇଛି । ସବୁ ଠିକ୍ ହୋଇଯିବ ।"

ନିର୍ମଳା ଦେବୀ କେବଳ ଆଶ୍ୱାସନା ଦେଉଥାନ୍ତି । ମାତ୍ର ସେ ମଧ୍ୟ ମନେ ମନେ ଖୁବ୍ ଡରି ଯାଇଥିଲେ । କଳ୍ପନା ଦେବୀଙ୍କର ଦେହ, ମୁଣ୍ଡ କ୍ରମେ ଶୀତଳ ହୋଇ ପଡ଼ୁଥିଲା । ଯଦି କିଛି କ'ଣ ହୋଇଯାଏ ।

ଏହି ସମୟରେ ଦାସ ବାବୁ ଆସି ପହଞ୍ଚିଗଲେ । ଖୁବ୍ ବ୍ୟସ୍ତ ହୋଇ ପଡ଼ିଥା'ନ୍ତି । ମୁହଁରେ ତାଙ୍କର ଆତଙ୍କର ଚିହ୍ନ ସ୍ପଷ୍ଟ । ନିର୍ମଳା ଦେବୀ ତାଙ୍କୁ ଦେଖି, ଉଠିପଡ଼ିଲେ । ଦାସ ବାବୁ ତ ଆସିଲେଣି । ମୁଁ ଯାଏ ।

ନା ନିର୍ମଳା । ମତେ ଛାଡ଼ି ତୁମେ ଯାଅନା । ମୁଁ ମରି ଯିବି । ଆଉ ତୁମର ହାତ ଧରି ମୁଁ ମରିବି ।

ନିର୍ମଳାଙ୍କ ଉପରେ ତାଙ୍କର ବାନ୍ଧବୀ କଳ୍ପନାଙ୍କର ଅତୁଟ ବିଶ୍ୱାସ । ସେ ତାଙ୍କର ସବୁ ସୁଖ ଦୁଃଖ ମନର କଥା ନିର୍ମଳାଙ୍କୁ କହନ୍ତି । ତାଙ୍କଠାରୁ ପରାମର୍ଶ ମାଗନ୍ତି । ଆଉ ନିର୍ମଳାଙ୍କ କଥାକୁ ସେ ଅକ୍ଷରେ ଅକ୍ଷରେ ପାଳନ କରନ୍ତି । ତାଙ୍କର ମନ ଦୁଃଖ ବେଳେ ସେ ମନର କଥା ଯେତେବେଳେ ଖୋଲି କହନ୍ତି, ନିର୍ମଳା ତାଙ୍କୁ ଆଶ୍ୱାସନା ଦେଇଥାନ୍ତି । ଅନ୍ୟମାନଙ୍କ ଭଳି ସେ ନିଆଁ ରେ ଘିଅ ଢାଳିଲା ଭଳି ମନର କଷ୍ଟକୁ ଅଧିକ କରିଥା'ନ୍ତି ।

ନିର୍ମଳା ବଡ଼ ଅଡୁଆରେ ପଡ଼ିଲେ । ଦାସ ବାବୁ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଠିଆ ହୋଇଥାନ୍ତି । ଅଗତ୍ୟା ଅବସ୍ଥାକୁ ସମ୍ଭାଳି ନେବାକୁ ଯାଇ ନିର୍ମଳା ଦେବୀ କହିଲେ, ଆପଣ ଶୀଘ୍ରଯାଇ ଡାକ୍ତରଙ୍କୁ ଡାକି ଆଣନ୍ତୁ । ମୁଁ ଏଠାରେ ଅଛି ।

ସହରର ଏକ ବ୍ୟୟସାପେକ୍ଷ ନର୍ସିଂ ହୋମ୍‌ରେ ତିନଦିନ ରହିବା ପରେ କଳ୍ପନାଦେବୀ ଫେରି ଆସିଛନ୍ତି । ଡାକ୍ତର କହିଲେ ସେମିତି କିଛି ରୋଗ ନାହିଁ । ମନ ଖୁସି ରଖିଲେ ଦେହ ଠିକ୍ ରହିବ । କଳ୍ପନା ଦେବୀଙ୍କର ମୁହଁ ଉଜ୍ଜ୍ୱଳ । ମନର ଆନନ୍ଦ ମୁହଁରେ ପ୍ରତିଫଳିଛି । ଏକ ଆତ୍ମ ସନ୍ତୋଷର ଚିହ୍ନ । ମାତ୍ର ସେ ଶଯ୍ୟାରେ ଶୋଇ ରହିଛନ୍ତି । ତାଙ୍କୁ ଖୁବ୍ ଦୁର୍ବଳ ଲାଗୁଚି । ସେ ବିନା ଆଶ୍ରୟରେ ଚାଲି ବି ପାରୁନାହାନ୍ତି ।

" ବାସ୍ତବିକ, ମୋ ପାଇଁ ବହୁତ କଷ୍ଟ ସହିଲେ ଦାସ ବାବୁ । ମତେ ଛାଡ଼ି ସେ ଗୋଟିଏ ମୁହୂର୍ତ୍ତ ବି ନର୍ସିଂହୋମରୁ ବାହାରକୁ ଯିବାକୁ ରାଜି ହୁଅନ୍ତିନି । ଛୁଇ ଭଲ ମୋ ପାଖେ ପାଖେ ରହିଥାନ୍ତି । ମୁଁ ତାଙ୍କୁ ବାଧ୍ୟ କରେ ବାହାରୁ ଟିକିଏ ବୁଲି ଆସିବାକୁ । କେଡ଼େ ଭଲ ସେ… …

କଥା ସରୁ ନ ଥିଲା କଳ୍ପନା ଦେବୀଙ୍କର । ଦାସ ବାବୁଙ୍କ ପ୍ରଶଂସାରେ ସେ ବିମୁଖ ହୋଇ ପଡ଼ୁଥିଲେ ।

" ଜାଣିଚ ! ମୋ ପାଇଁ ସେ ଦେଢ଼ ହଜାର ଟଙ୍କାର ଗୋଟିଏ ଶାଢ଼ୀ ଆଣି ଦେଇଚନ୍ତି । ତିନଦିନ ନର୍ସିଂହୋମ୍‌ରେ ପଡ଼ିଲି ତ । ସେ ମୋ କଷ୍ଟ ସହିପାରିଲେନି……

ନିର୍ମଳା ଦେବୀ ଶୁଣୁଥାନ୍ତି । ଆଉ ତାଳି ଗଛର ଛାଇକୁ ପ୍ରତିଥର ମାପିବାକୁ ଚେଷ୍ଟା କରୁଥାନ୍ତି ।

ବିପୁଳଠାକୁ ଦେଖିଲି । ମୁଁ ତାକୁ କେତେ ଅପେକ୍ଷାକଲି ନର୍ସିଂହୋମ୍‌ରେ । ପରୀକ୍ଷା ସରିଲେ ଆସିବ ବୋଲି ମୁଁ ତା' ବାଟକୁ ଚାହିଁ ବସିଥିଲି । ହେଲେ ତା'ର ଦେଖା ନାହିଁ । ପଚାରିଲାରୁ କହିଲା—ମୁଁ କେଉଁ ହାସପାତାଳରେ ଥିଲି ତାକୁ ଜଣା ନ ଥିଲା । ସ୍ୱରରେ ନିରାଶାର ଛାପ ।

ଗୋଟିଏ ବୋଲି ପୁଅ ଯେ, ଏବେ ତ ମା' ମଲେ କି ଗଲେ ଖବର ରଖୁନି । ଆମେ ବୁଢ଼ା ବୁଢ଼ୀ ହେଲେ କ'ଣ ନ କରିବ...

ନିର୍ମଳା ଦେବୀ କୌଣସି ମନ୍ତବ୍ୟ ଦେବାକୁ ଉଚିତ ମନେ କଲେନି । ଏଭଳି ପରିସ୍ଥିତିରେ ସେ ହୁଏତ କଥାଟିକୁ ହାଲ୍‌କା କରି ଦିଅନ୍ତି କିମ୍ବା କଥାର ବିଷୟ ବସ୍ତୁର ମୋଡ଼ ବୁଲେଇ ପକାନ୍ତି ।

ଇଏତ ମୋର ଟିକିଏ ବି କଷ୍ଟ ସହି ପାରିବେନି । ବାହାରକୁ ସିନା ଏତେ ଟାଣ ହେଲେ ତାଙ୍କର ମନଟା ଅତି ଦୁର୍ବଳ...

ନିର୍ମଳା ଦେବୀଙ୍କର ମନେ ପଡ଼ିଲା ସ୍ୱାମୀଙ୍କ ସହ ସୂର୍ଯ୍ୟାସ୍ତ ପରେ ପୁରୀ ବେଳାଭୂମିରେ ଲହରୀର ଖେଳ ଦେଖୁଥିଲା ବେଳେ ବତୀଘରର ଆଲୋକର କାରସାଦି । ବତୀଘରର ଆଲୋକ କ୍ଷଣକ ପାଇଁ ଆଲୋକିତ କରି ଦେଉଥିଲା ସମୁଦ୍ରର ଗୋଟିଏ ଅଂଶକୁ । ପରକ୍ଷଣରେ ସେହି ଅଂଶଟି ଘନ ଅନ୍ଧକାରର ଗର୍ଭରେ ଲୀନ ହୋଇ ଯାଉଥିଲା ।

ଅନ୍ଧକାର ମନରେ ଯେତିକି ଭୟର ସଞ୍ଚାର କରୁଥିଲା, ଆଲୋକ ମନକୁ ସେତିକି ଉତ୍‌ଫୁଲ୍ଲ କରି ପକାଉଥିଲା । ନିର୍ମଳା ଦେବୀଙ୍କର ସ୍ୱାମୀ କହୁଥିଲେ— ଅନ୍ଧକାରରେ ଆତଙ୍କିତ ହୋଇପଡ଼ନି । କାରଣ ଏହା ହିଁ ଆଲୋକ ଆଗମନୀର ବାର୍ତ୍ତାବହ । ଆଉ ଆଲୋକ— ଏହାର ପ୍ରତିଟି ମୁହୂର୍ତ୍ତକୁ ଉପଭୋଗ କର । ମାତ୍ର ଅନ୍ଧକାରର ସମ୍ଭାବନା ପ୍ରତି ପ୍ରସ୍ତୁତ ଥାଅ ।

ନିର୍ମଳା ଦେବୀ ବେଳାଭୂମିରେ ତାଙ୍କ ସ୍ୱାମୀଙ୍କ କଥା ମନେ ପକାଉ ପକାଉ ଭାବୁଥିଲେ କଳ୍ପନା ଦେବୀଙ୍କ କଥା । କଳ୍ପନାଙ୍କ ପାଇଁ ଅନ୍ଧକାର, ଅନ୍ଧକାର ଆଉ ଆଲୋକ, ଆଲୋକ । ସେ ଭିତରକୁ ପଶି ପାରନ୍ତି ନି । ଅନ୍ଧକାର ତାଙ୍କୁ ଭାଙ୍ଗି ପକାଏ । କୌଣସି ବାର୍ତ୍ତା ଦିଏନି । ଆଉ ଆଲୋକ ତାଙ୍କୁ ଅନ୍ଧ କରି ପକାଏ । ଯେଉଁ କେତୋଟି ଆଲୋକିତ ମୁହୂର୍ତ୍ତ ତାଙ୍କ ଜୀବନରେ ଆସେ, ସେଇ କେତୋଟି ମୁହୂର୍ତ୍ତକୁ ସେ ତିଳ ତିଳ କରି ଉପଭୋଗ କରିବାକୁ ଚେଷ୍ଟା କରିଥାନ୍ତି । ତା'ପରେ ପୁଣି ଯେ ଅନ୍ଧକାର ଆସିପାରେ, ସେ କଥା ସେ ଚିନ୍ତା କରି ପାରନ୍ତି ନାହିଁ । ଫଳରେ ଅନ୍ଧକାରର ଅଚାନକ ଆକ୍ରମଣରେ ସେ ତଳି ତଳାନ୍ତ ହୋଇ ପଡ଼ନ୍ତି ।

ସାମନା ଘର ପିଣ୍ଡାରେ ଜାଉଁଆ କୁକୁରକୁ କୋଳରେ ବସାଇ ଆଉଁଷା ଆଉଁଷି କରୁ କରୁ ଶ୍ରୀମତୀ ଭଟ୍ଟାଚାର୍ଯ୍ୟ କେତେ କ'ଣ ଗେଲେଇ ଗେଲେଇ କହି ପକାଉଥାନ୍ତି । କୁକୁରଟି ତାଙ୍କ କଥା ବୁଝୁ ନବୁଝୁ ବୁଝୁଥିଲା ଶ୍ରୀମତୀ ଭଟ୍ଟାଚାର୍ଯ୍ୟଙ୍କର ଉଷ୍ମତା । ସେତିକରେ ସେ ଖୁସି । ପଶୁ ହେଲେ ମଧ୍ୟ ତା'ର ଲୋଡ଼ା ଟିକିଏ ସ୍ନେହ, ଆଦର । ଟିକିଏ ଉଷ୍ମତା ।

ନିର୍ମଳା ଦେବୀଙ୍କୁ କୁକୁର ଭଲ ଲାଗେନି । ତଥାପି କେତେବେଳେ ଶ୍ରୀମତୀ ଭଟ୍ଟାଚାର୍ଯ୍ୟଙ୍କ ଘରକୁ ଗଲେ, ଭଦ୍ରତା ଖାତିରରେ କୁକୁରଟିକୁ ନିଜ ଇଚ୍ଛା ବିରୁଦ୍ଧରେ ଆଉଁଷିବାକୁ ଚେଷ୍ଟା କଲାବେଳକୁ କୁକୁରଟି ବିରକ୍ତିର ସ୍ୱରକରି ଦୂରେଇଯାଏ । ପଶୁ ହେଲେ ମଧ୍ୟ ସେ ଜାଣିପାରେ ଆନ୍ତରିକତା କେଉଁଠି ଅଛି । ଛଳନା କେଉଁଠି ଅଛି ।

କଳ୍ପନା ଦେବୀ ତ ମଣିଷ । ତାଙ୍କ ମନ ମଧ୍ୟରେ ଜମାଟ ବାନ୍ଧି ବସି-ରହିଛି ସ୍ୱାମୀଙ୍କର ସ୍ନେହ, ଆଦରର ଅଭାବ । ଆଜି ସେହି ଅଭାବର ଓଜନ ହିଁ କ୍ରମେ ତାଙ୍କୁ ଅସୁସ୍ଥ କରି ପକାଉଛି । ଖାଲି ଦେହକୁ ନୁହେଁ, ମନକୁ ମଧ୍ୟ । ତାଙ୍କର ସବୁରି ବିରୁଦ୍ଧରେ ଅଭିଯୋଗ ସ୍ୱାମୀ, ପୁଅ, ଝିଅ । ସାମାନ୍ୟ କଥାରେ ସେ ବିରକ୍ତ ।

ମଣିଷକୁ ବଞ୍ଚି ରହିବାକୁ ହେବ । ସେଥିପାଇଁ ଅନେକ ସମୟରେ ନିଜକୁ ନିଜେ ଠକିବାକୁ ହୁଏ । ଆଜି ଯେ ନିଜକୁ ଠକି ନ ଜାଣିଛି, ସେ ହୁଏତ ପରମ ଦୁଃଖୀ !

ସ୍ୱାମୀଙ୍କର କେତୋଟି ଛଳନାମୟ ଆଦର ହିଁ କଳ୍ପନାଙ୍କ ପାଇଁ ଅମୂଲ୍ୟ ରତ୍ନ । ଆଜି କ୍ଷଣିକ ପାଇଁ ସେ ସେଇ ଛଳନାକୁ ଆନ୍ତରିକତାର ରଙ୍ଗ ଦେଇ ନିଜକୁ ଠକି ଦେଇ ଯଥେଷ୍ଟ ଆନନ୍ଦ ପାଇ ପାରୁଚନ୍ତି । ଆଜି ତାଙ୍କର ଯେଭଳି ମହାର୍ଘ ମୁହୂର୍ତ୍ତଗୁଡ଼ିକୁ ନିର୍ମଳା ଦେବୀ ନଷ୍ଟ କରି ଦେବା ପାଇଁ କେବେହେଲେ ଚେଷ୍ଟା କରିନାହାନ୍ତି । ବରଂ ସେଇ ମୁହୂର୍ତ୍ତଗୁଡ଼ିକୁ ସେ ଆହୁରି ବଳିଷ୍ଠ ଆହୁରି ଦୀର୍ଘସ୍ଥାୟୀ କରିବା ପାଇଁ ଉଦ୍ୟମ କରିଚନ୍ତି ।

କଳ୍ପନାଙ୍କ ପ୍ରତି ନିର୍ମଳାଙ୍କ ମନରେ ଦୟା ହେଉଛି । ଆଜି ସେ ଚେଷ୍ଟା କରିଚନ୍ତି, ବର୍ଣ୍ଣାଢ଼ର ଉପରର ସେହି ଦୁର୍ଭାଗ୍ୟମାନ ଆଲୋକ ସ୍ତମ୍ଭକୁ ଜବରଦସ୍ତ ଜାବୁଡ଼ିଧରି କଳ୍ପନାଙ୍କର ଜୀବନକୁ ଆଲୋକିତ କରି ରଖିବାକୁ । ମାତ୍ର ତାଙ୍କର ବଳ ପାଉନି ।

# ଶରବଧ

ଆପଣ ଏ ଲୋକଟିକୁ ଚିହ୍ନି ପାରୁଛନ୍ତି ?

କାଠଗଡ଼ା ଭିତରେ ଥିବା ଆଦିବାସୀ ତରୁଣଟି ଉପରେ ଦୃଷ୍ଟି ଏଡ଼ିବାମାତ୍ରେ ଦେହ ତାଙ୍କର ଜଳି ଉଠିଲା କ୍ରୋଧ ଆଉ ଉତ୍ତେଜନାରେ । ଆପେ ଆପେ ଡାହାଣ ହାତଟି କପାଳ ଉପରକୁ ଚାଲିଗଲା । ହାତ ପାପୁଲି ଯେପରି ତାଙ୍କର ରକ୍ତାକ୍ତ । ଆଉ ରକ୍ତର ସେ ଲାଲ୍ ରଙ୍ଗ ଦେଖି କିଏ ସେ ପାଗଳ ହୋଇ ନ ଉଠିବ ?

ଭଲ କରି ଦେଖନ୍ତୁ, ଏହି ଆପଣଙ୍କୁ ଆକ୍ରମଣ କରିଥିଲା ?

ସେ ଦିନର ସେ ଦୃଶ୍ୟ ଭାସି ଉଠିଲା ତାଙ୍କ ଆଖି ଆଗରେ । କ୍ରମେ ଅସ୍ପଷ୍ଟରୁ ସ୍ପଷ୍ଟ ହୋଇ ଆସିଲା ମୁହୂର୍ତ୍ତଟି । ହଁ, ସେ ସବୁଦିନ ଭଳି ସେଦିନ ମଧ୍ୟ ଅଫିସ୍‌ରେ ବସି ତାଙ୍କର ଦୈନନ୍ଦିନ କାର୍ଯ୍ୟ କରୁଥିଲେ । ଦୁଇଜଣ ଆଦିବାସୀ ତରୁଣ ପଶି ଆସିଲେ ଆଉ ଦାବି କଲେ, ଆମକୁ ଚାକିରି ଦିଅ ।

ନିଜର ସ୍ୱଭାବ ସୁଲଭ କୋମଳତା ଓ ସହୃଦୟତାର ସହିତ ସେ ତରୁଣଦୁହିଁଙ୍କୁ ବୁଝାଇବାକୁ ଲାଗିଲେ, ଚାକିରି ଏମିତି ହଠାତ୍ ଦେଇ ହୁଏନି । ସେଥିପାଇଁ କେତେଗୁଡ଼ିଏ ନୀତି ନିୟମ ଅଛି । ତୁମେ କେତେଦୂର ପାଠ ପଢ଼ିଛ । କେଉଁ ଗାଁର, ତୁମର ଜମି କମ୍ପାନୀ ଦେଇଥିଲ କି ? ତୁମ ପରିବାରରୁ ଆଉ କେହି କମ୍ପାନୀରେ ଚାକିରି ପାଇଛନ୍ତି କି ଇତ୍ୟାଦି ।

ତରୁଣ ଦୁହିଁଙ୍କ ମଧ୍ୟରୁ ଜଣେ ଟେବୁଲ ସାମନାର ଗୋଟିଏ ଚୌକିର ପଛ ବାଡ଼ ଧରି ଛିଡ଼ା ହୋଇଥିଲା । କୌଣସି ଗରମ ତର୍କ, ବିତର୍କ ନାହିଁ । ଉତ୍ତେଜନା ନାହିଁ । ହଠାତ୍ ନିହାତି ଅପ୍ରତ୍ୟାଶିତ ଭାବରେ ତରୁଣଟି ଚୌକିଟି ଟେକି ତାଙ୍କ ଉପରକୁ ଲକ୍ଷ୍ୟ କରି ଫିଙ୍ଗି ଦେଲା । ତାଙ୍କର ହାତ ଆପେ ଆପେ ଉଠି ଚୌକିର ବେଗ କମାଇଦେଲା । ମାତ୍ର ଚୌକିଟି ତାଙ୍କ କପାଳରେ ବାଜି ଏକ ଗଭୀର କ୍ଷତ କରିଦେଲା । କ୍ଷତରୁ ଝରଝର ହୋଇ ରକ୍ତ ବାହାରି ତାଙ୍କର ସାର୍ଟ ଓଦା କରିପକାଇଲା । କ୍ରୋଧ ଓ ଉତ୍ତେଜନାରେ ସେ ଅନ୍ଧ ହୋଇ ପଡ଼ିଲେ ।

ହଠାତ୍ ଉଠିପଡ଼ି ସେ ତରୁଣର ଗଳାକୁ ଚିପି ଧରିଲେ । ଇଚ୍ଛା ହେଲା ସେଇଠି ଲୋକଟିର ଗଳା ଚିପି ମାରିଦେବେ । ମାତ୍ର ପରକ୍ଷଣରେ ମନରେ ତାଙ୍କର ଭାବାନ୍ତର ଜାତ ହେଲା । ଯଦି ଉତ୍ତେଜନାର ବଶବର୍ତ୍ତୀ ହୋଇ ଗଳା ଚିପି ମାରିଦିଏ; ତେବେ ତାର ପରିଣାମ କ'ଣ ହେବ । ତରୁଣର ଗଳାରୁ ତାଙ୍କର ହାତ ଆପେ ଆପେ କୋହଳ ହୋଇଆସିଲା । ମନ ଉପରେ ଲାଲ ରଙ୍ଗର ପ୍ରଭାବ କ୍ରମେ ଶିଥିଳ ହୋଇ ଆସୁଥିଲା । ଗୋଟିଏ ହାତରେ ତରୁଣଟିକୁ ଧରି ଅନ୍ୟହାତରେ ତାଙ୍କ କପାଳର କ୍ଷତକୁ ଚିପିଧରି ନିଜ ଗାଡ଼ିକୁ ଆସିଲେ । ତା'ପରେ ସିଧା ଯାଇ ପୋଲିସ ଷ୍ଟେସନ୍‌ରେ ତରୁଣଟିକୁ ସମର୍ପି ଦେଲେ ।

ତା' ପରେ ଚିରାଚରିତ ପୋଲିସ୍ ପଚରା ଉଚରା । ଧମକ ଚମକ ।

କ୍ରମେ ତାଙ୍କର ମନ ସାଧାରଣ ଅବସ୍ଥାକୁ ଫେରି ଆସୁଥିଲା । ପ୍ରତିହିଂସାର ପଶୁଟି ଧିମେଇ ପଡ଼ିଥିଲା । ସେ ମନେ ମନେ ବିଶ୍ଳେଷଣ କରିବାକୁ ଲାଗିଲେ । ଏ ସରଳ ଆଦିବାସୀ ତରୁଣଟି କାହିଁକି ହଠାତ୍ ଏପରି ହିଂସ୍ର ହୋଇ ଉଠିବ । ଏଭଳି କୌଣସି ଘଟଣା ଘଟିଯାଇନି, ଯାହାକି ତାକୁ ହଠାତ୍ ହିଂସ୍ର କରି ପକାଇବ ।

ନାକରେ ହଠାତ୍ ତାଙ୍କର ମେଞ୍ଚାଟିଏ ହାଣ୍ଡିଆର ଗନ୍ଧ ଭରିଗଲା । ମୁଣ୍ଡ ଭୁସିଇଗଲା ।

ନା' ଲୋକଟିର କାମଧନ୍ଦା ନ ଥିବାରୁ ମନରେ ହତାଶା ନିଶ୍ଚୟ ଅଛି । ଦାରିଦ୍ର୍ୟ, ଅଭାବ, କର୍ମାମାରେ ଶୃକରର ଲୋଭ—ଅନ୍ୟ କିଛି ଧନ୍ଦାପ୍ରତି ଅନାଗ୍ରହ—ଏସବୁ ମିଶି ତା ମନକୁ ରୁଗ୍ଣ କରି ପକାଇଛି । ଆଉ ତା'ର ସରଳତା, ସେଇ ରୁଗ୍ଣ ମନର କେହି ହୁଏତ ସୁଯୋଗ ଦେଇ ତାକୁ ଅସ୍ତ୍ର ଭାବରେ ବ୍ୟବହାର କରିଛି ।

ମନରେ କ୍ରମେ ତାଙ୍କର ପ୍ରତିହିଂସା ପରିବର୍ତ୍ତେ ତରୁଣ ପ୍ରତି ଏକ ସମ୍ବେଦନଭାବ ଜାଗ୍ରତ ହୋଇ ଉଠୁଥିଲା । ବସ୍ତୁତଃ ତରୁଣ, କେବଳ ଏଇ ତରୁଣ ନୁହେଁ, ସରଳ ନିଷ୍କପଟ ଆଦିବାସୀମାନେ କିପରି ତଥାକଥିତ ସଭ୍ୟମାନଙ୍କର ଶରବ୍ୟ ହେଉଛନ୍ତି ତା'ର ଏକ ଜ୍ୱଳନ୍ତ ନିଦର୍ଶନ ମାତ୍ର । ମନ ତାଙ୍କର କାନ୍ଦି ଉଠିଲା । ସେ ପୋଲିସ୍ ଅଫିସରଙ୍କୁ ଅନୁରୋଧ କଲେ, ପିଲାଟିକୁ ଯେତେଦୂର ସମ୍ଭବ କୋହଳ ଅଭିଯୋଗରେ ଛାଡ଼ିଦେବାକୁ । ଆଉ ତରୁଣକୁ କହିଲେ, ମୁଁ ଜାଣେ ଏଥିରେ ତୋର ଦୋଷ ନାହିଁ । ତେବେ ଭଲ ମଣିଷ ହୁଅ । ମୋ ପାଖକୁ ପରେ ଆସିବୁ । ତୋ ପାଇଁ ନିଶ୍ଚୟ କିଛି ବ୍ୟବସ୍ଥା କରିବି ।

ତରୁଣଟି ମୁଣ୍ଡକୁ ତଳକୁ ପୋତି ଛିଡ଼ା ହୋଇଥାଏ । ମୁହଁରେ ତା'ର ପଶ୍ଚାତାପର ଚିହ୍ନ ।

ତୃତୀୟଥର ପାଇଁ ମାଜିଷ୍ଟ୍ରେଟ ପଚାରିଲେ ଆସାମୀକୁ ଚିହ୍ନିପାରୁଛନ୍ତି କି ନାହିଁ ।

କାଠଗଡ଼ା ଭିତରେ ଠିଆ ହୋଇ ଥିବା ଆଦିବାସୀ ତରୁଣଟିକୁ ପୁଣି ଥରେ ସେ ଚାହିଁଲେ ।

ଏଇଥର ହିଁ ଫଏସଲା ହୋଇଯିବ । ତାଙ୍କୁ ବ୍ରିଫ୍ କରାଯାଇଥିଲା । ଆପଣ ଖାଲି ଆଇଡେଣ୍ଟିଫାଏ କରି ଦିଅନ୍ତୁ, ତା'ର କନ୍‌ଭିକ୍‌ସନ୍ ହୋଇଯିବ ।

ଶୀର୍ଣ୍ଣ, ଶୀର୍ଣ୍ଣ ଆଦିବାସୀ ତରୁଣଟି କାଠଗଡ଼ା ଭିତରେ ଛିଡ଼ା ହୋଇଛି । ମୁହଁରେ ତା'ର ଅସହାୟ ଭାବ, ବାରମ୍ବାର ରୋଗଭୋଗୀ, ସେ ପ୍ରାୟ ଦରମରା ହୋଇଯାଇଛି । ଆଉ ସେଇ ଦରମରା ଜୀବଟି ଉପରେ ବିଭିନ୍ନ ଦିଗରୁ ଆକ୍ରମଣ ।

କାଠଗଡ଼ା ଭିତରର ଆଦିବାସୀ ତରୁଣକୁ ଥରେ ଚାହିଁ, ଥରେ ମାଜିଷ୍ଟ୍ରେଟ୍‌ଙ୍କୁ, ଆଉ ଥରେ ତାଙ୍କର ଓକିଲ ଓ ତଥା କଥିତ ଶୁଭକାଙ୍କ୍ଷୀମାନଙ୍କୁ ଚାହିଁଲେ । ଗୋଟିଏ ଦିଗରେ ଅସହାୟ ପଶୁ, ଚତୁର୍ଦ୍ଦିଗରେ ଯେପରି ରହିଛନ୍ତି ଅସ୍ତ୍ର ଧରି ପ୍ରସ୍ତୁତ ହୋଇ କ୍ଷୁଧିତ ବ୍ୟାଧଗଣ ।

ନା...... ନା...... ମୁଁ ଚିହ୍ନି ପାରୁନି ।

କୋର୍ଟ୍ ଘରେ ଯେପରି ବଜ୍ରପାତ ହେଲା । ମାଜିଷ୍ଟ୍ରେଟ୍ ଓକିଲ, ଶୁଭେଚ୍ଛୁ ସମସ୍ତଙ୍କର ମୁହଁ କଳାକାଠ । କାଠଗଡ଼ା ଭିତରର ଆଦିବାସୀ ତରୁଣର ମୁଖମଣ୍ଡଳରେ ଉକୁଟି ଉଠୁଥିଲା ଏକ ଉଜ୍ଜ୍ୱଳ ଆଭା—ନୂତନ ଜୀବନର କୃତଜ୍ଞତାର । ଆଉ ତା'ର ଛଳ ଛଳ ହୋଇ ଉଠୁଥିଲା ଆନନ୍ଦରେ କୃତଜ୍ଞତାରେ ଆଉ ଅନୁତାପରେ । ଆଉ ସେଇ ଆଭା ଉଦ୍‌ଭାସିତ କରିଦେଇଥିଲା ତାଙ୍କର ମନକୁ ଆତ୍ମ ସନ୍ତୋଷରେ ମନ ତାଙ୍କର ହାଲୁକା ହୋଇ ଉଡ଼ି ବୁଲିବାକୁ ଲାଗିଲା ।

ସେ କୋର୍ଟରୁମ୍‌ରୁ ବାହାର ଆସୁଥିଲେ ବିଦାୟର ଉଲ୍ଲାସରେ ।

# ଫୋନିକ୍ସ

ପୋଲ୍ ଭୋଲ୍ଟରେ ଚୂଡ଼ାନ୍ତ ଲମ୍ଫ— ନୂତନ ରେକର୍ଡ ସୃଷ୍ଟି ହେବ । ଅଜେୟ ଯେତେବେଳେ କୁହା ମାରି ଉପରକୁ ଉଠିଲେ । ତାଙ୍କୁ ଲାଗିଲା ସେ ଆକାଶକୁ ଛୁଇଁ ଯାଉଛନ୍ତି । ତା' ପରେପରେ ଘନ ଘନ କରତାଳି । ଅଜେୟ ସେ ବର୍ଷ ପାଇଁ ପୋଲ୍ ଭୋଲ୍ଟରେ ନୂତନ ରେକର୍ଡ ସୃଷ୍ଟି କଲେ । କେବଳ ପୋଲ୍ ଭୋଲ୍ଟରେ ନୁହେଁ, ଆହୁରି ଅନେକରେ । ଆଉ କ୍ରମାଗତ ଦ୍ୱିତୀୟ ଥର ପାଇଁ ତାଙ୍କୁ ସ୍ପୋର୍ଟସରେ କଲେଜରେ ଚମ୍ପିୟାନ ସିପ୍ ମିଳିଲା । ମୁଖ୍ୟ-ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କଲାବେଳକୁ ସେ ସ୍ୱପ୍ନ ବିଭୋର । ଜୀବନରେ ଏହି-ସାଫଲ୍ୟ ସେ ଲାଭ କରିବେ । ଆକାଶ ହିଁ କେବଳ ତାଙ୍କର ସୀମା ।

ଘାଟି ରାସ୍ତା ଦେଇ କାର୍ ଆଗେଇ ଚାଲିଛି । ଚଢ଼ା ଉତରା, କେତେ ବାଙ୍କ, କେତେ ଖାଲ, କେତେ ଢିପ । ସେ ରାସ୍ତାରେ ଗାଡ଼ି ଚାଲିଛି । ଅଜେୟ କହି ଚାଲିଛନ୍ତି । ସେ ତାଙ୍କ ଜୀବନ ପଥରେ ବହୁଦୂର ଆଗେଇ ଗଲେଣି । ଠିକ୍ ଏଇ ରାସ୍ତା ଭଳି ଖାଲ, ଢିପ, ଅଙ୍କାବଙ୍କା ରାସ୍ତା । ଆଗ ସିଟ୍‌ରେ ପାଖରେ ତାଙ୍କର ଝିଅଟି । ପଛ ସିଟ୍‌ରେ ବୋଉ, ସ୍ତ୍ରୀ ଓ ଭଉଣୀ । ଅଜେୟ କହି ଚାଲିଛନ୍ତି ।

ମୁଁ ଜାଣେ । ପିଲାଦିନରୁ ଚିନୁଟା ଭିନ୍ନ ପ୍ରକାରର । ପ୍ରତ୍ୟେକ କାମରେ ସେ ଆଗଭର । ନେତୃତ୍ୱ ନେବା ଯେମିତି ତା'ର ଜନ୍ମଗତ ଅଧିକାର । ଅଜେୟ ଦେଖିଥିଲେ ତାଙ୍କ ନିଜର ପ୍ରତିବିମ୍ବ ତାଙ୍କ ସାନ ପୁଅ ଚିନୁ ଭିତରେ । ସେ ନିଜେ ଯେମିତି ଖେଳ, କୁଦ, ସଂଗଠନ, ଅନ୍ୟକୁ ସାହାଯ୍ୟ କରିବା, ପ୍ରତ୍ୟେକଟିରେ ଆଗେଇ ଆସୁଥିଲେ । ଚିନୁ ତାଙ୍କର ଠିକ୍ ସେଇଭଳି ହୋଇ-ଯାଇଛି । ଖାଲି କାମରେ ନୁହେଁ, ମନଟା ବି ତା'ର ସେଇଭଳି ଖୋଲା ।

ଅଜେୟ କହୁ କହୁ ଗଦ୍ ଗଦ୍ ହୋଇ ଯାଉଥିଲେ । ଆନନ୍ଦାତିଶଯ୍ୟରେ କଣ୍ଠ ତାଙ୍କର ବାଷ୍ପାକୁଳ ହୋଇ ଉଠୁଥିଲା । ଆଖିରେ ଲୁହ ଜକେଇ ଆସୁଥିଲା ।

ହଠାତ୍ ଗାଡ଼ିର ଚକା ପଞ୍ଚର୍ ହୋଇଗଲା । ଗାଡ଼ି ଅଟକିଗଲା । ଅଜେୟଙ୍କ କଥାର ସୁଅ ମଧ୍ୟ ବନ୍ଦ ହୋଇଗଲା ।

ସାଧାରଣତନ୍ତ୍ର ଦିବସ । ଦିଲ୍ଲୀ ଲାଲ୍‌କିଲ୍ଲାରେ ଓଡ଼ିଶା ଦଳ ଏନ୍.ସି.ସିର ନେତୃତ୍ୱ ନେଇ ଜାତୀୟ ପତାକାକୁ ଅଭିବାଦନ ଜଣାଇଥିଲେ ଅଜେୟ । ଛାତି ତାଙ୍କର ଗର୍ବରେ ଫୁଲି ଉଠୁଥିଲା । ସେ ସ୍ୱପ୍ନ ଦେଖୁଥିଲେ, ଦିନେ ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗ ଦେଇ ସେ ଏହିଭଳି ନେତୃତ୍ୱ ନେବେ । ଆଉ ନିଜ ମାତୃଭୂମିର ସୁରକ୍ଷା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଦେବେ । ସାମରିକ ବାହିନୀରେ ପ୍ରଥମ ଓଡ଼ିଆ କମିଶନ ଅଫିସର ହେବାର ଲକ୍ଷ୍ୟ ରଖି ସେ ପ୍ରାଣମୂର୍ଚ୍ଛା ଉଦ୍ୟମରେ ଲାଗି ପଡ଼ିଲେ । ସମସ୍ତ ପରୀକ୍ଷା ଓ ଇଣ୍ଟରଭ୍ୟୁରେ ସାରାଦେଶରେ ପ୍ରଥମସ୍ଥାନ ଅଧିକାର କଲେ । ମାତ୍ର ସ୍ୱାସ୍ଥ୍ୟର ଏକ ସାମାନ୍ୟ ବ୍ୟତିକ୍ରମ କାରଣରୁ ସେ କମିଶନଡ଼୍ ଅଫିସର ଭାବରେ ମନୋନୀତ ହୋଇ ପାରିଲେ ନାହିଁ । ସେ ଥିଲା ତାଙ୍କ ଜୀବନରେ ଏକ ବିରାଟ ଧକ୍କା । ଆଉ ସେହି ଧକ୍କାରେ ସେ ଏକ ପ୍ରକାର ଭାଙ୍ଗି ପଡ଼ିଲେ । ମାତ୍ର ସେ ଥିଲା କ୍ଷଣସ୍ଥାୟୀ । କାରଣ ଫୋନିକ୍ସ ଭଳି ଭସ୍ମ ଭିତରୁ ନବଜୀବନ ଲାଭ କରି ଉଠି ଆସିବାର କ୍ଷମତା ତାଙ୍କର ଥିଲା । ଆଉ ସେଇ କ୍ଷମତା ବଳରେ ମନ ଟାଣ କରି ପୁଣି ସେ ଉଠିଲେ । ଆଉ ସଫଳତାର ପଥରେ ଆଗେଇ ଗଲେ । ଯଦିଓ ଭିନ୍ନ ଏକ ଦିଗରେ ।

ଖଡ଼୍ ଗଓ୍ୱାସଲା ଜାତୀୟ ପ୍ରତିରକ୍ଷା ଏକାଡ଼େମୀର ପ୍ୟାରେଡ଼୍ ଗ୍ରାଉଣ୍ଡ । ଡିସେମ୍ବରର ସକାଳର ଶୀତଳ ପରିବେଶ । ପ୍ୟାରେଡ଼୍ ଗ୍ରାଉଣ୍ଡ୍‌ରେ କ୍ୟାଡ଼େଟ୍‌ମାନେ ତିନି ବର୍ଷର ସଫଳ ତାଲିମ ଶେଷରେ ପାସିଙ୍ଗ୍ ଆଉଟ୍ ହେବ, ସେମାନଙ୍କର ପ୍ରଥମ ପର୍ଯ୍ୟାୟର ତାଲିମ ଶେଷ । ପ୍ରସ୍ତୁତ ସେମାନେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ନିମନ୍ତେ, ମନରେ ସେମାନଙ୍କର ପ୍ରବଳ ଉତ୍ସାହ ଉଦ୍ଦୀପନା । ତିନିବର୍ଷ ପୂର୍ବେ ପ୍ରଥମେ ଯେତେବେଳେ ସେମାନେ ଏ ଅନୁଷ୍ଠାନରେ ଯୋଗ ଦେଲେ, ସେମାନଙ୍କ ମଧ୍ୟରୁ ଅନେକଙ୍କ ମନରେ ଶଙ୍କା । ଏ କଠିନ ତାଲିମ କ'ଣ ସେମାନେ ଚେଷ୍ଟା କରିପାରିବେ ? ମାତ୍ର ଖୁବ୍ କମ୍ ସମୟ ମଧ୍ୟରେ ସେମାନେ ନିଜ ନିଜକୁ ଏକ ସୁଶୃଙ୍ଖଳିତ କର୍ମମୁଖର ପରିବେଶ ସଙ୍ଗେ ଖାପ ଖୁଆଇ ନେଲେ । ଲୁହାକୁ ଯେପରି ପିଟି ପିଟି ଟାଣ କରାହୁଏ, ସେମାନଙ୍କୁ ସେହିପରି କଠିନ ପରିଶ୍ରମ ଓ ଶୃଙ୍ଖଳା ମଧ୍ୟରେ ଟାଣ କରି ଦିଆଯାଉଥିଲା ।

ଏଣେ ଦର୍ଶକ ଗ୍ୟାଲେରୀରେ ଉଚ୍ଚ ପ୍ରତିରକ୍ଷା କର୍ମକର୍ତ୍ତାମାନଙ୍କ ସହିତ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ଶିକ୍ଷାର୍ଥୀମାନଙ୍କର ଗର୍ବିତ ପିତାମାତା । ସେମାନେ ଗର୍ବିତ । କାରଣ ଆଜି ସେମାନଙ୍କର ସନ୍ତାନମାନେ ମାତୃଭୂମିର ସୁରକ୍ଷା ଦାୟିତ୍ୱ ନେବାପାଇଁ ଯୋଗ୍ୟ ବିବେଚିତ ହୋଇ ପାରିଛନ୍ତି । ସେମାନେ ଦେଶବାସୀଙ୍କୁ ଜଣାଇବାକୁ ଚାହାଁନ୍ତି । ତୁମେ ନିଶ୍ଚିନ୍ତ ରୁହ । ଆମର ସୁଯୋଗ୍ୟ ସନ୍ତାନମାନଙ୍କ ହାତରେ ତୁମର ଦେଶ ସୁରକ୍ଷିତ ।

ଦର୍ଶକ ଗ୍ୟାଲେରୀରେ ଅଜେୟ, ତାଙ୍କ ବୋଉ ଓ ସ୍ତ୍ରୀ । ପ୍ରତ୍ୟେକ ମୁହୂର୍ତ୍ତରେ ଅଜେୟଙ୍କର ମନ ହେଉଥିଲା ପ୍ୟାରେଡ୍ ଗ୍ରାଉଣ୍ଡକୁ ଡେଇଁପଡ଼ି ତାଙ୍କର ସ୍ନେହର ଚିନୁଙ୍କୁ କୁଣ୍ଢାଇ ପକାନ୍ତେ । ଦିନେ ସେ ନିଜେ ହୁଏତ ଜଣେ ଉଚ୍ଚ ସାମରିକ କର୍ମକର୍ତ୍ତା ହୋଇ ଏହି ଦର୍ଶକ ଗ୍ୟାଲେରୀରେ ବସିଥାନ୍ତେ, କିମ୍ବା ତାଙ୍କର ପୁଅକୁ ପ୍ରମାଣ ପତ୍ର ଦେଇଥାନ୍ତେ । ଦିନେ ସେ ନିଜେ ହୁଏତ ନିଜର ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେଇଥାନ୍ତେ । ଆଉ ଆଜି ତାଙ୍କର ଆତ୍ମା ଏହି ସ୍ଥାନରେ ଘୂରି ବୁଲୁଥାନ୍ତା । ତାଙ୍କର ପୁଅକୁ ଆଶୀର୍ବାଦ ଦେଇ ମୁକ୍ତି ପାଇବା ପାଇଁ । ମାତ୍ର ସେ ଜଣେ ସାମରିକ କର୍ମକର୍ତ୍ତା ଭାବରେ ଉପସ୍ଥିତ ହୋଇପାରି ନାହାନ୍ତି । ଆଜି ପର୍ଯ୍ୟନ୍ତ ତାଙ୍କ ମନରେ ଯେଉଁ କ୍ଷତ ରହିଯାଇ, ତାଙ୍କୁ ବାରମ୍ବାର ଆଘାତ ଦେଉଥିଲା, ଆଜି ଯେପରି କୁଆଡ଼େ ମିଳାଇ ଯାଇଛି । ତା' ପରିବର୍ତ୍ତେ ମନରେ ତାଙ୍କର ଏକ ଅପୂର୍ବ ଆବେଗ । ଦେହରେ ଏକ ଅପୂର୍ବ ଶିହରଣ । ତାଙ୍କର ସମସ୍ତ ସ୍ୱପ୍ନ, ଯାହା ଦିନେ ଭାଙ୍ଗି ଚୂର୍ମାର ହୋଇ ଯାଇଥିଲା । ଆଜି ତାଙ୍କର ପୁଅ ସେ ସବୁକୁ ଯୋଡ଼ି ଯୋଡ଼ି ରଙ୍ଗ ଲଗାଇ ବାସ୍ତବ ରୂପ ଦେଇ ପାରିଛି । ଏକ ସୁନ୍ଦର ସ୍ୱପ୍ନ, ଯାହାକି କେବେ ହେଲେ ବାସ୍ତବରେ ପରିଣତ ହୁଏନି । ସେ ଆଜି ବାସ୍ତବ ରୂପ ଦେଇ ତାଙ୍କ ସାମନାରେ ଛିଡ଼ା ହୋଇଛି । ତାଙ୍କର ପ୍ରିୟ ଚିନୁ ଏକ ଅସମ୍ଭବକୁ ସମ୍ଭବ କରି ପାରିଛି ।

ବ୍ୟାଣ୍ଡର ସଙ୍ଗୀତ ସାଙ୍ଗକୁ କ୍ୟାଡେଟ୍‌ମାନଙ୍କର ସଗର୍ବ ପ୍ୟାରେଡ୍ । ତା' ଭିତରେ ତାଙ୍କର ପ୍ରିୟ ଚିନୁକୁ ଖୋଜୁ ଖୋଜୁ ଆଖି ତାଙ୍କର ଜକେଇ ଆସିଛି । ପ୍ରତ୍ୟେକଟି କ୍ୟାଡେଟ୍ ତାଙ୍କ ଆଖି ଆଗରେ ଚିନୁ ଭଳି ଦେଖା ଯାଉଛନ୍ତି । ପ୍ରତ୍ୟେକଟି ଚିନୁ ଯେପରି ଜନ୍ମଭୂମିର ସୁରକ୍ଷା ପାଇଁ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି ।

# ତିନି ସଙ୍ଗାତ କଥା

ସେମାନଙ୍କର ସଂପର୍କ ଆଜିକାର ନୁହେଁ । ଗଲା କେତେ ବର୍ଷର ନୁହେଁ କି କେତେ ଯୁଗର ନୁହେଁ । ଏ ସୃଷ୍ଟିର ଆରମ୍ଭରୁ ହିଁ ସେମାନଙ୍କ ସଂପର୍କର ସୃଷ୍ଟି । ଏକ ଅଦ୍ଭୁତ ଓ ଅଦୃଶ୍ୟ ବନ୍ଧନରେ ସେମାନେ ବାନ୍ଧିହୋଇ ପଡ଼ିଛନ୍ତି । ସୃଷ୍ଟି ଆରମ୍ଭରୁ । ଆଉ ଏ ବନ୍ଧନ ରହିଥିବ ସୃଷ୍ଟିର ବିଲୟ ପର୍ଯ୍ୟନ୍ତ । ଜଣେ ଅନ୍ୟ ଦୁଇଜଣଙ୍କ ବିନା ଚଳି ପାରିବେନି ଚଳାଇ ପାରିବେନି । ତିନିଜଣଙ୍କ ମଧ୍ୟରେ ଅଲେଖା ସର୍ତ୍ତ । ପରସ୍ପର ପରସ୍ପରକୁ ସାହାଯ୍ୟ କରିବେ । ଏଥିପାଇଁ କେହି କାହାକୁ ଚେତାଇବାର ଆବଶ୍ୟକତା ନାହିଁ । ପ୍ରତ୍ୟେକ ପ୍ରତ୍ୟେକଙ୍କର କର୍ତ୍ତବ୍ୟ କରିଯିବେ । ଏଥିରୁ ସାମାନ୍ୟ ବ୍ୟତିକ୍ରମ ହୋଇଗଲେ ସଂସାର ଉଜୁଡ଼ି ପଡ଼ିବ । ପୁଣି ଏଇ ତିନି ସଙ୍ଗାତ ମିଶି କେତେ କେତେ ସଭ୍ୟତା, କେତେ ସାମ୍ରାଜ୍ୟ, କେତେ କେତେ ଶାସନ ଉଜୁଡ଼ାଇ ଦେଇଛନ୍ତି । ଏହି ହେଲା ତିନି ସଙ୍ଗାତଙ୍କ ମଧ୍ୟରେ ଅକୁହା ବୁଝାମଣା । ମନ ମନ ମଧ୍ୟରେ ଏହା ଏକ ବୁଝାମଣା । ଏଥିପାଇଁ ଲେଖାପଢ଼ିର ଆବଶ୍ୟକତା ନ ଥିଲା ।

ତ୍ରିଦେବେଶ ମନରେ ଶଙ୍କା । ମହା ଅଡୁଆ କଥା । ତ୍ରୈଲୋକ୍ୟନାଥ କେବଳ ନିଜ ପାଇଁ ଯେ ଗାତଖୋଳି ବସିଛନ୍ତି ତା' ନୁହେଁ । ସେ ଗାତରେ ସମସ୍ତେ ପଡ଼ିବେ । ତ୍ରିଦେବେଶ ଆଉ ତ୍ରିକାଳଦର୍ଶୀ କେହି ଏଥିରୁ ଉଦ୍ଧାର ପାଇ ପାରିବେ ନାହିଁ ।

ସଂସାର ବାହାରର କଥା । ଏ ସମାଜର ଦୁର୍ନୀତି ଦୂର କରିବାକୁ ହେବ । ଶାସନର ପ୍ରତ୍ୟେକ ସ୍ତରରୁ ଭ୍ରଷ୍ଟାଚାର ଦୂର କରି ନିର୍ମଳ ଶାସନ ପ୍ରବର୍ତ୍ତନ କରିବାକୁ ହେବ । କମିଶନ ବସିବ । ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ କଡ଼ା ଶାସ୍ତି ବିଧାନ କରାଯିବ । ଏ ସବୁ କୌଣସି ସୁସ୍ଥ ବୁଦ୍ଧିଯୁକ୍ତ ବ୍ୟକ୍ତିର ତୁଣ୍ଡରୁ ବାହାରିବ ନାହିଁ । ତ୍ରୈଲୋକ୍ୟନାଥଙ୍କର ଏହା ମସ୍ତିଷ୍କ ବିକୃତ ନୁହେଁ ତ ଆଉ କ'ଣ ହୋଇପାରେ ?

ହଁ ନିର୍ବାଚନ ଜିଣିବାକୁ, ଶାସନ ଗାଦିକୁ ଆସିବା ପାଇଁ ଏକ ମନଲୋଭା ଶୁଣିବା ମଧୁର ସ୍ଲୋଗାନ ନିଶ୍ଚୟ ଲୋଡ଼ା, ମାତ୍ର "ଦୁର୍ନୀତି ନିବାରଣ" ଭଳି ହଳାହଳକୁ କ'ଣ ଏବେ "ଇସ୍ୟୁ" କରାଯାଇପାରେ ? ଯଦିବା କଲ ତେବେ ତାକୁ ଦୋହରାଇବା କ'ଣ ଦରକାର ଥିଲା ? ଜନତା ଭୋଳାନାଥ । ଏଇକ୍ଷଣି ସେ ଯେଉଁଥିପାଇଁ ପାଗଳ, ପରମୁହୂର୍ତ୍ତରେ ଭୁଲିଗଲାଣି । ତା'ଛଡ଼ା ନିର୍ବାଚନ ଇସ୍ତାହାରରେ ଯାହା ସବୁ ପ୍ରତିଶ୍ରୁତି ଦିଆଯାଇଥାଏ, ସେ ସବୁକୁ ପାଳନ କରିବା କ'ଣ ନିହାତି ଆବଶ୍ୟକ । ବଟେ କେବଳ ପଛକୁ ଠାଣେ । ଆମକୁ ଅଗକୁ ଆଗେଇବାକୁ ହେବ । ଦେଶର ପ୍ରଗତି ଲୋଡ଼ା ।

ତ୍ରିଦେବେଶ ଯେତିକି ଗମ୍ଭୀର ଭାବରେ ଭାବୁଥିଲେ, ମୁଣ୍ଡ ତାଙ୍କର ସେତିକି ବିଗିଡ଼ି ଯାଉଥିଲା । ଦୁର୍ନୀତି ନିବାରଣ ଆଉ ନିର୍ମଳ ଶାସନ ଯେପରି ଦୁଇଟି ପାଗଳା କୁକୁରଭଳି ଭୁକି ଚାଲିଛନ୍ତି ତ୍ରିଦେବେଶଙ୍କୁ ଚାହିଁ । ଯେ କୌଣସି ମୁହୂର୍ତ୍ତରେ ସେମାନେ ତାଙ୍କ ଉପରକୁ ଲମ୍ଫ ଦେବେ, ଆଉ କାମୁଡ଼ି ଛିଣିଛଣା କରି ପକାଇବେ ।

ତ୍ରିଦେବେଶଙ୍କ ଦେହ ଶୀତେଇ ଉଠିଲା । ତାଙ୍କ ଆଖି ଆଗରେ ଯେପରି ତାଙ୍କ ନିଜର ଦୁଇ ଦୁଇଟା ପ୍ରକାଣ୍ଡ ଅଟ୍ଟାଳିକା ଭୁଷୁଡ଼ି ଧୂଳିସାତ୍ ହୋଇ ଯାଉଛି । ତାଙ୍କ ବ୍ୟାଙ୍କ ଲକର୍ ଜଳି ଯାଉଛି । ତା'ସଙ୍ଗେ ଜଳି ଯାଉଛି ତାଙ୍କର ଲକ୍ଷ ଲକ୍ଷ ଟଙ୍କାର ସେୟାର ସାର୍ଟିଫିକେଟ୍, ଡିବେଞ୍ଚର ସାର୍ଟିଫିକେଟ୍ । ସଞ୍ଚୟ ସାର୍ଟିଫିକେଟ୍ । ଅଚଳାଚଳ ସମ୍ପତ୍ତିର ବେନାମୀ ଦଲିଲ । ବଡ଼ା ବଡ଼ା କରେନ୍ସି ନୋଟ୍ । ପୁଣି ସେ ଲକର୍ ଭିତରୁ ଆଗ୍ନେୟଗିରିର ଲାଭା ଭଳି ତରଳି ବୋହି ଆସୁଛି କେଜି କେଜି ସୁନା ।

ନା, ତ୍ରିଦେବେଶ ଆଉ ଚିନ୍ତା କରିପାରିବେନି । ସ୍କଚ୍ ବୋତଲରୁ ଅଧା ନିଃଶେଷ କରି ସେ ଶୋଇପଡ଼ିବାକୁ ଚେଷ୍ଟାକଲେ । ମାତ୍ର ପାରିଲେନି, କେବଳ ବିଛଣାରେ ପଡ଼ି ଛଟପଟ ହେବାକୁ ଲାଗିଲେ । ରାତି ଅଧରେ ହଠାତ୍ ଶେଯରୁ ଉଠି ସେଇ କୁର୍ତ୍ତା, ପାଇଜାମା ପିନ୍ଧା ଅବସ୍ଥାରେ କାର୍ ଷ୍ଟାର୍ଟ କରି ବାହାରି ପଡ଼ିଲେ । ବନ୍ଧୁ ତ୍ରିକାଳଦର୍ଶୀଙ୍କ ଘର ଅଭିମୁଖେ, ସେଠାକୁ ଯିବାପାଇଁ ଏଇ ଅନ୍ଧାର ରାତି ହିଁ ପ୍ରକୃଷ୍ଟ ସମୟ । କାରଣ ସେଠାକୁ ସେ ଅନ୍ତତଃ ଦିନ ଆଲୁଅରେ ଯାଇ ପାରିବେନି ।

ତ୍ରିଦେବେଶ ତ୍ରିକାଳଦର୍ଶୀଙ୍କ ଘର ଫାଟକ ପାଖରେ ପହଞ୍ଚିଲା ବେଳକୁ ବିପରୀତ ଦିଗରୁ ତ୍ରିକାଳଦର୍ଶୀ ମଧ୍ୟ ଫେରୁଥିଲେ । ଆରେ ଏତେ ରାତିରେ ଆପଣ । ନିଶ୍ଚୟ କିଛି ଗୋଟାଏ ଧର୍ମ ସଙ୍କଟରେ ପଡ଼ିଛନ୍ତି ।

ଆପଣ କୁଆଡ଼ୁ ଆସିଲେ ?

ମୁଁ ତ୍ରୈଲୋକ୍ୟନାଥଙ୍କ ଡାକରା ପାଇ ଯାଇଥିଲି । ଘଟଣା କଣ ?

କ'ଣ ଆଉ ହୋଇପାରେ ? ସେମଧ୍ୟ ତୁମରି ଭଳି ସଙ୍କଟରେ ପଡ଼ିଛନ୍ତି ।

ମୁଁ ସଙ୍କଟରେ ପଡ଼ିଥିବା କଥା ତୁମେ କପରି ଜାଣିଲ ?

ତୁମମାନଙ୍କ ସଙ୍କଟ କଥା । ମୁଁ ନ ଜାଣିଲେ ଆଉ ଜାଣିବ କିଏ ? ଆଉ ସେଥିରୁ ଉଦ୍ଧାର କରିବ କିଏ ? ଛାଡ଼ ସେ କଥା । ଏ ଦାଣ୍ଡ ମଝିରେ ସେ ସବୁ କଥା କ'ଣ ଆଲୋଚନା କରିବା । ଭିତରକୁ ଆସ ।

ଦୁଇବନ୍ଧୁ ତ୍ରିକାଳଦର୍ଶୀଙ୍କର ଖାସ୍ ବୈଠକଖାନାକୁ ଗଲେ । ତା'ପରେ ଚାଲିଲା ତାଙ୍କର ଆଳାପ, ଆଲୋଚନା ।

ତ୍ରୈଲୋକ୍ୟନାଥଙ୍କ ମୁଣ୍ଡକୁ ଶେଷକୁ ବିଛା କାମୁଡ଼ିଲା । କାମୁଡ଼ିଲା ନୁହେଁ, ମୁଁ କାମୁଡ଼େଇଲି । କଓ ବାବୁ, ତୁମେ ନିର୍ମଳ, ନିର୍ମଳ ହୋଇ ଶେଷକୁ ନିର୍ମଳ ହୋଇଯିବ ଯେ । ଏ କଥା ଜାଣୁଚତ ?

ତ୍ରୈଲୋକ୍ୟନାଥ ତୋଳା ଉପରକୁ ଉଠାଇଲେ । ଦେଖ, ବିନା ପଇସାରେ କିଏ କେବେ ରାଜନୀତି କଲାଣି ? ବିଶେଷ କରି ଆଜକାଲି ଯୁଗରେ । ତୁମର ହୁଏତ ପଇସା ଲୋଡ଼ା ନାହିଁ ମାତ୍ର ତୁମ ସୁବିଧା ଯେଉଁମାନେ ଅଛନ୍ତି, ମାଟିକୁ ଯେଉଁମାନେ କାର୍ଯ୍ୟକାରୀ କରୁଛନ୍ତି, ସେମାନେ ଯିବେ କୁଆଡ଼େ ? ସେମାନଙ୍କର ଲୋଡ଼ା ଟଙ୍କା । ଯେଉଁମାନଙ୍କ ସମର୍ଥନରେ ଆଜି ତୁମେ ଏ ଆସନରେ, ସେମାନେ ଯେଉଁ ପୁଞ୍ଜି ଖଟାଇଛନ୍ତି, ସେ ସବୁ ସମୂଳ ସୁଧେ, କଡ଼ା, ଗଣ୍ଡା କରି ଆଦାୟ କରି ଆଗାମୀ ସାତ ପୁରୁଷଙ୍କୁ ପାଇଁ ଠୁଳେଇ ନ ପାରିଲେ କାଲି ସେମାନେ ତୁମକୁ ଗାଦିରୁ ହଟାଇବେ । ଅଉ ଆମ ବନ୍ଧୁ କି ଦେବେ । ତା' ପେଟରୁ କାଟିଲେ, ସେ ଟିକିଏ କଳ ମୋଡ଼ିଦେଲେ

ସବୁ ଏ ପାଖ ସେପାଖ ହୋଇଯିବ । ତୁମେ ଇନ୍ଦ୍ର ହେଲେ ସେ ଶଚୀ । କେତେ ଇନ୍ଦ୍ର ସେ ଦେଖିଲେଣି । ତେଣୁ ତୁମ ଆସନକୁ ଦୃଢ଼ କରିବାକୁ ହେଲେ ଶଚୀକୁ ସନ୍ତୁଷ୍ଟ କର । ଆଉ ଆମେ ? ଆମେ ହେଲୁ ସବୁ ଶଚୀଙ୍କର ଭକ୍ତ । ଖାଲି ଭକ୍ତ ନୋହୁ, ସେମାନଙ୍କ ମଧ୍ୟରେ ଯୋଗ ସୂତ୍ର ମଧ୍ୟ । ତେଣୁ ଆମକୁ ଏଡ଼ାଇ ନା ରହିପାରିବେ ଇନ୍ଦ୍ର, ନା ରହିପାରିବେ ଶଚୀ ।

ଠିକ କଥା କହିଲ ତ୍ରିକାଳଦର୍ଶୀ । ମାତ୍ର ଆମେ ଜନତାକୁ ଯେଉଁ ପ୍ରତିଶୃତି ଦେଇଛୁ, ସେଥିରୁ ଓହରି ପାରିବୁ କି ? ତା'ଛଡ଼ା ମୋର ଯେଉଁ "ଇମେଜ" ଜନସାଧାରଣଙ୍କ ସମ୍ମୁଖରେ, ମୁଁ ଆଉ ପଛକୁ ହଟି ପାରିବି କି ?

ପଛକୁ ହଟିବାକୁ କେହି କହୁନି । ତୁମେ ଆଗକୁ ହିଁ ଯାଅ । ପ୍ରଗତି କର ।

ଜନତା ମୋତେ କ୍ଷମାଦେବ ?

ଜନତାକୁ ତୁମେ କ୍ଷମାଦେବ । ଜନତା ହେଉଛି ମହାମୂର୍ଖ । ଆଜି ଯେଉଁଥିପାଇଁ ସେ ପାଗଳ, କାଲିକୁ ଭୁଲିଯାଇଥିବ । ସେ ଗୋଟାଏ ହେଂକାଲି କୁକୁର । ଖଣ୍ଡେ ଖଣ୍ଡିଆ ରୁଟି ଫିଙ୍ଗିଦିଅ । ତାର ଭୁକା ବନ୍ଦ ହୋଇଯିବ । ତା'ର ସ୍ୱରକୁ ତୁମେ ବଦଳାଇ ପାରିବ । ଲୋଡ଼ାହେଲେ ବିଲ୍‌କୁଲ୍ ବନ୍ଦ କରି ଦେଇପାରିବ । ହେଲେ ତା ଆଗରୁ ତୁମ ନିଜର ସ୍ୱରକୁ ପରିବର୍ତ୍ତନ କର । ନିର୍ମଳ ଶାସନ କଥା ଟିକିଏ କମ୍ କମ୍ କୁହ । ନିମେ ମୋଟେ କହିବନି । ତା'ପରେ କୁହ କେବଳ ପ୍ରଗତି ଆଉ ଅଗ୍ରସରର କଥା । ରାସ୍ତା ଛଆର ହେବ । ନାଳ ନଖୋଳା ହେବ । ବନ୍ଧ ବନ୍ଧା ଯିବ । କଳ କାରଖାନା ବସିବ । ପ୍ରଗତିର ରଥଚକ ଆଗକୁ ଆଗକୁ ଗଡ଼ିଚାଲିବ । ସାଥେ ସାଥେ ଟଙ୍କା ଉଡ଼ି ଚାଲିବ । ତ୍ରିଦେବେଶ ଖୁସୀ । ମୁଁ ଖୁସୀ । ତୁମେ ବି ଖୁସୀ ।

ମାତ୍ର ମୋର ଇମେଜ ? ମୋର ପ୍ରତିଶୃତି ?

ଚିନ୍ତାକରନି । ସବୁ ଠିକ୍ ହୋଇଯିବ । ତ୍ରିଦେବେଶ ଭଲ ମୁଣ୍ଡ ପାଇଁ ଏଜାତି କାହିଁକି ଏତେ ଖର୍ଚ୍ଚ କରୁଚି ? ତା'ର ମୁଣ୍ଡରୁ ବାହାରିବ । ସବୁ ବାହାରିବ, ଆଇନ ତିଆରି ହେବ ସେ । ଅତି କଡ଼ା ଆଇନ । ତୁମରି ନିର୍ଦ୍ଦେଶରେ ତୁମରି ପ୍ରତିଶୃତି ଅନୁଯାୟୀ । ଯେଉଁଥିରୁ କୌଣସି ଅସାଧୁ ରାଜମାତିଙ୍କ,

ପ୍ରଶାସକ କ ବ୍ୟବସାୟୀ ବଞ୍ଚି ଯାଇ ପାରିବେ । ଏଥିପାଇଁ ଜନତା ଘନ ଘନ କରତାଳି ଦେବ ! ତୁମେ ବାହାବା କରି କାନଅତଡ଼ା ପକାଇଦେବ । ଫୁଲ-ମାଳରେ ତୁମକୁ ଅଟନ୍ତଃଶ୍ୱାସୀ କରି ପକାଇବ ।

ତା ମାନେ ତୁମ ଦୁହିଁଙ୍କୁ, ମୋର ସହଯୋଗୀକୁ ବିପଦରେ ପକାଇ ମୁଁ ହିରୋ ହେବି ? ତୁମେ କହୁଥିଲ ନା, ସେମାନଙ୍କୁ ଭୋକିଲା ରଖି ମୁଁ ତିଷ୍ଠି ରହି ପାରିବିନି ।

ଏତେ ଅଧୈର୍ଯ୍ୟ କାହିଁକି ? ଶ୍ରୀ ଦେବେଶ ପାଇଁ ଜନସାଧାରଣଙ୍କର ଯେଉଁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛି ସେ ତୁଚ୍ଛାଟାରେ ନୁହେଁ । ସେଇ ଶ୍ରୀ ଦେବେଶ ଏଇ କଡ଼ା ଆଇନ୍ ଭିତରେ ଏକ ଅତି କ୍ଷୁଦ୍ର ଛିଦ୍ର ରଖିଦେଇ ଯିବ । ଆଉ ସେଇ କ୍ଷୁଦ୍ରାତି କ୍ଷୁଦ୍ର ଛିଦ୍ରଦେଇ ବରିଷ୍ଠକାୟ ତ୍ରୈଲୋକ୍ୟନାଥ, ଶ୍ରୀ ଦେବେଶ, ଆଉ ଶ୍ରୀ କାଳଦର୍ଶୀ ଖସିଯାଇ ପାରିବେ । ତୁମ "ଇମେଜ" ସେହିପରି ଜକ୍ ଜକ୍ ହୋଇ ଜଳୁଥିବ ।

ଚମତ୍କାର ଶ୍ରୀ କାଳଦର୍ଶୀ । ସେଇଥି ପାଇଁ ତୁମେ ଯୁଗଯୁଗ ଧରି ସବୁ ଇନ୍ଦ୍ର, ସବୁ ଶଚୀଙ୍କ ନିକଟରେ ତିଷ୍ଠି ରହିପାରିବ ।

ଶ୍ରୀ ଦେବେଶର ଆଖି ଖୋଲି ଯାଇଥିଲା । ଶ୍ରୀ କାଳଦର୍ଶୀ ତା'ର ନିଜର ଶକ୍ତିକୁ ଦେଖାଇ ଦେଲା । ତା'ର ଚିନ୍ତା କୁଆଡ଼େ ଉଭେଇଗଲା । ମୁଣ୍ଡ ବେଶ୍ ପରିଷ୍କାର ହୋଇଗଲା । ଉପସ୍ଥିତ ପରିସ୍ଥିତିରେ ତା'ର କର୍ତ୍ତବ୍ୟ କ'ଣ ସ୍ପଷ୍ଟ ଭାବରେ ତାକୁ ଦେଖାଗଲା । ସେ କୃତଜ୍ଞତାର ସହିତ ଶ୍ରୀ କାଳଦର୍ଶୀର ମୁହଁକୁ ଚାହିଁଲା ।

ଶ୍ରୀ କାଳଦର୍ଶୀର ମୁହଁରେ ଏକ ନିର୍ଲିପ୍ତ ହସ ।

ବାହାରେ କୁକୁଡ଼ା ଡାକଦେଇ ଆଉ ଏକ ଦିନର ସଂକେତ ଦେଇଥିଲା ।

# ବାଣୀ ବଜାରର ବଡ଼ ପଣ୍ଡା

ସହରର ବାଣୀ ବଜାର୍ ସେ । ସେଠାରେ ସରସ୍ୱତୀଙ୍କର କଣାକଣା ହୁଏ । ନିଲାମ ହୁଏ । ଗୁରି ଛକଆ ସେ, ବଜାରର ସଂକୀର୍ଣ୍ଣତା ଗଳି । ଗାଡ଼ି, ମଟର, ରିକ୍ସା, ସାଇକେଲ, ଶଗଡ଼ଗାଡ଼ିଠୁ ଆରମ୍ଭକରି ପଦଗୃସ୍ତଙ୍କ ଆତଯାତରେ ଖୁନ୍ଦ ହୋଇଯାଇଛି । ଲୋକେ ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି, ସରସ୍ୱତୀ ମଧ୍ୟ ।

ମଇ ମାସର ପ୍ରଚଣ୍ଡ ଗରମକୁ ଦୁଇଗୁଣ କରି ପକାଉଛି ସହରର ଯାନ-ବାହାନ । ପୁଣି ତା ସାଙ୍ଗକୁ ପାୱାର କଟ୍ । କିଛି ସମୟ ପୂର୍ବରୁ ଯେଉଁ ଦୋକାନ, ବଜାର, ରାସ୍ତାଘାଟ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ହୋଇଉଠିଥିଲା, ବର୍ତ୍ତମାନ ସେଠାରେ ଅନ୍ଧାର ଘୋଟି ଯାଉଛି, ରାସ୍ତାର ଅନ୍ଧକାରକୁ କାଟୁଛି ମଟର ଗାଡ଼ି, ସ୍କୁଟର, ମଟର ସାଇକେଲର ଆଲୋକ । କେଉଁ ଦୋକାନ ଭିତରୁ ଆସୁଛି ମହମବତୀର କ୍ଷୀଣ ଆଲୋକ, ଅନ୍ୟ ଦୋକାନରୁ ଜେନେରେଟର୍ ଜାତ ବିଦ୍ୟୁତ୍ ବତୀର ଆଲୋକ । ତା ସାଙ୍ଗକୁ ଜେନେରେଟର୍‌ର ଶବ୍ଦ ଆଉ ପୋଡ଼ା କିରାସିନ୍ ଡିଜେଲ୍ ଗନ୍ଧ । ଏସବୁ ମିଳି ମିଶି ଯେପରି ମଣିଷକୁ ପାଗଳ କରି ପକାଉଛି ।

ମାତ୍ର ଏଭଳି ଏକ ପରିସ୍ଥିତିରେ ମଧ୍ୟ ସ୍ତୂପ ସ୍ତୂପ ବହି ବେଷ୍ଟିତ ହୋଇ ମହମବତୀର ମିଞ୍ଜି ମିଞ୍ଜି ଆଲୁଅରେ ନିର୍ବିକାର ଚିତ୍ତରେ ଏକଲୟରେ ମହାଜନ ବସି ହିସାବ କରି ଚାଲିଛନ୍ତି । ଦେହରୁ ଗମ୍ ଗମ୍ ଝାଳ ବୋହି ପଡ଼ୁଛି । ସାର୍ଟ ସମ୍ପୂର୍ଣ୍ଣ ଓଦା । ମୁହଁ ତେଲିଆ । ସାରାଦିନର କାମର ସ୍ତୁପ ମୁହଁରେ ଜମି ଯାଇଛି । ତଥାପି ହିସାବ ଚାଲିଛି । ଆଉ ସେ ହିସାବର ଫଳାଫଳ ହିଁ ତାଙ୍କ ମୁହଁରୁ ହୁଏତ ସାରାଦିନର ଶ୍ରମଝାଳ ପୋଛି ଦେବ । ମଝିରେ ମଝିରେ ଖାତାରୁ ମୁଣ୍ଡ ନ ଟେକି ମହାଜନେ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି, ପଚାରୁଛନ୍ତି ଅମୁକ ବହି କେତେ କଟିଲା । ଅମୁକ ସଂସ୍ଥାକୁ କେତେ ବହିଗଲା । ଅମୁକଲୋକ କେତେ ଟଙ୍କା ପଇଠ କଲା ଇତ୍ୟାଦି ।

ହଠାତ୍ ସସ୍ତାର ଅନ୍ଧକାରର କୋଳାହଳ ମଧ୍ୟରୁ ଶୁଣାଗଲା ଏକ ପରିଚିତ କଣ୍ଠସ୍ୱର । କ'ଣ ମହାଜନେ, ସବୁ ଠିକ୍ ଠାକ୍ ତ ?

କ୍ଷଣିକ ପାଇଁ ମହାଜନେଙ୍କ ମୁହଁ ବିକୃତ ହୋଇଗଲା । ମନେ ମନେ ଅଜସ୍ର ଗାଳି ଅଜାଡ଼ିଦେଲେ ସେଇ ପରିଚିତ କଣ୍ଠସ୍ୱର ଉଦ୍ଦେଶ୍ୟରେ । ଶଳା, ଆସିଲେ ଏଇଲାଗେ ପଡ଼ିକରି ପେଟେ ଖାଇବ ଆଉ ପିଇବ । ଶଳା ଜୋକ ଭଳି ଲାଗି ଯାଉଚି । ତଥାପି ପରକ୍ଷଣରେ ନିଜକୁ ପ୍ରକୃତିସ୍ଥ କରି, ହିସାବରୁ ମୁଣ୍ଡ ନ ଟେକି ତାଙ୍କର ସ୍ୱଭାବ ସୁଲଭ ଆନ୍ତରିକତା ଭଳି ସ୍ୱରରେ କହିଲେ, ଆସିବା ହେଉ ପଣ୍ଡେ ଆପଣେ । ଆଜି କ'ଣ ଏତେ ଡେରି ହୋଇଗଲା ?

ବଡ଼ ପଣ୍ଡେ ଏକ ବିଖ୍ୟାତ ପତ୍ରିକାର ସମ୍ପାଦକ । ଖାଲି ସେତିକି ନୁହେଁ । ସେ ପତ୍ରିକା ସମ୍ପାଦକ ଅଧିକାରରେ ବହୁ ସରକାରୀ, ବେସରକାରୀ ସାହିତ୍ୟ ସଂସ୍ଥାର ମଧ୍ୟ ସଭ୍ୟ । ତାଙ୍କର "ସ୍ୱର" କାମକରେ । ସେ ଝଡ଼ ସୃଷ୍ଟି କରିପାରନ୍ତି । ତେଣୁ ସାହିତ୍ୟିକ ମହଲରେ ତାଙ୍କ ପ୍ରତି ଭୟମିଶା ଘୃଣା ଥାଏ ।

ବଡ଼ ପଣ୍ଡେ ରିକ୍ସାରୁ ଓହ୍ଲାଇ ଧୋତିର କୁଞ୍ଚ ସଜାଡ଼ି ସଜାଡ଼ି ଦୋକାନ ଉପରକୁ ଉଠିଲେ । କାଉଣ୍ଟର୍‌ରେ ଥିବା କର୍ମଚାରୀଙ୍କୁ ରିକ୍ସାଭଡ଼ା ଦେଇଦେବାକୁ ନିର୍ଦ୍ଦେଶ ଦେଇ ଭିତରକୁ ପଶୁ ପଶୁ କହିଲେ, ହଁ ଶେଷ ମୁହୂର୍ତ୍ତରେ ମେସିନ୍‌ରେ ଟିକିଏ ଗୋଳମାଳ ହୋଇଗଲା । ତେଣୁ କାଗଜ ବାହାରିବାରେ ଡେରିହେଲା । କାଗଜ ବାହାରିଲା, ଆସିଲି ।

ମହାଜନେ ବଡ଼ ଶିକାରୀ । ଶିକାରୀକୁ ବଶ କରିବା ଆଗରୁ ଖେଳାଇ ଖେଳାଇ ହାଲିଆ କରି ଦେବାକୁ ହେବ । ତା' ପରେ ସବୁ କାମ ସହଜରେ ହୋଇଯିବ । ସେ ବଡ଼ ପଣ୍ଡାଙ୍କୁ ଏଣୁ ତେଣୁ କୁଶଳ କଥା ପଚାରି ଆଜିର ରାଜନୀତି ହାଲ୍‌ଚାଲ୍ କଥା ବୁଝିଲେ । ପଣ୍ଡେ ଆରମ୍ଭ କରିଦେଲେ, ଏ ମନ୍ତ୍ରୀକୁ ଗାଳି, ସେ ନେତାଙ୍କୁ ତିରସ୍କାର । ଖାଲି କ୍ଷମତା ଆଉ ଧନର ଲୋଭ । ଏ ଗୁଣ୍ଡାଙ୍କ ମୁଣ୍ଡରେ କିଛି ନାହିଁ । ଦେଶକୁ ଗୋରଖାର କରିଦେଲେ ଇତ୍ୟାଦି । ମହାଜନଙ୍କ କାନରେ କିଛି ପଶୁ ନ ଥାଏ । କେବଳ ହଁ, ହାଁ କରି ତାଙ୍କ ହିସାବରେ ଲାଗି ଥା'ନ୍ତି । କିଛି ସମୟ ପରେ ପଣ୍ଡେ ସେତେବେଳେ ହାଲିଆ ହୋଇଗଲେ, ମହାଜନେ କହିଲେ, ଆପଣ ଚାଲନ୍ତୁ । ଆରମ୍ଭ କରନ୍ତୁ । ମୁଁ ଟିକିଏ ଏ ହିସାବଟା ସାରି ଆସୁଚି ।

ପଣ୍ଡେ ଭିତରକୁ ଗଲେ । ବହ୍ନି ସ୍ତୂପ ମଧ୍ୟରେ ଗୋଟିଏ ଟେବୁଲ୍ ଓ ଦୁଇଟି ଚଉକି ପଡ଼ିଛି । ବହ୍ନିସ୍ତୂପ କାନ୍ଥର କାମ କରୁଛି । ଟେବୁଲ୍ ଉପରେ ଗୋଟିଏ ବୋତଲ ଆଉ ଦୁ' ଗ୍ଲାସ୍ । ପାଖରେ ଗୋଟିଏ ପ୍ଲେଟ୍‌ରେ କିଛି ମିକ୍‌ଚର । ପାଟିରୁ ପାନ କାଢ଼ି ବାହାରେ ଫିଙ୍ଗି ପଣ୍ଡେ ବସିଗଲେ ଚେୟାର୍ ଉପରେ । ମହାଜନଙ୍କୁ ଅପେକ୍ଷା ନ କରି ଗ୍ଲାସ୍‌ରେ ପାନୀୟ ଢାଳି ସେବନ କରିବା ଆରମ୍ଭ କରିଦେଲେ ।

ମହାଜନେ ଜାଣନ୍ତି, କେତେବେଳେ ସେ ପଣ୍ଡାଙ୍କ ସାଙ୍ଗରେ ଯୋଗଦେବେ । ପଣ୍ଡାଙ୍କୁ ସେ ଯେତିକି ଘୃଣା କରନ୍ତି, ତାଙ୍କପାଇଁ ପଣ୍ଡା ମଧ୍ୟ ସେତିକି ଆବଶ୍ୟକ । ସେ ଜାଣନ୍ତି, ପଣ୍ଡାଙ୍କୁ ପ୍ରତି ଦୁଇ ତିନି ଦିନରେ ଥରେ କିଛି ମଦ ପିଆଇ ଦେଲେ । ଆଉ ମଝିରେ ମଝିରେ ତାଙ୍କ ଆଗରେ କୁକୁଡ଼ା ଠ'ଙ୍କ ଗୋଟେ ଯୋଡ଼େ ଫିଙ୍ଗିଦେଲେ ପଣ୍ଡେ ତାଙ୍କପାଇଁ ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରିବେ । ଅସଲରେ ପଣ୍ଡାଙ୍କର ଆଶୀର୍ବାଦ ହିଁ ତାଙ୍କ ବ୍ୟବସାୟକୁ ବେଶ୍ ଲାଭଜନକ କରିପାରିବ ।

ପଣ୍ଡା କ୍ରମେ ଅନ୍ୟ ଏକ ଜଗତକୁ ଚାଲିଯାଉଥିଲେ । ଏଇ ହେଲା ପ୍ରକୃଷ୍ଟ ସମୟ । ମହାଜନେ ଆସିଗଲେ ପଣ୍ଡାଙ୍କ ପାଖକୁ । ବର୍ତ୍ତମାନ ଆରମ୍ଭ ହେବ ଅସଲ କାରବାର । ତାଙ୍କର ସ୍ୱଭାବ ସୁଲଭ ଆନ୍ତରିକତା ଭରା ସ୍ୱରରେ ମହାଜନେ କହିଲେ, ପଣ୍ଡେ ଆପଣେ ! ବାସ୍ତବିକ୍ ଟିଭିରେ ଆପଣଙ୍କର ଇଣ୍ଟର-ଭ୍ୟୁଟା ଅତି ଚମତ୍କାର ହୋଇଥିଲା । କେତେଜଣ ଓଡ଼ିଆ ଏଭଳି ଜାତୀୟ କାର୍ଯ୍ୟକ୍ରମରେ ସ୍ଥାନ ପାଇ ପାରନ୍ତି ।

ପଣ୍ଡେ ଗ୍ଲାସ୍‌ରୁ ଗୋଟିଏ ସିପ୍ ନେଇ ନେଇ ଭ୍ରୂକୁଞ୍ଚିତ କଲେ । ପାନୀୟ ତାଙ୍କ ମୁଣ୍ଡକୁ ବେଶ୍ ଧରି ଦେଇଥିଲା । ସେ ଭଲଭାବରେ ଜାଣିଥିଲେ ଯେ, ମହାଜନେ କେବେହେଲେ ଟିଭି ଦେଖନ୍ତି ନା । ତାଙ୍କର ଫୁରୁସତ୍ ନ ଥାଏ କି ଆଗ୍ରହ ନ ଥାଏ । ଏ ପ୍ରୋଗ୍ରାମ ମଧ୍ୟ ସେ ଦେଖି ନ ଥିବେ । ତଥାପି ସେ ବେଶ୍ ଖୁସୀ ହୋଇଗଲେ ନିଜ ପ୍ରଶଂସାରେ । ମଦର ନିଶା ତାଙ୍କୁ ବାଦଶାହୀ ବାଦଶାହୀ ଲାଗୁଥାଏ । ତା'ପରେ ବହୁ କଷ୍ଟରେ କହିଲେ, ମୋର ଓଡ଼ିଆ ସାହିତ୍ୟକୁ ଯେଉଁ ଅବଦାନ, ଓଡ଼ିଆଏ ସିନା ଜାଣିଲେନି, ଓଡ଼ିଶା ବାହାରେ ଜାଣିଲେ । ଏଠି କିଏ ମୋ କଥା ଶୁଣୁଛି ? ତେବେ ମୁଁ ଏ ସବୁକୁ ଖାତିର କରୁନି, ମୁଁ ବହୁତ ଉଚ୍ଚରେ । ମୋର କ୍ଷେତ୍ର ଆଉ ଏ ଓଡ଼ିଶା ଭିତରେ ସୀମିତ ହୋଇ ନାହିଁ । ବର୍ତ୍ତମାନ ସବୁ ରାଜ୍ୟରୁ ମତେ ନିମନ୍ତ୍ରଣ ଆସୁଛି । ତା'ର ବ୍ୟବସ୍ଥା

ମୁଁ କରିଚ । ପୁଣି ଭାରତ ବାହାରୁ ଗୋଟିଏ ଦୁଇଟି ନିମନ୍ତ୍ରଣ ପାଇଁ ଚେଷ୍ଟା ଚଳେଇଚ । କ୍ଲିକ୍ କରୁଚ । ହେଲେ ବ୍ୟସ୍ତ ହେବାର ନାହିଁ ।

ମହାଜନେ ଦେଖିଲେ, ତାଙ୍କର ଔଷଧ ଠିକ୍ କାଠୁ କରୁଚି ! ପଣ୍ଡେ ଏଇଲାଗେ ଦିଲ୍ଲୀର ଶାହାନଶାହା କହିଲେ, ପଣ୍ଡେ ଆପଣେ ! ଏ ବହି ସବୁ ଏଠାରେ ଆଉ କେତେଦିନ ପଡ଼ି ରହିବ ? ଦିନକୁ ଦିନ ଏସବୁ ବଢ଼ି ଚାଲିଚ । ଦିନେ ଦେଖିବେ, ଏମାନେ ସବୁ ଆପଣଙ୍କ ଏ ସିଂହାସନକୁ ବି ମାଡ଼ି ବସିବେ । ଆପଣ ପୁଣି ବସିବେ କେଉଁଠି ?

ହଠାତ୍ ଯେପରି ମୁହୂର୍ତ୍ତକପାଇଁ ପଣ୍ଡାଙ୍କର ନିଶା ଉତୁରିଗଲା । ସେତିକ-ବେଳକୁ ଲାଇଟ୍ ବି କ୍ଷଣିକ ପାଇଁ ଜଳି ପୁଣି ଲିଭିଗଲା । ଚମକି ପଡ଼ି ପଣ୍ଡେ କହିଲେ, ଏଁ ମୋ ପାଇଁ ଏଠି ଜାଗା ରହିବନି ! ଅସମ୍ଭବ କଥା କାଲି ମୁଁ ବ୍ୟବସ୍ଥା କରୁଚି । ତୁମେ ଏ ଭିତରେ ଘର ଛ'ଟା ବହି ଗୁପି ଦିଅ । ମୁଁ ଗୋଟିଏ ଦୁଇଟି ପାଇଁ ପୁରସ୍କାରର ବ୍ୟବସ୍ଥା ମଧ୍ୟ କରିଦେବି । କାଲି ମିଟିଂ ଅଛି । ମୁଁ ହଇହୋଲ୍ଲା କରି ତୁମର ଏ ସବୁ ବହି ଖଲାସ କରିଦେବି ।

ମହାଜନେ ଅତି ଖୁସିରେ ତାଙ୍କ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଲେ 'ଦେଶୀ'ରୁ ଆଉ ଗୋଟିଏ ବୋତଲ ଆଣିବାକୁ । ସେ ନିଜେ ପଣ୍ଡାଙ୍କ ଗ୍ଲାସ୍‌ରେ ଢାଳିଲେ । ପଣ୍ଡା ଖନେଇ ଖନେଇ କହିଲେ, ନାଇଁ, ଆଜି ଆଉ ନାଇଁ । ମହାଜନେ ଅତି ନିଜର ହୋଇ ବଳେଇଲେ । ପଣ୍ଡେ ଆପଣେ ! ସାଗରଦ୍ୱୀପରୁ 'ସ୍କଚ' ଆଣିଚ । ସ୍ମଗଲଡ଼୍ । ସେଥିରୁ ଟିକିଏ ନ ହେଲେ କେମିତି ହେବ ।

ସାଗରଦ୍ୱୀପ, ସ୍କଚ୍ ଆଉ ସ୍ମଗଲଡ଼୍, ସେ ଶବ୍ଦ ତିନୋଟିରେ ଯେପରି କୁହୁକ ଥିଲା । ଚମକି ଉଠିଲେ ପଣ୍ଡେ । ଆରେ ! ସ୍କଚ୍ !! ହଉ, ହଉ, ଆଜି ମା ସରସ୍ୱତୀଙ୍କ ନାଁରେ ସେତକ ପାଦୁକ ସେବନ କରିଯିବା । ନେ ଲେ, ଦିଅଁ-କହି ପଣ୍ଡେ ସେଇ ଦେଶୀରୁ ଢୋକେ ପିଇ ଟଳି ପଡ଼ିଲେ ଟେବୁଲ୍ ଉପରେ । ମହାଜନେ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଲେ ତାଙ୍କୁ ଟେକି ରିକ୍ସାରେ ଲଦି ଦେବାକୁ । ଆଉ ନିଜେ ଚାଲିଲେ ତାଙ୍କ ହିସାବ ପାଖକୁ । ସାରାଦିନର କ୍ଲାନ୍ତି ତାଙ୍କ ମନରୁ ପୋଛି ଦେଇ ଯାଇଥିଲା ।

ବାଣୀବଜାରର ବଡ଼ପଣ୍ଡାଙ୍କର ଅଚେତ ଶରୀରକୁ ବହି ରିକ୍ସାଟି ଯାନ-ବାହାନ ଅରଣ୍ୟରେ ଲୁଚି ଯାଇଥିଲା ।

ପାଓ୍ୱାର ଆସିଗଲା । ରାସ୍ତାଘାଟରେ ଆଲୋକର ଢେଉ ଖେଳିଲା ।

# କୁହେଳିର ଏପାଖ

ଅତନୁ ଏ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାକୁ ଗ୍ରହଣ କରିପାରି ନ ଥିଲା । ତିନିମାସ ସମୟ ସେପରି କିଛି ଲମ୍ବା ନୁହେଁ ଯେ, ଏକ ଅଜଣା, ଅପରିଚିତ ଯାଗାକୁ ଆବୋରି ନେବା ଏତେ ସହଜ ହୋଇ ଉଠିବ । ଏସବୁ ସତ୍ତ୍ୱେ ମଧ୍ୟ ତା'ର ଘର କଥା ମନେ ପଡୁନି । ପଡ଼ିବାର ଅବକାଶ ବା କାହିଁ ? ଭାରତ ଛାଡ଼ିବା ବେଳର ଧାଁ ଦଉଡ଼ର ଧକ୍କା ଏବେ ବି ତା'ର ମେଣ୍ଟିନି । ତା' ଛଡ଼ା ଆମେରିକାରେ ସେ ଏ ପର୍ଯ୍ୟନ୍ତ ଥିଇଥାନ ହୋଇ ପାରିନି । ତାକୁ ଗୋଟାଏ ପାର୍ଟ ଟାଇମ୍‌ର ଯୋଗାଡ଼ କରିବାକୁ ହେବ । ଏକ ସୁବିଧାଜନକ ପାର୍ଟଟାଇମ୍ । କମ୍ ସମୟ ଦେଇ କିଛି ଅଧିକା ପଇସା ପାଇ ପାରିଲେ ଯାଇ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେ ତା'ର କୋର୍ସ ଶେଷ କରି ପାରିବ । ଏ ସବୁ ସାଙ୍ଗକୁ ନୂତନତ୍ୱ ଆଉ ପ୍ରକାଣ୍ଡତା ତାକୁ ସ୍ତବ୍ଧ କରି ପକାଇଛି । ସେ ଘର କଥା ଭାବିବାକୁ ସମୟ ପାଉନି ।

ଖ୍ରୀଷ୍ଟ ମାସରେ ସାରା ଆମେରିକା ଯେତେବେଳେ ଉତ୍ସବ ଉଲ୍ଲାସରେ ମାତି ଉଠିଥିଲା, ଅତନୁ ତା' ଆପାର୍ଟମେଣ୍ଟରେ ଏକାକୀ ହୋଇ ଯାଇଥିଲା । ତା'ର ରୁମ୍‌ମେଟ ମଧ୍ୟ କୁଆଡ଼େ ଚାଲି ଯାଇଥିଲା । କାହାରି ସଙ୍ଗେ କଥାଭାଷା ହେବାର ସୁଯୋଗ ନାହିଁ । କାହାରି ବା ଫୁର୍ସତ ଅଛି ଏତେବେଳେ ? ଏ ସମୟରେ କେହି କୁଆଡ଼େ ଘରେ ରହନ୍ତିନି । ଅତନୁ ଫ୍ରାନ୍‌ସରେ ଥିବା ତା'ର ପେନ୍‌ଫ୍ରେଣ୍ଡ ପାଖକୁ ଟେଲିଫୋନ୍ କଲା । ମାତ୍ର ସେ ସହରଂରେ ନଥିଲା । ତା'ର ବାପା ଫୋନ ଧରିଲେ । ସେ ଇଂରାଜୀ ବୁଝନ୍ତିନି କି କହିପାରନ୍ତିନି । ବହୁ କଷ୍ଟରେ ଅତନୁ ନିଜର ପରିଚୟ ଦେଇ ଭଦ୍ରଲୋକଙ୍କ କନ୍ୟାକୁ ତା'ର ଆମେରିକା ଆସିବା ଖବର ଜଣାଇ ଦେବ ପାଇଁ କହିଦେଲା । ତା'ପରେ କ'ଣ କରିବ ବେ ଲି ଭାବୁଚି, ଏଇ ସମୟରେ ଇଲେକ୍‌ଟ୍ରୋନିକ୍ ବେଲ୍ ସିଷ୍ଟମର ଗ୍ରେଟ ପର୍ଦ୍ଦା ଉପରେ ଭାସି ଉଠିଲା ଅତନୁ ମିଶ୍ର କେଉଁଠି ଅଛି । ଏଇ ଠିକଣାରେ ଯୋଗା ଯୋଗ କରି । ବରୋଦା'ର ତା'ର କଲେଜ ସାଥୀ ଜଣେ ବର୍ତ୍ତମାନ

ଆମେରିକାରେ । ତା' ଠାରୁ ଦୁଇ ହଜାର କିଲୋମିଟର ଦୂରରେ କୌଣସି ଏକ ବିଶ୍ୱବିଦ୍ୟାଳୟରେ । ଅତନୁ ଖୁସୀ ହୋଇଗଲା । ଯାହାହେଉ, ଜଣେ ସାଥୀ ମିଳିଗଲା । ଏଣିକି ଅନ୍ୟମାନଙ୍କ ସଙ୍ଗେ ମଧ୍ୟ ଯୋଗାଯୋଗ ହୋଇ ପାରିବ ।

ଅତନୁ ଭାବୁଥିଲା, ଆମେରିକାର 'ହାଇଟେକ୍' ସଭ୍ୟତାର ବହୁ ଚମତ୍କାରିତା ମଧ୍ୟରୁ ଅନ୍ୟତମ ଇଲେକ୍‌ଟ୍ରୋନିକ୍ ବେଲ୍ ସିଷ୍ଟମ୍ ସମ୍ପର୍କରେ, ବିନା ପଇସାରେ ଜଣେ ଆମେରିକାର ବିରାଟ ଭୂଖଣ୍ଡରେ ଯେ କୌଣସି ସ୍ଥାନରେ ଏ ସିଷ୍ଟମ୍ ସହ ସଂପୃକ୍ତ ଯେ କୌଣସି ବ୍ୟକ୍ତି ସଙ୍ଗେ ଯେ କୌଣସି ସମୟରେ ମାଗଣାରେ ଯୋଗା ଯୋଗ କରିପାରିବ । ପୁଣି ସେ ଯେ କୌଣସି ତଥ୍ୟ ମଧ୍ୟ ପାଇ ପାରିବ । ସେ ଭିତରେ ଗୋଟିଏ ଭାରତ ଖଣ୍ଡ ଅଛି । ଭାରତ ସମ୍ପର୍କରେ ସମସ୍ତ ତଥ୍ୟ, ଆମେରିକାରେ ଥିବା ସମସ୍ତ ଭାରତୀୟଙ୍କ ସମ୍ପର୍କରେ ସେ ଜାଣି ପାରିବ ।

ତିନିଦିନ ପରେ ସେଇ ସିଷ୍ଟମର ପର୍ଦ୍ଦା ଉପରେ ହଠାତ୍ ଭାସି ଉଠିଲା ! ଯୁକ୍ତରାଷ୍ଟ୍ର ଆମେରିକାରେ ମୁଁ କେବଳ ଏକମାତ୍ର ଅତନୁ ନାମଧାରୀ ବ୍ୟକ୍ତି । ମାତ୍ର ଏବେ ଜାଣିଲି, ମୁଁ ଜଣେ ଅତନୁ । ଠିକ୍ ଅଛି, ମୋ ସଙ୍ଗେ ଯୋଗାଯୋଗ କର । ତା'ଠାରୁ କେତେଶହ କିଲୋମିଟର ଦୂରରେ ଥିବା ଜଣେ ବଙ୍ଗାଳୀ ଅତନୁ ଭଟ୍ଟାଚାର୍ଯ୍ୟ ଅତନୁ ମିଶ୍ରର ସନ୍ଧାନ ସେଇ ଇଲେକ୍‌ଟ୍ରୋନିକ୍ ବେଲ୍ ସିଷ୍ଟମ୍ ମାଧ୍ୟମରେ ପାଇ ପାରିଥିଲା ।

ଧୀରେ ଧୀରେ ଅତନୁ ଆମେରିକାକୁ ଆଦରି ନେଲାଣି । ତାକୁ ସୁବିଧାଜନକ ଆସାଇନ୍‌ମେଣ୍ଟ ଗୋଟିଏ ମିଳିଯାଇଛି । ରିସର୍ଚ୍ଚ ଆସିଷ୍ଟାଣ୍ଟ୍ ଭାବରେ । କାମସେମିତି କଷ୍ଟ ନୁହେଁ, ପଇସା ମଧ୍ୟ ମନ୍ଦ ହେବନି । ଅନ୍ତତଃ ତାର ଘରଭଡ଼ା ଆଉ ଖାଇବା ଖର୍ଚ୍ଚ ଉଠିଯିବ । ତା'ଛଡ଼ା ତା'ର କୋର୍ସ ପାଇଁ ଅଧ୍ୟାପକ ପ୍ରୋଗ୍ରାମ୍ କରିଦେଲେଣି, ତେଣୁ ଜୋର୍‌ସୋରରେ ସେ ଅଧ୍ୟୟନ କାମ ମଧ୍ୟ ଆରମ୍ଭ କରି ଦେଲାଣି । ଯେତେ ଶୀଘ୍ର ସେ ପଢ଼ା ସାରି ପାରିବ, ସେତେ ଶୀଘ୍ର ସେ ଦେଶକୁ ଫେରି ପାରିବ । କମ୍ପା....... । କମ୍ପା କଥା ଭାବିବାକୁ ତାକୁ ଏପର୍ଯ୍ୟନ୍ତ ଫୁରସତ ମିଳିନି ।

ଅଠର ଘଣ୍ଟେ ପରିଶ୍ରମ ଆଉ ଶୋଇବା ମଧ୍ୟରେ ଟିକିଏ ଫାଙ୍କ ମିଳିଗଲେ କେବେ କେବେ ଘର କଥା ମନେ ପଡ଼େ । ତା'ର ସ୍ନେହର ଶ୍ରେଷ୍ଠ ଭଉଣୀ

ଗେଟୀ । ସବୁବେଳେ ତା' ସଙ୍ଗେ କଳି । ଟିକିଏ କଥାରେ ସେ ଚିଡ଼ି ଯିବ ।
ଅତନୁ ମଧ୍ୟ ଚିଡ଼ାଇବାକୁ ସବୁବେଳେ ପ୍ରସ୍ତୁତ । ଦେଶ ଛାଡ଼ିଲାବେଳେ ତା'ସଙ୍ଗେ
ରାଗି କରି ଗେଟୀ କଥା କହୁ ନ ଥିଲା । ଅତନୁ ଚିଠି ଲେଖିଲାବେଳକୁ ତାକୁ
ଆହୁରି ଚିଡ଼ାଇବାକୁ ସିଧା ସଳଖ ଲେଖେନି । ଗେଟୀ କହିଥିଲା, ଭାଇନା,
ବର୍ଲିନ୍ ୱାଲ୍‌ର୍ ଇଟା ଖଣ୍ଡିଏ ପଠାଇବ । ଅତନୁ ଥଟ୍ଟାରେ ଲେଖିଥିଲା,
ରାସ୍ତାରୁ ଇଟାଖଣ୍ଡିଏ ଗୋଟାଇ ଏହା ବର୍ଲିନ୍ ୱାଲର ଲେଖି ପଠାଇଦେବି ।

ଅତନୁ ତା ମା'ପାଖକୁ ଲେଖିଥିଲା, ଚିଠି ଲେଖିବାକୁ ସମୟ ହେଉନି ।
ଟେଲିଫୋନରେ କଥା ଭାଷାହେବା ବ୍ୟୟସାପେକ୍ଷ । ମାସରେ ଥରେ କଥାଭାଷା
ହେବ, ମାତ୍ର ପ୍ରତ୍ୟେକ ସପ୍ତାହରେ ରବିବାର ଦିନ ଲାଗ ଲାଗ ଦୁଇଥର ରିଂ
କରିବ । ଜାଣିବ ସବୁ ଭଲ, ଟେଲିଫୋନ୍ ଉଠାଇବା ଦରକାର ନାହିଁ ।
ଉଠାଇଲେ ମତେ ପଇସା ଦେବାକୁ ପଡ଼ିବ । ପ୍ରଥମେ ପ୍ରଥମେ ଅତନୁର ମା'
ଲୋଭ ସମ୍ଭାଳି ପାରି ନ ଥିଲେ । ବିଦେଶରେ ପୁଅ ସଙ୍ଗେ ଦୁଇପଦ କଥାଭାଷା
ହେବାକୁ । ପରେ କିନ୍ତୁ ରିଂ ଶୁଣି ମଧ୍ୟ ମନମଧ୍ୟରେ କୋହ ଚାପିଧରି ଚୁପ୍‌ହୋଇ
ରହୁଥିଲେ । ତଥାପି ଥରେ ଥରେ ସେ ଫୋନ୍ ଉଠାଇ ଦିଅନ୍ତି । ବ୍ୟୟସାପେକ୍ଷ
ହେଲେ ବି ଅତନୁ ଖୁସୀ ହୋଇଯାଏ । ଯେତେବେଳେ ରିଂ କରେ, ମନ ତା'ର
କହୁଥାଏ, ବାପା କି ମା' ଭୁଲ୍‌ରେ ଟେଲିଫୋନ୍ ଉଠାଇ ଦିଅନ୍ତେ କି !

ସେ ଦିନ ବଜାରରୁ ର ଚିକେନ୍ ଆଣି ଓଭନ୍‌ରେ ତନ୍ଦୁରି ଚିକେନ୍
ରାନ୍ଧିବାକୁ ଚେଷ୍ଟାକଲା । ମା' କହିଥିବା ପ୍ରଣାଳୀକୁ ମନେପକାଇ ମସଲାଦେଇ
ବସାଇ ଦେଲା । ମାତ୍ର ବାହାର କରି ଖାଇଲାବେଳକୁ ଭିତର ସିଝି ନଥିଲା ।
ତା' ଭିତରୁ କଞ୍ଚାରକ୍ତ ବାହାରି ପଡ଼ିଲା । ସେ ଖାଇ ପାରିଲାନି । ମା' ପାଖକୁ
ଲେଖିଥିଲା । ଆଉଥରେ ଜଣାଇବାକୁ ଚିକେନ୍ ରାନ୍ଧିବା ପ୍ରଣାଳୀ ବିଷୟରେ ।

ପଢ଼ା ବ୍ୟତୀତ ଅନ୍ୟ କିଛି କଥା ଭାବିବାକୁ ତା'ର ସମୟ ନାହିଁ ।
ତଥାପି ତା'ର ଭିତରେ ବେଳେ ବେଳେ ଘରକଥା ମନେ ପଡ଼ିଯାଏ । ବାପା,
ମା' ସାନ ଭଉଣୀ, ଆତ୍ମୀୟସ୍ୱଜନଙ୍କ କଥା ମନେ ପଡ଼ିଯାଏ । ରାତି ଅଧରେ
ବେଳେ ବେଳେ ହଠାତ୍ ନିଦ ଭାଙ୍ଗିଯାଏ । ମନ ଛଟପଟ ହୁଏ । ଇଚ୍ଛାହୁଏ
ଟେଲିଫୋନ୍ କରିବାକୁ । ପରକ୍ଷଣରେ ନିଜକୁ ସଂଯତ କରି ରହି ଯାଏ ।

ଏ ଦେଶକୁ ଆସିବାକୁ ତାକୁ କେତେ କଷ୍ଟ କରିବାକୁ ନ ପଡ଼ୁଛି । ବାଧା ଉପରେ ବାଧା ଅତିକ୍ରମ କରିବାକୁ ପଡ଼ୁଛି । ପ୍ରତ୍ୟେକ ବାଧା ଏକ ବିରାଟ ପ୍ରାଚୀର, ହୁଏତ ଅତିକ୍ରମ କରିବା ଅସମ୍ଭବ ହୋଇଯିବ । ତା'ର ଆମେରିକା ଆସିବା ସ୍ୱପ୍ନ ଦିବାସ୍ୱପ୍ନ ଭଳି କୁଆଡ଼େ ମିଳାଇଯିବ । ହେଲେ ଗୋଟିକ ପରେ ଗୋଟିଏ ବାଧା ସେ ଅତିକ୍ରମ କରି ପାରିଛି । ବାପା ତା'ର ଚୁପ୍‌ଚାପ୍ ସବୁ ବ୍ୟବସ୍ଥା କରୁଥିବେ ।

ଏଣେ ଉପରକୁ ଯେମିତି କିଛି କରୁ ନାହାନ୍ତି । ଦାୟିତ୍ୱ ତା' ନିଜର । ତାକୁ ହିଁ ସବୁ କରିବାକୁ ହେବ । ପାସ୍‌ପୋର୍ଟ, ଭିସା, ପୋଲିସ୍ ରିପୋର୍ଟ ପୁଣି ଗୋଟାଏ ଚ୍ୟାରିଟେବୁଲ୍ ଟ୍ରଷ୍ଟରୁ କିଛି ବୃତ୍ତିର ବ୍ୟବସ୍ଥା । ବୃତ୍ତି ଓଡ଼ିଆଙ୍କୁ କିଏ ଦେବ ? ଗୋଟିଏ ପାର୍ସୀ ଟ୍ରଷ୍ଟକୁ ବହୁ ଧାଁ ଧପଡ଼ ପରେ ବିଚାର କରିବ ବୋଲି କହିଲା । ମାସ ପରେ ଚିଠି ଆସିଲା, ଆଗ ପାର୍ସୀମାନଙ୍କର କଥା ବିଚାରକୁ ନେବାପରେ ଅନ୍ୟମାନଙ୍କ କଥା ଦେଖାଯିବ । ଏ ବର୍ଷ ଅନ୍ୟମାନଙ୍କ ପାଇଁ ଆଉ କୋଟା ନାହିଁ । ତଥାପି ବାପା ତା'ର ଛାଡ଼ିଲେନି । ବିଭିନ୍ନ ସୂତ୍ରକୁ ଧରି ଶେଷରେ କିଛି ବୃତ୍ତିର ବ୍ୟବସ୍ଥା କରିଦେଲେ ।

ଶେଷରେ ସବୁ ସଞ୍ଜିଲାବେଳକୁ ଭିସା । ଆମେରିକାନ୍ କନ୍‌ସୁ୍ୟଲେଟକୁ ଧାଁ ଧପଡ଼ ଚାଲିଲା । ସପ୍ତାହରେ କେବଳ ଗୋଟିଏ ଦିନ । ସକାଳୁ ଲାଇନ୍ ଦେବାକୁ ପଡ଼ିବ, ଭାଗ୍ୟରେ ଥିଲେ ଅଫିସ୍ ସମୟ ଭିତରେ କାଉଣ୍ଟର୍ ନିକଟକୁ ଯାଇହେବ । ତା'ପରେ ଇଣ୍ଟରଭ୍ୟୁ । ନଚେତ୍ ପୁଣି ଆର ସପ୍ତାହକୁ । ସେଦିନ ଅତନୁର ଭାଗ୍ୟ ଭଲ ଥିଲା । ତା'ର ପାଳି ପଡ଼ିଗଲା । ଆଗରୁ ଅନେକ ତାକୁ ପରାମର୍ଶ ଦେଇଥିଲେ, ନିଜକୁ ଜଣେ ନୈଷ୍ଠିକ ନିରାମିଷାଶୀ ବ୍ରାହ୍ମଣ ଭାବରେ ପରିଚୟ ଦେବାକୁ ହେବ । ତା'ହେଲେ ଭିସା ମିଳିବାର ସମ୍ଭାବନା ଟିକିଏ ଅଧିକ । କାରଣ ଏଭଳି ଲୋକ ଆମେରିକାରେ ରହିଯିବାକୁ ଚେଷ୍ଟା କରିବେନି । ଅନେକ ଭିସା ନେଇ ରହିଯାଉଛନ୍ତି । ସମସ୍ୟା ସୃଷ୍ଟି କରୁଛନ୍ତି ।

ଏଭଳି ଲୋକ ଆମେରିକା ପ୍ରତି ଅନାବଶ୍ୟକ । ସେ ଯାହାହେଉ ନା କାହିଁକି, ଇଣ୍ଟରଭ୍ୟୁକାରୀଙ୍କ "ମୁଡ୍" ଓ ନିଜ ଭାଗ୍ୟ ଉପରେ ସବୁକଥା ନିର୍ଭର କରେ । ସେ ଦିନର ଇଣ୍ଟର୍‌ଭ୍ୟୁ କରିବା ବ୍ୟକ୍ତି ଥିଲେ ଜଣେ ପ୍ରୌଢ଼ା । ସେ

କେତେ ମିନଟ୍‌ର କଥା ଭାଷାରେ ସ୍ଥିତ ଥିବାର ମନେ ହେଲା । ଅତନୁ ଭାବିଲା ଭିସା ମିଳିଯିବ । ମାତ୍ର ଶେଷ ମୁହୂର୍ତ୍ତରେ ସେ ଗୋଟିଏ ସାର୍ଟିଫିକେଟ୍ ମାଗିଲେ, ତା' ପାଖରେ ନଥିଲା । ସେ କହିଲା ଦୁଇଦିନ ପରେ ଦେବ । ପ୍ରୌଢ଼ା ଗଳ୍ପ ନୁହନ୍ତି, ଆର ସପ୍ତାହରେ ଆସ । ଆର ସପ୍ତାହ ମାନେ ଆଉ ଜଣେ । ଦଳେଇ ଆଇଲେ ମୂଳରୁ ଗା । ତା'ର ସେତେବେଳର ମୁଣ୍ଡ୍ ଉପରେ ଥିବ । ତା'ଛଡ଼ା ଏୟାର୍ ଟିକେଟ୍ କନ୍‌ଫରମେସନ ପାଇଁ ଧାର୍ଯ୍ୟ ଦିନ ପାଖେଇ ଆସୁଛି । ଯଦି ଭିସା ଠିକ୍ ସମୟରେ ମିଳେନି, ଏୟାର ରିଜର୍ଭେସନ ମିଳିବନି । ଏବର୍ଷ ଆମେରିକା ଯିବା ବନ୍ଦ ହୋଇଯିବ । ଅତନୁକୁ କାନ୍ଦିବାକୁ ମନ ହେଲା । ଯେତେ କହିଲେ ବି ପ୍ରୌଢ଼ା ଗଳ୍ପ ନୁହନ୍ତି । ସରି । ଆରପାଳି, ଯାହାହେଉ, ଆର ପାଳିରେ ସେ ଭିସା ପାଇଗଲା ।

ଅତନୁ ତା'ର ମଇଳା କପଡ଼ା ଧରି ବାହାରିଥିଲା କରିଡୋରରେ ଥିବା ଲଣ୍ଡ୍ରି ମେସିନ ପାଖକୁ । ଲ୍ୟାଣ୍ଡ ଲେଡ଼ି ବୁଢ଼ୀର ସେ ନିଜସ୍ୱ ଆୟ । ତା'ର ପୁଅ ବୋଧହୁଏ ସେ ମେସିନ୍‌ଟି ତାକୁ ଦେଇଛନ୍ତି । କପଡ଼ା ସଫା ପାଇଁ ସେଥିରେ ଯେଉଁ ପଇସା ପକାଇବାକୁ ହୁଏ, ସେ ସବୁ ବୁଢ଼ୀର ପକେଟ୍ ମନି ।

ଏଇ ସମୟରେ ଟେଲିଫୋନ୍ ଘଣ୍ଟି ବାଜି ଉଠିଲା, ଓଭରସିଜ୍ କଲ୍ ।

ଅତନୁ, କେମିତି ଅଛୁ ?

ତା' ବାପାଙ୍କର ସେଇ କଡ଼ାସ୍ୱର । ମାତ୍ର ତା' କାନକୁ ଅତି ସୁଲଳିତ ସଙ୍ଗୀତ ଭଳି ଶୁଣାଗଲା । ବାପା ସବୁ ଠିକ୍ ଠାକ୍ ।

ଏତେ ଦିନ ହେଲା ଚିଠି ଲେଖୁନୁ କି ଫୋନ୍ କାହିଁକି କରୁନୁ ?

ବେଳ ହେଉନି ।

ହଉ ମମି ସଙ୍ଗେ କଥା ହୁଅ ।

ମମି କିଛି ସମୟ ଆନନ୍ଦାତିଶଯ୍ୟରେ ହତବାକ୍ ହୋଇ ପଡ଼ିଥିଲେ । ତା' ପରେ ବାଷ୍ପାକୁଳ କଣ୍ଠରେ ପଚାରିଲେ, ଅତନୁ ସବୁ ଭଲ ତ ?

ହିଁ ମମି, ଏପର୍ଯ୍ୟନ୍ତ ସବୁ ଭଲ ।

ତା' ଆଗକୁ ଅତନୁକୁ କିଛି ସ୍ପଷ୍ଟ ଦିଶୁ ନ ଥିଲା ।

# ବୋଉ

ସାରା ଘର ଆନନ୍ଦ, ଉଚ୍ଛ୍ୱାସରେ ଭାଙ୍ଗିପଡ଼ୁଛି । ରଙ୍ଗ ବେରଙ୍ଗ ଆଲୋକମାଳା ମାଇକ୍‌ରୁ ସଙ୍ଗୀତର ଲହରୀ । ଗାଡ଼ି, ମଟରର ପେଁ ପାଁ, ଅତିଥି ଅଭ୍ୟାଗତଙ୍କର ଆଗମନ । ସଙ୍ଖୋଳା ଭିଡ଼ିଓ କ୍ୟାମେରାର ଶବ୍ଦ ଓ ଆଲୋକ । ନୂଆ ଶାଢ଼ୀ, ପେଡ଼ିରୁ ବାହାରିଥିବା ଶାଢ଼ୀ । ବିଭିନ୍ନ ପ୍ରକାର ଅତର, ହୋମ ଧୂଆଁ, ଦୂବ, ବରକୋଳିପତ୍ର, ଅରୁଆ ଚାଉଳ, ହଳଦୀର ମିଶ୍ରିତ ଗନ୍ଧ ସାଙ୍ଗକୁ ଖନ୍ଦା ଶାଳର ଗନ୍ଧ ତଥା ଆନନ୍ଦ କୋଳାହଳର ଅପୂର୍ବ ସମିଶ୍ରଣରେ ସାରା-ପରିବେଶ ଏକ ଭିନ୍ନରୂପ ଧାରଣ କରିଛି । ପନ୍ଦରଟି ସନ୍ତାନ ମଧ୍ୟରୁ ସର୍ବ କନିଷ୍ଠର ବାହାଘର ଶେଷ ହୋଇ ଆଜି ଚଉଠି । ବୋଉ ମୁହଁରେ ସନ୍ତୋଷର ଏକ ବିଚିତ୍ର ଆଭା । ତା'ର ମୁଖ୍ୟ ଦାୟିତ୍ୱର ପ୍ରଥମ ଅଧ୍ୟାୟ ଆଜି ଶେଷ । ନନା ଥିଲାବେଳେ ଯାହାକୁ ଚହଲା ପାଣିରେ ପାଦ ଧୁଆଇ ଦେଇ ନଥିଲେ, ଆଜି ତାଙ୍କ ପରେ ସେ ଏକାକୀ ଗୋଟିଏ ଝିଅ ଓ ଛଅଗୋଟି ପୁଅଙ୍କର ବିବାହ ଶେଷ କରି ପାରିଛି, ସେଇ ହେଉଛି ତା'ର ପରମ ସନ୍ତୋଷ । ସେ ମନେ ମନେ ନନାଙ୍କୁ ମୁଣ୍ଡିଆମାରି ଆଶ୍ୱାସନା ଦେଉଛି, ତୁମେ ବ୍ୟସ୍ତ ହୁଅନି, ତୁମର ବାକିଥିବା କାମ ଆଜି ମୁଁ ପୂରାକଲି ।

କୌଣସି ଏକ କାରଣରୁ ମୁଁ ଘର ଭିତରକୁ ପଶିଆସି ଲକ୍ଷ୍ୟକଲି, ହଠାତ୍ ଗୋଟିଏ କୋଣରେ ଆଲୋକ, କଳୁଟା ମାଳା । ସଙ୍ଗୀତ ବେସୁରା, ରଙ୍ଗ ସାମାନ୍ୟ ବେରଙ୍ଗ । ବୋଉ ଗୁଡ଼ାଖୁ ଘଷୁଛି, ଆଉ ଅସମୟରେ ବୋଉର ଗୁଡ଼ାଖୁ ଘଷା କିଛି ଭଲ ଲକ୍ଷଣ ନୁହେଁ । ମୋ ମନ ପାପ ଧରିଲା । ତାହାକୁ କିଛି ପଚାରିବା ପୂର୍ବରୁ ବୋଉ ମୁହଁଧୋଇ ମୋ ପାଖକୁ ଆସିଲା । ମୁହଁରେ ତା'ର ହସ ।

ଆଖି ଦୁଇଟି ସେଇଭଳି ହସୁଛନ୍ତି । ମାତ୍ର ସେହି ହସ ତଳେ ଲୁଚି ପଡ଼ି ରହିଛି ଯେପରି ଏକ ଅଜଣା ଆତଙ୍କ । ଆରେ ନନ୍ଦ, ତୋର ଦେହ ଠିକ୍

ଅଛୁ ତ ? ସବୁ କାମ ସୁରୁଖୁରୁରେ ଚାଲିଛି ତ ? ତୁ ଖାଇଲୁଣି କି ନାହିଁ ? ସବୁ ଭୋଜିରେ କାମ କରି କରି ଶେଷରେ ତତେ ଜ୍ୱର ହୋଇଯାଏ । ତୁ ଅଖିଆ ଅପିଆ ଶୋଇପଡୁ । ମୁଁ ବୋଉକୁ ସାନ୍ତ୍ୱନା ଦେଲି । ବ୍ୟସ୍ତ ହୁଅନା । ସବୁ ଠିକ୍ ଠାକ୍ ଚାଲିଛି । ମୋ ଦେହ ମଧ୍ୟ ଠିକ୍ ଅଛି ।

ମୁଁ ତରବର ଥିଲି, ଯେଉଁ କାମ ପାଇଁ ଆସିଥିଲି ତାକୁ ସାରି ପୁଣି ଦାଦେଇଙ୍କ ଘରକୁ ଗଲି, ଯେଉଁଠାରେ ଭୋଜି ଚାଲିଥିଲା ।

ଭୋଜି ସରିଲା । ସମସ୍ତ ଅତିଥି, ଅଭ୍ୟାଗତଙ୍କୁ ବିଦାୟ ଦେଇ ଘରକୁ ଗଲା ବେଳକୁ ଅସଲ କଥା ଜଣାପଡ଼ିଲା । ସାନ ଜ୍ୱାଇଁଙ୍କର ହଠାତ୍ ଦେହ ଭୀଷଣ ଖରାପ ହେଲାରୁ ଭୁବନେଶ୍ୱରର ହାସପାତାଳରେ ଭର୍ତ୍ତି ହୋଇଛନ୍ତି । ସନ୍ଧ୍ୟାବେଳେ ଖବର ପାଇ ଝିଅ ( ଆମ ସବା ସାନ ଭଉଣୀ )କୁ ସଙ୍ଗରେ ନେଇ ଆମ ଡାକ୍ତର ଭାଇ ଭୁବନେଶ୍ୱର ଯାଇଛି । ଅମ୍ଭେ ଅପେକ୍ଷା କରିଚୁ ଟେଲିଫୋନ୍ ଖବରକୁ ।

ମୁଁ ସେତେବେଳେ ଭାବୁଥିଲି ବୋଉ କଥା । ଏତେ ଗୁରୁତର ଅବସ୍ଥାରେ ବି ସେ ଆନନ୍ଦ ଉତ୍ସବରେ ବାଧା ସୃଷ୍ଟି ନ କରିବାକୁ ଚୁପ୍ ଚାପ୍ ନିଜର ସମସ୍ତ ଭୟ ଉଦ୍‌ବେଗକୁ ମନରେ ଚାପି ରଖି ଧୈର୍ଯ୍ୟର ସହିତ ହସ ହସ ମୁହଁରେ କାମ କରି ଯାଉଥିଲା । ଏପରିକି, କେବଳ ଦୁଇ ତିନିଜଣଙ୍କ ବ୍ୟତୀତ ଅନ୍ୟ କେହି ଏ ଘଟଣାର ସୁରାକ୍ ସୁଦ୍ଧା ପାଇ ନଥିଲେ ।

ପରଦିନ ସକାଳେ ଆମେ ସବୁ ଉଠିବା ପୂର୍ବରୁ ବୋଉ ଭୁବନେଶ୍ୱର ଚାଲି ଯାଇଥିଲା ।

ଦୁଇ ଦିନ ପରେ ଛୁଟି ଶେଷରେ ଆମେ କର୍ମସ୍ଥଳୀକୁ ଫେରିବାକୁ ବାହାରିଚୁ । ଏଇ ସମୟରେ ଭୁବନେଶ୍ୱରରୁ ଟେଲିଫୋନ୍ ଆସିଲା । ବୋଉ ପଚାରୁଚି, ନନ୍ଦ ଓ ପିଲାମାନେ ବାହାରିବେ । ତାଙ୍କୁ ସମସ୍ତ ଜିନିଷପତ୍ର ଦିଆ ହେଲା କି ନାହିଁ ଇତ୍ୟାଦି । ସେ ଅବସ୍ଥାରେ ବି ତା'ର ଖିଆଲ ଅଛି । କେଉଁ-

ଦିନ କେତେବେଳେ କେଉଁ ପୁଅ ବା ଝିଅ ଯିବେ, ସେମାନଙ୍କୁ ଯାହା ଯାହା ଦିଆଯିବା କଥା ଦିଆଗଲା କି ନାହିଁ ।

ଗାଡ଼ି ଆଗକୁ ଚାଲିଛି । ମୋ ମନ କିନ୍ତୁ ରହିଯାଇଛି ପଛରେ । ବୋଉ ପାଖରେ, ପ୍ରତି ଥର ଘରୁ ବାହାରିଲା ବେଳକୁ ସେ ଦାଣ୍ଡ ପିଣ୍ଡା ପର୍ଯ୍ୟନ୍ତ ଆସି ବାଟେଇ ଦେବ । ଆଖିରେ ତା'ର ଯେଉଁ ଭାଷା, ଯେମିତି ସେ ଆମକୁ ଶେଷଥର ପାଇଁ ଦେଖୁଛି । ହୁଏତ ତା'ର ଆମ ପାଇଁ ଆଉ ଅନେକ କିଛି କରିବାର କଥା । ଅଧୂନା ରହି ଯାଇଛି । ଅକୁହା କଥା —ଯାଇ ଶଠିଦେବ । ସୁବିଧା ଦେଖି ଆସିବ । ଦେହ ପ୍ରତି ଯତ୍ନନେବ ।

ନନାଙ୍କର ସ୍ୱର୍ଗବାସ ହୋଇଗଲା । କେତୋଟି ମୁହୂର୍ତ୍ତ ପାଇଁ ଆମେ ନିଜ ନିଜକୁ ଅସହାୟ ମନେ କରି ପକାଇଲୁ । ସାରା ପୃଥିବୀ ଆମ ଆଖିକୁ ଅନ୍ଧାର ଦିଶିଲା । ଏକ ବିରାଟ ପରିବାର । ଏକ ବିରାଟ କାରବାରର କେନ୍ଦ୍ରବିନ୍ଦୁ ଆଜି ନାହାନ୍ତି । କପରି ଚଳିବ ? ନନା କାହାରିକୁ କିଛି କରିବାକୁ ଦେଇ ନାହାନ୍ତି । ସମସ୍ତ ଦାୟିତ୍ୱ ନିଜ ମୁଣ୍ଡକୁ ନେଇ ଆମକୁ ମଣିଷ କରିଛନ୍ତି । ଆମଠୁ କିଛି ଚାହିଁ ନାହାନ୍ତି । ଚାହିଁଛନ୍ତି କେବଳ ଆମେ ସବୁ କେମିତି ମଣିଷ ହୋଇ ସୁଖରେ ରହୁ । ଆଉ ଏତେବଡ଼ ପରିବାରକୁ ଏକାଠି ବାନ୍ଧିରଖି ମଣିଷ କରିପାରିଥିବାରୁ ସେ ହୁଏତ ଅନେକଙ୍କର ଈର୍ଷାର ପାତ୍ର ହୋଇଛନ୍ତି ।

× × × ×

ଆଜି ନନା ନାହାନ୍ତି । ଆମେ କେହି କିଛି ଜାଣିନୁ । ବୋଉ କଥା ମଧ୍ୟ ତଦ୍ରୂପ । କୌଣସି ସମସ୍ୟା ବିଷୟରେ କେବେ ଚିନ୍ତା କରିବାକୁ ବି କେବେ ହେଲେ ତାକୁ ନନା ଦେଇ ନାହାନ୍ତି । ଘର ପାଇଁ, ତା'ପାଇଁ ଯାହା ଲୋଡ଼ା, କହିବା ପୂର୍ବରୁ ସେ ସବୁ ଆସି ତା'ପାଖେ ପହଞ୍ଚିଯାଇଛି । ଆଉ ଆଜି ଯେତେବେଳେ ନନା ତାକୁ ଛାଡ଼ି ହଠାତ୍ ଚାଲିଗଲେ, ସେ କପରି ସମ୍ଭାଳିବ ?

ବୋଉ ନୀରବ ନିଶ୍ଚଳ । ଆମେ ଡରିଗଲୁ । ସେ କାନ୍ଦିବା ଦରକାର ।

ବୋଉ କାନ୍ଦିଥିଲା । ବହୁତ କାନ୍ଦିଥିଲା । କିନ୍ତୁ କାହାରିକୁ ଜଣାଇ ନୁହେଁ । ଛପି ଛପି ସେ କାନ୍ଦିଥିଲା । ସବୁରି ଆଗରେ କାନ୍ଦିଥିଲେ ପିଲାମାନେ କ'ଣ କରିଥାନ୍ତେ ? ସେମାନଙ୍କୁ ଏ ଅସମୟରେ ଦମ୍ଭ କିଏ ଦେବ ? ନାଣି ଜୀବନର ସେଇ ଅତି ଦୁଃଖଦ ସମୟରେ ମଧ୍ୟ ସେ ଧୈର୍ଯ୍ୟ ଧରି ତା ପୁଅ, ଝିଅ, ନାତି, ନାତୁଣୀ ଜଣ ଜଣଙ୍କର ସୁବିଧା ଅସୁବିଧା ବୁଝି, କିଏ ଖାଇଲା, କିଏ ନ ଖାଇଲା, କିଏ ନାହିଁ, କାହାର ଦେହ ଖରାପ ପାଇଁ ଔଷଧ ଆସିଲା କି ନାହିଁ, କିଏ କେଉଁଠି ଶୋଇବ ଇତ୍ୟାଦି ଗୋଟି ଗୋଟି କରି ବୁଝୁଥାଏ । ନନାଙ୍କ ସ୍ଥାନ ସେ ତତ୍‌କ୍ଷଣାତ୍ ନେଇଗଲା ।

ନନାଙ୍କ ସ୍ୱର୍ଗବାସର ମାତ୍ର କେତୋଟି ମାସ ମଧ୍ୟରେ ଆମର ଜଣେ ଭାଇ ମଧ୍ୟ ଚାଲିଗଲା । ତା'ର ବର୍ଷକ ପୂର୍ବରୁ ତା ସ୍ତ୍ରୀ ମଧ୍ୟ ଚାଲିଯାଇଥିଲା । ଏ ଧକ୍କା ମଧ୍ୟ ବୋଉ ସହି ନେଲା ନୀରବରେ । କାରଣ ଗୁରୁ ଦାୟିତ୍ୱ ଅଛି ଆହୁରି ଆଗକୁ । ସାନ ଝିଅ ବାହା ହେବ । ଆଉ ଚାରିପୁଅ ବାହା ହେବେ ।

ବୋଉର ଦେହ ଥରୁଛି, ବହୁତ ଦୁର୍ବଳ । କେବଳ ଶରୀରରେ, ମନ କିନ୍ତୁ ତା'ର ଅତି ଦୃଢ଼ । ସମୟ ସଙ୍ଗରେ ତାଳ ଦେଇ ଚାଲି ଚାଲି, ଘଟଣ ଅଘଟଣ ସଙ୍ଗେ ସଂଗ୍ରାମ କରି କରି ମନକୁ ସେ ଅତି ଦୃଢ଼ କରି ପକାଇଛି । କାରଣ ତା'ର କର୍ତ୍ତବ୍ୟ ଶେଷ ହୋଇ ଯାଇଛି ବୋଲି ସେ କେବେ ଭାବି ପାରିଲାନି । ସେ ଚାଲିଛି ଆଗକୁ, ଆଗକୁ । ଆଉ ତା'ର ଏଇ ପରିବାରକୁ ବାନ୍ଧି ରଖିଛି ଏକ କରି । ତା'ର ଦୃଢ଼ ସଂକଳ୍ପ—ଆମେ ସମସ୍ତେ ଏକାଠି ହୋଇ ରହିଥାଉ ।

ଟ୍ରେନର ଘର୍ଘର ଶବ୍ଦକୁ ଟପିରହି ମୋ କାନରେ ବାଜୁଛି ବୋଉର କଥା କେଇ ପଦ … । ତୁମେ ଅଲଗା ଅଲଗା ରୁହ । କେହି କାହାକୁ ଟଙ୍କା ପଇସା ନ ଦିଅ । ସମସ୍ତ ମନକୁ ଏକ କରି ରଖ । ଜଣେ ଗଡ଼ିଲେ ଅନ୍ୟଜଣେ ଉପରେ ପଡ଼ି ମିଶ । ପରସ୍ପର ପ୍ରତି ସ୍ନେହ, ଆଦର ରଖିଥାଅ… …

ମୁଁ ଭାବୁଥିଲି, ଯେଉଁ ସ୍ନେହର ପାରାବାରରେ ବୋଉ ଆମକୁ ଏତେ କଷ୍ଟକରି ଏତେ ବଡ଼ କରିଛି । ଆମେ ତା' ବନମୟରେ ତାକୁ କ'ଣ ଦେଇ-

ପାରିବା ? ସେ ଗୋଟିଏ ଆଲୋକ ବର୍ତ୍ତିକା । ନିଜେ ଜଳି ଜଳି ଆମକୁ ଆଲୋକ ଦେଇଛି । ଆମେ ଯଦି ତା'ର ଜ୍ୱଳନକୁ ନେଇ, ନିଜେ ଜଳି ସେଇ ଆଲୋକକୁ ବିତରଣ କରିପାରିବା, ସେଇ ହେବ ଆମ କୃତଜ୍ଞତାର ଶ୍ରେଷ୍ଠ ପରିଚୟ ।

ମୋର ହଠାତ୍ ମନେହେଲା, ଖୁବ୍ ବଡ଼ ପାଟିରେ ଚିତ୍କାର କରି ଉଠିବାକୁ···ବୋଉ ! କିଛି ବ୍ୟସ୍ତ ହୁଅନା । ତୁ ଅପାର ତ୍ୟାଗ କରି ଆମକୁ ଯେଉଁ ସ୍ନେହ ପାଶରେ ଏକାଠି କରି ରଖିଚୁ, ଆମେ ଭାଇ ଭଉଣୀମାନେ ସେଇଥିରେ ବାନ୍ଧିହୋଇ ରହିଥିବୁ । ଆଉ ତୋର ସେଇ ସ୍ନେହକୁ ଆମେ ବିଞ୍ଚିଦେବୁ ଆମ ପୁଅ, ଝିଅ, ନାତି, ନାତୁଣୀ, ପୁତୁରା, ଝିଆରୀ, ଭଣଜା ଓ ଭାଣିଜୀଙ୍କ ମଧ୍ୟରେ । ଖାଲି ଏତିକି ନିବେଦନ, ତୁ ଆମର ସଙ୍ଗରେ ଆମ ମନୋବଳକୁ ସୁଦୃଢ଼ କରି ରଖିଥା ।

ମୁଦ୍ରକ ମନୋରଞ୍ଜନ ପ୍ରେସ, କଟକ-୯